# ଇସ୍କନ୍
# ଶିଷ୍ୟ ପାଠ୍ୟକ୍ରମ




---

## ଶିକ୍ଷାର୍ଥୀ ସହାୟିକା (ଓଡ଼ିଆ)

ପ୍ରଥମ ସଂସ୍କରଣ: ଏପ୍ରିଲ୍, ୨୦୧୬

ISKCON

## ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘ (ଇସ୍କନ୍)

ପ୍ରତିଷ୍ଠାତା ଆଚାର୍ଯ୍ୟ :

କୃଷ୍ଣକୃପା ଶ୍ରୀମୂର୍ତ୍ତି ଶ୍ରୀଲ ଅଭୟଚରଣାରବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ

# ISKCON Disciple Course (Odia)

**ପ୍ରକାଶକ : ଇସ୍କନ, ଭୁବନେଶ୍ୱର**

**ଓଡ଼ିଆ ଅନୁବାଦ :**

ଶ୍ରୀପାଦ ଅଦ୍ୱୈତ ଆଚାର୍ଯ୍ୟ ଦାସ
ଶ୍ରୀପାଦ ତ୍ରୈଲୋକ୍ୟନାଥ ଦାସ
ଶ୍ରୀପାଦ ଧ୍ରୁବ ମହାରାଜ ଦାସ
ଶ୍ରୀପାଦ ଦୀନବତ୍ସଳ ଦାସ

**ପ୍ରଥମ ସଂସ୍କରଣ : ଏକାଦଶୀ, ଏପ୍ରିଲ ୪, ୨୦୧୬**

**ଗ୍ରନ୍ଥାଧିକାରୀ : ଇସ୍କନ, ଭୁବନେଶ୍ୱର**

**ମୁଦ୍ରଣ : ନିଉ ଗୁରୁଗୌରାଙ୍ଗ ପ୍ରେସ୍ - ଭୁବନେଶ୍ୱର**

**ବିଶେଷ ଅନୁସନ୍ଧାନ ନିମିତ୍ତ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ :-**

ଶ୍ରୀପାଦ ସାତ୍ୱତପତି ଦାସ
ମୋ - ୯୯୩୭୧୩୧୨୧୧
**ଇସ୍କନ, ଭୁବନେଶ୍ୱର**

ଏହି ଇସ୍କନ ଶିଷ୍ୟ ପାଠ୍ୟକ୍ରମ ଇସ୍କନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଣୟନ କରାଯାଇଛି ଏବଂ ଏହା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ଶିକ୍ଷକମାନଙ୍କୁ ନେଇ ଶିଷ୍ୟମାନଙ୍କୁ ପଢ଼ାଯିବ ।

ବିନା ଅନୁମତିରେ ଏହାର କେହି କପି କିମ୍ବା ନକଲ କରିପାରିବେ ନାହିଁ । ଯଦି କେହି କରେ ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଉତ୍ସର୍ଗ



ଏହି ଶିକ୍ଷାର୍ଥୀ ସହାୟିକା ପୁସ୍ତକଟି ଆମ୍ଭମାନଙ୍କ ପରମାରାଧ ପରମ ଗୁରୁଦେବ

କୃଷ୍ଣକୃପା ଶ୍ରୀମୂର୍ତ୍ତି

ଶ୍ରୀଲ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ

କରକମଳରେ ଉତ୍ସର୍ଗ କରୁଅଛୁ ।

ଯିଏ ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘର ପ୍ରତିଷ୍ଠାତା ଆଚାର୍ଯ୍ୟ ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରବର୍ତ୍ତିତ ସଂକୀର୍ତ୍ତନ ଆନ୍ଦୋଳନକୁ ବିଶ୍ୱଜନ ସମୂହରେ ପ୍ରବର୍ତ୍ତନ କରାଇଛନ୍ତି ।

# ସ୍ୱାଗତମ୍

"ଇସ୍କନ ଶିଷ୍ୟ ପାଠ୍ୟକ୍ରମ" କାର୍ଯ୍ୟକ୍ରମକୁ ଆପଣମାନଙ୍କୁ ସ୍ୱାଗତ । ଏହି ପୁସ୍ତିକାଟି ଆପଣମାନଙ୍କ ପାଠ୍ୟକ୍ରମର ସହାୟିକା, ଯାହାକି ଆପଣଙ୍କ ସଂପୂର୍ଣ୍ଣ କୋର୍ସ ଅବଧିରେ ବ୍ୟବହାର କରିବେ ଏବଂ ଆମ୍ଭେମାନେ ଆଶା କରୁଛୁ ଯେ ଆପଣଙ୍କ ଭକ୍ତିମୟ ଜୀବନରେ ଏହାକୁ ପ୍ରାସଙ୍ଗିକ ଗ୍ରନ୍ଥ ହିସାବରେ ବିବେଚନା କରିବେ । ତେଣୁ ପୁସ୍ତିକାଟିକୁ ବହୁ ଯତ୍ନ ସହକାରେ ସାଇତି ରଖିବେ । ବିଭିନ୍ନ ଧରଣର ଆକର୍ଷଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ବନ୍ଧରେ ଯେତେବେଳେ ଅଧ୍ୟୟନ କରିବେ, ସେତେବେଳେ ଆପଣ ଅଧିକ ନୋଟ୍ ଲେଖି ନେବେ ।

"ଇସ୍କନ ଶିଷ୍ୟ ପାଠ୍ୟକ୍ରମ" ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଯାହାଦ୍ୱାରା ଇସ୍କନର ବହୁବିଧ ଗୁରୁବର୍ଗ ପରିବେଶରେ ଗୁରୁତତ୍ତ୍ୱ ଓ ଗୁରୁ ପାଦାଶ୍ରୟ ଉପଲବ୍ଧିକୁ ଆପଣମାନଙ୍କ ହୃଦୟରେ ଏକ ଗଭୀର ବୁଝାମଣା ସୃଷ୍ଟି କରିବାରେ ସାହାଯ୍ୟ କରିବ । ଯେଉଁ ସମସ୍ତ ନୂଆ ଭକ୍ତମାନେ ଇସ୍କନରୁ ଦୀକ୍ଷା ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ସେମାନଙ୍କ ନିମିତ୍ତ ଏହି ପାଠ୍ୟକ୍ରମଟି ବହୁଳଭାବରେ ଉପାଦେୟ । ତା' ସାଙ୍ଗକୁ ଇସ୍କନ୍‌ର ନେତୃବୃନ୍ଦ, ପ୍ରଚାରକଗଣ, ପରାମର୍ଶଦାତାଗଣ ଓ ଶିକ୍ଷକମାନଙ୍କ ପାଇଁ ଏହା ମଧ୍ୟ ଅତ୍ୟନ୍ତ ଉପାଦେୟ ।

ଏହି ପାଠ୍ୟକ୍ରମଟି ପ୍ରସ୍ତୁତ କରାଯାଇଛି ଇସ୍କନ୍ ଗୁରୁବର୍ଗ କମିଟିର ତତ୍ତ୍ୱାବଧାନ ଓ ନିର୍ଦ୍ଦେଶନା ଏବଂ ବିଶିଷ୍ଟ ଶିକ୍ଷକମାନଙ୍କ ଦୁଇବର୍ଷର ଅଦମ୍ୟ ପ୍ରଚେଷ୍ଟାରେ ।

ଏହି ପାଠ୍ୟକ୍ରମଟିର ମୂଳଭିତ୍ତି ହେଉଛି ଶ୍ରୀଲ ପ୍ରଭୁପାଦଙ୍କର ଶିକ୍ଷା ଓ ବର୍ତ୍ତମାନର ଇସ୍କନ୍ ପ୍ରବର୍ତ୍ତିତ ନିୟମାବଳୀ ଏବଂ ବୃହତ୍ତର ଗୌଡ଼ୀୟ ଧାରାର ଶିକ୍ଷା ସମୂହ ।

ଶ୍ରୀମଦ୍ ପ୍ରହ୍ଲାଦାନନ୍ଦ ସ୍ୱାମୀ, ଶ୍ରୀମଦ୍ ଭକ୍ତି ଚୈତନ୍ୟ ସ୍ୱାମୀ, ଶ୍ରୀମାନ୍ ରବିନ୍ଦ୍ରସ୍ୱରୂପ, ଶ୍ରୀମତୀ ଲକ୍ଷ୍ମୀମଣି ଦାସୀ, ଶ୍ରୀମାନ୍ ଅତୁଲକୃଷ୍ଣ ଦାସ, ଶ୍ରୀମତୀ ଗୋପୀକାରାଧିକା ଦାସୀ, ଶ୍ରୀମତୀ ଆନନ୍ଦବୃନ୍ଦାବନ ଦାସୀ, ଶ୍ରୀମତୀ ତାରକା ଦାସୀ, ଶ୍ରୀମାନ୍ ବ୍ରଜବିହାରୀ ଦାସ, ଶ୍ରୀପାଦ ମାଧବାନନ୍ଦ ଦାସ, ଶ୍ରୀମାନ୍ ହନୁମାନ ଦାସ ସମେତ ଅନେକ ଅଗ୍ରଗଣ୍ୟ ଭକ୍ତମାନଙ୍କର ଅନବଦ୍ୟ ଅବଦାନ ରହିଛି ଏହି ପାଠ୍ୟକ୍ରମଟି ଉତ୍ପତ୍ତି ପଛରେ । ସେମାନଙ୍କୁ ମୋର ମଧ୍ୟ ଅନେକ କୃତଜ୍ଞତା ଜଣାଉଛି । ପୁନଶ୍ଚ ଏହି ପାଠ୍ୟକ୍ରମଟିକୁ ପରୀକ୍ଷାମୂଳକ ଭାବରେ ଆରମ୍ଭ କରିବା ନିମିତ୍ତ ମାୟାପୁର ଇନ୍‌ଷ୍ଟିଚ୍ୟୁଟକୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଆମ୍ଭେମାନେ ଜିବିସି ଅନ୍ତଃରାଷ୍ଟ୍ରୀୟ ଦିକ୍ ନିର୍ଦ୍ଦେଶନା କମିଟିର ସଦସ୍ୟମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଅଛୁ । ଯେଉଁମାନେ କି ଇସ୍କନ୍ ଗୁରୁବର୍ଗ ସେମିନାରର ଉଦ୍ଭାବନ କରିଥିଲେ, ଯେଉଁଥିରୁ କି ଏହି ପାଠ୍ୟକ୍ରମଟିର ଗଢ଼ିବା ପ୍ରେରଣା ଓ ମୂଳ ଭିତ୍ତିଭୂମୀ ବୃଦ୍ଧି ଲାଭ କରିଥିଲା । ଉପର ଉଲ୍ଲେଖିତ ବିଶିଷ୍ଟ ସଦସ୍ୟମାନଙ୍କ ବ୍ୟତୀତ ଏହି କମିଟିରେ ରହିଛନ୍ତି- ଶ୍ରୀମଦ୍ ଜୟପତାକା ସ୍ୱାମୀ, ଶ୍ରୀମଦ୍ ଭକ୍ତିଚାରୁ ସ୍ୱାମୀ, ଶ୍ରୀମଦ୍ ରାଧାନାଥ ସ୍ୱାମୀ, ଶ୍ରୀମାନ୍ ଗରୁଡ଼ ଦାସ ଓ ଶ୍ରୀମତୀ ରୁକ୍ମିଣୀ ଦାସୀ ।

ଯଦି ଆପଣଙ୍କର କୌଣସି ପ୍ରକାରର ପ୍ରଶ୍ନ ବା ଅନୁସନ୍ଧାନ କରିବାର ଅଛି ତେବେ ଆପଣ ଆମ୍ଭମାନଙ୍କର ତତ୍ତ୍ୱଜ୍ଞାତା ଶିକ୍ଷକ ଅଥବା ନିର୍ଦ୍ଦେଶକ ସହିତ ଅଥବା ଇସ୍କନ୍ ଗୁରୁବର୍ଗ ସେବା କମିଟିଙ୍କ ସହିତ ଯୋଗାଯୋଗ କରନ୍ତୁ । ଇତ୍ୟବସରରେ ଆପଣ ଏହି ପାଠ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଯୋଗୁଁ ଏବଂ ଶ୍ରୀଲ ପ୍ରଭୁପାଦଙ୍କ ପ୍ରତି ଆପଣଙ୍କ ଅବ୍ୟାହତ ସେବା ନିମିତ୍ତ ଶୁଭ କାମନା କରୁଅଛୁ ।

ଏହି ପାଠ୍ୟକ୍ରମଟିକୁ ଆପଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଯେଉଁ ସମସ୍ତ ବୈଷ୍ଣବବୃନ୍ଦଙ୍କ ଅବଦାନ ରହିଛି, ସେମାନଙ୍କ ତରଫରୁ ।

ଆପଣଙ୍କର ଦାସ

ଅନୁତ୍ତମ ଦାସ

ମନ୍ତ୍ରୀ, ଇସ୍କନ ଯୋଗାଯୋଗ ମନ୍ତ୍ରଣାଳୟ

ସଦସ୍ୟ, ଇସ୍କନ୍ ଗୁରୁବର୍ଗ ସେବା କମିଟି

# ଇସ୍କନ ଶିଷ୍ୟ ପାଠ୍ୟକ୍ରମର ସୂଚୀପତ୍ର


**ପ୍ରଥମ ଦିବସ : ଉପକ୍ରମଣିକା** ୬

୧ମ ଅଧ୍ୟାୟ – ସ୍ୱାଗତ ଅଭିଭାଷଣ ଓ ଉପକ୍ରମଣିକା ୬

୨ୟ ଅଧ୍ୟାୟ – ଗୁରୁ ତତ୍ତ୍ୱ ଓ ପରମ୍ପରା ୧୦

୩ୟ ଅଧ୍ୟାୟ – ଶ୍ରୀଲ ପ୍ରଭୁପାଦ ଇସ୍କନର ପ୍ରତିଷ୍ଠାତା ଆର୍ଚାର୍ଯ୍ୟ ୨୨

୪ର୍ଥ ଅଧ୍ୟାୟ – ଇସ୍କନର ଗୁରୁ ବୃନ୍ଦ ୨୪

**ଦ୍ୱିତୀୟ ଦିବସ : ଗୁରୁଦେବଙ୍କ ସହ ସମ୍ବନ୍ଧ ସ୍ଥାପନ** **୩୧**

୫ମ ଅଧ୍ୟାୟ – ଗୁରୁ ପାଦାଶ୍ରୟ ୩୨

୬ଷ୍ଠ ଅଧ୍ୟାୟ – ଗୁରୁ ଚୟନ ୩୪

୭ମ ଅଧ୍ୟାୟ – ଦୀକ୍ଷାର ଶପଥ ୪୦

**ତୃତୀୟ ଦିବସ : ଗୁରୁଙ୍କ ସହ ସମ୍ବନ୍ଧିତ ହୋଇ କାର୍ଯ୍ୟ କରିବା** **୪୩**

୮ମ ଅଧ୍ୟାୟ – ଗୁରୁ ପୂଜା ୪୪

୯ମ ଅଧ୍ୟାୟ – ଗୁରୁ ସେବା ୪୭

୧୦ମ ଅଧ୍ୟାୟ – ଗୁରୁଙ୍କର ଶରୀର ଓ ବାଣୀ ସେବା ୫୨

୧୧ଶ ଅଧ୍ୟାୟ – ଗୁରୁ ତ୍ୟାଗ ୫୬

**ଚତୁର୍ଥ ଦିବସ : ସହଯୋଗ ଓ ସଂପର୍କ ଭିତ୍ତିରେ ନିର୍ଦ୍ଦେଶ ପାଳନ** **୫୯**

୧୨ଶ ଅଧ୍ୟାୟ – ନିଜର ଗୁରୁଙ୍କୁ ଉପସ୍ଥାପନ କରିବା ୬୦

୧୩ଶ ଅଧ୍ୟାୟ – ଇସ୍କନ ସହ ସମ୍ବନ୍ଧ ସ୍ଥାପନ ୬୨

୧୪ଶ ଅଧ୍ୟାୟ – ପାଠ୍ୟକ୍ରମର ଇତିବୃତ୍ତି

**ପରିଶିଷ୍ଟ**

୧. ଅତିରିକ୍ତ ତଥ୍ୟ ୬୫

୨. ଜିବିସି ବିବୃତି ଶ୍ରୀଲ ପ୍ରଭୁପାଦଙ୍କ ପଦ ମର୍ଯ୍ୟାଦା ଉପରେ ୬୯

୩. ବାଧ୍ୟତାମୂଳକ ଯୋଗ୍ୟତା ଦୀକ୍ଷାଗୁରୁଙ୍କର, ଇସ୍କନରେ ୭୩

୪. ଇସ୍କନ୍ ଗୁରୁମାନଙ୍କର ଆଚରଣର ଆଦର୍ଶ ୭୪

୫. ଇସ୍କନରୁ ଦୀକ୍ଷା ଗ୍ରହଣ କରିବା ହେଲେ ଆବଶ୍ୟକୀୟ ଯୋଗ୍ୟତା (ପ୍ରାସଙ୍ଗିକ ଉଦ୍ଧୃତାଂଶ) ୭୭

୬. ପତିତ 'ଗୁରୁ'ଙ୍କୁ ତ୍ୟାଗ (ଇସ୍କନ୍ ଆଇନ୍) ୮୧

୭. ଇସ୍କନ କର୍ତ୍ତୃପକ୍ଷ ଧାରାର ସଂହତି ସାଧନ (ଜିବିସି କାର୍ଯ୍ୟାଳୟ ଶାସନ କୌଶଳ ଦଲିଲ) ୮୨

୮. ଜିବିସି ପ୍ରସ୍ତବନା ଇସ୍କନ ଶିଷ୍ୟ ପାଠ୍ୟକ୍ରମ ସମ୍ବନ୍ଧରେ ୯୪

୯. ଶ୍ରେଣୀ କକ୍ଷରେ ଆଚରଣ ବିଧି ନିର୍ଦ୍ଦେଶିକା ୯୫

୧୦. ଅଧିକ ପଠନୀୟ ୯୬

୧୧. ଇସ୍କନ୍‌ର ୭ ଟି ଉଦ୍ଦେଶ୍ୟ ୯୭

୧୨. ପ୍ରଣାମ ମନ୍ତ୍ର (ମଙ୍ଗଳାଚରଣ) ୯୮

୧୩. ନାମ ଅପରାଧ ୯୯

# ପ୍ରଥମ ଅଧ୍ୟାୟ ସ୍ୱାଗତ ଅଭିଭାଷଣ ଓ ଉପକ୍ରମଣିକା

**ଅଧ୍ୟାୟର ପାଠ୍ୟ**

- ଶ୍ରେଣୀର ଗୁରୁତ୍ୱ
- ନୀତି ଓ ମୂଲ୍ୟ
- ପାଠ୍ୟକ୍ରମର ମୂଳ ଲକ୍ଷ୍ୟ
- ପାଠ୍ୟକ୍ରମର ପର୍ଯ୍ୟାଲୋଚନା

## ଶ୍ରେଣୀର ବ୍ୟବହାର

ପାଠ୍ୟକ୍ରମ ଅଧ୍ୟୟନ ସମୟରେ ସମସ୍ତ ଛାତ୍ର ମନଯୋଗ ସହିତ ଶିକ୍ଷା ଶ୍ରବଣ କରିବା ଆବଶ୍ୟକ । ଛାତ୍ରମାନେ ଶ୍ରେଣୀର ନିୟମ କାନୁନ୍‌କୁ ମାନି ଚଳିବାକୁ ରାଜି ହେବା ଆବଶ୍ୟକ ।

## ପାଠ୍ୟକ୍ରମର ଲକ୍ଷ୍ୟ :

ଇସ୍କନ ମଧ୍ୟରେ ଥିବା ଶିଷ୍ୟଙ୍କର ଗୁଣକୁ ଉନ୍ନତ କରିବା ନିମିତ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀଲ ପ୍ରଭୁପାଦଙ୍କୁ ଭଲଭାବେ ଜାଣିଥିବା ଆବଶ୍ୟକ । ଆମେ ଏହି ଶିକ୍ଷା ଛାତ୍ରଙ୍କୁ ଦେବା ଆବଶ୍ୟକ ।

ଏହି ପାଠ୍ୟକ୍ରମ ମାଧ୍ୟମରେ ଆମେ ଶିକ୍ଷାର୍ଥୀମାନଙ୍କୁ ସକ୍ଷମ କରାଇପାରିବୁ ଯେ.......

୧. ଗୌଡ଼ୀୟ ବୈଷ୍ଣବ ପରମ୍ପରାରେ ପ୍ରଚଳିତ ହୋଇଆସୁଥିବା ଏବଂ ପ୍ରଭୁପାଦଙ୍କର ମୂଳ ଲକ୍ଷ୍ୟକୁ ଶିଷ୍ୟମାନଙ୍କ ମଧ୍ୟରେ ପ୍ରବେଶ କରାଇବାରେ ।

୨. ଏହି ନୀତିସମୂହ ପ୍ରୟୋଗ କରି........
(କ) ଗୁରୁ ଓ ବରିଷ୍ଠ ବୈଷ୍ଣବମାନଙ୍କ ମଧ୍ୟରେ ସୁସ୍ଥ ସଂପର୍କ ସ୍ଥାପନ କରିବାରେ ।
(ଖ) ସଂପର୍କରେ ସ୍ଥାପିତ ହୋଇ ଠିକ୍‌ଭାବରେ କାର୍ଯ୍ୟ କରିବାରେ ।

୩. ଏକ ଶିଷ୍ୟର ଆବଶ୍ୟକ ହେଉଥିବା ଆଚରଣ ଓ ମୂଲ୍ୟକୁ ଉନ୍ନତ କରାଇବାରେ ।

୪. ସହଯୋଗ ମନୋଭାବ ନେଇ ପରମପୁରୁଷ ଭଗବାନ୍‌ଙ୍କର ସେବା କରିବା, ତାଙ୍କର ବିଭିନ୍ନ ପ୍ରତିନିଧିଙ୍କର ସେବାରେ ନିଯୁକ୍ତ ହେବା, ଶ୍ରୀଲ ପ୍ରଭୁପାଦ ତାଙ୍କର ଶିକ୍ଷା, ପ୍ରଚାର ଓ ଚିର ସ୍ଥାୟିତ୍ୱ କରିବା ଏବଂ ତାଙ୍କର ଜୀବନର ବାସ୍ତବ ଉଦାହରଣକୁ ପ୍ରଦାନ କରି ଶିଷ୍ୟମାନଙ୍କୁ ଶିକ୍ଷା ଦେବା ଶିଷ୍ୟ ପାଠ୍ୟକ୍ରମର ଲକ୍ଷ୍ୟ ।

ଶିଷ୍ୟ ପାଠ୍ୟକ୍ରମର ଲକ୍ଷ୍ୟ ସମୂହ

ମୁଁ ଜଣେ ଶିଷ୍ୟ ହିସାବରେ ନିଜକୁ କିଭଳି ଭାବରେ ଆହୁରି ଅଧିକ ଉନ୍ନତ କରାଇପାରିବି ।

## ପାଠ୍ୟକ୍ରମର ନୀତି ଓ ମୂଲ୍ୟବୋଧ

୧. ଶ୍ରୀଲ ପ୍ରଭୁପାଦ ପ୍ରଧାନତମ ଶିକ୍ଷାଗୁରୁ ଅଟନ୍ତି ।
୨. ଇସ୍କନ ଓ ପରମ୍ପରା ପ୍ରତି ଆନୁଗତ୍ୟ ସ୍ୱୀକାର ।
୩. ବହୁବିଧ କର୍ମକର୍ତ୍ତା ଓ ବରିଷ୍ଠ ବୈଷ୍ଣବଙ୍କୁ ସମ୍ମାନ ପ୍ରଦର୍ଶନ
୪. ଗୁରୁ ଚୟନରେ ଉପଯୁକ୍ତ ବିବେକର ପ୍ରୟୋଗ
୫. ଗୁରୁଙ୍କର ଉପଦେଶ ଉପରେ ବିଶ୍ୱାସ
୬. ପ୍ରତିଜ୍ଞା ପ୍ରତିଶ୍ରୁତିବଦ୍ଧତା ଓ ଶ୍ରୀଲ ପ୍ରଭୁପାଦଙ୍କର ଲକ୍ଷ୍ୟ ପ୍ରତି ଆନୁଗତ୍ୟ
୭. ଦୃଷ୍ଟାନ୍ତମୂଳକ ସାଧନା, ବ୍ୟବହାର, ଭାରସାମ୍ୟ ଓ ଜୀବନଶୈଳୀ
୮. ଜିଜ୍ଞାସା, ନମ୍ରତା ଓ ସେବା
୯. ଅନୁକୂଳ ସଙ୍ଗ, ଏକତ୍ରିକରଣ ଓ ସହଯୋଗ
୧୦. ପବିତ୍ର ନାମ ସାଧନ ଓ ପ୍ରଚାର

## ପାଠ୍ୟକ୍ରମର ନିର୍ଦ୍ଧାରଣ :

ନିମ୍ନଲିଖିତ ପ୍ରଶ୍ନ ବା କେତେକ ନିର୍ଦ୍ଧାରିତ ପ୍ରଶ୍ନକୁ ଶିକ୍ଷକ ସ୍ଥିର କରିବେ । ତାହାର ଉତ୍ତର ୨୫୦ ଶବ୍ଦରୁ ଅଧିକ ହେବା ଅନାବଶ୍ୟକ । କେତେକ ପ୍ରଶ୍ନ ମଧ୍ୟ ଏହାଠାରୁ ସ୍ୱଳ୍ପ ଶବ୍ଦରେ ଦିଆଯାଇ ପାରିବ । ତାରାକୃତି ଚିହ୍ନ ଥିବା ପ୍ରଶ୍ନ ବାଧ୍ୟତାମୂଳକ । ଅତିନ୍ୟୁନ ଶତକଡ଼ା ୬୫% ନମ୍ବର ହାରାହାରୀ ଆବଶ୍ୟକୀୟ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ । ତେବେ ଆପଣ ଶିକ୍ଷକଙ୍କ ଠାରୁ ଏକ ପ୍ରମାଣପତ୍ର ପ୍ରାପ୍ତ ହେବେ।

ଉପକୃତ ଛାତ୍ରଛାତ୍ରୀ ଇସ୍କନ ଶିଷ୍ୟ ପାଠ୍ୟକ୍ରମର ସାର୍ଟିଫିକେଟ ପ୍ରାପ୍ତ ହେବେ ଜି.ବି.ସି. ଗୁରୁ ସେବା ପରିଷଦ ଠାରୁ ।

### ଉପକ୍ରମ, ସିଦ୍ଧାନ୍ତ ଓ ପ୍ରସଙ୍ଗ

**ପ୍ରଥମ ଅଧ୍ୟାୟ**

**ଗୁରୁତତ୍ତ୍ୱ ଓ ପରମ୍ପରା** **(ଅଧ୍ୟାୟ ୨)**

୧. ଦୁଇପ୍ରକାର ଗୁରୁଙ୍କର ସମାନତା ଓ ପାର୍ଥକ୍ୟ ସଂପର୍କରେ ବର୍ଣ୍ଣନା କର ।

୨. ରତ୍ୱିକ ଦର୍ଶନ ଖଣ୍ଡନ ଉପରେ ଅତିକମ୍‌ରେ ଚାରୋଟି ଯୁକ୍ତି ପ୍ରଦାନ କରି ଉପଯୁକ୍ତ ଶାସ୍ତ୍ର ପ୍ରମାଣ ଦର୍ଶାଇ ଉତ୍ତର ଦିଅ -

**ଇସ୍କନରେ ଗୁରୁ ପାଦାଶ୍ରୟ :** **(ଅଧ୍ୟାୟ ୩, ୫ ଓ ୮)**

୩. ଇସ୍କନରେ ଗୁରୁ ପାଦାଶ୍ରୟ ସଂପର୍କରେ ବର୍ଣ୍ଣନା କର ।*

୪. ଶ୍ରୀଲ ପ୍ରଭୁପାଦ କିପରି ଏକ ମୂଳ ଶିକ୍ଷା ଗୁରୁ ଏବଂ ଇସ୍କନର ପ୍ରତିଷ୍ଠାତା ଅଟନ୍ତି । ଯୁକ୍ତି ଦର୍ଶାଅ ।*

୫. ଇସ୍କନର ଭବିଷ୍ୟତ ଅନୁଗାମୀମାନଙ୍କ ପାଇଁ ପ୍ରଭୁପାଦ ମୂଳ ଶିକ୍ଷାଗୁରୁ ଅଟନ୍ତି । ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ।*

୬. ବର୍ତ୍ତମାନ ଇସ୍କନର ନିୟମ, ଶ୍ରୀଲ ପ୍ରଭୁପାଦ, ଇସ୍କନର ବର୍ତ୍ତମାନ ଓ ଭବିଷ୍ୟତ ଗୁରୁମାନଙ୍କ ନିମିତ୍ତ ସେବା ପୂଜାର ସଠିକ୍ ବିଧି ସଂକ୍ଷିପ୍ତଭାବରେ ବର୍ଣ୍ଣନା କର ।

**ଇସ୍କନ ଗୁରୁବୃନ୍ଦ :** **(ଅଧ୍ୟାୟ ୪)**

୭. ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷା ଏବଂ ଇସ୍କନର ଅଧିକାରୀମାନଙ୍କ ଗଠନ ପ୍ରଣାଳୀରେ ଅନୁସୃତ ହେଉଥିବା ଇସ୍କନର ଗୁରୁଙ୍କର ବ୍ୟବହାର କିପରି ଦର୍ଶାଅ ।*

୮. କାହିଁକି ଜଣେ ଇସ୍କନ ସଂସ୍ଥା ମଧ୍ୟରୁ ଗୁରୁ ଗ୍ରହଣ କରିବ ? କାହିଁକି ସେ ଅନ୍ୟ ସଂସ୍ଥାରୁ ଗୁରୁ ଗ୍ରହଣ କରିପାରିବ ନାହିଁ ?

୯. ଗୁରୁ ଓ ଅନ୍ୟ ଗୌଡୀୟ ବୈଷ୍ଣବ ପରମ୍ପରା ବା ଅନୁଷ୍ଠାନ ପ୍ରତି ଇସ୍କନରୁ ଦୀକ୍ଷିତ ହୋଇଥିବା ଶିଷ୍ୟର ବ୍ୟବହାର କିପରି ତାହା ବର୍ଣ୍ଣନା କର ।

**ଦ୍ୱିତୀୟ ଓ ତୃତୀୟ ଅଧ୍ୟାୟ : ଗୁରୁଙ୍କ ସହ ସମ୍ବନ୍ଧ ସ୍ଥାପନ**

**ଗୁରୁ ଚୟନ ଓ ଦୀକ୍ଷା ଶପଥ ସମୂହ** **(ଅଧ୍ୟାୟ ୬ ଓ ୭)**

୧୦. ଶ୍ରୀଲ ପ୍ରଭୁପାଦଙ୍କର ମନ୍ତବ୍ୟ ଅନୁଯାୟୀ ଦୀକ୍ଷାର ଗୁରୁତ୍ୱ ଓ ଶପଥ ଉପରେ ବର୍ଣ୍ଣନା କର ।

୧୧. ଶାସ୍ତ୍ର ଯୁକ୍ତି ଅନୁସାରେ ତୁମ ବିଚାରରେ ଯେଉଁଗୁଡ଼ିକ ଗୁରୁଙ୍କର ମୁଖ୍ୟ ଯୋଗ୍ୟତା ଏବଂ ଇସ୍କନର ଦୀକ୍ଷା ଗୁରୁଙ୍କର ବାଧ୍ୟତାମୂଳକ ଯୋଗ୍ୟତା ସମ୍ବନ୍ଧରେ ତା'ର ଏକ ତାଲିକା ପ୍ରଦାନ କର । (ପରିଶିଷ୍ଟ-୩)

୧୨. ଗୁରୁ ଚୟନ ପାଇଁ ଉପଯୁକ୍ତ ଓ ଅନୁପଯୁକ୍ତ ପଦ୍ଧତି ସମ୍ପର୍କରେ ଆଲୋଚନା କର । ଶାସ୍ତ୍ର ଓ ଇସ୍କନର ବର୍ତ୍ତମାନ ନିୟମକୁ ଆଧାର କରି ତୁମର ଉତ୍ତର ପ୍ରଦାନ କର ।*

**ଗୁରୁ ସେବା :** **(ଅଧ୍ୟାୟ ୯ ଓ ୧୦)**

୧୩. ଗୁରୁଙ୍କ ସେବା ଏବଂ ଇସ୍କନର ଲକ୍ଷ୍ୟ ପ୍ରତି ସେବାର ସଂପର୍କକୁ ଉଦାହରଣ ସହ ଦର୍ଶାଅ। ଏମାନଙ୍କ ମଧ୍ୟରେ ଏକ ସନ୍ତୁଳନର ଆବଶ୍ୟକତା ବର୍ଣ୍ଣନା କର । *

୧୪. ଗୁରୁଙ୍କର ବପୁ ଓ ବାଣୀ ସେବା କ'ଣ ? ଦୁଇଟିରୁ କେଉଁଟି ଗୁରୁତ୍ୱପୂର୍ଣ୍ଣ ?

୧୫. ଗୁରୁଙ୍କଠାରୁ ଉପଦେଶ ଗ୍ରହଣ କରିବାର ଉପଯୁକ୍ତ ଓ ଅନୁପଯୁକ୍ତ ଚାରୋଟି କାରଣ ବର୍ଣ୍ଣନା କର । ତୁମ ଉତ୍ତର ଯେପରି ଶାସ୍ତ୍ରାନୁମୋଦିତ ହେବା ବାଞ୍ଛନୀୟ ।

୧୬. ଜଣେ ଶିଷ୍ୟ ତା'ର ଗୁରୁ ଗୁରୁଭ୍ରାତା ଓ ଗୁରୁଭଗ୍ନୀଙ୍କୁ କିପରି ବ୍ୟବହାର ପ୍ରଦର୍ଶନ କରିବ । ଶାସ୍ତ୍ର ଯୁକ୍ତି ଦର୍ଶାଇ ଉତ୍ତର ଦିଅ ।

## ଚତୁର୍ଥ ଅଧ୍ୟାୟ : ସହଯୋଗର ସହ ସମ୍ବନ୍ଧ ପ୍ରତିଷ୍ଠା କରିବା

**ଗୁରୁଙ୍କୁ ପରିଚିତ କରାଇବା** **(ଅଧ୍ୟାୟ ୧୨ ଓ ୫)**

୧୭. ବୈଷ୍ଣବ ସମାଜରେ ଓ ବାହାରେ ଗୁରୁଙ୍କୁ ପରିଚିତ କରିବା ପାଇଁ ଏକ ଇସ୍କନ ଶିଷ୍ୟର ଉପଯୁକ୍ତ ବ୍ୟବହାର ଓ ବିଚାରଧାରା କ'ଣ ହେବା ଉଚିତ୍ । ଶାସ୍ତ୍ର ଓ ଇସ୍କନର ବର୍ତ୍ତମାନ ନିୟମ ଦର୍ଶାଇ ନିଜସ୍ୱ ମତ ପ୍ରଦାନ କରି ଏହାର ଉତ୍ତର ଦିଅ । ଇସ୍କନର ଶିଷ୍ୟ କାହିଁକି ଏଥିପାଇଁ ଉପଯୁକ୍ତ ବିଚାରଧାରା ପ୍ରଦର୍ଶନ କରିବେ ?*

୧୮. ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରତିଷ୍ଠାତା ଆଚାର୍ଯ୍ୟ ଓ ମୂଳ ଶିକ୍ଷା ଗୁରୁ ରୂପରେ ସମାଜରେ ପ୍ରୋତ୍ସାହିତ କରାଯିବ ? ଶାସ୍ତ୍ର ଓ ଇସ୍କନର ବର୍ତ୍ତମାନ ନିୟମ ଦର୍ଶାଇ ଏହାର ଉତ୍ତର ଦିଅ ।*

**ଇସ୍କନ ସହିତ ସଂପର୍କ** (ଅଧ୍ୟାୟ-୧୩)

୧୯. ଦୀକ୍ଷାଗୁରୁ ଭିତ୍ତିରେ, ଜଣେ ଇସ୍କନ୍ ଶିଷ୍ୟର, ପକ୍ଷପାତିତାକୁ ଆଧାର କରି ଏକ ଅନୁପଯୁକ୍ତ ବ୍ୟବହାର ଓ ବିଚାରଧାରା ବର୍ଣ୍ଣନା କର । କାହିଁକି ଏକ ଇସ୍କନ ଶିଷ୍ୟ ପକ୍ଷରେ ଗୁରୁତ୍ୱ ଆରୋପ କରିବା ଦରକାର ଏକ ଉପଯୁକ୍ତ ବିଚାରଧାରା ବୃଦ୍ଧି କରିବା ପାଇଁ ଏ ସମ୍ବନ୍ଧରେ ।*

୨୦. ଗୁରୁ ଭିତ୍ତିକୁ ଅବଲମ୍ବନ କରି ସମସ୍ତ ଇସ୍କନ୍ ବୈଷ୍ଣବମାନଙ୍କ ସଙ୍ଗରେ ସହଯୋଗୀତାପୂର୍ଣ୍ଣ ସଂପର୍କ ସ୍ଥାପନ ଓ ସହଯୋଗିତା ପୂର୍ଣ୍ଣ ସଂପର୍କ ବଜାୟ ରଖିବା ପାଇଁ ବାସ୍ତବ ସମ୍ମତର କେତେଗୁଡ଼ିଏ ପନ୍ଥା ବର୍ଣ୍ଣନା କର, ଯେଉଁଗୁଡ଼ିକ କି ଅନୁପଯୁକ୍ତ ବିଚାରଧାରା ବିହୀନ ହୋଇଥିବ ।*

# ଦ୍ୱିତୀୟ ଅଧ୍ୟାୟ : ଗୁରୁତତ୍ତ୍ୱ ଓ ପରମ୍ପରା

**ଅଧ୍ୟାୟର ପାଠ୍ୟ**

- ଗୁରୁତତ୍ତ୍ୱ
- ଗୁରୁ ପ୍ରକାର ଭେଦ
- ଗୁରୁ ପରମ୍ପରା ପଦ୍ଧତି
- ମରଣୋତ୍ତର ଋତ୍ୱିକ ମତବାଦର ଖଣ୍ଡନ

## ଗୁରୁତତ୍ତ୍ୱ

ଏକ ଗୁରୁଙ୍କର ସ୍ଥିତି ସମ୍ବନ୍ଧରେ ତୁମର ନିଜର ମତ ସଂକ୍ଷେପରେ ପ୍ରଦାନ କର ।

# ଗୁରୁତତ୍ତ୍ୱ

**ଆଧ୍ୟାତ୍ମିକ ଗୁରୁ ଭଗବାନ କୃଷ୍ଣଙ୍କ ଠାରୁ ଭିନ୍ନ ନୁହଁନ୍ତି ।**

**ଗୁରୁ କୃଷ୍ଣ ରୂପ ହନ ଶାସ୍ତ୍ରେର ପ୍ରମାଣେ ।**
**ଗୁରୁ ରୂପେ କୃଷ୍ଣ କୃପା କରେନ ଭକ୍ତଗଣେ ।।**

ଯନ୍ ସହକାରେ ମତ ନିଆଯାଇ ସମସ୍ତ ଶାସ୍ତ୍ର ଏହା ପ୍ରଦର୍ଶନ କରେ ଯେ ଆଧ୍ୟାତ୍ମିକ ଗୁରୁ କୃଷ୍ଣ ଠାରୁ ଭିନ୍ନ ନୁହଁନ୍ତି । ଭଗବାନ କୃଷ୍ଣ ଗୁରୁରୂପ ପରିଗ୍ରହଣ କରି ତାଙ୍କର ଭକ୍ତମାନଙ୍କୁ ଉଦ୍ଧାର କରନ୍ତି ।
ଭଗବାନ କୃଷ୍ଣଙ୍କ ସହ ଯେଉଁ ସଂପର୍କ ରକ୍ଷା କରାଯିବ ଠିକ୍ ସେହିପରି ଏକ ଶିଷ୍ୟ ତାହାର ଆଧ୍ୟାତ୍ମିକ ଗୁରୁଙ୍କ ସହିତ ସେହି ସଂପର୍କ ରକ୍ଷା କରିବା ଉଚିତ୍ ।

ଶ୍ରୀଚୈତନ୍ୟ ଚରିତାମୃତ ଆଦିଲୀଳା-୧-୪

**ଆଚାର୍ଯ୍ୟଂ ମାଂ ବୀଜାନିୟନ୍ନାବମନ୍ୟେତ୍ କର୍ହିଚିତ୍**
**ନ ମର୍ତ୍ତ୍ୟବୁଦ୍ଧ୍ୟାସୂୟତେ ସର୍ବଦେବ ମୟୋ ଗୁରୁଃ ।**

ଏକ ଗୁରୁ ବା ଆଚାର୍ଯ୍ୟଙ୍କୁ ମୋର ସ୍ୱରୂପ ବୋଲି ଜାଣିବ ଏବଂ ତାଙ୍କୁ କୌଣସି ପ୍ରକାରେ ଅସମ୍ମାନ କରିବ ନାହିଁ । ତାଙ୍କୁ ଏକ ସାଧାରଣ ମାନବ ରୂପେ ଭାବିବା ନାହିଁ ଏବଂ ତାଙ୍କ ପ୍ରତି କେବେହେଲେ ଈର୍ଷାଚରଣ କରିବ ନାହିଁ । ସେ ସମସ୍ତ ଦେବତାଗଣଙ୍କର ପ୍ରତିନିଧି ଅଟନ୍ତି ।

ଶ୍ରୀମଦ୍ ଭାଗବତ୍-୧୧-୧୭୨୭

**ଯଦି ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ଗୁରୁଙ୍କୁ ସାଧାରଣ ମନୁଷ୍ୟ ବୋଲି ଭାବେ ତା'ର ପତନ ନିଶ୍ଚିତ.....**

ଏହା ଅନୁମୋଦିତ ହୋଇଛି ଯେ ଜଣେ ଆଧ୍ୟାତ୍ମିକ ଗୁରୁଙ୍କୁ ପରମପୁରୁଷ ଭଗବାନଙ୍କ ପରି ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ସାକ୍ଷାଦ୍ଧରିତ୍ୱେନା ସମସ୍ତ ଶାସ୍ତ୍ରେ ପ୍ରତ୍ୟେକ ଶାସ୍ତ୍ରରେ ଏହି ନିର୍ଦ୍ଦେଶ ଦିଆଯାଇଛି । ଆଚାର୍ଯ୍ୟ ମାଂ ବୀଜାନିୟାନ୍ (ଶ୍ରୀ.ଭା.-୧୧.୧୭.୨୭) ବ୍ୟକ୍ତି ଗୁରୁ ବା ଆଚାର୍ଯ୍ୟଙ୍କୁ ପରମପୁରୁଷ ଭଗବାନଙ୍କ ସଦୃଶ ଜ୍ଞାନ କରିବା ଉଚିତ୍ । ଏତେ ସବୁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ଜଣେ ଆଧ୍ୟାତ୍ମିକ ଗୁରୁଙ୍କୁ ଯଦି ଏକ ସାଧାରଣ ମନୁଷ୍ୟ ବୋଲି ଭାବେ ସେ ପତିତ ହୋଇଥାଏ ।

(ଶ୍ରୀ.ଭା.୭.୧୫.୨)

**ଯେତେବେଳେ ସେ ତାଙ୍କର କର୍ତ୍ତବ୍ୟ ଠିକ୍ ରୂପେ କରନ୍ତି ସେ ଉତ୍କୃଷ୍ଟ ଅଟନ୍ତି.....**

ଏକ ଡ଼ାକ ପିଅନ ଆମକୁ ଏକ ଶହ ଟଙ୍କା ଦେଇପାରେ କିନ୍ତୁ ଆମେ ସେ ଟଙ୍କାକୁ ଡ଼ାକ ପିଅନ ଆମକୁ ଦେଉଛି ବୋଲି ଭାବୁ ନାହୁଁ । ଟଙ୍କା ଏକ ବନ୍ଧୁ ଆମ ପାଖକୁ ପଠାଇଛନ୍ତି । ଡ଼ାକ ପିଅନ କେବଳ ତା'ର କର୍ତ୍ତବ୍ୟ ହିସାବରେ ତାଙ୍କ ଟଙ୍କାକୁ ଆଣି ଆମକୁ ପ୍ରଦାନ କରୁଛି । ସେଥିରୁ ସେ କିଛି ଟଙ୍କା ନେଉ ନାହିଁ କିମ୍ବା ଅଧିକ ଟଙ୍କା ମିଶାଉ ନାହିଁ । ସେ ବନ୍ଧୁଙ୍କର ଏକ ଶତ ଟଙ୍କାକୁ ଆମକୁ ଦେଉଥିବା ହେତୁ ତା'ର କାର୍ଯ୍ୟ ସେ ସୁଚାରୁରୂପେ ସମ୍ପାଦନ କରିଛି । ତାହାହିଁ ତା'ର ପୂର୍ଣ୍ଣତା । ଡ଼ାକ ପିଅନ ଅନ୍ୟ ଦୃଷ୍ଟିରୁ ଅପୂର୍ଣ୍ଣ ବା ନ୍ୟୂନ ହେଲେ ମଧ୍ୟ ଯେତେବେଳେ ସେ ତା'ର କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରେ ସେ ସର୍ବୋତ୍କୃଷ୍ଟ ହୋଇଥାଏ ।

ପ୍ରଭୁପାଦ ବ୍ୟାସପୂଜା ତିଥି, ନବ ବୃନ୍ଦାବନ, ସେପ୍ଟେମ୍ବର ୨-୧୯୭୨

**ଯେଉଁ ବ୍ୟକ୍ତି କମ୍ ଯୋଗ୍ୟତାସଂପନ୍ନ କିମ୍ବା ମୁକ୍ତ ନୁହଁନ୍ତି ତଥାପି ସେ ଗୁରୁ ରୂପେ କାର୍ଯ୍ୟ କରିପାରିବେ.....**

ଭକ୍ତି ବିନୋଦ ଠାକୁରଙ୍କ ମତ ଶାସ୍ତ୍ରମତ ସଦୃଶ କାରଣ ସେ ଜଣେ ମୁକ୍ତ ପୁରୁଷ, ସାଧାରଣତଃ ଆଧ୍ୟାତ୍ମିକ ଗୁରୁ ଭଗବାନଙ୍କ ନିତ୍ୟ ପାର୍ଷଦଙ୍କ ମଧ୍ୟରୁ ଆସିଥା'ନ୍ତି । କିନ୍ତୁ ଯଦି ଜଣେ ମୁକ୍ତ ପୁରୁଷଙ୍କ ଆଦର୍ଶକୁ ପାଳନ କରେ ଏବଂ ଅନୁସରଣ କରେ ସେ ମଧ୍ୟ ତାଙ୍କର ଦଳଭୁକ୍ତ ହୋଇଥା'ନ୍ତି । ଏକ ବ୍ୟକ୍ତି ଯେକି ମୁକ୍ତ ଆଚାର୍ଯ୍ୟ ଓ ଗୁରୁ କେବେ କୌଣସି ଭୁଲ୍ କରନ୍ତି ନାହିଁ । ଯଦିଓ ସେମାନେ କମ୍ ଯୋଗ୍ୟତାସଂପନ୍ନ କିମ୍ବା ମୁକ୍ତ ନ ହୋଇପାରନ୍ତି ତଥାପି କଡ଼ାକଡ଼ି ଭାବରେ ଗୁରୁ ପରମ୍ପରା ନିୟମ ପାଳନ କରୁଥିବା ହେତୁ ସେ ଗୁରୁ ବା ଆଚାର୍ଯ୍ୟଙ୍କ ସଦୃଶ ସେବା କରିପାରିବେ ।

ଜନାର୍ଦ୍ଦଙ୍କୁ ଚିଠି - ନ୍ୟୁୟର୍କ, ଏପ୍ରିଲ ୨୬, ୧୯୬୮

**ଯଦି ତୁମେ ଶୁଦ୍ଧ ଭକ୍ତଙ୍କୁ ଅନୁସରଣ କର ତେବେ ତୁମେ ଶୁଦ୍ଧ ଭକ୍ତ ହୋଇପାରିବ....**

ଯଦି ତୁମେ ଶୁଦ୍ଧ ଭକ୍ତଙ୍କୁ ଅନୁସରଣ କର ତୁମେ ମଧ୍ୟ ଶୁଦ୍ଧ ଭକ୍ତ ହୋଇପାରିବ । ଜଣେ ଶତକଡ଼ା ଶହେ ଭାଗ ଶୁଦ୍ଧ ନ ହୋଇପାରେ । କାରଣ ଆମେ ବଦ୍ଧ ଜୀବନଧାରାରୁ ଉନ୍ନୀତ ହେବା ପାଇଁ ଆଶା କରୁଥିବା ହେତୁ ଯଦି ଆମେ କଡ଼ାକଡ଼ି ଭାବରେ ଶୁଦ୍ଧ ଭକ୍ତଙ୍କ ନିର୍ଦ୍ଦେଶ ପାଳନ କରୁ ଆମେ ମଧ୍ୟ ଶୁଦ୍ଧ ଭକ୍ତ ହୋଇପାରିବୁ । ଶୁଦ୍ଧ ଭକ୍ତର ଅର୍ଥ ଏହା ନୁହେଁ ଯେ ତତ୍କ୍ଷଣାତ୍ ଶତକଡ଼ା ଶହେ ଭାଗ ଶୁଦ୍ଧ ହୋଇଯିବ । କିନ୍ତୁ ଯଦି ସେ ନୀତି ନିୟମ ପ୍ରତି ଅନୁରକ୍ତ ରୁହନ୍ତି "ଆମେ ଏକ ଶୁଦ୍ଧ ଭକ୍ତଙ୍କୁ ଅନୁସରଣ କରିବୁ" ତାହାହେଲେ ତା'ର କାର୍ଯ୍ୟ ସେ ମଧ୍ୟ ଏକ ଶୁଦ୍ଧ ଭକ୍ତ ହୋଇପାରିବ ।

ଭଗବଦ୍ ଗୀତା. ୨-୧-୧୦, ଲସ୍ ଏଞ୍ଜେଲେସ୍, ନଭେମ୍ବର, ୨୫-୧୯୬୮

## ଗୁରୁ ପ୍ରକାର ଭେଦ

ଦୀକ୍ଷା ଗୁରୁ (ଏକ)

- ଉପଦେଶ ପ୍ରଦାନ କରନ୍ତି
- ଦୀକ୍ଷା ପ୍ରଦାନ ଏବଂ ପରମ୍ପରା ସହିତ ସଂପୃକ୍ତ କରାନ୍ତି
- ଆଧ୍ୟାତ୍ମିକ ନାମକରଣ କରାନ୍ତି
- ମନ୍ତ୍ର ପ୍ରଦାନ (ମନ୍ତ୍ର ଗୁରୁ) କରାନ୍ତି
- ଶିଷ୍ୟର ଶପଥକୁ ଗ୍ରହଣ କରନ୍ତି
- ଶିଷ୍ୟମାନଙ୍କୁ ପାପପୂର୍ଣ୍ଣ କାର୍ଯ୍ୟରୁ ମୁକ୍ତ କରାନ୍ତି

ଶିକ୍ଷା ଗୁରୁ (ଅନେକ)

- ଶିକ୍ଷା ପ୍ରଦାନ କରନ୍ତି
- ପରମ୍ପରା ସହିତ ଯୁକ୍ତ କରାନ୍ତି

**ଶିକ୍ଷା ଗୁରୁ ଅନେକ ହୋଇପାରନ୍ତି.....**

**ମନ୍ତ୍ର ଗୁରୁ ଆର ଯତ ଶିକ୍ଷାଗୁରୁ ଗଣ**
**ତାହାଁର ଚରଣ ଆଗେ କରିୟା ବନ୍ଦନ**

ମୁଁ ପ୍ରଥମେ ମୋର ଆଧ୍ୟାତ୍ମିକ ଦୀକ୍ଷା ଗୁରୁଙ୍କର ଚରଣ କମଳରେ ଏବଂ ଅନ୍ୟ ସମସ୍ତ ଶିକ୍ଷାଗୁରୁଙ୍କ ଚରଣ କମଳରେ ମୋର ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ ଜଣାଉଛି ।

ଭାବାର୍ଥ- ଏକ ଭକ୍ତର ନିଶ୍ଚିତରୂପେ ଜଣେ ଦୀକ୍ଷା ଗୁରୁଙ୍କୁ ଗ୍ରହଣ କରିବ । ଶାସ୍ତ୍ରରେ ଅଧିକ ଦୀକ୍ଷା ଗୁରୁ ଗ୍ରହଣ ସଂପର୍କରେ ମନା କରାଯାଇଅଛି । ଜଣେ ଅଧିକ ସଂଖ୍ୟକ ଶିକ୍ଷା ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିପାରନ୍ତି । ସାଧାରଣତଃ ସେ ଏକ ଶିଷ୍ୟକୁ ଅଧିକାଂଶ ସମୟରେ ଉପଦେଶ ପ୍ରଦାନ କରନ୍ତି ସେ ପରବର୍ତ୍ତୀ ସମୟରେ ଦୀକ୍ଷା ଗୁରୁ ହୋଇପାରିବେ ।

ଶ୍ରୀ ଚୈତନ୍ୟ ଚରିତାମୃତ, ଆଦି- ୧ -୩୫

**ଦୀକ୍ଷା ଓ ଶିକ୍ଷା ଗୁରୁ ସମାନ ସ୍ତରର ଅଟନ୍ତି.....**


ଯେଉଁ ଗୁରୁ ପ୍ରଥମେ ମହାମନ୍ତ୍ର ଶିକ୍ଷା ଦେଇଥାନ୍ତି ସେ ଦୀକ୍ଷା ଗୁରୁ ଅଟନ୍ତି ଏବଂ ଯେଉଁ ସାଧୁ ବା ଭକ୍ତ କୃଷ୍ଣ ଚେତନା ଅଗ୍ରଗତି ସଂପର୍କରେ ଅଧିକ ଉପଦେଶ ପ୍ରଦାନ କରନ୍ତି ତାଙ୍କୁ ଶିକ୍ଷାଗୁରୁ କୁହାଯାଏ । ଦୀକ୍ଷା ଓ ଶିକ୍ଷା ଗୁରୁ ଭଗବାନ କୃଷ୍ଣଙ୍କର ସମାନ ପ୍ରକାଶ ରୂପ ଅଟନ୍ତି, ଯଦିଓ ସେମାନଙ୍କର ବ୍ୟବହାର ଭିନ୍ନ ଭିନ୍ନ ହୋଇଥାଏ ।

ଶ୍ରୀ ଚୈତନ୍ୟ ଚରିତାମୃତ, ଆଦି- ୧ -୩୪

**ଶିକ୍ଷା ଗୁରୁ ବୃନ୍ଦ କୃପା କରିୟା ଅପାର**

**ସାଧକେ ଶିଖାନ ସାଧନେର ଅଙ୍ଗ ସାର**

କିନ୍ତୁ ମୁଁ ଶିକ୍ଷା ଗୁରୁଙ୍କର ଭୂମିକାକୁ ଗୁରୁତ୍ୱ ପ୍ରଦାନ କରୁଛି କାରଣ ସେମାନେ ନୂତନ ଭକ୍ତମାନଙ୍କୁ ସାଧନ ଭକ୍ତିର ବିଭିନ୍ନ ଆବଶ୍ୟକୀୟ ବସ୍ତୁ ସଂପର୍କରେ ଶିକ୍ଷା ପ୍ରଦାନ କରି ଅସୀମ କୃପା ପ୍ରଦାନ କରନ୍ତି । (ଶ୍ରୀକୃଷ୍ଣ କଲ୍ୟାଣ କଳ୍ପତରୁ, ଶ୍ରୀଲ ଭକ୍ତିବିନୋଦ ଠାକୁର) ।




**ଦୀକ୍ଷାର ଅର୍ଥ ହେଉଛି ଦିବ୍ୟ ବା ଚିନ୍ମୟ କାର୍ଯ୍ୟକଳାପ ଆରମ୍ଭ...........**

ଦୀକ୍ଷା ଶବ୍ଦର ପ୍ରକୃତ ଅର୍ଥ "ଏହା କେବଳ ଆରମ୍ଭ ଦୀକ୍ଷା ଦି-ଦିବ୍ୟ ଦୁଇଟି ଶବ୍ଦ ରହିଛି ଦିବ୍ୟଜ୍ଞାନ । ଦିବ୍ୟଜ୍ଞାନର ଅର୍ଥ ହେଉଛି ଦିବ୍ୟ ଆଧ୍ୟାତ୍ମିକ ଜ୍ଞାନ ତେଣୁ ଦିବ୍ୟ ଓ ଜ୍ଞାନ କ୍ଷପୟତି ଅର୍ଥ ବର୍ଣ୍ଣନା କରିବା, ତାହାହିଁ ଦୀକ୍ଷା ତାକୁ ହିଁ ଦୀକ୍ଷା କୁହାଯାଏ । ତେଣୁ ଦୀକ୍ଷାର ଅର୍ଥ ଦିବ୍ୟ କର୍ମର ଆରମ୍ଭ । ତାହାହିଁ ଦୀକ୍ଷା, ସେଥିପାଇଁ ଆମେ ଶିଷ୍ୟମାନଙ୍କ ଠାରୁ ଶପଥ ଗ୍ରହଣ କରିଥାଉ । ତୁମେ ଅଧିକ ସଂଖ୍ୟାରେ ଜପ କର । ହଁ ଗୁରୁଦେବ । ତୁମେ ଏହି ନୀତି ଓ ନିୟମକୁ ପାଳନ କରିବ । ହଁ ଗୁରୁଦେବ । ତାହାହିଁ ଦୀକ୍ଷା । ତାକୁ ପାଳନ କରିବାକୁ ପଡ଼ିବ । ତାହାକୁ ଜପ କରିବାକୁ ପଡ଼ିବ । ତାହା ପରେ ସ୍ୱତଃ ସମସ୍ତ ବସ୍ତୁ ଆସିବ ।

ଶ୍ରୀମଦ୍ ଭାଗବତମ୍, ପ୍ରବଚନ- ୬.୧.୧୫

ଅକ୍‌ଲାଣ୍ଡ, ଫେବୃୟାରୀ- ୨୨-୧୯୭୩

**ଯେତେବେଳ ପର୍ଯ୍ୟନ୍ତ ଜଣେ ଦୀକ୍ଷା ଗ୍ରହଣ କରିନଥାଏ..... ତାହାର ଆଧ୍ୟାତ୍ମିକ କାର୍ଯ୍ୟ ନିରର୍ଥକ ।**

**ଅଦୀକ୍ଷିତସ୍ୟ ବାମରୁ କୃତଂ ସର୍ବଂ ନିରର୍ଥକମ୍**

**ପଶୁ ଯୋନିଂ ଅବାପ୍ନୋତି ଦୀକ୍ଷା ବିରହିତୋ ଜନାଃ**

ଯେତେବେଳ ପର୍ଯ୍ୟନ୍ତ ଜଣେ ଦୀକ୍ଷା ଗ୍ରହଣ କରିନଥାଏ ତା'ର ଆଧ୍ୟାତ୍ମିକ କ୍ରିୟାଗୁଡ଼ିକ ମୂଲ୍ୟହୀନ । ଯେଉଁ ବ୍ୟକ୍ତି ଦୀକ୍ଷା ଗ୍ରହଣ କରେନା ସେ ପଶୁ ଯୋନି ଲାଭ କରେ ।




ହରିଭକ୍ତିବିଳାସ (୨-୬)

ବିଷ୍ଣୁ ଯାମଳରୁ ଉଦ୍ଧୃତ

ଶ୍ରୀ ଚୈତନ୍ୟ ଚରିତାମୃତ ମଧ୍ୟ- ୧୫-୫୦୮

ଆଧ୍ୟାତ୍ମିକ ଗୁରୁଙ୍କ ସହ ସଂଯୋଗ ସ୍ଥାପନ ହିଁ ଦୀକ୍ଷା। ସେହି ଦିନ ଠାରୁ ଆଧ୍ୟାତ୍ମିକ ଗୁରୁ, କୃଷ୍ଣ ବ୍ୟକ୍ତି ମଧ୍ୟରେ କୃଷ୍ଣଚେତନାକୁ ଜାଗ୍ରତ କରାନ୍ତି, ବିନା ଦୀକ୍ଷା, ଯାହାକି ଏକ ଆଧ୍ୟାତ୍ମିକ ପ୍ରାମାଣିକ ଗୁରୁଙ୍କ ଦ୍ୱାରା ପ୍ରଦତ୍ତ, କୃଷ୍ଣଚେତନାରେ କୃଷ୍ଣଙ୍କ ସହିତ ସମ୍ବନ୍ଧ ସ୍ଥାପନ କରେ ନାହିଁ ।

## ଗୁରୁ ପରମ୍ପରା ପଦ୍ଧତି

**ଏବଂ ପରମ୍ପରା ପ୍ରାପ୍ତମ୍**

ଏହିଭାବେ ପରମ୍ପରା ମାଧ୍ୟମରେ ଏହି ପରମ ବିଜ୍ଞାନ ଲବ୍ଧ ହୋଇଅଛି....

(ଭ.ଗୀ.୪.୨)

**ଆମେ ପ୍ରକଟ ଦୀକ୍ଷା / ଶିକ୍ଷା ଗୁରୁଙ୍କୁ କାହିଁକି ଗ୍ରହଣ କରିବା ?**

### ପରମ୍ପରା ଧାରା

ଗୁରୁ ତାଙ୍କର ନିଜ ସ୍ୱାର୍ଥ ପାଇଁ ଶିଷ୍ୟ ଠାରୁ ସମ୍ମାନ ଆଶା କରିବା ଉଚିତ୍ ନୁହେଁ । କିନ୍ତୁ ଯେଉଁ ସମ୍ମାନ ସେମାନେ ଲାଭ କରନ୍ତି ସେମାନେ ସେହିସବୁକୁ କୃଷ୍ଣଙ୍କୁ ପ୍ରଦାନ କରନ୍ତି । ଏହା ଭଗବଦ୍ ଗୀତାରେ ସ୍ୱୀକୃତ ହୋଇଅଛି କୃଷ୍ଣଙ୍କଠାରୁ ଆସୁଥିବା ଜ୍ଞାନ ଗୁରୁ ଶିଷ୍ୟ ପରମ୍ପରାକ୍ରମରେ ଲାଭ କରାଯାଏ ଏବଂ ପରମ୍ପରାପ୍ରାପ୍ତ (ଭ.ଗୀ.-୪.୨) ଗୁରୁ ସେହି ସମ୍ମାନ ତାଙ୍କ ଗୁରୁଙ୍କୁ ପ୍ରଦାନ କରନ୍ତି ଏବଂ ତାଙ୍କ ଗୁରୁ ତାଙ୍କର ଗୁରୁଙ୍କୁ ସେ ସମ୍ମାନ ପ୍ରଦାନ କରନ୍ତି ଏହି ପ୍ରକାର ଭାବରେ ତାହା କୃଷ୍ଣଙ୍କ ନିକଟକୁ ଆସିଥାଏ । ଏହିପ୍ରକାରେ କୃଷ୍ଣଙ୍କର କୃପା ପରମ୍ପରା ମାଧ୍ୟମରେ ଲାଭ କରାଯାଏ ଏବଂ କୃଷ୍ଣଙ୍କୁ ଦିଆଯାଉଥିବା ସମ୍ମାନ ମଧ୍ୟ ଗୁରୁ ପରମ୍ପରା ମାଧ୍ୟମରେ ଦିଆଯାଇଥାଏ । ବ୍ୟକ୍ତି ଭଗବାନ କୃଷ୍ଣଙ୍କ ନିକଟତର ହେବା ପାଇଁ ଏହିପ୍ରକାର ପଦ୍ଧତିକୁ ଶିକ୍ଷା କରିବା ଆବଶ୍ୟକ ।

କପିଳ ଶିକ୍ଷାମୃତ, ଅଧ୍ୟାୟ ୧୩, ଶରଣାଗତି ମାଧ୍ୟମରେ ସମ୍ପୂର୍ଣ୍ଣ ଜ୍ଞାନ

**ବ୍ୟକ୍ତି ଗୁରୁ ପରମ୍ପରା ମାଧ୍ୟମରେ ଭଗବାନଙ୍କ ନିକଟତର ହେବ ।**

ଶ୍ରୀମଦ୍ ଭାଗବତର ଶିକ୍ଷା ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଆସେ । ଶ୍ରୀମଦ୍ ଭାଗବତର ବାଣୀ ଲାଭ କରିବା ନିମିତ୍ତ ଗୁରୁ ଶିଷ୍ୟ ପରମ୍ପରାକ୍ରମରେ ଏକ ଆଧ୍ୟାତ୍ମିକ ଗୁରୁଙ୍କର ଆଶ୍ରିତ ହେବା ଉଚିତ୍ ।

ଶ୍ରୀମଦ୍ ଭାଗବତମ୍, ୨.୯.୭

# ଗୁରୁ ପରମ୍ପରା ଧାରା

## ତୁମେ ସିଧାସଳଖ ବରିଷ୍ଠ ଗୁରୁଙ୍କ ନିକଟକୁ ଯାଇପାରିବ ନାହିଁ...

ଯଦି ତୁମେ ଭଗବଦ୍ ଗୀତାର ବାଣୀକୁ ବୁଝିବାକୁ ଚାହଁ ତାହାହେଲେ ତୁମେ ଯାହାଠାରୁ ପ୍ରତ୍ୟକ୍ଷଭାବେ ଭଗବଦ୍ ଗୀତାର ବାଣୀ ଶ୍ରବଣ କରୁଛ ତାଙ୍କଠାରୁ ବୁଝିବାକୁ ଚେଷ୍ଟା କର । ଏହାକୁ ପରମ୍ପରା ପଦ୍ଧତି କୁହାଯାଏ – ମନେକର ମୁଁ ଯାହାକିଛି ମୋର ଆଧ୍ୟାତ୍ମିକ ଗୁରୁଙ୍କ ଠାରୁ ଶ୍ରବଣ କଲି ସେହି କଥା ହିଁ ମୁଁ ତୁମକୁ କହିଲି । ତେଣୁ ଏହାହିଁ ପରମ୍ପରା ପଦ୍ଧତି । ମୋର ଆଧ୍ୟାତ୍ମିକ ଗୁରୁ ଯାହା କହିଛନ୍ତି ତାହା ତୁମେ ମନକୁ ମନ ଚିନ୍ତା କରି ଜାଣିପାରିବ ନାହିଁ କିମ୍ବା କିଛି ପୁସ୍ତକ ଅଧ୍ୟୟନ କରି ଜାଣିପାରିବ ନାହିଁ । ତୁମେ ଯଦି ମୋଠାରୁ ନ ବୁଝିବ ତାହାହେଲେ ତୁମେ କୌଣସି ପ୍ରକାରେ ତାହା ଜାଣିପାରିବ ନାହିଁ । ଏହାକୁ ହିଁ ପରମ୍ପରା ପଦ୍ଧତି କୁହାଯାଏ । ତୁମେ ହଠାତ୍ ବରିଷ୍ଠ ଗୁରୁଙ୍କ ନିକଟକୁ ପହଞ୍ଚିପାରିବ ନାହିଁ । ବର୍ତ୍ତମାନ ଗୁରୁଙ୍କୁ ଅବମାନନା କରି କିମ୍ବା ଅବହେଳା କରି ତୁମେ ସିଧାସଳଖ ବରିଷ୍ଠ ବା ଉଚ୍ଚତମ ଗୁରୁଙ୍କ ନିକଟକୁ ଯାଇପାରିବ ନାହିଁ ।

(ଶ୍ରୀମଦ୍ ଭାଗବତର ପ୍ରବଚନ-୧.୧୫.୩୦, ଲସ ଏଞ୍ଜେଲ୍ସ-୮.୧୨.୧୯୭୩)

## କୃଷ୍ଣଙ୍କ ସହ ସିଧାସଳଖ ସଂପର୍କ ସ୍ଥାପନ ପାଇଁ ଚେଷ୍ଟା କର ନାହିଁ । ତାହା ଅନାବଶ୍ୟକ...

ପ୍ରଥମେ ନିଜର ତୁମର ଆଧ୍ୟାତ୍ମିକ ଗୁରୁ ଏବଂ ତାଙ୍କର ଆଧ୍ୟାତ୍ମିକ ଗୁରୁ ଏବଂ ତାଙ୍କର ଆଧ୍ୟାତ୍ମିକ ଗୁରୁ, ତାଙ୍କର ଆଧ୍ୟାତ୍ମିକ ଗୁରୁ ଏବଂ ଶେଷରେ କୃଷ୍ଣ । ଏହାହିଁ ଧାରା । ତୁମେ ସିଧାସଳଖ କୃଷ୍ଣଙ୍କ ସହ ସଂପର୍କ ସ୍ଥାପନ ପାଇଁ ଇଚ୍ଛା କର ନାହିଁ । ଏହାହିଁ ଅନାବଶ୍ୟକ । ଏହିପରି ତୁମେ ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଜ୍ଞାନ ଲାଭ କରିବ ଏବଂ ଏହି ପରମ୍ପରା କ୍ରମରେ କୃଷ୍ଣଙ୍କ ସହ ଆମେ ନିକଟତର ହୋଇପାରିବା ।

(ଶ୍ରୀମଦ୍ ଭାଗବତମ୍, ୧.୨.୪- ରୋମ୍, ମେ' ୨୮- ୧୯୭୪

## ବ୍ୟକ୍ତି ଏକ ବୈଷ୍ଣବ ଗୁରୁ ଗ୍ରହଣ କରିବା ଆବଶ୍ୟକ..... କେବଳ ପାଠ୍ୟ ପୁସ୍ତକ ପାଠ କରି ନୁହେଁ .......

ଜଣେ ଗର୍ବର ସହ ଚିନ୍ତା କରିବା ଉଚିତ୍ ନୁହେଁ ଯେ ସେ ଭଗବାନଙ୍କ ଦିବ୍ୟ ପ୍ରେମମୟୀ ସେବାକୁ କେବଳ ପୁସ୍ତକ ପାଠକରି ଜାଣିପାରିବ । ବ୍ୟକ୍ତିକୁ ଏକ ବୈଷ୍ଣବ ଗୁରୁ ଗ୍ରହଣ କରିବାକୁ ପଡ଼ିବ । (ଆଦୌ ଗୁରୁ ଆଶ୍ରୟମ୍) ଏବଂ ତା'ପରେ ପ୍ରଶ୍ନୋତ୍ତର ମାଧ୍ୟମରେ ଜଣେ ଭଗବାନ କୃଷ୍ଣଙ୍କ ଶୁଦ୍ଧ ଭକ୍ତିମୟୀ ସେବାକୁ ଜାଣିପାରିବ ।

(ଶ୍ରୀ ଚୈତନ୍ୟ ଚରିତାମୃତ, ଅନ୍ତ୍ୟଲୀଳା-୭-୫୩ ଭାବାର୍ଥ)

## ଏହି ଶିଷ୍ୟଗୁଡ଼ିକୁ ଯାହାଙ୍କୁ ମୁଁ ଦୀକ୍ଷା ଦେଉଛି.... ଭବିଷ୍ୟତରେ ସେମାନେ ଆଧ୍ୟାତ୍ମିକ ଗୁରୁ ହେବେ

ଏହି ଛାତ୍ରଗୁଡ଼ିକ ଯେଉଁମାନେ ମୋ ଠାରୁ ଦୀକ୍ଷା ଗ୍ରହଣ କଲେ ମୁଁ ଯେପରି କାର୍ଯ୍ୟ କରୁଛି ସେମାନେ ଠିକ୍ ସେପରି କାର୍ଯ୍ୟ କରିବେ । ଉଦାହରଣସ୍ୱରୂପ ମୋର ଅନେକ ଗୁରୁଭ୍ରାତା ଅଛନ୍ତି ସେମାନେ ମଧ୍ୟ ଏହିପ୍ରକାର କାର୍ଯ୍ୟ କରୁଛନ୍ତି । ଠିକ୍ ସେହିପରି ଏହି ସମସ୍ତ ଶିଷ୍ୟ ଯାହାଙ୍କୁ ମୁଁ ତିଆରି କରୁଛି ବା ଦୀକ୍ଷା ଦେଉଛି ସେମାନେ ଭବିଷ୍ୟତରେ ଆଧ୍ୟାତ୍ମିକ ଗୁରୁ ହେବେ ।

(ଗୃହରେ ବାର୍ତ୍ତାଳାପ, ଜୁଲାଇ-୧୮, ୧୯୭୧)

## ମୁଁ ମୋର ଶିଷ୍ୟମାନଙ୍କୁ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ରୂପେ ଦେଖିବାକୁ ଚାହେଁ

ମୁଁ ମୋର ଶିଷ୍ୟଙ୍କୁ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ରୂପେ ଦେଖିବାକୁ ଚାହେଁ ଏବଂ ସେମାନେ ବିସ୍ତାରିତ ଭାବରେ କୃଷ୍ଣ ଚେତନାକୁ ପ୍ରଚାର କରିବେ । ସେମାନେ ମୋତେ ଓ କୃଷ୍ଣଙ୍କୁ ସୁଖୀ କରାଇବେ । ତୁମେ କଡ଼ାକଡ଼ି ଭାବରେ ତାଙ୍କୁ ତାଲିମ୍ କରାଅ, ତୁମେ ଏକ ଆଧ୍ୟାତ୍ମିକ ଗୁରୁ ହେବ ଏବଂ ତୁମେ ଏହି ପଦ୍ଧତିରେ ଶିଷ୍ୟ ଗ୍ରହଣ କରିପାରିବ କିନ୍ତୁ ଭଦ୍ରତା ଦୃଷ୍ଟିରୁ ତୁମର ଆଧ୍ୟାତ୍ମିକ ଗୁରୁ ପ୍ରକଟ ଥିବା ପର୍ଯ୍ୟନ୍ତ ତୁମେ ଭବିଷ୍ୟତରେ ଶିଷ୍ୟ ହେବାକୁ ଥିବା ବ୍ୟକ୍ତିଙ୍କୁ ତାଙ୍କ ନିକଟକୁ ଆଣ । ତାଙ୍କ ଅନୁପସ୍ଥିତି ବା ଅପ୍ରକଟ ପରେ ତୁମେ ଯେତେ ସଂଖ୍ୟକ ଶିଷ୍ୟ ଗ୍ରହଣ କରିପାର ସେଥିରେ ଯାଏ ଆସେ ନାହିଁ । ତାହାହିଁ ଶିଷ୍ୟ ପରମ୍ପରାର ନିୟମ ଅଟେ ।

(ତୁଷ୍ଟକୃଷ୍ଣଙ୍କ ନିକଟକୁ ପତ୍ର, ଡ଼ିସେମ୍ବର ୨, ୧୯୭୫)

**ମୋର ଅନୁପସ୍ଥିତିରେ ମୋର ସମସ୍ତ ଶିଷ୍ୟ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ହୁଅନ୍ତୁ ଏହା ମୁଁ ଆଶା କରେ.......**

ଯେ କେହି ବ୍ୟକ୍ତି ତା'ର ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁଙ୍କର ଆନୁଗତ୍ୟରେ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କର ନିର୍ଦ୍ଦେଶକୁ ପାଳନ କରୁଛି ସେ ଏକ ଆଧ୍ୟାତ୍ମିକ ଗୁରୁ ହେବେ ଏବଂ ମୋର ଅନୁପସ୍ଥିତିରେ ମୋର ସମସ୍ତ ଶିଷ୍ୟ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ହୋଇ କୃଷ୍ଣ ଚେତନା ସମଗ୍ର ପୃଥିବୀରେ ପ୍ରଚାର କରନ୍ତୁ ଏହା ମୁଁ ଆଶା କରେ ।

(ମଧୁସୂଦନଙ୍କୁ ପତ୍ର, ନବଦ୍ୱୀପ, ନଭେମ୍ବର-୨, ୧୯୬୭)

**"ତୁମେ ଯେତେ ନିମ୍ନ ସ୍ଥିତିକୁ ଯିବ ତୁମେ ସେତେ ଅଧିକ ଅଗ୍ରଗତି କରିବ"**

ଏହାକୁ ପରମ୍ପରା ପଦ୍ଧତି କୁହାଯାଏ । କିଭଳି ଜଣେ କୃଷ୍ଣଙ୍କର ଦାସର ଦାସ ହେବାକୁ ହୁଏ  ତାହା ଶିକ୍ଷା କର । ତୁମେ ଯେତେ ନିମ୍ନ ସ୍ଥିତିକୁ ଯିବ, ସେବକ, ସେବକ, ସେବକ ସେବକ, ସେବକ ଶତ ବାର ସେବକ ତୁମେ ସେତେ ଅଧିକ ଅଗ୍ରଗତି କରିବ ।

(ଭଗବଦ୍ ଗୀତାର ବ୍ୟକ୍ତବ୍ୟ ୨-୨, ଲଣ୍ଡନ, ଅଗଷ୍ଟ ୩, ୧୯୭୩)

# ମରଣୋତ୍ତର ଋତ୍ୱିକ ମତବାଦକୁ ଯୁକ୍ତି ଦ୍ୱାରା ଖଣ୍ଡନ

ମରଣୋତ୍ତର ଋତ୍ୱିକ ତତ୍ତ୍ୱ ଗୋଟିଏ ଭ୍ରାନ୍ତ ଧାରଣା ବୋଲି କୁହାଯାଇଅଛି ଯେ ଜଣେ ଗୁରୁଦେବ ତା'ର ଅପ୍ରକଟ ପରେ ମଧ୍ୟ ସ୍ଥଳାଭିଷିକ୍ତ କୌଣସି ଋତ୍ୱିକି ବା ପୁରୋହିତର ମାଧ୍ୟମରେ ଦୀକ୍ଷା ଗୁରୁ ହିସାବରେ ଦାୟିତ୍ୱ ପାଳନ କରନ୍ତି ।

୧- ବୈଷ୍ଣବ ସଂପ୍ରଦାୟରେ ଜଣେ ତା'ର ପରମ ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣ କରିବାର କୌଣସି ଉଦାହରଣ ନାହିଁ ।

୨- ଜଣେ ନିଜର ପରମ ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣର ମଧ୍ୟ ଶାସ୍ତ୍ରୀୟ ଯୁକ୍ତି ନାହିଁ ।

୩- ନିତ୍ୟାନନ୍ଦ ପ୍ରଭୁଙ୍କ ପୁତ୍ର ବୀରଭଦ୍ର ଗୋସ୍ୱାମୀ ଶ୍ରୀନିବାସ ଆଚାର୍ଯ୍ୟଙ୍କୁ ଏକ ପତ୍ର ମାଧ୍ୟମରେ ବର୍ଣ୍ଣନା କରିଛନ୍ତି ଯେ ସେ ଜୟଗୋପାଳ ନାମକ ଏକ ବ୍ୟକ୍ତିକୁ ତାଙ୍କର ପରମ ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣ କରିବାର ଶୁଣି ତାକୁ ସମାଜଚ୍ୟୁତ କରିଥିଲେ ।

୪- ଏପରି ଯୁକ୍ତି ଦର୍ଶାଇ ଦିଆଯାଏ ଯେ ପ୍ରଭୁପାଦଙ୍କ ଶିଷ୍ୟ ମଧ୍ୟରେ କୌଣସି ଯୋଗ୍ୟତା ସଂପନ୍ନ ଦୀକ୍ଷା ଗୁରୁ ନାହାଁନ୍ତି । ଏଥିରୁ ବୁଝାଯାଏ ଯେ ପ୍ରଭୁପାଦଙ୍କ ଶିକ୍ଷା ଠିକ୍ ଭାବରେ ପ୍ରମାଣିତ ହୋଇନାହିଁ । ତେଣୁ ଯେଉଁମାନେ ଋତ୍ୱିକ ଭାବରେ ଦୀକ୍ଷା ପ୍ରଦାନ କରିଛନ୍ତି ସେମାନଙ୍କର କିଭଳି ଯୋଗ୍ୟତା ଅଛି ବୋଲି ଆମେ ଜାଣିବୁ ?

୫- ଋତ୍ୱିକ ମତବାଦରେ ଦର୍ଶାଯାଇଛି ଯେ କେବଳ ଅସାଧାରଣ କ୍ଷମତାସଂପନ୍ନ ଆଚାର୍ଯ୍ୟ ହିଁ ଗୁରୁ ହୋଇପାରିବେ ଯାହାକି କୌଣସି ଶାସ୍ତ୍ର ବା ବୈଷ୍ଣବ ଧାରାରେ ନାହିଁ ।

୬- ଋତ୍ୱିକ ମତବାଦରେ କୁହାଯାଇଛି ଆଚାର୍ଯ୍ୟ ଶାସ୍ତ୍ରର ବିରୁଦ୍ଧାଚରଣ କରିପାରିବେ ।

୭- ବ୍ୟକ୍ତିର ସ୍ୱାଭାବିକ ଶ୍ରଦ୍ଧା ବା ବିଶ୍ୱାସ ବୃଦ୍ଧି ହେବା ପରିବର୍ତ୍ତେ ଶ୍ରଦ୍ଧା କ୍ରମଶଃ ଦୁର୍ବଳ ହୋଇଥାଏ । ଯାହା ଋତ୍ୱିକ ମତବାଦ ସୃଷ୍ଟି କରିଥାଏ ।

୮- ଋତ୍ୱିକ ଗୁରୁ କେବଳ ଉପଦେଶ ପ୍ରଦାନ କରିଥା'ନ୍ତି କିନ୍ତୁ ଶିଷ୍ୟର ସଂସାରରୁ ମୁକ୍ତି ହେବାର ଦାୟିତ୍ୱ ନିଅନ୍ତି ନାହିଁ ଯାହା ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ କରିଥା'ନ୍ତି ।

ଅତିରିକ୍ତ ଯୁକ୍ତି :

## ଗୁରୁତତ୍ତ୍ୱ

### ଆଚାର୍ଯ୍ୟଙ୍କୁ ଭଗବାନଙ୍କ ସଦୃଶ ସମ୍ମାନ ପ୍ରଦାନ କରିବା ଆବଶ୍ୟକ

ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର କହିଛନ୍ତି "ସାକ୍ଷାଦ୍ଧରିତ୍ୱେନ ସମସ୍ତ ଶାସ୍ତ୍ରୈଉକ୍ତ୍ୟ ସ୍ତଥା ଭାବ୍ୟତ ଏବ ସଦ୍ଭିଃ । ଆଚାର୍ଯ୍ୟ ହେଉଛନ୍ତି ଭଗବାନଙ୍କ ସଦୃଶ । ସାକ୍ଷାଦ୍ଧରିତ୍ୱେନ ଆଚାର୍ଯ୍ୟଙ୍କୁ କୃଷ୍ଣଙ୍କ ସଦୃଶ ସମ୍ମାନିତ କରିବା ଉଚିତ୍ । ସେଥିପାଇଁ ଆଚାର୍ଯ୍ୟ ମାଂ ବିଜାନୀୟଂ ନାବମନ୍ୟେତ୍ କର୍ହିଚିତ୍ । (ଶ୍ରୀ.ଭା.୧୧.୧୭.୨୭) ଯଦି କେହି ନିର୍ବୋଧ ପରି ଭାବେ ସେମାନେ ଏକ ମନୁଷ୍ୟକୁ ପୂଜା କରୁଛନ୍ତି । ସେ ତ ମୋ ପରି, ସେ ଆସନରେ ବସିଛନ୍ତି, ସେ ଶିଷ୍ୟ ଠାରୁ ପୂଜା ଏବଂ ସମ୍ମାନ ଗ୍ରହଣ କରୁଛନ୍ତି । ବେଳେବେଳେ ସେମାନେ ଏହି ପ୍ରକାର ପ୍ରଶ୍ନ କରିଥା'ନ୍ତି । କିନ୍ତୁ ସେମାନେ ଜାଣିନାହାନ୍ତି ଯେ ଆଚାର୍ଯ୍ୟଙ୍କୁ କିପରି ସମ୍ମାନ ପ୍ରଦାନ କରାଯାଏ । ଆଚାର୍ଯ୍ୟଙ୍କୁ ଭଗବାନ ସଦୃଶ ପୂଜା କରିବା ଉଚିତ୍ । ଏହା ଅତିରଞ୍ଜିତ ନୁହେଁ, ଶାସ୍ତ୍ରରେ ଏହାହିଁ କୁହାଯାଇଛି । ଏକ ଆଚାର୍ଯ୍ୟ ଏହି ସମ୍ମାନଙ୍କୁ ଗ୍ରହଣ କରି ପରମପୁରୁଷ ଭଗବାନଙ୍କୁ ପ୍ରଦାନ କରିଥା'ନ୍ତି ।

(ଶ୍ରୀମଦ୍ ଭାଗବତମ୍ ୧.୭.୪୫-୪୬, ବୃନ୍ଦାବନ, ଅକ୍ଟୋବର୫, ୧୯୭୬)

### ଶ୍ରୀମତୀ ରାଧାରାଣୀଙ୍କ ପରିକର ଏବଂ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କର ପ୍ରତିନିଧି

ପ୍ରକୃତ ବୈଦିକ ଦର୍ଶନ ହେଉଛି ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ । ଯାହାକି ଏକକାଳୀନ ଭାବେ ଭଗବାନଙ୍କଠାରୁ ସମାନ ଓ ଭିନ୍ନ । ଶ୍ରୀଲ ରଘୁନାଥ ଦାସ ଗୋସ୍ୱାମୀ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ଏକ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁଙ୍କର ପ୍ରକୃତ ସ୍ଥିତି ହେଉଛି ସେ ମୁକୁନ୍ଦ(ଭଗବାନ କୃଷ୍ଣ)ଙ୍କର ଅତି ଅନ୍ତରଙ୍ଗ ପରିକର । ଶ୍ରୀଲ ଜୀବଗୋସ୍ୱାମୀ ଭକ୍ତି ସନ୍ଦର୍ଭରେ ପରିଷ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଯେ ଆଧ୍ୟାତ୍ମିକ ଗୁରୁ ଓ ଶିବଜୀ ଭଗବାନଙ୍କ ସହ ସମାନ ଅଟନ୍ତି ଏବଂ ଭିନ୍ନ ମଧ୍ୟ ଅଟନ୍ତି । ଶ୍ରୀ ରଘୁନାଥ ଦାସ ଗୋସ୍ୱାମୀ ଓ ଶ୍ରୀଲ ଜୀବ ଗୋସ୍ୱାମୀଙ୍କ ପଥ ଅନୁସରଣ କରି ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ମଧ୍ୟ ସେହି ଏକାମତ ପ୍ରଦର୍ଶନ କରିଛନ୍ତି । ଶ୍ରୀଲ ବିଶ୍ୱନାଥ ଚକ୍ରବର୍ତ୍ତୀଙ୍କ ପ୍ରାର୍ଥନାରେ ଏହା କୁହାଯାଇଛି ଯେ ସମସ୍ତ ଶାସ୍ତ୍ରରେ ଆଧ୍ୟାତ୍ମିକ ଗୁରୁଙ୍କୁ ଭଗବାନଙ୍କ ସହ ସମାନ ବୋଲି ଦର୍ଶାଯାଇଛି । କାରଣ ସେ ଭଗବାନଙ୍କ ଅତି ପ୍ରିୟ ଓ ଅନ୍ତରଙ୍ଗ ପରିକର ଅଟନ୍ତି । ଗୌଡ଼ୀୟ ବୈଷ୍ଣବଗଣ ଗୁରୁଦେବଙ୍କୁ ଭଗବାନଙ୍କ ନିତ୍ୟ ସେବକ ରୂପେ ଜ୍ଞାନ କରିଥା'ନ୍ତି । ସମସ୍ତ ପୌରାଣିକ ଶାସ୍ତ୍ରରେ ଭକ୍ତି ବିନୋଦ ଠାକୁର ଓ ଶ୍ରୀଲ ନିରୋତ୍ତମ ଦାସ ଠାକୁରଙ୍କର ସଙ୍ଗୀତରେ ଗୁରୁଦେବଙ୍କୁ ଶ୍ରୀମତୀ ରାଧାରାଣୀଙ୍କର ନିତ୍ୟ ପରିକର କିମ୍ବା ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କ ପ୍ରକାଶ ବିଗ୍ରହ ବୋଲି କୁହାଯାଇଛି ।

(ଶ୍ରୀ ଚୈତନ୍ୟ ଚରିତାମୃତ, ଆଦିଲୀଳା, ୧.୪୬)

### ଆଧ୍ୟାତ୍ମିକ ଗୁରୁ ଚୈତ୍ୟ ଗୁରୁଙ୍କର ବାହ୍ୟ ପ୍ରକାଶ ଅଟନ୍ତି........

ପରମ ଆଧ୍ୟାତ୍ମିକ ଗୁରୁ ହେଉଛନ୍ତି କୃଷ୍ଣ । ଯାହାକୁ ଚୈତନ୍ୟ ଗୁରୁ ରୂପେ କୁହାଯାଇଛି । ଯେକି ପରମାତ୍ମା ରୂପରେ ସମସ୍ତଙ୍କ ହୃଦୟରେ ଅଛନ୍ତି । ଭଗବଦ୍ ଗୀତାରେ କୁହାଯାଇଛି ଯେ ଆଧ୍ୟାତ୍ମିକ ଗୁରୁଙ୍କୁ ପ୍ରେରଣ କରନ୍ତି । ଆଧ୍ୟାତ୍ମିକ ଗୁରୁ ଚୈତ୍ୟ ଗୁରୁଙ୍କର ବାହ୍ୟ ପ୍ରକାଶ ଅଟନ୍ତି ଏବଂ ଯେ କି ସମସ୍ତଙ୍କ ହୃଦୟ ମଧ୍ୟରେ ଅଛନ୍ତି ।

(ଶ୍ରୀମଦ୍ ଭାଗବତ.୪.୮.୪୪ଭାବାର୍ଥ)

### ଯଦି ତୁମେ ଶୁଦ୍ଧ ଭକ୍ତଙ୍କୁ ଅନୁସରଣ କର ଏବଂ ତୁମେ ମଧ୍ୟ ଶୁଦ୍ଧ ଭକ୍ତ ହୋଇପାରିବ

ଆମେ ଶତକଡ଼ା ଶହ ଭାଗ ଶୁଦ୍ଧ ନ ହୋଇପାରୁ । କିନ୍ତୁ ଯଦି ଆମେ ନିୟମକୁ ଯଥାଯଥ ରୂପେ ପାଳନ କରିବୁ ତାହାହେଲେ ଆମେ ପୂର୍ଣ୍ଣତା ପ୍ରାପ୍ତ ହୋଇପାରିବୁ । ଏହିପ୍ରକାର ଭାବେ ଜଣେ ଜୀବନରେ ପୂର୍ଣ୍ଣତା ଲାଭ କରିବ । ତେଣୁ ବ୍ୟକ୍ତିକୁ ଅନୁସରଣ କରିବା ପାଇଁ ପଡ଼ିବ, ସେହି ଏକା ଉଦାହରଣ ବୁଝିବାକୁ ଚେଷ୍ଟାକରି ଜଣେ ଦକ୍ଷ ଯାନ୍ତ୍ରିକ, ଶାସ୍ତ୍ରଜ୍ଞ ବା କୁଶଳ କାରିଗର କାର୍ଯ୍ୟରତ ଏବଂ କେହି ଜଣେ ତା'ର ନିର୍ଦ୍ଦେଶ ଅନୁସାରେ କାମ କରେ ତେବେ ଯଦି ସେ କଡ଼ାକଡ଼ି ଭାବରେ ଦକ୍ଷ ବ୍ୟକ୍ତିର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରେ ସେ ମଧ୍ୟ ଦକ୍ଷ ହୋଇପାରିବ । ସେ ସଂପୂର୍ଣ୍ଣ ଦକ୍ଷ ନ ହୋଇପାରେ କିନ୍ତୁ ତା'ର କାର୍ଯ୍ୟଦକ୍ଷତା ସୂଚାରୁରୂପେ ସଂପୂର୍ଣ୍ଣ ହେବ । କାରଣ ସେ ଜଣେ ଦକ୍ଷ ବ୍ୟକ୍ତିଙ୍କ ଅଧିନରେ କାର୍ଯ୍ୟ

କରୁଛି । ଯଦି ତୁମେ ଏକ ଶୁଦ୍ଧ ଭକ୍ତଙ୍କୁ ଅନୁସରଣ କର ତୁମେ ମଧ୍ୟ ଶୁଦ୍ଧ ଭକ୍ତ ହୋଇପାରିବ । ଜଣେ ଯେ ଶତକଡ଼ା ଏକଶତ ଭାଗ ଶୁଦ୍ଧ ହୋଇପାରିବ ଏ କଥା ନୁହେଁ । କାରଣ ଆମେ ବଦ୍ଧାବସ୍ଥାରୁ ଉନ୍ନୀତ ହେବା ପାଇଁ ଚେଷ୍ଟା କରୁଛେ । ଯଦି ଆମେ କଡ଼ାକଡ଼ି ଭାବେ ଏକ ଶୁଦ୍ଧ ଭକ୍ତକୁ ଅନୁସରଣ କରୁ ତେବେ ଆମେ ମଧ୍ୟ ଶୁଦ୍ଧ ଭକ୍ତ ହୋଇପାରିବା । ଶୁଦ୍ଧ ଭକ୍ତର ଅର୍ଥ ଏହା ନୁହେଁ ଯେ ଜଣେ ସଙ୍ଗେସଙ୍ଗେ ଶତକଡ଼ା ଶହେ ଭାଗ ଶୁଦ୍ଧ ହୋଇଯିବ । କିନ୍ତୁ ଯଦି ଜଣେ ନିୟମକୁ କଡ଼ାକଡ଼ି ମାନେ ଆମେ ଶୁଦ୍ଧ ଭକ୍ତଙ୍କର ଅନୁସରଣ କରିବା । ତାହାହେଲେ ତାଙ୍କର କ୍ରିୟା ମଧ୍ୟ ସେ ମଧ୍ୟ ଏକ ଶୁଦ୍ଧ ଭକ୍ତ ସଦୃଶ ହୋଇପାରିବ ।

(ଭ.ଗୀ.୨.୧.୧୦, ଲସ୍ ଏଞ୍ଜେଲ୍ସ, ନଭେମ୍ବର ୨୫, ୧୯୬୮)

## ଗୁରୁଙ୍କ ପ୍ରକାର ଭେଦ

### ସେମାନେ ଅଧିକ ନ ହୋଇପାରନ୍ତି ସେମାନେ ଏକ, ଗୁରୁତତ୍ତ୍ୱ....

ଗୁରୁଙ୍କୁ ପ୍ରଥମେ ସମ୍ମାନସୂଚକ ପ୍ରାର୍ଥନା କରାଯାଏ । ବନ୍ଦେ ଗୁରୁନ୍ ଏବଂ ଗୁରୁନ୍ ବହୁ ବନ୍ଦେ ଅଧିକ ଗୁରୁ । କିନ୍ତୁ ପ୍ରକୃତରେ ଅଧିକ ଗୁରୁ ନୁହଁନ୍ତି ସେମାନେ ଏକ ଗୁରୁତତ୍ତ୍ୱ ।

(ଶ୍ରୀଚୈତନ୍ୟ ଚରିତାମୃତ ପ୍ରବଚନ, ଆଦିଲୀଳା ୧.୧, ମାୟାପୁର, ମାର୍ଚ୍ଚ୨୫, ୧୯୭୫)

### ଦୀକ୍ଷା ବ୍ୟକ୍ତିକୁ ପାପପୂର୍ଣ୍ଣ ପ୍ରତିକ୍ରିୟାରୁ ରକ୍ଷା କରେ

**ଦୀକ୍ଷା କାଳେ ଭକ୍ତ କରେ ଆତ୍ମ ସମର୍ପଣ**

**ସେଇ କାଳେ କୃଷ୍ଣ ତାରେ କରେ ଆତ୍ମ ସମ**

ଦୀକ୍ଷା ସମୟରେ ଯେତେବେଳେ ଭକ୍ତ ସଂପୂର୍ଣ୍ଣଭାବରେ କୃଷ୍ଣଙ୍କ ନିକଟରେ ଶରଣାଗତ ହୁଏ ଭଗବାନ କୃଷ୍ଣ ତାଙ୍କୁ ନିଜ ସଦୃଶ ମନେ କରିଥା'ନ୍ତି ।

**ସେଇ ଦେହ କରେ ତାରେ ଚିଦାନନ୍ଦ ମୟ**

**ଅପ୍ରାକୃତ ଦେହେ ତାଁର ଚରଣେ ଭଜୟ**

ଯେତେବେଳେ ଭକ୍ତର ଶରୀର ଅପ୍ରାକୃତ ହୋଇଯାଏ ଏବଂ ସେହି ଦିବ୍ୟ ବା ଅପ୍ରାକୃତ ଶରୀରରେ ସେ କୃଷ୍ଣଙ୍କର ସେବା କରିଥାଏ ।

ଶ୍ରୀ ଚୈତନ୍ୟ ଚରିତାମୃତ ଅନ୍ତ୍ୟଲୀଳା, ୪-୧୯୨-୧୯୩

### ଦୀକ୍ଷା ଓ ଶିକ୍ଷା ଗୁରୁ

ଯେଉଁ ଆଧ୍ୟାତ୍ମିକ ଗୁରୁ ଶାସ୍ତ୍ରର ନିୟମ ଅନୁସାରେ ଦୀକ୍ଷା ପ୍ରଦାନ କରିଥାନ୍ତି ତାଙ୍କୁ ଦୀକ୍ଷା ଗୁରୁ କୁହାଯାଏ ଏବଂ ଯେଉଁ ଆଧ୍ୟାତ୍ମିକ ଗୁରୁ ଉନ୍ନତ ସ୍ତରକୁ ଯିବା ପାଇଁ ଶିକ୍ଷା ପ୍ରଦାନ କରିଥାନ୍ତି ତାଙ୍କୁ ଶିକ୍ଷାଗୁରୁ କୁହାଯାଏ ।

(ଶ୍ରୀ ଚୈତନ୍ୟ ଚରିତାମୃତ ମଧ୍ୟ, ୪.୧୨୪)

**ଦୀକ୍ଷା ପୁରଶ୍ଚର୍ଯ୍ୟ ବିଧି ଅପେକ୍ଷା ନ କରେ**

**ଜିହ୍ୱା ସ୍ପର୍ଶେ ଆଚଣ୍ଡାଳ ସବାରେ ଉଦ୍ଧାରେ**

ବ୍ୟକ୍ତିକୁ ଦୀକ୍ଷା ନିମିତ୍ତ ଅପେକ୍ଷା କରିବାର ଆବଶ୍ୟକତା ନାହିଁ । ସେ କେବଳ ତା'ର ଓଷ୍ଠରେ ଦିବ୍ୟ ହରିନାମକୁ କୀର୍ତ୍ତନ କରିବା ଆବଶ୍ୟକ । ଏକ ଚଣ୍ଡାଳ ବ୍ୟକ୍ତି ମଧ୍ୟ ଭଗବାନଙ୍କର ନାମ ଉଚ୍ଚାରଣ କଲେ ଉଦ୍ଧାର ପାଇପାରିବ ।

(ଶ୍ରୀ ଚୈତନ୍ୟ ମହାପ୍ରଭୁ ସତ୍ୟରାଜ ଖାନ୍‌ଙ୍କ ଉଦ୍ଦେଶ୍ୟରେ, ଶ୍ରୀ ଚୈତନ୍ୟ ଚରିତାମୃତ ମଧ୍ୟ-୧୫-୧୯)

### ଏକ ଆଧ୍ୟାତ୍ମିକ ଗୁରୁ ଶିଷ୍ୟ ପାପପୂର୍ଣ୍ଣ କ୍ରିୟାକୁ ଗ୍ରହଣ କରିଥା'ନ୍ତି

ପ୍ରଥମ ଦୀକ୍ଷାରେ ଆଧ୍ୟାତ୍ମିକ ଗୁରୁ ଶିଷ୍ୟର ପାପପୂର୍ଣ୍ଣ ପ୍ରତିକ୍ରିୟାକୁ ଗ୍ରହଣ କରିଥାନ୍ତି । ମୁଁ ଦୀକ୍ଷା ଦେଇପାରେ । କିନ୍ତୁ ମୁଁ କ'ଣ କରିବି ? ଭଗବାନଙ୍କର ସେବା ପାଇଁ ମୁଁ ନର୍କ ଯିବା ପାଇଁ ପ୍ରସ୍ତୁତ ।

(ଯଦୁରାଣୀଙ୍କ ନିକଟକୁ ଚିଠି, ନିଉ ବୃନ୍ଦାବନ, ୪, ସେପ୍ଟେମ୍ବର-୧୯୭୨)

### ଶ୍ରବଣର ପ୍ରଥମ ଦିନରେ ତାହାର ଶାଶ୍ୱତ ଚୁକ୍ତିପତ୍ରର କାର୍ଯ୍ୟ ଆରମ୍ଭ ହୁଏ

ତୁମର ପ୍ରଶ୍ନ ଅନୁସାରେ ଦ୍ୱିତୀୟ ବା ଗାୟତ୍ରୀ ଦୀକ୍ଷା ହିଁ ପ୍ରକୃତ ଦୀକ୍ଷା । ପ୍ରଥମ ଦୀକ୍ଷା ହିଁ ପ୍ରାରମ୍ଭିକ । କେବଳ ତାକୁ ପ୍ରସ୍ତୁତ ହେବା ଉଦ୍ଦେଶ୍ୟରେ । ଯେପରି ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପ୍ରଥମ ଦୀକ୍ଷା ବ୍ୟକ୍ତିକୁ ବିଶୁଦ୍ଧ କରେ ଏବଂ ଯେତେବେଳେ ସେ ପ୍ରକୃତରେ ବିଶୁଦ୍ଧ ହୋଇଯାଏ ତାହା ପରେ ସେ ବ୍ରାହ୍ମଣ ରୂପରେ ବିବେଚିତ ହୁଏ ଏବଂ ତାହାହିଁ ପ୍ରକୃତ ଦୀକ୍ଷା । ଆଧ୍ୟାତ୍ମିକ ଗୁରୁ ଏବଂ ଶିଷ୍ୟଙ୍କ ମଧ୍ୟରେ ଶାଶ୍ୱତ ଚୁକ୍ତିପତ୍ର ଶ୍ରବଣ କରିବା ଦିନ ଠାରୁ ହିଁ ଆରମ୍ଭ ହୋଇଥାଏ । ଠିକ୍ ମୋର ଆଧ୍ୟାତ୍ମିକ ଗୁରୁଙ୍କ ଭଳି ୧୯୨୨ ମସିହାରେ ମୋ ସହିତ ପ୍ରଥମ ସାକ୍ଷାତରେ ସେ କହିଲେ ତୁମେ ଶିକ୍ଷିତ ବାଳକ । ତୁମେ କାହିଁକି ଏ ଧର୍ମ ମାର୍ଗକୁ ପ୍ରଚାର କରୁନାହଁ ? ତାହାହିଁ ଆରମ୍ଭ ଥିଲା । ବର୍ତ୍ତମାନ ତାହା ସତ୍ୟରେ ପରିଣତ ହେଲା । ଏହାର ଅର୍ଥ ସେହିଦିନ ଠାରୁ ସଂପର୍କ ଆରମ୍ଭ ହେଲା ।

(ଯଦୁରାଣୀଙ୍କ ନିକଟକୁ ଚିଠି- ନିଉବୃନ୍ଦାବନ, ସେପ୍ଟେମ୍ବର ୪, ୧୯୭୨)

## ଗୁରୁ ପରମ୍ପରା ଧାରା

### ପ୍ରଥମେ ମୋର ଭକ୍ତର ଭକ୍ତ ହୁଅ । ଦାସ ଦାସ ଦାସାନୁଦାସଃ....

ଆମେ କୃଷ୍ଣଙ୍କ ନିକଟକୁ ଲକ୍ଷ୍ୟ ପ୍ରଦାନ କରି ଯାଇପାରିବା ନାହିଁ । ତାହା ଅନ୍ୟ ଏକ ବୋକାମୀ । ଆମେ ଗୁରୁଙ୍କ ମାଧ୍ୟମରେ କୃଷ୍ଣଙ୍କ ନିକଟକୁ ଯାଇପାରିବା । ତାହାହିଁ ପରମ୍ପରାର ଧାରା । କୃଷ୍ଣ ଏତେ ଶସ୍ତା ନୁହଁନ୍ତି ଯେ ଆମେ ତାଙ୍କ ନିକଟକୁ ଲମ୍ଫ ପ୍ରଦାନ କରିଦେବେ । କେହି ଜଣେ କହନ୍ତି "ଆଃ କାହିଁକି ମୁଁ ଗୁରୁ ଗ୍ରହଣ କରିବି ? ମୁଁ କୃଷ୍ଣଙ୍କ ନିକଟକୁ ସିଧାସଳଖ ଯାଇପାରିବି । ନାଁ, କୃଷ୍ଣ ତାହା ଗ୍ରହଣ କରିବେ ନାହିଁ । ମଦ୍ ଭକ୍ତଃ ପୂଜାଭ୍ୟଧିକଃ । କୃଷ୍ଣ କହିଛନ୍ତି "ପ୍ରଥମେ ତୁମେ ମୋର ଭକ୍ତର ଭକ୍ତ ହୁଅ । ଚୈତନ୍ୟ ମହାପ୍ରଭୁ କହିଛନ୍ତି "ଗୋପୀ ଭର୍ତ୍ତୁ ପାଦକମଳୋୟଃ ଦାସ ଦାସ ଦାସାନୁଦାସ" ମୁଁ କୃଷ୍ଣଙ୍କର ଦାସର ଦାସର ଦାସର ଦାସ ।

(ଭଗବଦ୍ ଗୀତାର ପ୍ରବଚନ ୨-୨, ଲଣ୍ଡନ, ଅଗଷ୍ଟ ୩, ୧୯୭୩)

### ଏକ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ଶିଷ୍ୟର ବୋକାମୀକୁ ସିଧାସଳଖ ଭାବରେ ସୂଚିତ କରିଥାନ୍ତି.......

ଏକ ବ୍ୟକ୍ତି ଯେ ଜଡ଼ ବିଦ୍ୟା ବା ତଥାକଥିତ ଶିକ୍ଷାରେ ପାରଙ୍ଗମ ହୋଇଥିବା ହେତୁ ନିଜକୁ ଦାମ୍ଭିକ ମନେକରନ୍ତି ଏବଂ ଯାହାଙ୍କର ନମ୍ରତା ନାହିଁ ସେ ଗୁରୁଙ୍କର ସୁରକ୍ଷା ମଧ୍ୟରେ ରହିବାକୁ ଚାହାଁନ୍ତି ନାହିଁ ସେ ଭାବନ୍ତି ତାଙ୍କର ଆଧ୍ୟାତ୍ମିକ ଗୁରୁଙ୍କର ଆବଶ୍ୟକତା ନାହିଁ ଏବଂ ତାଙ୍କର ନିଜର ପ୍ରଚେଷ୍ଟା ବଳରେ ସେ ଜୀବନରେ ସର୍ବୋଚ୍ଚ ପୂର୍ଣ୍ଣତା ଲାଭ କରିପାରିବେ । ସେହିପରି ବ୍ୟକ୍ତିମାନେ ବେଦାନ୍ତ ସୂତ୍ର ପାଠ କରିବା ନିମିତ୍ତ ଯୋଗ୍ୟ ନୁହଁନ୍ତି । ସେମାନେ ମାୟାର ଯନ୍ତା ମଧ୍ୟରେ ରହିଥାନ୍ତି ସେମାନେ ଶିଷ୍ୟ ପରମ୍ପରାର ନିୟମକୁ ମାନନ୍ତି ନାହିଁ କିନ୍ତୁ ସେମାନେ ତାଙ୍କ ନିଜ ମନ ଢ଼ଙ୍ଗରେ ବେଦାନ୍ତ ସୂତ୍ରକୁ ବୁଝିବାକୁ ଚେଷ୍ଟା କରନ୍ତି । ଏକ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ଏହି ମନନଶୀଳ ବ୍ୟକ୍ତିଙ୍କର ସ୍ୱାଧିନ ଚେତା ମନୋଭାବକୁ ନିରୁତ୍ସାହିତ କରିଥାନ୍ତି । ଯଦି ଜଣେ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ଶିଷ୍ୟର ବୋକାମୀ ସଂପର୍କରେ ସୂଚିତ କରାନ୍ତି ତାହାହେଲେ ତାଙ୍କୁ ଅନ୍ୟଥା ମନେ କରିବା ଉଚିତ୍ ନୁହେଁ ।

(ଶ୍ରୀ ଚୈତନ୍ୟ ଶିକ୍ଷାମୃତ, ୧୮ ପ୍ରକାଶାନନ୍ଦଙ୍କ ସହିତ ବାର୍ତ୍ତାଳାପ)

### ଠାକୁର ଭକ୍ତିବିନୋଦ ଶ୍ରୀଳ ଗୌରକିଶୋର ଦାସ ବାବାଜୀ ମହାରାଜଙ୍କର କ୍ଷମତାପ୍ରାପ୍ତ ଗୁରୁ ନ ଥିଲେ

ଭକ୍ତିବିନୋଦ ଠାକୁର ଶ୍ରୀଳ ଗୌର କିଶୋର ଦାସ ବାବାଜୀ ମହାରାଜଙ୍କର କ୍ଷମତାପ୍ରାପ୍ତ ଗୁରୁ ନ ଥିଲେ । ଗୌର କିଶୋର ଦାସ ବାବାଜୀ ତ୍ୟାଗୀ ଏବଂ ପରମହଂସ ଥିଲେ । ଭକ୍ତିବିନୋଦ ଠାକୁର ଯେତେବେଳେ ଗୃହସ୍ଥ ଭାବରେ କାର୍ଯ୍ୟ ନିର୍ବାହ କରୁଥିଲେ ଗୌର କିଶୋର ଦାସ ବାବାଜୀ ମହାରାଜ ତାଙ୍କୁ ଦିଗ୍‌ଦର୍ଶନ ଭାବରେ ଗ୍ରହଣ କରିଥିଲେ । ତାଙ୍କର ଆଧ୍ୟାତ୍ମିକ ବୁଝାମଣା ଉନ୍ନତ ସ୍ଥିତିରେ ଥିବା ହେତୁ ସେ ତାଙ୍କୁ ଆଧ୍ୟାତ୍ମିକ ଗୁରୁ ହିସାବରେ ଗ୍ରହଣ କରିଥିଲେ । ଆଧ୍ୟାତ୍ମିକ ଗୁରୁଙ୍କୁ ଦୁଇଭାଗରେ ବିଭକ୍ତ କରାଯାଏ । ପ୍ରଥମରେ ଶିକ୍ଷା ଗୁରୁ ଓ ଦୀକ୍ଷା ଗୁରୁ । ଶ୍ରୀଳ ଭକ୍ତିବିନୋଦ ଠାକୁର ଗୌରକିଶୋର ଦାସ ବାବାଜୀ ମହାରାଜଙ୍କର ଶିକ୍ଷା ଗୁରୁ ଥିଲେ ।

(ଦୟାନନ୍ଦଙ୍କ ନିକଟକୁ ଚିଠି, ଆଲଷ୍ଟନ, ମେ, ୧-୧୯୬୯)

**ଶିଷ୍ୟ ପରମ୍ପରାର ଅର୍ଥ ଏହା ନୁହେଁ ଯେ ବ୍ୟକ୍ତିକୁ ସିଧାସଳଖ ଭାବରେ ଶିଷ୍ୟତ୍ୱ ଗ୍ରହଣ କରିବାକୁ ପଡ଼ିବ ।**

ଆଉ ଗୋଟିଏ କଥା ଶିଷ୍ୟ ପରମ୍ପରାର ଅର୍ଥ ଏହା ନୁହେଁ ଯେ ବ୍ୟକ୍ତିକୁ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଠାରୁ ଦୀକ୍ଷା ଗ୍ରହଣ କରିବାକୁ ପଡ଼ିବ । ଭଗବଦ୍ ଗୀତାରେ ସିଦ୍ଧାନ୍ତ ଆମେ ବର୍ଣ୍ଣନା କରିବାକୁ ପ୍ରୟାସ କରିଛୁ । ଆଉ ଗୋଟିଏ ଉଦାହରଣ ଗୋଟିଏ ବୃକ୍ଷରେ ବହୁତ ଶାଖା ପ୍ରଶାଖା ଅଛି ଏବଂ ତୁମେ ଗୋଟିଏ ଶାଖାରୁ ଗୋଟିଏ ପତ୍ର ଓ ଅନ୍ୟ ଗୋଟିଏ ଶାଖାରୁ ଆଉ ଗୋଟିଏ ପତ୍ର ଆଣିଲ । ଦୁଇଟି ପତ୍ରକୁ ତୁମେ ସ୍ପର୍ଶ କଲେ ଜାଣିପାରିବ ତାହା ଏକା ଉପାଦାନର । ତୁମେ ସ୍ପର୍ଶ କରି ଜାଣିପାରିବ ଯେ ଦୁଇଟି ପତ୍ର ସେଇ ଗୋଟିଏ ନିର୍ଦ୍ଦିଷ୍ଟ ବୃକ୍ଷର ।

(କୀର୍ତ୍ତନାନନ୍ଦଙ୍କୁ ଚିଠି, ଲସ୍ ଏଞ୍ଜେଲସ, ୨୫ ଜାନୁୟାରୀ-୧୯୬୯)

**ଗୁରୁ ଏକ ଅଟନ୍ତି**

ଗୁରୁ ଏକ ଅଟନ୍ତି । କାରଣ ସେ ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଆସୁଛନ୍ତି । ଯାହା କୃଷ୍ଣ ଓ ବ୍ୟାସଦେବ ପାଞ୍ଚ ହଜାର ବର୍ଷ ପୂର୍ବରୁ ଶିକ୍ଷା ଦେଇଥିଲେ । ତାହା ବର୍ତ୍ତମାନ ଶିକ୍ଷା ଦିଆଯାଉଅଛି । ଦୁଇ ଶିକ୍ଷା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯଦିଓ ହଜାର ହଜାର ଆଚାର୍ଯ୍ୟ ଆସୁଛନ୍ତି ଏବଂ ଯାଉଛନ୍ତି କିନ୍ତୁ ବାର୍ତ୍ତା ଏକ । ପ୍ରକୃତ ଗୁରୁ ଦ୍ୱୈତ ହୋଇପାରିବେ ନାହିଁ । ପ୍ରକୃତ ଗୁରୁ କେବେହେଲେ ପୂର୍ବ ଅଧିକାରୀଙ୍କ ଶିକ୍ଷାରୁ ବିଚ୍ୟୁତ ହେବେ ନାହିଁ ।

(ଆତ୍ମ ବିଜ୍ଞାନ, ୨କ, ଶ୍ରୀ ଗୁରୁଦେବ କ'ଣ, ଜଣେ ଆଧ୍ୟାତ୍ମିକ ଗୁରୁ ନିର୍ଣ୍ଣୟ କରିବା)

## ତୃତୀୟ ଅଧ୍ୟାୟ ଶ୍ରୀଲ ପ୍ରଭୁପାଦ ଇସ୍କନ ପ୍ରତିଷ୍ଠାତା ଆଚାର୍ଯ୍ୟ

### ଅଧ୍ୟାୟର ପାଠ୍ୟ

- ପ୍ରତିଷ୍ଠାତା ଆଚାର୍ଯ୍ୟଙ୍କର କର୍ତ୍ତବ୍ୟ
- ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ କ୍ଷମତା ସଂପନ୍ନ ପ୍ରତିନିଧି ଶ୍ରୀଲ ପ୍ରଭୁପାଦ
- ଭବିଷ୍ୟତରେ ଇସ୍କନ

**ପ୍ରାଣ ପ୍ରତିଷ୍ଠାତା ଆଚାର୍ଯ୍ୟଙ୍କର କର୍ତ୍ତବ୍ୟ**

**ପ୍ରତିଷ୍ଠାତା:**

- ଗୋଟିଏ ଭିତ୍ତି ବା ଦୃଢ଼ ସମର୍ଥନ ଦେବା
- ଗଭୀରଭାବେ କୌଣସି ବିଷୟ ବା ସିଦ୍ଧାନ୍ତ ବୁଝାଇବା ବା ସ୍ଥାପନ କରିବା
- ଚିରସ୍ଥାୟୀତ୍ୱର ଅବସ୍ଥା ପ୍ରଥମ ଭାବରେ କରିବା ............

ଶ୍ରୀଲ ପ୍ରଭୁପାଦ କେଉଁ ଭାବରେ ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ହିସାବରେ କର୍ତ୍ତବ୍ୟ ପାଳନ କରୁଛନ୍ତି ତାହା ନିମ୍ନରେ ଉଲ୍ଲେଖ କର ।

**ଇସ୍କନର ପ୍ରତ୍ୟେକ ଭକ୍ତଙ୍କ ସହ ଶ୍ରୀଲ ପ୍ରଭୁପାଦଙ୍କ ଅଦ୍ୱିତୀୟ ସମ୍ବନ୍ଧ ।**

ଅନ୍ତରାଷ୍ଟ୍ରୀୟ କୃଷ୍ଣଚେତନା ସଂଘ (ଇସ୍କନ)ର ପ୍ରତିଷ୍ଠାତା ଆଚାର୍ଯ୍ୟଭାବରେ ସେ ସଂଘରେ ଶ୍ରେଷ୍ଠ ଶିକ୍ଷକ ଏବଂ ସର୍ବୋତ୍ତମ ଅଧିକାରୀ ଅଟନ୍ତି । ଇସ୍କନର ପ୍ରତ୍ୟେକ ଭକ୍ତଙ୍କ ନିକଟରେ ଶ୍ରୀଲ ପ୍ରଭୁପାଦଙ୍କର ଏକ ଅଦ୍ୱିତୀୟ ସମ୍ବନ୍ଧ ରହିଛି ।

ଶ୍ରୀଲ ପ୍ରଭୁପାଦଙ୍କ ସ୍ଥିତି ଉପରେ ଜିବିସିର ମତ (ମାର୍ଚ୍ଚ, ୨୦୧୩)

**ଶ୍ରୀଲ ପ୍ରଭୁପାଦ**

**ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କର କ୍ଷମତାସଂପନ୍ନ ପ୍ରତିନିଧି**

ଏହି ଆଧୁନିକ ଯୁଗରେ କାହିଁକି ଆମେ ଶ୍ରୀଲ ପ୍ରଭୁପାଦଙ୍କୁ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କର କ୍ଷମତାସଂପନ୍ନ ପ୍ରତିନିଧି ରୂପରେ ଗ୍ରହଣ କରିବା ନିମ୍ନରେ ତାହା ଦର୍ଶାଅ :

**ମୋର ସେନାପତି ଭକ୍ତ**

**ଏବେ ନାମ ସଂକୀର୍ତ୍ତନେ ତୀକ୍ଷ୍ଣ ଗଡ ଲୟାଁ ଅନ୍ତରେ ଅସୁର ଜୀବେର ଫେଲିବେ କାଟିୟା**

**ଯଦି ପାପୀ ଛାଡ଼ି ଧର୍ମ ଦୂରେ ଦେଶେ ଯାୟ ମୋର ସେନାପତି ଭକ୍ତ ଯାଇବେ ତଥାୟ**

ସମ୍ମିଳିତ ହରେକୃଷ୍ଣ ମହାମନ୍ତ୍ରର ସ୍ୱରୂପ ତୀକ୍ଷ୍ଣ ଖଡ୍ଗକୁ ଧାରଣ କରି ମୁଁ ବଦ୍ଧ ଜୀବର ଆସୁରିକ ମନୋବୃତ୍ତିକୁ ଧ୍ୱଂସ କରିବି । ଯଦି କେହି ପାପୀ ଧର୍ମ ତ୍ୟାଗ କରି ଦୂରଦେଶକୁ ଯାତ୍ରା କରେ, ମୋର ସେନାପତି ଭକ୍ତ ମଧ୍ୟ ସେଠାରେ ପହଞ୍ଚିବ ।

(ଲୋଚନ ଦାସ ଠାକୁର, ଚୈତନ୍ୟ ମଙ୍ଗଳ, ସୂତ୍ର ଖଣ୍ଡ ଗୀତ ନଂ.୧୨, ୫୬୪-୫୬୫)

**ଭବିଷ୍ୟତରେ ଇସ୍କନ୍**

ପ୍ରଭୁପାଦଙ୍କୁ ଇସ୍କନ ଭବିଷ୍ୟତର ପ୍ରତିଷ୍ଠାତା ଆଚାର୍ଯ୍ୟ ଏବଂ ମୂଳ ଶିକ୍ଷାଗୁରୁ ରୂପେ ସୁନିଶ୍ଚିତ କରିବାକୁ ହେଲେ କେଉଁସବୁ ଉପାୟ ଅବଲମ୍ବ କରିବା ? ନିଜର ସୁଚିନ୍ତିତ ମତ ପ୍ରଦାନ କର ।

**ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କର ମୁଁ କେବଳ ଏକ ବାର୍ତ୍ତାବହ ମାତ୍ର ।**

ତୁମେ ମୋର ପୁସ୍ତକର ମୋର ପତ୍ରର ଏବଂ ସଭା ସଂପର୍କରେ ଅନୁକୂଳ ମତ ପ୍ରଦାନ କରିଥିବାରୁ ଧନ୍ୟବାଦ । ସେଗୁଡ଼ିକ ମୋର ବାକ୍ୟ ନୁହେଁ । ମୁଁ ବହୁ ପୂର୍ବରୁ ବାରମ୍ବାର ତୁମକୁ କହିଛି ମୁଁ କେବଳ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କର ବାର୍ତ୍ତାକୁ ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ପ୍ରଚାର କରୁଛି । ମୁଁ କିଛି ମିଶ୍ରଣ କିମ୍ବା ବିଯୁକ୍ତ କରୁ ନାହିଁ । ଠିକ୍ ସେହିପରି ତୁମେମାନେ ସେହି ବାର୍ତ୍ତାକୁ ଠିକ୍ ସେହିପରି ଗ୍ରହଣ କର । ତେବେ ଦିବ୍ୟ ପରମ୍ପରା ପଦ୍ଧତି ଠିକ୍ ରୂପେ ପରିଚାଳିତ ହେବ ଏବଂ ସାଧାରଣ ଲୋକ ତଦ୍ଦ୍ୱାରା ଉପକୃତ ହେବେ ।

(ଭଗବାନକୁ ଦେଇଥିବା ଏକ ପତ୍ର
ଲସ୍ ଏଞ୍ଜେଲ୍ସ ଜାନୁୟାରୀ ୧୧, ୧୯୭୦)

## ଚତୁର୍ଥ ଅଧ୍ୟାୟ ଇସ୍କନ ଗୁରୁବୃନ୍ଦ

### ଅଧ୍ୟାୟର ପାଠ୍ୟ

- ଶିଷ୍ୟର ଗୁଣାବଳୀ
- ଇସ୍କନ ଗୁରୁଙ୍କ ବିଚାରଧାରା
- ଗୁରୁ ଏବଂ ଇସ୍କନ ଅଧିକାରୀଙ୍କର ନିର୍ଦ୍ଦେଶାବଳୀ
- ଇସ୍କନର ବାହାରେ ଥିବା ଗୁରୁ ସମୂହ

**ଶିଷ୍ୟର ଲକ୍ଷଣ ବା ଗୁଣ ସମୂହ**

ଶିଷ୍ୟର କିଛି ଗୁରୁତ୍ୱପୂର୍ଣ୍ଣ ଗୁଣାବଳୀ ନିମ୍ନରେ ତାଲିକାଭୁକ୍ତ କର


**ଇସ୍କନ ଗୁରୁଙ୍କ ବିଚାରଧାରା**

ଆପଣଙ୍କ ମତରେ, ସାଧାରଣ ଭାବେ, ଜଣେ ଇସ୍କନ ଗୁରୁଙ୍କର (ବର୍ତ୍ତମାନ ଓ ଭବିଷ୍ୟତ) ନିମ୍ନ ବିଷୟଗୁଡ଼ିକୁ ନେଇ କେଉଁ ଧରଣର ମନୋଭାବ ପୋଷଣ କରିବା ଉଚିତ୍ ?

- ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷା
- ଇସ୍କନ ମଧ୍ୟରେ ଅଧିକାରୀଙ୍କର ଗଠନ ପ୍ରଣାଳୀ

ତୁମର ନିଜର ମତ ପ୍ରଦାନ କର

ଇସ୍କନ ଗୁରୁ ଓ ଇସ୍କନ କର୍ତ୍ତୃପକ୍ଷ ମଧ୍ୟରେ ସଂପର୍କ




ଦ୍ରଷ୍ଟବ୍ୟ : ଉପରୋକ୍ତ ଚାର୍ଟଟି ଶିକ୍ଷାର ପ୍ରୟୋଜନୀୟତା ନିମିତ୍ତ ବ୍ୟବହୃତ ହୋଇଛି । ଏହା କୌଣସି ପ୍ରଶାସନିକ ଚାର୍ଟ ନୁହେଁ । ଏଠାରେ ଦର୍ଶାଯାଇଛି ଯେ ଇସ୍କନ ସଦସ୍ୟ ଶ୍ରୀଲ ପ୍ରଭୁପାଦ ଓ ଜିବିସିର ନିର୍ଦ୍ଦେଶମତେ ସେବା କରନ୍ତି ଏବଂ ଇସ୍କନର ମଧ୍ୟ ଆମ୍ଭମାନଙ୍କର ବହୁବିଧ କର୍ତ୍ତୃପକ୍ଷ ଅଛନ୍ତି, ସେମାନଙ୍କୁ ସମ୍ମାନ ଜଣାଇବା ଏବଂ ସହଯୋଗୀତା ମାଧ୍ୟମରେ ସେବା କରିବା ଉଚିତ୍ ।

## ଗୁରୁ ଏବଂ ଇସ୍କନ ଅଧିକାରୀଙ୍କ ନିର୍ଦ୍ଦେଶାବଳୀ

### ଦଳଗତ କାର୍ଯ୍ୟ

ଛୋଟ ନାଟକ ମାଧ୍ୟମରେ ଏହାକୁ ପ୍ରଦର୍ଶନ କରାନ୍ତୁ :

ସ୍ଥାନୀୟ ଇସ୍କନ କର୍ତ୍ତୃପକ୍ଷ ଦେଇଥିବା ନିର୍ଦ୍ଦେଶ ଏବଂ ନିଜ ଗୁରୁଙ୍କ ନିର୍ଦ୍ଦେଶ ଭିନ୍ନ ହେବା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ମୁକାବିଲା କରିବାର ଏକ ବେଠିକ୍ ପନ୍ଥା ।

ସ୍ଥାନୀୟ ଇସ୍କନ କର୍ତ୍ତୃପକ୍ଷ ଦେଇଥିବା ନିର୍ଦ୍ଦେଶ ଏବଂ ନିଜ ଗୁରୁଙ୍କ ନିର୍ଦ୍ଦେଶ ଭିନ୍ନ ହେବା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ମୁକାବିଲା କରିବାର ଏକ ସଠିକ୍ ପନ୍ଥା ।

**ନିମ୍ନ ଖାଲି ସ୍ଥାନରେ ନାଟକରୁ ଲବ୍ଧ ବ୍ୟାଖ୍ୟା ଓ ଉଦ୍ଧୃତିଗୁଡ଼ିକୁ ନେଇ ଲେଖ ।**

### ଇସ୍କନ ବାହାରର ଗୁରୁବୃନ୍ଦ

ସୁବିଧା ସୁଯୋଗଗୁଡ଼ିକର ତାଲିକାଭୁକ୍ତ କର, ଇସ୍କନ ଭିତରୁ ଶିକ୍ଷା ଗୁରୁ ଦୀକ୍ଷା ଗୁରୁ ଗ୍ରହଣ କରି ।

## ଇସ୍କନ ଗୁରୁଙ୍କର ଦୃଷ୍ଟିଭଙ୍ଗୀ

### ଶ୍ରୀଲ ପ୍ରଭୁପାଦ ଏବଂ ଆମର ଗୁରୁ ପରମ୍ପରାର ସେବା

ଶ୍ରୀଲ ପ୍ରଭୁପାଦ ତାଙ୍କର ପୁସ୍ତକରେ ଏବଂ ପ୍ରବଚନରେ ଯେଉଁ ଉପଦେଶ ପ୍ରଦାନ କରିଛନ୍ତି ତାହାକୁ ଯଥାନୁରୂପ ଭାବେ ପାଳନ କରି ଇସ୍କନର ଶିକ୍ଷା ଓ ଦୀକ୍ଷା ଗୁରୁଙ୍କ ଠାରୁ ଶିକ୍ଷା ଦୀକ୍ଷା ଗ୍ରହଣ କରିବା । ଶ୍ରୀଲ ପ୍ରଭୁପାଦଙ୍କ ତରଫରୁ ପ୍ରତିନିଧିତ୍ୱ କରି ଶିକ୍ଷା ଗୁରୁ ତାଙ୍କର ବାଣୀ, ନିଜର ଆଚରଣକୁ ଶିକ୍ଷା ଦେବା ଏବଂ ଶ୍ରୀଲ ପ୍ରଭୁପାଦଙ୍କ ତରଫରୁ ଦୀକ୍ଷା ଗୁରୁ ତଦ୍ରୂପ

ଭାବରେ ଆଧ୍ୟାତ୍ମିକ ଉପଦେଶ, ଉତ୍ସାହସୂଚକ ବାଣୀ, ଦୀକ୍ଷା ଆଧ୍ୟାତ୍ମିକ ନାମ, ପରେ ପରେ ଗାୟତ୍ରୀ ମନ୍ତ୍ର ଏବଂ ଏକ ସୁଯୋଗ୍ୟ ଶିଷ୍ୟକୁ ଶ୍ରୀଲ ପ୍ରଭୁପାଦ ଏକ ଆମର ଗୁରୁ ପରମ୍ପରାଙ୍କର ସେବା ଉଦ୍ଦେଶ୍ୟରେ ଗ୍ରହଣ କରିଛନ୍ତି ।

(୩୦୩. ଜି.ବି.ସି.ର ମନ୍ତବ୍ୟ, ମାର୍ଚ୍ଚ ୨୦୧୩)

**ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କର ଗଭର୍ଣ୍ଣିଂ ବଡ଼ି.........**

ଅପ୍ରକଟର ଅବ୍ୟବହିତ ପୂର୍ବରୁ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ତାଙ୍କର ଶିଷ୍ୟ ପ୍ରଶିଷ୍ୟମାନଙ୍କୁ ଐକ୍ୟବଦ୍ଧ ଭାବରେ ରହିବା ପାଇଁ ଏକ ଶାସନ ନୀତି ନିର୍ଦ୍ଧାରିତ ଦଳ ଗଠନ କରିବା ପାଇଁ କହିଥିଲେ । ସେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ପରବର୍ତ୍ତି ଆଚାର୍ଯ୍ୟ ରୂପରେ ସ୍ୱୀକାର କରିନଥିଲେ । କିନ୍ତୁ ସେ ଅପ୍ରକଟ ହୋଇଗଲା ପରେ ତାଙ୍କର ସଂପାଦକ ଯୋଜନା ପ୍ରସ୍ତୁତ କରି ଆଚାର୍ଯ୍ୟର ପଦବୀ ଗ୍ରହଣ କରିବା ପାଇଁ ଉତ୍ସୁକ ହେଲେ । ଯାହାଫଳରେ ସଂସ୍ଥା ଦୁଇଭାଗ ହୋଇଗଲା ଏବଂ କିଏ ଆଚାର୍ଯ୍ୟ ହେବେ ସ୍ଥିର ହୋଇପାରିଲା ନାହିଁ । ଶେଷରେ ଦୁଇଦଳ ଅନାବଶ୍ୟକ ହୋଇଗଲେ ଯେହେତୁ ସେମାନେ ଆଧ୍ୟାତ୍ମିକ ଗୁରୁଙ୍କର ଉପଦେଶ ଗ୍ରହଣ କଲେ ନାହିଁ ।

(ଶ୍ରୀଚୈତନ୍ୟ ଚରିତାମୃତ, ଆଦି ୧୨.୮)

## ଗୁରୁ ଏବଂ ଇସ୍କନ ଅଧିକାରୀଙ୍କ ନିର୍ଦ୍ଦେଶାବଳୀ

### ଶ୍ରୀଲ ପ୍ରଭୁପାଦଙ୍କ ନୀତିକୁ ମାନିବା କିନ୍ତୁ ଜି.ବି.ସି.ଙ୍କର ଉପଦେଶକୁ ନ ମାନିବା

ଯେତେବେଳେ ସେମାନେ କୁହନ୍ତି ଆମେ ଇସ୍କନ କିମ୍ବା ଜିବିସିକୁ ଭଲପାଉନାହୁଁ ସେମାନେ ପ୍ରକୃତରେ ମୋତେ ଭଲପାଆନ୍ତି ନାହିଁ କିମ୍ବା ମୋର ଉପଦେଶକୁ ଅନୁସରଣ କରନ୍ତି ନାହିଁ । ଏହାର ଅର୍ଥ ହେଉଛି ସେମାନଙ୍କର ମୋର ଉପଦେଶ ଉପରେ ବିଶ୍ୱାସ ନାହିଁ । ତାହାର ଅର୍ଥ ସେମାନଙ୍କର ମୋ ଉପରେ ମଧ ବିଶ୍ୱାସ ନାହିଁ । ତାହାର ଅର୍ଥ ଗୁରୁ ଅପରାଧ । ସେମାନେ ମୋତେ ବିଶ୍ୱାସ କରନ୍ତି ବୋଲି ଯାହା କୁହନ୍ତି ତାହା କେବଳ ଭଣ୍ଡାମୀ ଅଟେ ।

(୧୯୭୫ ଫେବୃୟାରୀ ୮, ଇସ୍କନ ହନଲ, ଶ୍ରୀଲ ପ୍ରଭୁପାଦ ଲୀଳାମୃତ)

**ଇସ୍କନ ବାହାରେ ଥିବା ଗୁରୁ**

**ଯେଉଁମାନେ ଆମର ଧାରାରେ ନାହାନ୍ତି ସେମାନଙ୍କ ଠାରୁ ଶୁଣିବା ପାଇଁ ଚେଷ୍ଟା କର ନାହିଁ ।**

ତୁମେ ତୁମର ଆଧ୍ୟାତ୍ମିକ ଗୁରୁ କିମ୍ବା ବରିଷ୍ଠ ଗୁରୁଭ୍ରାତା କିମ୍ବା ଇସ୍କନ ଅଧିକାରୀଙ୍କ ଉପରେ ଆସ୍ଥା ସ୍ଥାପନ କର । କିନ୍ତୁ ଯେଉଁମାନେ ଆମର ଧାରାରେ ନାହାନ୍ତି ସେମାନଙ୍କ ଠାରୁ ଶୁଣିବାକୁ ଚେଷ୍ଟା କର ନାହିଁ । ଏହା କେବଳ ସମୟର ଅପଚୟ ମାତ୍ର ଅଟେ ଏବଂ ପୁଣି ସେ ଭୁଲ୍‌କୁ ପୁଣି ଥରେ ସଂଶୋଧନ କରିବାକୁ ପଡ଼ିବ ।

(ହଂସଦୂତକୁ ଦେଇଥିବା ଚିଠି ହାସବର୍ଗ, ୫ ଡ଼ିସେମ୍ବର ୧୯୬୯)

**ଦୟାକରି ଉପେକ୍ଷା କର**

୧୯୭୫ ମସିହା ସେପ୍ଟେମ୍ବର ୩ ତାରିଖରେ ପଠାଇଥିବା ତୁମର ପତ୍ର ଯେଉଁଥିରେ ବଳି ମହାରାଜଙ୍କ ବିଷୟରେ ଲେଖାଯାଇଛି ତାହା ମୁଁ ପାଇଅଛି । ତେଣୁ ମୁଁ ବର୍ତ୍ତମାନ ମୋର ସମସ୍ତ ଶିଷ୍ୟକୁ ଆଦେଶ ଦେଉଅଛି ଯେ ସମସ୍ତେ ମୋର ଗୁରୁଭ୍ରାତାମାନଙ୍କୁ ଉପେକ୍ଷା କରନ୍ତୁ । ସେମାନେ ତାଙ୍କ ସହ କୌଣସି ସଂପର୍କ ରକ୍ଷା କରନ୍ତୁ ନାହିଁ । କିମ୍ବା ଚିଠିପତ୍ର ଆଦାନପ୍ରଦାନ କରନ୍ତୁ ନାହିଁ । ମୋର ପୁସ୍ତକ ସେମାନଙ୍କୁ ଦିଅନ୍ତୁ ନାହିଁ କିମ୍ବା ସେମାନଙ୍କର ପୁସ୍ତକକୁ କ୍ରୟ କରନ୍ତୁ ନାହିଁ । ସେମାନେ ମଧ ତାଙ୍କର କୌଣସି ମନ୍ଦିରକୁ ଯା'ନ୍ତୁ ନାହିଁ । ଦୟାକରି ତାଙ୍କୁ ଉପେକ୍ଷା କରନ୍ତୁ ।

(ବିଶ୍ୱକର୍ମାଙ୍କୁ ଦେଇଥିବା ପତ୍ର, ୯ ନଭେମ୍ବର ୧୯୭୫, ବମ୍ବେ)

**"ତାଙ୍କୁ ପ୍ରସାଦ ଦିଅ ଏକ ବରିଷ୍ଠ ବୈଷ୍ଣବ ରୂପେ ତାଙ୍କୁ ସମ୍ମାନ ଦିଅ କିନ୍ତୁ ସେ କୌଣସି ବକ୍ତୃତା ଦେଇପାରିବେ ନାହିଁ"**

ସମସ୍ତ ବୈଷ୍ଣବ କୃଷ୍ଣ ଚେତନା ପ୍ରଚାର କରିବା ନିମିତ୍ତ ଅଧିକାରୀ ଅଟନ୍ତି । କିନ୍ତୁ ସେଥିରେ କିଛି ତାରତମ୍ୟ ରହିଛି । ଯଦି (ବନ ମହାରାଜା) ମୋତେ ଦମନ କରିବାକୁ ଚାହାନ୍ତି । ସେ ଏଠାକୁ ଆସିଲେ ଆମେ ତାଙ୍କୁ କିପରି ସ୍ୱାଗତ କରିବା, ସେ ଜଣେ ପ୍ରଫେସରଙ୍କୁ ମୋ ସମ୍ବନ୍ଧରେ ଭୁଲ୍ କଥା କହି ସାରିଲେଣି । ସେ ଏକ ଅତିଥିରୂପେ ଆସିପାରନ୍ତି । ସେ ଯଦି ଆମ

କେନ୍ଦ୍ରକୁ ଆସିଛନ୍ତି ତାଙ୍କୁ ପ୍ରସାଦ ଦିଅ ଏବଂ ବରିଷ୍ଠ ବୈଷ୍ଣବ ଭଳି ତାଙ୍କୁ ସମ୍ମାନ ଦିଅ । କିନ୍ତୁ ସେ କୌଣସି ବକ୍ତୃତା ବା ପ୍ରବଚନ ଦେଇପାରିବେ ନାହିଁ । ଯଦି ସେ ବକ୍ତୃତା ଦେବା ପାଇଁ ଚାହାନ୍ତି ତାହା ହେଲେ ତାଙ୍କୁ କୁହ ଆଗରୁ ଜଣେ ଭକ୍ତ ବକ୍ତୃତା ଦେବା ପାଇଁ ସ୍ଥିର ହୋଇସାରିଛି ।

(ସତ୍‌ସ୍ୱରୂପକୁ ଦେଇଥିବା ପତ୍ର ହନଲୁ, ଜୁନ୍-୪, ୧୯୭୫)

## ଅତିରିକ୍ତ ଉଦ୍ଧୃତି ଅଧ୍ୟାୟ - ୪ ଇସ୍କନ ଗୁରୁବୃନ୍ଦ

## ଜିବିସି

ଅନ୍ତଃରାଷ୍ଟ୍ରୀୟ କୃଷ୍ଣଚେତନା ସଂଘର ଶ୍ରେଷ୍ଠ ପରିଚାଳନା ଅଧିକାରୀ ହେଉଛନ୍ତି ଗଭର୍ଣ୍ଣିଂ ବଡ଼ି କମିଶନ (ଜି.ବି.ସି.)

(ଶ୍ରୀଲ ପ୍ରଭୁପାଦଙ୍କ ଉଇଲ୍ ୧୯୭୭ ଜୁନ୍)

### ଗୌଡ଼ୀୟ ମିଶନ ପ୍ରଚାର କାର୍ଯ୍ୟରେ ଅକୃତକାର୍ଯ୍ୟ

ତୁମେମାନେ ସର୍ବଦା ଧର୍ମ ପ୍ରଚାର କାର୍ଯ୍ୟରେ ନିଯୁକ୍ତ ହୁଅ । ଗୌଡ଼ୀୟ ମିଶନ୍ ପ୍ରଚାର କାର୍ଯ୍ୟରେ ଅକୃତକାର୍ଯ୍ୟ ହୋଇଛନ୍ତି । କାରଣ ସେମାନେ ଏପ୍ରକାର ଧାରା ଗ୍ରହଣ କରିଛନ୍ତି । ଯେତେବେଳେ ସେମାନେ ଏକ ଆଶ୍ରୟ ପାଇଗଲେ ମଠ କିମ୍ବା ମନ୍ଦିର ନାମରେ ଡଜନ ଦୁଇ, ଡଜନ ଶିଷ୍ୟ ସଂଗ୍ରହ କଲେ ଏବଂ ସେହିଠାରେ ରହି କେବଳ ଭଜନ କଲେ । ହରେକୃଷ୍ଣ ହରେକୃଷ୍ଣ । ଏହା କ'ଣ ତୁମର ପ୍ରଚାର, ସେଥିପାଇଁ ମୋ ଗୁରୁ ମହାରାଜ ଏହି ଧାରାକୁ ନିନ୍ଦା କରିଛନ୍ତି, "ମନ ତୁମି କିସେର ବୈଷ୍ଣବ- ତୁମେ କି ପ୍ରକାର ବୈଷ୍ଣବ । ପ୍ରତିଷ୍ଠାର ତରେ ନିର୍ଜନର ଘେରେ । କେବଳ ଶସ୍ତା ଲୋକପ୍ରିୟତା ଲାଭ କରିବା ପାଇଁ । ଆଃ ସେ ଜଣେ ବୈଷ୍ଣବ । ସେ ଜପ କରୁଛନ୍ତି । ଠିକ୍ ଅଛି, କିଛି ଅସୁବିଧା ନାହିଁ । କାରଣ ଯଦି ପ୍ରଚାର ନ ହୁଏ କିଛି ଅସୁବିଧା ନାହିଁ । ତୁମେ କେବଳ ବସିଯାଅ ଏବଂ ଲୋକଙ୍କୁ ଦେଖାଇବାକୁ ଚାହଁ ମୁଁ ବର୍ତ୍ତମାନ ଏକ ମୁକ୍ତାତ୍ମା, ମୁଁ ଜପ ଏବଂ ଧ୍ୟାନ କରୁଛି । ଏହାର ଅର୍ଥ ଶୋଇବା । ଏହି ପ୍ରକାର ବ୍ୟବସାୟ ମୋ ଗୁରୁ ମହାରାଜଙ୍କ ଦ୍ୱାରା ନିନ୍ଦା କରାଯାଇଛି । ପ୍ରତିଷ୍ଠାର ତରେ ନିର୍ଜନର ଘେରେ ତବ ହରିନାମ କେବଳ । ଏହା କେବଳ ଠକାମୀ । ସେ ଏହି ପ୍ରକାର କାର୍ଯ୍ୟକୁ ଅନୁମୋଦନ କରିନାହାନ୍ତି । ପ୍ରତ୍ୟେକ ପ୍ରଚାର କାର୍ଯ୍ୟରେ ନିଯୁକ୍ତ ରୁହନ୍ତୁ ଏହା ସେ ଦେଖିବା ପାଇଁ ଚାହାନ୍ତି ।

ଶ୍ରୀମଦ୍ ଭାଗବତମ୍-୬.୩.୧୮

ଗୋରଖପୁର, ଫେବୃୟାରୀ ୧୧, ୧୯୭୧

### ଶ୍ରୀଲ ପ୍ରଭୁପାଦଙ୍କର ଆଦେଶ ହେଉଛି ଜିବିସିର ଶାସନକୁ ସ୍ୱୀକାର କରିବା

ବୈଷ୍ଣବ ସିଦ୍ଧାନ୍ତ ହେଉଛି ଏକ ଗୁରୁଙ୍କ ନିତ୍ୟାନ୍ତ ଆବଶ୍ୟକୀୟ ଯୋଗ୍ୟତା ହେଉଛି ନିଜ ଗୁରୁଙ୍କର ଆଦେଶକୁ ପାଳନ କରିବା । ସେ ନିଜକୁ ପ୍ରଭୁ ବୋଲି ଦାବୀ କରନ୍ତି ନାହିଁ । ସବୁବେଳେ ସେବକ ସ୍ଥିତିରେ ରହିଥାନ୍ତି । ଠିକ୍ ସେହିପରି ଇସ୍କନର ଏକ ଯୋଗ୍ୟସଂପନ୍ନ ଗୁରୁଙ୍କର ଆବଶ୍ୟକୀୟ ଯୋଗ୍ୟତା ହେଉଛି ଶ୍ରୀଲ ପ୍ରଭୁପାଦଙ୍କର ଆଦେଶକୁ କଡ଼ାକଡ଼ି ପାଳନ କରିବା । ଯେ କି ନିଷ୍ପତ୍ତି ନେଇଛନ୍ତି ଯେ ସମସ୍ତ ଭକ୍ତ ଜିବିସିର ଆଦେଶକୁ ପାଳନ କରିବେ । ଜିବିସି ଅଧିକାରୀତ୍ୱକୁ ଗ୍ରହଣ କରିବା କାହାର ସ୍ୱେଚ୍ଛାକୃତ ଚିନ୍ତାଧାରା ନୁହେଁ । କାରଣ ଏହା ଶ୍ରୀଲ ପ୍ରଭୁପାଦଙ୍କର ଆଦେଶ ଅଟେ ।

(ଗୁରୁ ସଂସ୍କାର-ରବିନ୍ଦ୍ର ସ୍ୱରୂପ ଦାସ, ଇସ୍କନ କମ୍ୟୁନିକେସନ, ଜର୍ଣ୍ଣାଲ ୨.୧)

### ଶିଷ୍ୟ ସର୍ବଦା ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶକୁ ବିନା ଦ୍ୱିଧାରେ ପାଳନ କରିବା ଉଚିତ୍

ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ଏ ସମ୍ପର୍କରେ ମତ ପ୍ରଦାନ କରିଛନ୍ତି । ଜଣେ ତା'ର ଜୀବନରେ ଲକ୍ଷ୍ୟ ପଥରେ ପହଞ୍ଚିପାରେ ଯେତେବେଳେ ସେ ତା'ର ଗୁରୁଦେବଙ୍କର ଆଦେଶକୁ କଡାକଡି ଭାବରେ ପାଳନ କରିଥାଏ । ଆଧ୍ୟାତ୍ମିକ ଗୁରୁଙ୍କର ବାକ୍ୟକୁ ଗ୍ରହଣ କରିବା ମାର୍ଗକୁ ଶ୍ରୌତ ବାକ୍ୟ କୁହାଯାଏ । ଯାହାର ଅର୍ଥ ଶିଷ୍ୟ ଗୁରୁଦେବଙ୍କର ଆଦେଶକୁ ବିନା ଦ୍ୱିଧାରେ ଗ୍ରହଣ କରିଥାଏ । ଶ୍ରୀଲ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ଏହି ବିଷୟରେ ମତ ପ୍ରଦାନ କରି କହିଛନ୍ତି ଯେ ଏକ ଶିଷ୍ୟ ଆଧ୍ୟାତ୍ମିକ ଗୁରୁଙ୍କର ବାକ୍ୟକୁ ତା'ର ଜୀବନ ଓ ଆତ୍ମା ଭାବରେ ଗ୍ରହଣ କରିବା ଉଚିତ୍ ।

(ଶ୍ରୀ ଚୈତନ୍ୟ ଚରିତାମୃତ, ଆଦି-୭.୭୨)

### ଶ୍ରୀଲ ପ୍ରଭୁପାଦଙ୍କୁ ମାନିବା କିନ୍ତୁ ଜିବିସିକୁ ଗ୍ରହଣ କରିବା ନାହିଁ........

ଶ୍ରୀଲ ପ୍ରଭୁପାଦଙ୍କ କୋଠରୀରେ ଏକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେଠାରେ କେତେକ କହୁଥିଲେ ଆମେ ଶ୍ରୀଲ ପ୍ରଭୁପାଦଙ୍କ ଧାରାକୁ ଗ୍ରହଣ କରିବୁ କିନ୍ତୁ ଜିବିସିକୁ ସ୍ୱୀକାର କରିବୁ ନାହିଁ । ସେମାନେ ଇସ୍କନ ହାଓ୍ୱାଲିର ଅଧିକାରୀ

ଥିଲେ । କିନ୍ତୁ ସେମାନେ ଅର୍ଥ ଓ ଭୂମିକୁ ନିଜ ନାମରେ କରିଦେବା ପାଇଁ ଚାହୁଁଥିଲେ । ପ୍ରଭୁପାଦ କେବଳ ତାଙ୍କୁ କହିଥିଲେ କାହିଁକି ତୁମେ ପଳେଇ ଯିବାକୁ ଚାହୁଁଛ ? କାହିଁକି ତୁମେ ରହିବାକୁ ଚାହୁଁନାହଁ ? କାହିଁକି ତୁମେ ଶରଣାପନ୍ନ ହେବାକୁ ଚାହୁଁନାହଁ ? କିନ୍ତୁ ସେମାନେ କହୁଥିଲେ ଆମେ ପ୍ରଭୁପାଦଙ୍କ ଉପରେ ଆସ୍ଥା ସ୍ଥାପନ କରିଛୁ କିନ୍ତୁ ଜିବିସିଙ୍କ ଉପରେ ଆସ୍ଥା ସ୍ଥାପନ କରିପାରୁନାହୁଁ । ପ୍ରଭୁପାଦ ଯେତେବେଳେ ଶରଣାଗତିର କଥା କହିଥିଲେ ସେମାନେ ତାହା ସ୍ୱୀକାର କରିବାକୁ ରାଜି ନ ହେବାରୁ ଜଣେ ଜିବିସି ସଭ୍ୟ କ୍ରୋଧିତ ହୋଇଥିଲେ ଏବଂ କହିଲେ "ତୁମେ କହୁଛ ତୁମେ ପ୍ରଭୁପାଦଙ୍କୁ ଗ୍ରହଣ କରିଛ । ସେମାନେ ହିଁ କହିଲେ ଏବଂ ତୁମେ କହୁଛ ତାଙ୍କ ଉପରେ ତୁମର ବିଶ୍ୱାସ ଅଛି । ହଁ, ସେ ଯାହା କହିବେ ତୁମେ ତାହା ଗ୍ରହଣ କରିବ । ହଁ, ତେଣୁ ପ୍ରଭୁପାଦ କହୁଛନ୍ତି ତୁମେ ଜିବିସିକୁ ଗ୍ରହଣ କର । ତୁମେ କାହିଁକି ଗ୍ରହଣ କରୁନାହଁ ।" ସେତେବେଳେ ସେ କୋଠରୀରେ ନୀରବତା ବିରାଜମାନ କଲା, ନାଁ । ଆମେ ଗ୍ରହଣ କରିପାରିବୁ ନାହିଁ । ଯେତେବେଳେ ସେମାନେ ନାଁ କହିଲେ ପ୍ରଭୁପାଦ ତାଙ୍କର ହାତମୁଠା ବାଡ଼େଇ ସେହି ଭକ୍ତମାନଙ୍କ ଉଦ୍ଦେଶ୍ୟରେ କହିଲେ ବର୍ତ୍ତମାନ ଭାଣ୍ଡାମୀକୁ ଦେଖ । ଅନ୍ୟ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ପ୍ରଭୁପାଦ କହିଲେ, ଯେତେବେଳେ ସେମାନେ ଇସ୍କନ ଏବଂ ଜିବିସିକୁ ମାନିବାକୁ ଚାହୁଁନାହାନ୍ତି ପ୍ରକୃତରେ ସେମାନେ ମୋର ଉପଦେଶକୁ ପାଳନ କରିବା ପାଇଁ ଚାହୁଁନାହାନ୍ତି । ଏହାର ଅର୍ଥ ହେଉଛି ସେମାନେ ମୋର ନିର୍ଦ୍ଦେଶକୁ ବିଶ୍ୱାସ କରୁନାହାନ୍ତି । ଏହାର ଅର୍ଥ ସେମାନେ ମୋତେ ମଧ୍ୟ ବିଶ୍ୱାସ କରୁନାହାନ୍ତି । ଏହା ହେଉଛି ଗୁରୁ ଅପରାଧ । ସେମାନେ ମୋତେ ଯେଉଁ ବିଶ୍ୱାସ କରିବା କଥା କହୁଛନ୍ତି ତାହା କେବଳ ପ୍ରବଞ୍ଚନା ମାତ୍ର ଅଟେ ।

ଫେବୃୟାରୀ ୮, ୧୯୭୫, ହନଲୁ ଶ୍ରୀଲ ପ୍ରଭୁପାଦ ଲୀଳାମୃତ

**ଏକ ଆଧାତ୍ମିକ ଗୁରୁଙ୍କ ସମ୍ମୁଖରେ ଏକ ଶିଷ୍ୟ ନିର୍ବୋଧ ପରି ରହିବା ଉଚିତ୍........**

ଚୈତନ୍ୟ ମହାପ୍ରଭୁ ନିଜର ବ୍ୟକ୍ତିଗତ ଜୀବନରେ ଏକ ଶିଷ୍ୟର ଉଦାହରଣ ପ୍ରଦାନ କରିଯାଇଛନ୍ତି । ଏକ ଆଧାତ୍ମିକ ଗୁରୁ ପ୍ରତ୍ୟେକ ଶିଷ୍ୟକୁ ଭଗବାନଙ୍କ ସେବାରେ ଲଗାଇବାର କୌଶଳ ଭଲଭାବରେ ଜାଣିଥା'ନ୍ତି । ଯଦି ଜଣେ ଶିଷ୍ୟ ଆଧାତ୍ମିକ ଗୁରୁଙ୍କଠାରୁ ଅଧିକ ଅଭିଜ୍ଞ ବୋଲି ଚିନ୍ତା କରେ ଏବଂ ସ୍ୱାଧୀନ ଭାବରେ ନିଜର ସେବା ସଂପାଦନ କରେ ତା'ର ଆଧାତ୍ମିକ ସେବା ବ୍ୟାହତ ହୋଇଥାଏ । ପ୍ରତ୍ୟେକ ଶିଷ୍ୟ କୃଷ୍ଣଚେତନା ବିଜ୍ଞାନ ସମ୍ବନ୍ଧରେ ଏକ ଅଜ୍ଞ ପରି ଚିନ୍ତାକରେ ଆଧାତ୍ମିକ ଗୁରୁଙ୍କର ଆଦେଶକୁ କଡ଼ାକଡ଼ି ଭାବରେ ଗ୍ରହଣ କରିବା ଉଚିତ୍ । ଏକ ଶିଷ୍ୟ ଆଧାତ୍ମିକ ଗୁରୁଙ୍କ ସମ୍ମୁଖରେ ଏକ ନିର୍ବୋଧ ପରି ରହିବା ଉଚିତ୍ ।

(ଶ୍ରୀଚୈତନ୍ୟ ଚରିତାମୃତ, ଆଦିଲୀଳା-୭.୭୨)

**ଏକ ଚିନ୍ତାଶୀଳ ବ୍ୟକ୍ତି ଏହିପ୍ରକାରେ କର୍ମ କରିବା ଉଚିତ୍ । କେଉଁଟା ଠିକ୍ ଏବଂ କେଉଁଟା ଭୁଲ୍, ତାକୁ ପ୍ରଭେଦ ଦେଖିବା ଉଚିତ୍ ।**

ଆମେ ଏପରିଭାବେ ଚଳିବା ଉଚିତ୍ ଯେପରି ମନ ଓ ବୁଦ୍ଧି ଆମର ସୁସ୍ଥ ରହିବ ଏବଂ ଯେଉଁଥିପାଇଁ ଆମେ ପୂର୍ଣ୍ଣ ସମସ୍ୟା ମଧ୍ୟରେ ଜୀବନର ଲକ୍ଷ୍ୟକୁ ଠିକ୍‌ଭାବେ ଅନୁଧ୍ୟାନ କରିପାରିବା । ଏକ ଚିନ୍ତାଶୀଳ ବ୍ୟକ୍ତି ଏହିପ୍ରକାରେ କାର୍ଯ୍ୟ ନିର୍ବାହ କରିବା ଉଚିତ୍ । ଠିକ୍ ଓ ଭୁଲ୍‌ର ପ୍ରଭେଦକୁ ଭଲଭାବରେ ଜାଣି ଜୀବନର ଲକ୍ଷ୍ୟକୁ ହାସଲ କରିବା ଉଚିତ୍ ।

(ଶ୍ରୀମଦ୍ ଭାଗବତମ୍, ୭.୬୫ର ଭାବାର୍ଥ)

# ଦ୍ୱିତୀୟ ଦିବସ

**ପଞ୍ଚମ ଅଧ୍ୟାୟ - ଗୁରୁ ପାଦାଶ୍ରୟ**

ପ୍ରଭୁପାଦାଶ୍ରୟ

ଦୀକ୍ଷା / ଶିକ୍ଷା ଗୁରୁ - ପାଦାଶ୍ରୟ ଓ ପ୍ରଭୁପାଦାଶ୍ରୟ

**ଷଷ୍ଠ ଅଧ୍ୟାୟ - ଗୁରୁଙ୍କର ଚୟନ**

ଏକ ପ୍ରାମାଣିକ ଗୁରୁଙ୍କର ଯୋଗ୍ୟତା

ଏକ ଗୁରୁଙ୍କର ଚୟନ

**ସପ୍ତମ ପରିଚ୍ଛେଦ -ଦୀକ୍ଷାର ଶପଥ**

କଡ଼ାକଡ଼ି ଭାବରେ ଦୀକ୍ଷାର ଶପଥକୁ ପାଳନ କରିବା

କଡ଼ାକଡ଼ି ଭାବରେ ଶପଥ ପାଳନ କରିବା ସମୟରେ ବାଧା ସମୂହକୁ ମୁକାବିଲା କରିବା

ବାଧା ସମୂହର ସମାଧାନ

ପରିବର୍ତ୍ତିତ ହେବା ପାଇଁ ପଥ

## ପଞ୍ଚମ ଅଧ୍ୟାୟ          ଗୁରୁ-ପାଦାଶ୍ରୟ

### ଅଧ୍ୟାୟର ପାଠ୍ୟ

- ପ୍ରଭୁପାଦାଶ୍ରୟ
- ଦୀକ୍ଷା / ଶିକ୍ଷା ଗୁରୁ ପାଦାଶ୍ରୟ

### ପ୍ରଭୁପାଦାଶ୍ରୟ ହେବା ପାଇଁ ନିୟମାବଳୀ

ଆମର ଆଧ୍ୟାତ୍ମିକ ଜୀବନରେ କିଭଳି ପ୍ରଭୁପାଦଙ୍କ ସହ ଆମର ସଂପର୍କକୁ ଦୃଢ଼ରୁ ଦୃଢ଼ତର କରିପାରିବା ନିଜର ମତ ନିମ୍ନଲିଖିତ ଭାବରେ ପ୍ରଦାନ କର ।

### ପ୍ରତ୍ୟେକ ଇସ୍କନ ଭକ୍ତଙ୍କ ସହିତ ପ୍ରଭୁପାଦଙ୍କର ଏକ ଅଦ୍ୱିତୀୟ ସଂପର୍କ ଅଛି ।

ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘର ସଂସ୍ଥାପକ ଆଚାର୍ଯ୍ୟ ତଥା ମୂଳ ପ୍ରତିଷ୍ଠିତ ଗୁରୁ ଏକ ସର୍ବୋତ୍ତମ ଅଧିକାରୀ ହୋଇଥିବାରୁ ପ୍ରଭୁପାଦଙ୍କର ପ୍ରତ୍ୟେକ ଇସ୍କନ ଭକ୍ତଙ୍କର ସହିତ ଏକ ଅଦ୍ୱିତୀୟ ସଂପର୍କ ରହିଛି ।

(୩୦୩, ଶ୍ରୀଲ ପ୍ରଭୁପାଦଙ୍କ ସ୍ଥିତି ଉପରେ ଜିବିସିର ମତ, ମାର୍ଚ୍ଚ-୨୦୧୩)

### ଶ୍ରୀଲ ପ୍ରଭୁପାଦଙ୍କ ନିକଟରେ ଆଶ୍ରିତ ହେବା ପାଇଁ ନୂତନ ସଭ୍ୟମାନଙ୍କୁ ଅନୁପ୍ରାଣିତ କରିବା

ନୂତନ ସଭ୍ୟମାନଙ୍କୁ ପ୍ରଭୁପାଦଙ୍କ ନିକଟରେ ଆଶ୍ରିତ ହେବା ପାଇଁ ଏକ ଶିକ୍ଷା ଗ୍ରହଣ ତଥା ଭକ୍ତିଯୋଗର ତାଲିମ ପ୍ରାପ୍ତ ହେବା ପାଇଁ ପ୍ରତ୍ୟେକ ଇସ୍କନ ଭକ୍ତ ଚେଷ୍ଟା କରିବା ଉଚିତ୍ । ଇସ୍କନ ସଭ୍ୟ କେତେବେଳେ ଏବଂ କାହାଠାରୁ ଦୀକ୍ଷା ଗ୍ରହଣ କରିବେ ସେମାନେ ସ୍ଥିର କରିବା ଉଚିତ୍ । ଶ୍ରୀଲ ପ୍ରଭୁପାଦଙ୍କୁ ସଂସ୍ଥାପକ ଆଚାର୍ଯ୍ୟ ମୂଳ ପ୍ରତିଷ୍ଠିତ ଶିକ୍ଷା ଗୁରୁ ଭାବରେ ସେମାନେ ଗ୍ରହଣ କରିବା ଉଚିତ୍ ।

(ଇସ୍କନ ନିୟମ ୭.୨.୧, ପ୍ରଥମ ହରିନାମ ଦୀକ୍ଷା)

### ଶ୍ରୀଲ ପ୍ରଭୁପାଦଙ୍କ ପ୍ରଣାମ ମନ୍ତ୍ର ପ୍ରଥମେ ଉଚ୍ଚାରଣ କର

ଦୀକ୍ଷା ଗୁରୁଙ୍କର ପ୍ରଣାମ ମନ୍ତ୍ର ଉଚ୍ଚାରଣ କରିବା ପରେ ସମସ୍ତ ଶିଷ୍ୟ ପ୍ରଶିଷ୍ୟ ଏବଂ ଭବିଷ୍ୟତ ଉତ୍ତରାଧିକାରୀ ସଂସ୍ଥାପକ ଆଚାର୍ଯ୍ୟଙ୍କୁ ପ୍ରଣାମ ଅର୍ପଣ କରିବା ସମୟରେ ତାଙ୍କର ପ୍ରଣାମ ମନ୍ତ୍ର ଉଚ୍ଚାରଣ କରିବା ଉଚିତ୍ ।

(ଇସ୍କନ ନିୟମ, ୭.୨.୧, ପ୍ରଥମ ହରିନାମ ଦୀକ୍ଷା)


**ଦୀକ୍ଷା / ଶିକ୍ଷାଗୁରୁ ପାଦାଶ୍ରୟ ଓ ପ୍ରଭୁପାଦାଶ୍ରୟ**

ଦୀକ୍ଷା / ଶିକ୍ଷା ଗୁରୁ ପାଦାଶ୍ରୟ ଏବଂ ପ୍ରଭୁପାଦାଶ୍ରୟ ମଧ୍ୟରେ କ'ଣ ସଂପର୍କ ଅଛି ?

| |
|---|
| |

**ଇସ୍କନରେ ଗୁରୁ ପାଦାଶ୍ରୟ**

ଇସ୍କନର ଭକ୍ତ ତିନୋଟି ଉତ୍ସରୁ ଆଶ୍ରିତ ହେବା ଉଚିତ୍




**ଶିକ୍ଷା ଗୁରୁ ଦୀକ୍ଷା ଗୁରୁଙ୍କ ଶିକ୍ଷା ବିରୁଦ୍ଧରେ କିଛି କହିବେ ନାହିଁ**

ବେଳେବେଳେ ଦୀକ୍ଷା ଗୁରୁ ଉପସ୍ଥିତ ନଥା'ନ୍ତି । ସେଥିପାଇଁ ବ୍ୟକ୍ତି ଏକ ଅଭିଜ୍ଞ ଭକ୍ତ ଠାରୁ ଶିକ୍ଷା, ଉପଦେଶ ଗ୍ରହଣ କରିବା ଆବଶ୍ୟକ । ତାଙ୍କୁ ହିଁ ଶିକ୍ଷାଗୁରୁ କୁହାଯାଏ । ଶିକ୍ଷା ଗୁରୁଙ୍କର ଅର୍ଥ ନୁହେଁ ଯେ ସେ ଦୀକ୍ଷା ଗୁରୁଙ୍କର ଶିକ୍ଷା ବିରୁଦ୍ଧରେ କିଛି କହିବେ ସେ ଶିକ୍ଷା ଗୁରୁ ନୁହଁନ୍ତି ସେ ଏକ ନିର୍ବୋଧ ।

(ଭଗବଦ୍ ଗୀତା.୧୭.୧୩, ଜୁଲାଇ ୪, ୧୯୨୪)

**ତାଙ୍କର କୃପା ବିଭିନ୍ନ ପ୍ରକାଶ ମାଧ୍ୟମରେ ଏକ ଭକ୍ତକୁ ଉଦ୍ଧାର କରିଥାଏ**

ସୁତରାଂ ଶ୍ରୀକୃଷ୍ଣଙ୍କର କୃପାର ବିଭିନ୍ନ ପ୍ରକାଶର ମାଧ୍ୟମରେ ଜଣେ ଭକ୍ତ ଉଦ୍ଧାର ହୁଅନ୍ତି । ଏଗୁଡ଼ିକ ହେଲା ଚୈତ୍ୟଗୁରୁ, ଶ୍ରୀଳ ପ୍ରଭୁପାଦ, ଗୁରୁ ପରମ୍ପରା, ଜଣଙ୍କର ଦୀକ୍ଷା ଗୁରୁ ଅନ୍ୟାନ୍ୟ ଶିକ୍ଷା ଗୁରୁ ସମୂହ, ଶାସ୍ତ୍ର, ନବବିଧା ଭକ୍ତି ଓ ଅନ୍ୟାନ୍ୟ ଅନେକ କିଛି ।

(୩୦୩ ଶ୍ରୀଳ ପ୍ରଭୁପାଦଙ୍କ ସ୍ଥିତି ସଂପର୍କରେ ଜିବିସିର ମତ, ମାର୍ଚ୍ଚ ୨୦୧୩)

**ଇସ୍କନର ସମସ୍ତ ଭକ୍ତଙ୍କ ନିମିତ୍ତ ଶ୍ରୀଳ ପ୍ରଭୁପାଦ ଲବ୍ଧ ପ୍ରତିଷ୍ଠିତ ଶିକ୍ଷା ଗୁରୁ**

ଅନ୍ତରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘର ସଂସ୍ଥାପକ ଆଚାର୍ଯ୍ୟ ଶ୍ରୀଳ ପ୍ରଭୁପାଦ ସମସ୍ତ ଇସ୍କନ ଭକ୍ତଙ୍କର ମୂଳ ପ୍ରତିଷ୍ଠିତ ଶିକ୍ଷା ଗୁରୁ ଅଟନ୍ତି । ସମସ୍ତ ଭକ୍ତ ଏବଂ ଭବିଷ୍ୟତରେ ହେବାକୁ ଯାଉଥିବା ଭକ୍ତ ଶ୍ରୀଳ ପ୍ରଭୁପାଦଙ୍କର ଆଶ୍ରୟ ଗ୍ରହଣ କରିବା ଉଚିତ୍ । ସମସ୍ତ ଇସ୍କନର ସଦସ୍ୟ ପ୍ରଭୁପାଦଙ୍କର ପୁସ୍ତକ, ଶିକ୍ଷା, ସେବା ଏବଂ ତାଙ୍କର ଇସ୍କନ ସଂଘ ପ୍ରତି ନିଜସ୍ୱ ସଂପର୍କ ବୃଦ୍ଧି ଲାଭ କରିବା ପାଇଁ ଉତ୍ସାହିତ ହେବା ଉଚିତ୍ ।

(୩୦୩ ଶ୍ରୀଳ ପ୍ରଭୁପାଦଙ୍କ ସ୍ଥିତି ସଂପର୍କରେ ଜିବିସିର ମତ, ମାର୍ଚ୍ଚ ୨୦୧୩)

## ଷଷ୍ଠ ଅଧ୍ୟାୟ		ଗୁରୁ ଚୟନ

**ଅଧ୍ୟାୟର ପାଠ୍ୟ**

- ଏକ ପ୍ରାମାଣିକ ଗୁରୁଙ୍କ ଯୋଗ୍ୟତା
- ଏକ ଗୁର ଚୟନ

ଜଣେ ଗୁରୁଦେବଙ୍କ ମଧ୍ୟରେ ଆପଣ କ'ଣ ଆଶା କରନ୍ତି ?
ନିଜସ୍ୱ ମତ ପ୍ରଦାନ

**ଏକ ପ୍ରାମାଣିକ ଗୁରୁଙ୍କର ଯୋଗ୍ୟତା**

ଏକ ପ୍ରାମାଣିକ ଗୁରୁଙ୍କର ଯୋଗ୍ୟତା କ'ଣ କ'ଣ ଅଟେ ? ତାହା କୋଠରୀରେ ଲେଖ । (ଆଲୋଚନାରୁ ସଂଗ୍ରହ କରି)

**ଏକ ପ୍ରାମାଣିକ ଗୁରୁଙ୍କର ଯୋଗ୍ୟତା**

**ବାଚେ ବେଗଂ ମନସଃ କ୍ରୋଧ ବେଗଂ ଜିହ୍ୱା ବେଗଂ ଉଦରୋପସ୍ଥ ବେଗମ୍**
**ଏତାନ୍ ବେଗାନ୍ ଯୋ ବିଷୟେତ ଧୀରଃ ସର୍ବାଂ ଅପୀମାଂ ପୃଥିବୀଂ ସ ଶିଷ୍ୟାତ୍**

ଏକ ଧୀର ବ୍ୟକ୍ତି ଯେ ବାକ୍ୟ ବେଗ, ମନୋବେଗ, କ୍ରୋଧବେଗ, ଜିହ୍ୱାବେଗ, ଉଦର ବେଗ, ଜନନେନ୍ଦ୍ରିୟ ବେଗକୁ ନିୟନ୍ତ୍ରଣ କରିପାରିଛି ସେ ସମଗ୍ର ପୃଥିବୀରେ ଶିଷ୍ୟ ଗ୍ରହଣ କରିପାରିବେ ।

ଉପଦେଶାମୃତ, ଶ୍ଲୋକ-୧

**ଦୁଇଟି ଯୋଗ୍ୟତା.......**

**ତଦ୍ ବିଜ୍ଞାନାର୍ଥଂ ସ ଗୁରୁଂ ଏବାଭି ଗଚ୍ଛେତ୍**
**ସମୀତ୍‌ପାଣିଃ ଶ୍ରୋତ୍ରୀୟଂ ବ୍ରହ୍ମନିଷ୍ଠମ୍ ।**

ସେହି ଦିବ୍ୟଜ୍ଞାନ ଲାଭ କରିବା ପାଇଁ ହସ୍ତରେ ସମୀଧ ଧାରଣ ପୂର୍ବକ ଏକ ବିଦ୍ୱାନ ବ୍ୟକ୍ତିଙ୍କ ନିକଟକୁ ଯିବାକୁ ପଡ଼ିବ ଯେ ବେଦ ଜ୍ଞାନରେ ପ୍ରବୀଣ ହୋଇଥିବେ ଏବଂ ଅଦ୍ୱୟ ସତ୍ୟଙ୍କୁ ଉପଲବ୍ଧି କରିପାରିଥିବେ ।

ମୁଣ୍ଡକ ଉପନିଷଦ-୧.୨.୧୨

ଏକ ପ୍ରାମାଣିକ ଗୁରୁ ନିଜ ମନ ଢ଼ଙ୍ଗରେ ବା ମନୋଧର୍ମପୂର୍ବକ ଜ୍ଞାନ ପ୍ରଦାନ କରିପାରିବେ ନାହିଁ । କିନ୍ତୁ ପରମ୍ପରା ମାର୍ଗରୁ ଜ୍ଞାନ ଲାଭ କରିଥିବେ । ସେ ମଧ୍ୟ ପରମପୁରୁଷ ଭଗବାନଙ୍କ ସେବାରେ ଦୃଢ଼ବ୍ରତ ଓ ଦୃଢ଼ ନିଶ୍ଚିତ ହୋଇଥିବେ । ତାଙ୍କ ନିମିତ୍ତ ଏହି ଦୁଇ ଯୋଗ୍ୟତା ଆବଶ୍ୟକ । ସେ ଗୁରୁ ପରମ୍ପରା କ୍ରମରେ ବୈଦିକ ଜ୍ଞାନ ପ୍ରାପ୍ତ ହୋଇଥିବେ ସେ ମଧ୍ୟ ଭଗବାନଙ୍କ ସେବାରେ ପ୍ରତିଷ୍ଠିତ ହୋଇଥିବେ । ସେ ଜଣେ ବିଦ୍ୱାନ ଉଚ୍ଚ ଶିକ୍ଷିତ ନ ହୋଇଥାଇପାରନ୍ତି କିନ୍ତୁ ସେ ପ୍ରକୃତ ଅଧିକାରୀଙ୍କ ଠାରୁ ନିଶ୍ଚିତ ଶ୍ରବଣ କରିଥିବେ ।

(କପିଳ ଶିକ୍ଷାମୃତ, ଶ୍ଳୋକ-୪, ଏକ ଆଧ୍ୟାତ୍ମିକ ଗୁରୁଙ୍କ ନିକଟକରୁ ଜିଜ୍ଞାସା)

**ଗୁରୁ ଚୟନ**

ଏକ ଗୁରୁଙ୍କ ଚୟନରେ ଅନୁପଯୁକ୍ତ କାରଣମାନ ନିମ୍ନରେ ଦର୍ଶାଅ

**ଗୁରୁ ଚୟନ ନିମିତ୍ତ ପଦକ୍ଷେପ**

ଦୀକ୍ଷା ନିମିତ୍ତ କେତୋଟି ପଦକ୍ଷେପ ଇସ୍କନର ନିୟମ ଦୃଷ୍ଟିରୁ କରାଯାଇଛି । ସେହି ନିୟମଗୁଡ଼ିକ ପରିଶିଷ୍ଟ ୫ରେ ବର୍ଣ୍ଣନା କରାଯାଇଛି ।



**ଏକ ବର୍ଷ ପ୍ରସ୍ତୁତି ନିମିତ୍ତ**

ଭକ୍ତିଯୋଗ ସେବାରେ ନିଷ୍ଠାପୂର୍ବକ ନିଯୁକ୍ତି

କଡ଼ାକଡ଼ି ଭାବେ ୪ଟି ନିୟମ ପାଳନ

ପ୍ରତ୍ୟେକ ଦିନ ୧୬ ମାଳା ଜପ

ସକାଳର ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା (ମନ୍ଦିର)

ନାମହଟ୍ଟ ଓ ଗୃହରେ ସକାଳ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ।

**ପ୍ରଭୁପାଦାଶ୍ରୟ**

ଶ୍ରୀଲ ପ୍ରଭୁପାଦଙ୍କୁ ମୂଳ ପ୍ରତିଷ୍ଠିତ ଶିକ୍ଷା ଗୁରୁ ରୂପେ ସୂଚିତ କରାଇବା

ପ୍ରଭୁପାଦଙ୍କୁ ପ୍ରଣାମ କଲାବେଳେ ପ୍ରଭୁପାଦଙ୍କର ପ୍ରଣାମ ମନ୍ତ୍ର ଉଚ୍ଚାରଣ କରିବା

ଇସ୍କନର ଆଧ୍ୟାତ୍ମିକ ଅଧିକାରୀଙ୍କ ଠାରୁ ଉପଦେଶ ଗ୍ରହଣ କରିବା (ଶିକ୍ଷା ଗୁରୁ)

ଇସ୍କନ ଶିଷ୍ୟ ପାଠ୍ୟକ୍ରମ ପୂର୍ଣ୍ଣ ଯୋଗଦାନ

**ଦୀକ୍ଷା ଓ ଶିକ୍ଷା ଗୁରୁ ପାଦାଶ୍ରୟ**

ଛ ମାସ ନିୟମକୁ ପାଳନ କରିବା ପରେ ଜଣେ ଇସ୍କନର କ୍ଷମତାପ୍ରାପ୍ତ ଦୀକ୍ଷାଗୁରୁଙ୍କୁ ମନୋନୟନ କରିବ ।ଶିକ୍ଷାଗୁରୁଙ୍କ ମଧ୍ୟରୁ ଜଣେ କେହି ଦୀକ୍ଷା ଗୁରୁ ହୋଇପାରନ୍ତି । ସବୁଠାରୁ କମ୍ ସମୟ ଛ ମାସ । ଏହା ବ୍ୟତୀତ ଜଣେ ଏହାଠାରୁ ଅଧିକ ସମୟ ନେଇପାରେ ।

ନିଜର ବୁଦ୍ଧିମତ୍ତା ଦ୍ୱାରା ଗୁରୁଙ୍କର ଚୟନ କରିବା ଉଚିତ୍ ।

ଇସ୍କନର ଅଧିକାରୀଙ୍କ ଦ୍ୱାରା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ ।

ଇସ୍କନ ଅଧିକାରୀଙ୍କ ଠାରୁ ମନୋନୟନ ପତ୍ର ପ୍ରାପ୍ତ

ଚୟନ କରିଥିବା ଗୁରୁଙ୍କର ଅନୁମତି ପ୍ରାପ୍ତ

ଗୁରୁଙ୍କୁ ପୂଜା କରିବା ଏବଂ ତାଙ୍କର ପ୍ରଣାମମନ୍ତ୍ର ଗାନ କରିବା (ଶ୍ରୀଲ ପ୍ରଭୁପାଦଙ୍କ ପ୍ରଣାମ ମନ୍ତ୍ର ପ୍ରଥମେ ଗାନ କରିବା ଉଚିତ୍ ।

ଦୀକ୍ଷା ଗୁରୁଙ୍କ ଠାରୁ ଉପଦେଶ ଗ୍ରହଣ କରି ମଧ୍ୟ ଏକ ଭକ୍ତ ଶିକ୍ଷାଗୁରୁଙ୍କ ଠାରୁ ଉପଦେଶ ଗ୍ରହଣ କରିପାରିବ । ଯଦି ଜଣେ ଇସ୍କନର ଅନ୍ୟ ଗୁରୁଙ୍କ ଠାରୁ ଦୀକ୍ଷିତ ହେବା ପାଇଁ ଋହେଁ ତାହାହେଲେ ସେ ଦୀକ୍ଷା ନେଇଥିବା ଗୁରୁ ଏବଂ ଇସ୍କନ ଅଧିକାରୀଙ୍କ ଠାରୁ ଅନୁମତି ଗ୍ରହଣ କରିବ ।

**ହରିନାମ ଦୀକ୍ଷା**

ପରବର୍ତ୍ତି ଛ' ମାସ ପରେ ଜଣେ ବୈଷ୍ଣବ ଦୀକ୍ଷା ଗ୍ରହଣ କରିପାରେ

ଗୁରୁ ଶିଷ୍ୟ ଠାରୁ କୃତଜ୍ଞତା ପ୍ରାପ୍ତି ଆଶାରେ ଦୀକ୍ଷା ଦେବା ଉଚିତ୍ ନୁହେଁ ।

ଦୀକ୍ଷା ଗୁରୁଙ୍କର ଅନୁମତି ନେଇ ଜଣେ ଅଧିକ ଶିକ୍ଷାଗୁରୁ ଗ୍ରହଣ କରିପାରନ୍ତି ।

## ଏକ ପ୍ରାମାଣିକ ଗୁରୁଙ୍କର ଯୋଗ୍ୟତା

### ନିଜର ବ୍ୟବହାର ଓ ପ୍ରଋର

ଆଋର ପ୍ରଋର ନାମେର କରହ ଦୁଇ କାର୍ଯ୍ୟ
ତୁମି ସର୍ବଗୁରୁ ତୁମି ଜଗତେର ଆର୍ଯ୍ୟ

ଆପଣ ଏକାଧାରରେ ଭଗବାନଙ୍କ ଦିବ୍ୟ ନାମର ଶରଣାଗତ ହୋଇ ନିଜର ବ୍ୟବହାର ଓ ପ୍ରଋର ମାଧ୍ୟମରେ ତାହାର ପ୍ରଦର୍ଶନ କରିଛନ୍ତି । ସେଥିନିମିତ୍ତ ଆପଣ ସମଗ୍ର ପୃଥିବୀର ଆଧ୍ୟାତ୍ମିକ ଗୁରୁ ଅଟନ୍ତି । କାରଣ ଆପଣ ସମଗ୍ର ପୃଥିବୀରେ ଏକ ଅଭିଜ୍ଞ ଭକ୍ତ ଅଟନ୍ତି ।

ଭାବାର୍ଥ – ସନାତନ ଗୋସ୍ୱାମୀ ପରିଷ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଯେ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ଶାସ୍ତ୍ରୀୟ ଉପଦେଶ ଅନୁସାରେ ତାଙ୍କର ନିଜସ୍ୱ ବ୍ୟବହାର ଏବଂ ପ୍ରଚାରର ଯୋଗ୍ୟତା ପ୍ରଦର୍ଶନ କରିଥା'ନ୍ତି । ଯେଉଁ ବ୍ୟକ୍ତି ତାହା କରନ୍ତି ସେହିଁ ଆଧ୍ୟାତ୍ମିକ ଗୁରୁ ଅଟନ୍ତି ।

(ଶ୍ରୀଚୈତନ୍ୟ ଚରିତାମୃତ ଅନ୍ତ୍ୟ-୪-୧୦୩)

**ଯେକୌଣସି ଆଶ୍ରମରୁ**

**କିବା ବିପ୍ର କିବା ନ୍ୟାସୀ ଶୂଦ୍ର କେନେ ନୟ**
**ଯେଇ କୃଷ୍ଣ ତତ୍ତ୍ୱବେତ୍ତା ସେଇ ଗୁରୁ ହୟ**

ଯଦି ଜଣେ କୃଷ୍ଣଙ୍କର ବିଜ୍ଞାନ ଜାଣିଥା'ନ୍ତି ସେ ଯେକୌଣସି ବର୍ଣ୍ଣ ଯଥା ବ୍ରାହ୍ମଣ ସନ୍ନ୍ୟାସୀ ବା ଶୂଦ୍ର ହୋଇଥାନ୍ତୁ ନା କାହିଁକି ସେ ଏକ ଆଧ୍ୟାତ୍ମିକ ଗୁରୁ ହୋଇପାରିବେ ।

(ଶ୍ରୀଚୈତନ୍ୟ ଚରିତାମୃତ, ମଧ୍ୟ-୮.୧୨୮)

**ପ୍ରତ୍ୟେକ ଏକ ଆଧ୍ୟାତ୍ମିକ ଗୁରୁ ହୁଅ**

**ଆମାର ଆଜ୍ଞାୟ ଗୁରୁ ହୟ ତାର ଏଇ ଦେଶ**
**ଯାରେ ଦେଖ ତାରେ କହ କୃଷ୍ଣ ଉପଦେଶ**

(ଶ୍ରୀଚୈତନ୍ୟ ଚରିତାମୃତ, ମଧ୍ୟ୭-୧୨୮)

ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ କହିଛନ୍ତି ତୁମେ ପ୍ରତ୍ୟେକ ଆଧ୍ୟାତ୍ମିକ ଗୁରୁ ହୋଇପାରିବ, କାହିଁକି ଜଣେ ବା ଦୁଇଜଣ ? ତୁମେ ପ୍ରତ୍ୟେକ ହୋଇପାରିବ । ଓଃ ! ଆଧ୍ୟାତ୍ମିକ ଗୁରୁ ହେବା ବଡ଼ କଷ୍ଟକର । ନା ନା କଷ୍ଟକର କଥା ନୁହେଁ । ଚୈତନ୍ୟ ମହାପ୍ରଭୁ କହିଛନ୍ତି ଆମାର ଆଜ୍ଞାୟ କେବେଳ ମୋର ଆଦେଶକୁ ଗ୍ରହଣ କର । ତାହାହିଁ ସବୁ ତାହା ପରେ ତୁମେ ଗୁରୁ ହୋଇପାରିବ ।

(ଭଗବଦ୍ ଗୀତା, ୪.୧.୨, କଲମ୍ବସ୍ ମେ ୯, ୧୯୬୯)

**ମୋର ଆଦେଶ ତାହାହିଁ ଗୁରୁତ୍ୱପୂର୍ଣ୍ଣ**

ପ୍ରତ୍ୟେକ କିପରି ଆଧ୍ୟାତ୍ମିକ ଗୁରୁ ହୋଇପାରିବେ ଏକ ଆଧ୍ୟାତ୍ମିକ ଗୁରୁଙ୍କର ପ୍ରଚୁର ଜ୍ଞାନ ଥିବା ଆବଶ୍ୟକ । ଆହୁରି ଅନେକ ଯୋଗ୍ୟତା । ନାଁ ଏପରିକି କିଛି ଯୋଗ୍ୟତା ନ ଥାଇ ମଧ୍ୟ ଜଣେ ଆଧ୍ୟାତ୍ମିକ ଗୁରୁ ହୋଇପାରିବ । ତାହା କିପରି ? ଚୈତନ୍ୟ ମହାପ୍ରଭୁ କହିଛନ୍ତି ଆମାର ଆଜ୍ଞାୟ । ମୋର ଆଦେଶ। ତାହାହିଁ ଗୁରୁତ୍ୱପୂର୍ଣ୍ଣ ସ୍ଥିତି । ଜଣେ ନିଜେ ଖାମଖିଆଲି ଭାବେ ଗୁରୁ ହୋଇପାରିବ ନାହିଁ । ସେ ଆଧ୍ୟାତ୍ମିକ ଗୁରୁ ନୁହଁନ୍ତି । ସେ ଉପରିସ୍ଥ ଅଧିକାରୀଙ୍କଠାରୁ ଆଦେଶ ପ୍ରାପ୍ତ ହେବା ଉଚିତ୍ । ତେବେ ସେ ଆଧ୍ୟାତ୍ମିକ ଗୁରୁ ହୋଇପାରିବେ । ଆମାର ଆଜ୍ଞାୟ, ଠିକ୍ ଆମରି କଥା ଆମର ଉପରିସ୍ଥ ଅଧିକାରୀ, ଆମର ଆଧ୍ୟାତ୍ମିକ ଗୁରୁ ସେ ମୋତେ ଆଦେଶ ଦେଲେ ତୁମେ ଏହି ସତ୍ୟକୁ ପ୍ରଚାର କରିବାକୁ ଚେଷ୍ଟା କର । ଯାହା ତୁମେ ମୋ ଠାରୁ ଇଂରାଜୀରେ ଶିକ୍ଷା କରୁଛ, ଆମେ ଚେଷ୍ଟା କଲୁ । ଏହାର ଅର୍ଥ ଏହା ନୁହେଁ ଯେ ମୁଁ ଏକ ଅଧିକ ଯୋଗ୍ୟତାସଂପନ୍ନ ବ୍ୟକ୍ତି । କେବଳ ଏକମାତ୍ର ଯୋଗ୍ୟତା ହେଉଛି ମୁଁ ମୋର ଉପରିସ୍ଥ ଅଧିକାରୀଙ୍କ ଉପଦେଶକୁ ପାଳନ କରିବା ପାଇଁ ଚେଷ୍ଟା କରିଛି । ତାହାହିଁ ସଫଳତାର କୌଶଳ ।

(ଭଗବତ୍ ଗୀତା ୨.୨, ଲଣ୍ଡନ, ଅଗଷ୍ଟ ୩, ୧୯୭୩)

**ଗୁରୁ ଚୟନ**

**ଆମେ ଅତିଶୟ ଭାବୁକ ହୋଇ ଗୁରୁ ଗ୍ରହଣ କରିବା ଉଚିତ୍ ନୁହେଁ ତାହା ଅତ୍ୟନ୍ତ ବିପଦପୂର୍ଣ୍ଣ.....**

ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଆମେ ଗୁରୁ ଗ୍ରହଣ କରିବା ପୂର୍ବରୁ ତାଙ୍କୁ ଯତ୍ନର ସହିତ ହୃଦୟଙ୍ଗମ କରି ଏବଂ ତାଙ୍କ ନିକଟରେ ଶରଣାଗତ ହେବୁ କି ନାହିଁ ଚିନ୍ତା କରିବା ଉଚିତ୍ । ଆମେ ସଙ୍ଗେ ସଙ୍ଗେ ଅତ୍ୟନ୍ତ ଉତ୍ସାହର ସହିତ ଗୁରୁ ଗ୍ରହଣ କରିବା ଉଚିତ୍ ନୁହେଁ । ତାହା ବହୁତ ବିପଦପୂର୍ଣ୍ଣ । ଶିଷ୍ୟ ହେବାକୁ ଚାହୁଁଛ ଗୁରୁ ମଧ୍ୟ ତାହାକୁ ପରୀକ୍ଷା କରିବେ ସେ ଠିକ୍ କି ଭୁଲ୍ ତାହା ହୃଦୟଙ୍ଗମ କରିବା ଉଚିତ୍ । ଏହି ଭାବରେ ଗୁରୁ ଓ ଶିଷ୍ୟ ସହିତ ସମ୍ବନ୍ଧ ପ୍ରତିଷ୍ଠିତ ହେବ ।

(ଆତ୍ମ ବିଜ୍ଞାନ, ୨କ, ଗୁରୁ କିଏ)

**ଏକବର୍ଷ ପର୍ଯ୍ୟନ୍ତ ଉଭୟ ସାକ୍ଷାତ ହେବା ଉଚିତ୍**

ହରିଭକ୍ତି ବିଳାସରେ ସନାତନ ଗୋସ୍ୱାମୀ ନିର୍ଦ୍ଦେଶ ଦେଇଚନ୍ତି ଯେ ଆଧ୍ୟାତ୍ମିକ ଗୁରୁ ଓ ଶିଷ୍ୟ ଉଭୟ ଏକବର୍ଷ ପର୍ଯ୍ୟନ୍ତ ନିଜ ନିଜ ମଧ୍ୟରେ ସାକ୍ଷାତକାର ହେବା ଉଚିତ୍ । ଯଦ୍ୱାରା ଶିଷ୍ୟ ବୁଝିପାରିବ ଏ ଜଣେ ବ୍ୟକ୍ତି ଯାହାଙ୍କୁ କି ମୁଁ ଗୁରୁ ଗ୍ରହଣ କରିପାରିବି ଏବଂ ଗୁରୁ ମଧ୍ୟ ଦେଖିବେ ଏ ଜଣେ ବ୍ୟକ୍ତି ଯେ କି ମୋର ଶିଷ୍ୟ ହେବା ପାଇଁ ଉପଯୁକ୍ତ ତାହାହେଲେ ସବୁ ଠିକ୍ ହେବ ।

**ବ୍ୟକ୍ତି ଏକ ବର୍ଷ ପର୍ଯ୍ୟନ୍ତ ଶ୍ରବଣ କରିବା ଉଚିତ୍**

ଗୁରୁ ଗ୍ରହଣ କରିବା ପୂର୍ବରୁ ଗୋଟିଏ ବର୍ଷ ପର୍ଯ୍ୟନ୍ତ ଜଣେ ତାଙ୍କ ଠାରୁ ଶ୍ରବଣ କରିବା ଉଚିତ୍ । ଯେତେବେଳେ ସେ ହୃଦ୍‌ବୋଧ କରିବେ ସେହି ମୋର ପ୍ରକୃତରେ ଗୁରୁ ଯେ'କି ମୋତେ ଶିକ୍ଷା ଦେଇପାରିବେ । ସେତେବେଳେ ତାଙ୍କୁ ଗୁରୁ ରୂପେ ଗ୍ରହଣ କରିବି । କଦାପି ଖାମଖିଆଲି ଭାବରେ ଗୁରୁ କିମ୍ବା ଶିଷ୍ୟ ଗ୍ରହଣ କରିବା ଉଚିତ୍ ନୁହେଁ ।

(ଶ୍ରୀମଦ୍ ଭାଗବତମ୍ ୧.୧୬.୨୫, ହାୱାଇ, ଜାନୁୟାରୀ ୨୧, ୧୯୭୪)

**ଆଧ୍ୟାତ୍ମିକ ଗୁରୁଙ୍କୁ ତ୍ୟାଗ କରିବାର ମନୋଭାବ ଆସିବା ଉଚିତ୍ ନୁହେଁ**

ଶାସ୍ତ୍ରରେ ନିର୍ଦ୍ଦେଶ ଦିଆଯାଇଛି ଶିଷ୍ୟ କିମ୍ବା ଗୁରୁ ଗ୍ରହଣ ପୂର୍ବରୁ ଉଭୟ ଉଭୟଙ୍କୁ ପରୀକ୍ଷା କରିବା ଉଚିତ୍ । ଆମେ ଘରୋଇ ଉପକରଣ କିଣିବା ସମୟରେ ଯେପରି ପରୀକ୍ଷା କରି କିଣିବାର ଠିକ୍ ସେହିପରି ପ୍ରକୃତ ଆଧ୍ୟାତ୍ମିକ ଗୁରୁଙ୍କୁ ଠିକ୍ ଭାବେ ପରୀକ୍ଷା କରି ତାଙ୍କୁ ଗ୍ରହଣ କରିବା ଉଚିତ୍ । ଜଣେ ଆଧ୍ୟାତ୍ମିକ ଗୁରୁଙ୍କୁ ତ୍ୟାଗ କରିବାର ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ଯଦି ଜଣେ ଦୁରଦର୍ଶୀ ବା ବିଜ୍ଞ, ସେ ଏପ୍ରକାର ପରିସ୍ଥିତିକୁ ଉପେକ୍ଷା କରିପାରେ ।

(ହରିନାମ ଚିନ୍ତାମଣି.୬)

**ବ୍ୟକ୍ତି ସାମାଜିକ ପ୍ରଥା ବା ଚଳଣୀ ଉପରେ ଆଧାର କରି ଗୁରୁ ଗ୍ରହଣ କରିବା ଉଚିତ୍ ନୁହେଁ.......**

ଏହା ବାଧ୍ୟତାମୂଳକ ଯେ ଏକ ଗମ୍ଭୀର ବ୍ୟକ୍ତି ଶାସ୍ତ୍ର ନିର୍ଦ୍ଦେଶକୁ ଆଧାର କରି ଏକ ପ୍ରାମାଣିକ ଗୁରୁଙ୍କୁ ଗ୍ରହଣ କରିବା ଉଚିତ୍ । ଶ୍ରୀଲ ଜୀବଗୋସ୍ୱାମୀ ଉପଦେଶ ଦେଇଛନ୍ତି ଯେ ଜଣେ ଉତ୍ତରାଧିକାରୀ ସୂତ୍ରରେ କିମ୍ବା ସାମାଜିକ ଚଳଣି ବା ପ୍ରଥା ଅନୁଯାୟୀ ଏବଂ ଧର୍ମ ଯାଜକ ମତାନୁଯାୟୀ ଗୁରୁ ଗ୍ରହଣ କରିବା ଉଚିତ୍ ନୁହେଁ । ବ୍ୟକ୍ତି ଏକ ଆଧ୍ୟାତ୍ମିକ ଯୋଗ୍ୟତାସଂପନ୍ନ ଗୁରୁଙ୍କୁ ଅନ୍ୱେଷଣ କରି ତାଙ୍କଠାରୁ ଜ୍ଞାନ ଲାଭ କରିବା ଉଚିତ୍ ।

(ଚୈତନ୍ୟ ଚରିତାମୃତ ଆଦି.୧.୩୫ ଭାବାର୍ଥ)

**ନିଜର ବୁଦ୍ଧିମତ୍ତା ପ୍ରୟୋଗ କରି ଠିକ୍ ଭାବରେ ପସନ୍ଦ କରିବା ଉଚିତ୍........**

ନିଜର ବୁଦ୍ଧିମତ୍ତା ପ୍ରୟୋଗ କରି ଜଣେ ଆଧ୍ୟାତ୍ମିକ ଗୁରୁଙ୍କୁ ଗ୍ରହଣ କରିବା ଉଚିତ୍ ଯେଉଁ ବ୍ୟକ୍ତି ତାକୁ ଭଗବତ୍ ଧାମକୁ ନେଇପାରିବେ, ଠିକ୍ ସେହିପରି ବ୍ୟକ୍ତିଙ୍କ ଠାରୁ ଜଣେ ଦୀକ୍ଷା ଗ୍ରହଣ କରିବା ଉଚିତ୍ । ସାଧୁ ଶାସ୍ତ୍ର, ଗୁରୁ ଶିଷ୍ୟର ଆଧ୍ୟାତ୍ମିକ ଦିଗରେ ଅଗ୍ରଗତି କରିବା ପାଇଁ ସବୁ ପ୍ରକାରେ ପ୍ରୟାସ କରିଥା'ନ୍ତି । ଇସ୍କନ ନିୟମ ଅନୁସାରେ ଗୁରୁଙ୍କର ଅନୁମୋଦନ ଲାଭ କଲା ପରେ ଶିଷ୍ୟ ଦୀକ୍ଷା ଗ୍ରହଣ ନିମିତ୍ତ ଯୋଗ୍ୟ ହୋଇଥାଏ ।

(ଇସ୍କନ ନିୟମ୭.୨ ଦୀକ୍ଷା ଗ୍ରହଣ କରିବା ଶିଷ୍ୟର ଦାୟିତ୍ୱ)

# ଅତିରିକ୍ତ ଉଦ୍ଧୃତି ଷଷ୍ଠ ଅଧ୍ୟାୟ ଗୁରୁ ଚୟନ

## ଏକ ପ୍ରାମାଣିକ ଗୁରୁଙ୍କର ଯୋଗ୍ୟତା

**ତସ୍ମାଦ୍ ଗୁରୁଂ ପ୍ରପଦ୍ୟେତ୍ ଜିଜ୍ଞାସୁଃ ଶ୍ରେୟ ଉତ୍ତମମ୍ ।**
**ଶାବ୍ଦେ ପରେ ଚ ନିଷ୍ଣାତଂ ବ୍ରହ୍ମଣି ଉପଶମାଶ୍ରୟମ୍ ।।**

ଯେଉଁ ବ୍ୟକ୍ତି ଗମ୍ଭୀର ଭାବରେ ଜୀବନରେ ପ୍ରକୃତ ସୁଖ ଓ ଆନନ୍ଦ ଚାହାନ୍ତି ସେମାନେ ପ୍ରାମାଣିକ ଗୁରୁଙ୍କର ଆଶ୍ରିତ ହୋଇ ତାଙ୍କ ଠାରୁ ଦୀକ୍ଷା ଗ୍ରହଣ କରିବା ଉଚିତ୍ । ପ୍ରାମାଣିକ ଗୁରୁଙ୍କର ଯୋଗ୍ୟତା ହେଉଛି ଯେ ଅଦ୍ୱୟ ସତ୍ୟକୁ ଭଲଭାବରେ ହୃଦୟଙ୍ଗମ କରୁଥିବେ ଏବଂ ଶାସ୍ତ୍ର ଜ୍ଞାନରେ ପାରଙ୍ଗମ ହୋଇଥିବେ ଏବଂ ଅନ୍ୟମାନଙ୍କୁ ଭଲଭାବରେ ବୁଝାଇ ପାରୁଥିବେ, ଯେଉଁମାନେ ଭୌତିକ ବିଷୟବସ୍ତୁକୁ ସଂପୂର୍ଣ୍ଣରୂପେ ତ୍ୟାଗ କରି ପରମପୁରୁଷ ଭଗବାନଙ୍କ ନିକଟରେ ସଂପୂର୍ଣ୍ଣଭାବେ ଆଶ୍ରିତ ହୋଇଥିବେ ସେମାନଙ୍କୁ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁ ବୋଲି ବୁଝିବାକୁ ହେବ ।

## ଗୁରୁଙ୍କର ଚୟନ

**ଏକ ଉତ୍ତମ ଅଧିକାରୀଙ୍କୁ ଆଧ୍ୟାତ୍ମିକ ଗୁରୁ ରୂପେ ଗ୍ରହଣ କରିବା ନିମିତ୍ତ ଏକ ଶିଷ୍ୟ ଯତ୍ନବାନ ହେବା ଉଚିତ୍ ।**

ଯେତେବେଳେ ଏକ ବ୍ୟକ୍ତି ଭଗବାନ କୃଷ୍ଣଙ୍କର ନିତ୍ୟ ଦାସ ବୋଲି ଅନୁଭବ କରେ ସେତେବେଳେ ତା'ର ସବୁ ବସ୍ତୁ ପ୍ରତି ବୈରାଗ୍ୟଭାବ ଆସିଥାଏ । ସବୁବେଳେ କୃଷ୍ଣଙ୍କୁ ଚିନ୍ତା କରି ଭଗବାନଙ୍କର ଦିବ୍ୟ ନାମକୁ ପ୍ରଚାର କରିବା ପାଇଁ ସ୍ଥିର କରିଥାଏ । ସେ ବୁଝିଥାଏ ଯେ, ସମଗ୍ର ପୃଥିବୀରେ କୃଷ୍ଣଚେତନା ପ୍ରଚାର କରିବା ହେଉଛି ତା'ର ମୌଳିକ ଉଦ୍ଦେଶ୍ୟ । ସେହିପରି ବ୍ୟକ୍ତିକୁ ଉତ୍ତମ ଅଧିକାରୀ କୁହାଯାଏ । ଛଅଟି ପଦ୍ଧତି ମଧ୍ୟରୁ ତାଙ୍କର ସଙ୍ଗ ଲାଭ ନିତ୍ୟାନ୍ତ ଆବଶ୍ୟକ (ଦଦାତି ପ୍ରତିଗୃହ୍ନାତି) ଉନ୍ନତ ଉତ୍ତମ ଅଧିକାରୀଙ୍କୁ ଆଧ୍ୟାତ୍ମିକ ଗୁରୁରୂପେ ଗ୍ରହଣ କରାଯାଏ । ପ୍ରତ୍ୟେକ ବସ୍ତୁ ତାକୁ ସମର୍ପିତ ହେବା ଉଚିତ୍ ଏବଂ ଯାହା ସେ ପ୍ରଦାନ କରୁଛନ୍ତି ତାଙ୍କୁ ଅନ୍ୟମାନଙ୍କୁ ପ୍ରଦାନ କରିବା ଉଚିତ୍ ।

ଶ୍ରୀଲ ଭକ୍ତିବିନୋଦ ଠାକୁର ଉତ୍ତମ ଅଧିକାରୀ ସଂପର୍କରେ କେତେକ ମତ ପ୍ରଦାନ କରିଛନ୍ତି । ଏକ ଉତ୍ତମ ଅଧିକାରୀ ବହୁତ ପତିତ ବଦ୍ଧଜୀବଙ୍କୁ ବୈଷ୍ଣବରେ ପରିଣତ କରିଥାଏ । ଏହି ଶ୍ଳୋକରେ ରୂପଗୋସ୍ୱାମୀ ଭକ୍ତମାନଙ୍କୁ ଉପଦେଶ ଦେଇଛନ୍ତି ଯେ ଜଣେ ଉତ୍ତମ ମଧ୍ୟମ କନିଷ୍ଠ ଅଧିକାରୀଙ୍କ ମଧ୍ୟରେ ପ୍ରଭେଦ ଜାଣିବା ଉଚିତ୍ । ଜଣେ ଉତ୍ତମ ଅଧିକାରୀ ନ ହେଲେ ଆଧ୍ୟାତ୍ମିକ ଗୁରୁ ହୋଇପାରିବ ନାହିଁ । ଏକ ନୂତନ ଭକ୍ତ କିମ୍ବା ଏକ ବୈଷ୍ଣବ ମଧ୍ୟବର୍ତ୍ତୀ ସ୍ଥିତିରେ ରହି ମଧ୍ୟ ଶିଷ୍ୟ ଗ୍ରହଣ କରିପାରିବ । କିନ୍ତୁ ସେହି ଶିଷ୍ୟଗୁଡ଼ିକ ସେହି ସ୍ଥିତିରେ ରହିବେ ଏବଂ ଏଥିପାଇଁ କୁହାଯାଇଛି ଯେ ସେମାନେ ସଂପୂର୍ଣ୍ଣ ଆଧ୍ୟାତ୍ମିକ ନିର୍ଦ୍ଦେଶ ନ ପାଇଥିବା ହେତୁ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ । ସେଥିପାଇଁ ଏକ ଶିଷ୍ୟ ଉତ୍ତମ ଅଧିକାରୀଙ୍କୁ ଆଧ୍ୟାତ୍ମିକ ଗୁରୁ ରୂପେ ଯତ୍ନର ସହିତ ଗ୍ରହଣ କରିବା ଉଚିତ୍ ।

(ଉପଦେଶାମୃତ ୫ର ଭାବାର୍ଥ)

## ତୁମେ ଅଧିକ ସଂଜ୍ଞା ଆବଶ୍ୟକ କରନାହିଁ ଗୁରୁ ପ୍ରକୃତରେ କ'ଣ ?

ଗୁରୁ କିପ୍ରକାର ବସ୍ତୁ ସେ ସଂପର୍କରେ ଅଧିକ ସଂଜ୍ଞାର ଆବଶ୍ୟକତା ନାହିଁ । ବୈଦିକ ଜ୍ଞାନରେ ସୂଚିତ କରାଯାଇଛି 'ତଦ୍‌ବିଜ୍ଞାନାର୍ଥମ୍' ଯଦି ତୁମେ ଆଧ୍ୟାତ୍ମିକ ଜୀବନର ବିଜ୍ଞାନକୁ ଜାଣିବାକୁ ଚାହଁ ତାହାହେଲେ ତଦ୍ ବିଜ୍ଞାନର୍ଥଂ ସ ଗୁରୁଂ ଏବାଭି ଗଚ୍ଛେତ୍ । ତୁମେ ଗୁରୁଙ୍କୁ ଜିଜ୍ଞାସା କରିବ, ଗୁରୁ କିଏ ? ଗୁରୁର ଅର୍ଥ ଭଗବାନଙ୍କର ବିଶ୍ୱସ୍ତ ଭୃତ୍ୟ । ଅତି ସରଳ ।

(ଶ୍ରୀମଦ୍ ଭାଗବତମ୍ ୬.୧.୨୬.୨୭
ଫିଲାଡ଼େଲଫିଆ, ଜୁଲାଇ ୧୨, ୧୯୭୫)

## ସପ୍ତମ ଅଧ୍ୟାୟ ଦୀକ୍ଷାର ଶପଥ

### ଅଧ୍ୟାୟର ପାଠ୍ୟ

- କଡ଼ାକଡ଼ି ଭାବେ ଦୀକ୍ଷା ଶପଥକୁ ପାଳନ କରିବା
- ଦୀକ୍ଷା ଶପଥ ପାଳନ ସମୟରେ ବାଧା ସମୂହକୁ ମୁକାବିଲା କରିବା
- ବାଧା ସମୂହର ସମାଧାନ
- ସଂଶୋଧନର ମାର୍ଗ

| | |
|---|---|
| ମାଂସାହାର ନିଷେଧ | ← ଦୟା |
| ନିଶାଦ୍ରବ୍ୟ ନିଷେଧ | ← ତପସ୍ୟା |
| ଅବୈଧ ଯୌନ ସମ୍ବନ୍ଧ ନିଷେଧ | ← ଶୌଚମ୍ |
| ଜୁଆଖେଳ ନିଷେଧ | ← ସତ୍ୟମ୍ |

### ଦୀକ୍ଷା ଶପଥଗୁଡ଼ିକ ପାଳନର ଗୁରୁତ୍ୱ

**ମୁଁ ତୁମକୁ ସୁରକ୍ଷା ଦେଇପାରିବି ନାହିଁ । ତାହା ସମ୍ଭବ ନୁହେଁ......**

ଚାରୋଟି ନିୟମ ପାଳନ କରିବା ଏତେ କଷ୍ଟକର ନୁହେଁ । ତୁମେ ଯଦି ଗମ୍ଭୀର ହେବ ଏ ବଦ୍ ଅଭ୍ୟାସକୁ ତ୍ୟାଗ କରିପାରିବ । ତା' ନ ହେଲେ ତୁମେ ଯାହା ଚାହିଁବ ତାହା କରିବ ମୁଁ ତୁମକୁ ସୁରକ୍ଷା ଦେଇପାରିବି ନାହିଁ । ତେଣୁ ତୁମକୁ ନୀତିନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ । ତା' ପରେ ଦୀକ୍ଷା ନେବ । ତା'ନହେଲେ ଢ଼ଙ୍ଗ କରିବା ଆବଶ୍ୟକ ନାହିଁ । ଏହା ହିଁ ମୋର ଅନୁରୋଧ ।

(ଶ୍ରୀମଦ୍ ଭାଗବତମ୍. ୧.୧୬.୩୫ ହାୱାଲି, ଜାନୁୟାରି ୨୮, ୧୯୭୪)

**ସେମାନେ ମୋର ଶିଷ୍ୟ ନୁହଁନ୍ତି.......**

ମୋର ଉପଦେଶ ହେଉଛି ପ୍ରତ୍ୟେକ ଦିନ ୧୬ ମାଳା ଜପ କର ଏବଂ ୪ଟି ନିୟମ କଡ଼ାକଡ଼ି ଭାବେ ପାଳନ କର । ମୋର ଶିଷ୍ୟଗଣ ଏଥିରେ ରାଜି ହେବା ଉଚିତ୍ । ତା' ନହେଲେ ସେମାନେ ମୋର ଶିଷ୍ୟ ନୁହଁନ୍ତି । ସ୍ୱର୍ଗରେ କିମ୍ବା ନର୍କରେ ରହିଲେ ମଧ୍ୟ ମୋର ଶିଷ୍ୟ ନିୟମଗୁଡ଼ିକ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ୍ ।

(ରାଜଲକ୍ଷ୍ମୀଙ୍କ ନିକଟକୁ ପତ୍ର, ମାୟାପୁର, ୧୭ ଫେବୃୟାରୀ, ୧୯୭୬)

**ବାଧା ସମୂହର ସମାଧାନ**

ଦୀକ୍ଷାକାଳୀନ ପ୍ରତିଜ୍ଞା ସମୂହ କଡ଼ାକଡ଼ି ମାନିବା ସମୟରେ ବାସ୍ତବ କ୍ଷେତ୍ରରେ ଯେଉଁସବୁ ବାଧା ବିପତ୍ତି ଆସେ ତାହାକୁ ସମ୍ମୁଖୀନ ହେବା ପାଇଁ କେତେଗୁଡ଼ିଏ ଉପକାରୀ ସମାଧାନମାନ ନିମ୍ନରେ ବର୍ଣ୍ଣନା କର ।

**କୃଷ୍ଣ ଚେତନାରେ ଅଧିକ ଅଗ୍ରଗତି ନିମିତ୍ତ ତପସ୍ୟା**

ଯଦି ତୁମେ ତୁମର ଆଧ୍ୟାତ୍ମିକ ଗୁରୁଙ୍କର ପ୍ରତିଜ୍ଞା ପୂରଣ କରିବାରେ ଅକ୍ଷମ ତେବେ ତୁମେ ଶିଷ୍ୟ ବା ଭକ୍ତ ହେବାର କି ଅଧିକାର ଅଛି ? ତାହା ହିଁ କେବଳ ଛଳନା ମାତ୍ର । ତେଣୁ ତୁମେ ଏହିପ୍ରକାରେ ଚିନ୍ତା କରିପାର ମୁଁ ଆଧ୍ୟାତ୍ମିକ ଗୁରୁଙ୍କର ନିକଟରେ ପ୍ରତିଜ୍ଞା କଲି ମୁଁ ତାହାକୁ ନିଶ୍ଚୟ ପୂରଣ କରିବି ତା' ନହେଲେ ମୋର ଶିଷ୍ୟ ହେବାର ଅଧିକାର ନାହିଁ । କୃଷ୍ଣ ଚେତନାରେ ଅଧିକ ଅଗ୍ରଗତି ନିମିତ୍ତ ତାହା ତୁମକୁ ସହାୟକ ହେବ । ତପସ୍ୟା ବିନା କୃଷ୍ଣ ଚେତନାରେ ଅଗ୍ରଗତି ଅସମ୍ଭବ । ଯଦି ଭୌତିକ ପ୍ରକୃତି ଏତେ ଆକର୍ଷିତ କରୁଛି ଏବଂ ତୁମେ ପ୍ରତିଜ୍ଞା ପୂରଣରେ ଅସମର୍ଥ ହେଉଛ ତେବେ ତୁମେ କୃଷ୍ଣଚେତନା ତ୍ୟାଗ କରି ମନକୁ ଯାହା ଆସୁଛି ତାହା କରିପାର । କିନ୍ତୁ ଯଦି ତୁମେ ନିଜକୁ ଭକ୍ତ ବୋଲି ପରିଚୟ ଦିଅ ଏବଂ ନିଜ କ୍ଷମତାରେ କୃଷ୍ଣଙ୍କୁ ସେବା କରିବାକୁ ଚାହଁ ତାହାହେଲେ ଏହି ଚାରୋଟି ସାଧନ ବିଧିକୁ କଡ଼ାକଡ଼ି ଭାବେ ପାଳନ କର । ଥରେ କିମ୍ବା ଦୁଇଥର କୃଷ୍ଣ ତୁମକୁ କ୍ଷମା କରିପାରିବେ । ତାହା କୌଣସି କଷ୍ଟ ନୁହେଁ କିନ୍ତୁ ଅଧିକ ଭୁଲ୍ କଲେ କୃଷ୍ଣ ତୁମକୁ କ୍ଷମା କରିପାରିବେ ନାହିଁ । ସବୁକିଛି ପରିଶ୍ରମ ବୃଥାରେ ନଷ୍ଟ ହେବ ।

(ସଂକର୍ଷଣକୁ ଚିଠି, ବମ୍ବେ ୩୧, ଡିସେମ୍ବର ୧୯୭୨)

**ଅବଜ୍ଞା କରିବା ଅର୍ଥ ଆଧ୍ୟାତ୍ମିକ ଗୁରୁଙ୍କ ସହ ସଂପର୍କକୁ ଛିନ୍ନ କରିବା**

ତୁମେ ପଚାରିଛ ଏହା କ'ଣ ସତ ଯେ ଆଧ୍ୟାତ୍ମିକ ଗୁରୁ ଭୌତିକ ବ୍ରହ୍ମାଣ୍ଡରେ ରହି ତାଙ୍କର ଶିଷ୍ୟମାନଙ୍କୁ ଚିଦାକାଶକୁ ନେଇଯିବେ । ଉତ୍ତର ହେଉଛି, ହଁ । ତାହା ହିଁ ସତ୍ୟ । ସେଥିପାଇଁ ସମସ୍ତ ଶିଷ୍ୟ ସଂପୂର୍ଣ୍ଣ ଯତ୍ନବାନ ହୋଇ କୌଣସି ଅପରାଧ କରିବାକୁ ଚେଷ୍ଟା କରିବ ନାହିଁ ଯାହା ଆଧ୍ୟାତ୍ମିକ ଜଗତକୁ ପ୍ରବେଶ କରିବା ଦିଗରେ ପ୍ରତିରୋଧ କରିବ । **ସେଥିପାଇଁ ଆଧ୍ୟାତ୍ମିକ ଗୁରୁ ପୁଣି ପରେ ଅବତରଣ କରି ତାହାକୁ ଉଦ୍ଧାର କରିବେ । ଏପ୍ରକାର ମନୋବୃତ୍ତି ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ ଅପରାଧ ସୂଚକ ଅଟେ ।** ଦଶ ଅପରାଧ ମଧ୍ୟରେ ଆଧ୍ୟାତ୍ମିକ ଗୁରୁଙ୍କର ଆଜ୍ଞା ପାଳନ ନ କରିବା ଏକ ଅପରାଧ ଅଟେ । ଦୀକ୍ଷା ସମୟରେ ଦିଆଯାଇଥିବା ଗୁରୁଙ୍କର ଉପଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ୍ । ଚିଦାକାଶକୁ ଯିବା ନିମିତ୍ତ ତାହା ସହାୟକ ହେବ । ଯଦି ଜଣେ ଜାଣିଶୁଣି ଉପଦେଶକୁ ପାଳନ କରିବାରେ ଅବହେଳା ପ୍ରଦର୍ଶନ କରେ ତାହାହେଲେ ଆଧ୍ୟାତ୍ମିକ ଗୁରୁଙ୍କ ସହ ଥିବା ସଂପର୍କ ତା'ର ଛିନ୍ନ ହୋଇଯାଏ ଏବଂ ଜନ୍ମ ଜନ୍ମାନ୍ତର ପାଇଁ ତାଙ୍କର ସାହାଯ୍ୟ ପାଇବା କଷ୍ଟକର ହୋଇପଡେ । ମୁଁ ଆଶା କରେ ତୁମର ପ୍ରଶ୍ନ ପାଇଁ ଏହି ଉତ୍ତର ପର୍ଯ୍ୟାପ୍ତ ହେବ ।

(ଜୟପତାକାଙ୍କ ନିକଟକୁ ଚିଠି, ଜୁଲାଇ ୧୧, ୧୯୬୯)

## ଅତିରିକ୍ତ ଉଦ୍ଧୃତି          ଅଧ୍ୟାୟ : ସପ୍ତମ          ଦୀକ୍ଷାର ଶପଥ

### ଯଦି ମୁଁ ଜଳ ଢ଼ାଳିବି ତେବେ ଅଗ୍ନି ସଂଯୋଗ କଷ୍ଟକର ହେବ........

ବାସ୍ତବିକ ହରିନାମ ଜପ ତୁମକୁ ବିଶୁଦ୍ଧ କରିବ । ତାହା ବହୁତ ଭଲ । ବର୍ତ୍ତମାନ ଏହି ନିଆଁ, ମୁଁ ଅଗ୍ନି ସଂଯୋଗ କରିବାକୁ ଯାଉଛି । ଏହା ଶୁଖିଲା କାଠ । ଯଦି ମୁଁ ତାକୁ ଶୁଖିଲା ରଖିବା ପାଇଁ ଚେଷ୍ଟା କରେ ତେବେ ସେଥିରୁ ନିଆଁ ଖୁବ୍ ସୁନ୍ଦର ରୂପେ ବାହାରିବ । ଯଦି ମୁଁ ଜଳ ଢ଼ାଳିବି ତାହାହେଲେ ଅଗ୍ନି ସଂଯୋଗ କରିବା କଷ୍ଟକର ହେବ । ଠିକ୍ ସେହିପରି କୃଷ୍ଣ ଚେତନାର ଅଗ୍ନି ତୁମକୁ ଅଗ୍ରଗତିରେ ସାହାଯ୍ୟ କରିବ । ଠିକ୍ ସେହି ସମୟରେ ତୁମେ ଯଦି ସେଥିରେ ଜଳ ନ ଢ଼ାଳିବ ତାହାହେଲେ ତାହା ଖୁବ୍ ଭଲ । ଠିକ୍ ସେହିପରି କୃଷ୍ଣ ଚେତନା କିମ୍ବା ହରେକୃଷ୍ଣ ଜପ ତୁମକୁ ଅଗ୍ରଗତିରେ ସାହାଯ୍ୟ କରିବ । ଠିକ୍ ସେହି ସମୟରେ ତୁମେ ଅପରାଧ ନ କରିବା ଉଚିତ୍ । ତାହାହେଲେ ତାହା ଖୁବ୍ ଭଲ ହେବ । ଯଦି ତୁମେ ଜଳ ଢ଼ାଳିବ, ତେବେ ଯେପରି ଏକ ବ୍ୟକ୍ତି ଔଷଧ ଖାଇବା ସଙ୍ଗେ ସଙ୍ଗେ ନାନାପ୍ରକାର ଅପରାଧ କରିବ, ତାହାହେଲେ ସେ ଆରୋଗ୍ୟ ହେବ ନାହିଁ କିମ୍ବା ଆରୋଗ୍ୟ ହେବା ପାଇଁ ବହୁ ବହୁ ସମୟ ଲାଗିବ । ତେଣୁ ଆମେମାନେ ଦାୟିତ୍ୱଶୂନ୍ୟ ହେବା ନାହିଁ । କାରଣ ଆମର ଜୀବନ ଖୁବ୍ ସ୍ୱଳ୍ପ ।

(ଦୀକ୍ଷାର ବକ୍ତୃତା ସାନଫ୍ରାନ୍‌ସିସ୍କୋ, ମାର୍ଚ୍ଚ ୧୦, ୧୯୬୮)

### ଚୈତନ୍ୟ ମହାପ୍ରଭୁ ପାପୀ ବ୍ୟକ୍ତିଙ୍କୁ ଗୋଟିଏ ସର୍ତ୍ତରେ ଗ୍ରହଣ କରିଛନ୍ତି

ଯେତେବେଳେ ମହାପ୍ରଭୁ ସୁଦର୍ଶନ ଚକ୍ରକୁ ଆହ୍ୱାନ କଲେ ଏବଂ ନିତ୍ୟାନନ୍ଦ ପ୍ରଭୁ ତାଙ୍କୁ ଅନୁରୋଧ କଲେ ଦୁଇଭାଇଙ୍କୁ କ୍ଷମା କରିଦେବା ଲାଗି । ଉଭୟ ଦୁଇଭାଇ ଭଗବାନଙ୍କ ପାଦପଦ୍ମରେ ପଡ଼ିଗଲେ ଏବଂ ତାଙ୍କ ପୂର୍ବକୃତ ଅପରାଧ ନିମିତ୍ତ କ୍ଷମା ପ୍ରାର୍ଥନା କଲେ ଏବଂ ମହାପ୍ରଭୁ ସେହି ଦୁଇ ପ୍ରାଣୀଙ୍କୁ ଗ୍ରହଣ କରିବା ପାଇଁ ନିତ୍ୟାନନ୍ଦ ପ୍ରଭୁଙ୍କୁ କହିଲେ ଏବଂ ନିତ୍ୟାନନ୍ଦ ପ୍ରଭୁ ରାଜି ହେବା ପରେ ମହାପ୍ରଭୁ ତାଙ୍କୁ ଗ୍ରହଣ କରିବା ପାଇଁ ଏକ ସର୍ତ୍ତ ରଖିଲେ । ସେମାନେ ଭବିଷ୍ୟତରେ ଆଉ ଏପରି ପାପ କର୍ମ କରିବେ ନାହିଁ ଏବଂ ପୂର୍ବକୃତ ବ୍ୟଭିଚାର ସମୂହ ସଂପୂର୍ଣ୍ଣରୂପେ ତ୍ୟାଗ କରିବେ । ଦୁଇଭାଇ ରାଜି ହେଲେ ଏବଂ ପାପ କର୍ମ ନ କରିବା ପାଇଁ ପ୍ରତିଜ୍ଞା କଲେ । ତାହା ପରେ ମହାପ୍ରଭୁ ତାଙ୍କୁ ଗ୍ରହଣ କଲେ ଏବଂ ପରବର୍ତ୍ତି ସମୟରେ ସେମାନେ ଆଉ ପାପକର୍ମ କରିନାହାଁନ୍ତି । ଏହା ହେଉଛି ଚୈତନ୍ୟ ମହାପ୍ରଭୁଙ୍କର ଅନନ୍ୟ କୃପା । ବର୍ତ୍ତମାନ ଯୁଗରେ କେହି କହିପାରିବେ ନାହିଁ ଯେ ମୁଁ ପାପରୁ ମୁକ୍ତ । ଏହା କହିବା ସଂପୂର୍ଣ୍ଣ ଅସମ୍ଭବ । କିନ୍ତୁ ଚୈତନ୍ୟ ମହାପ୍ରଭୁ ସବୁପ୍ରକାର ପାପୀମାନଙ୍କୁ ଏକ ସର୍ତ୍ତରେ ଗ୍ରହଣ କରିଛନ୍ତି ଯେ ସେମାନେ ପ୍ରାମାଣିକ ଆଧାତ୍ମିକ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିବା ପରେ ଆଉ ପାପ କର୍ମ କରିବେ ନାହିଁ । ଏହି କଳିଯୁଗରେ ପ୍ରାୟ ସବୁ ଲୋକ ଜଗାଇ ମାଧାଇଙ୍କ ପରି । ସେମାନେ ଯଦି ତାଙ୍କର ପାପକର୍ମରୁ ସଂପୂର୍ଣ୍ଣ ମୁକ୍ତ ହେବା ପାଇଁ ଚାହାଁନ୍ତି ସେମାନେ ଚୈତନ୍ୟ ମହାପ୍ରଭୁଙ୍କର ନିଶ୍ଚିତ ରୂପେ ଶରଣ ନେବା ଆବଶ୍ୟକ ଏବଂ ଆଧାତ୍ମିକ ଦୀକ୍ଷା ପରେ ଶାସ୍ତ୍ରରେ ନିର୍ଦ୍ଦେଶିତ ଉପଦେଶକୁ ସେମାନେ କେବେ ଉଲଂଘନ କରିବେ ନାହିଁ ।

(ଶ୍ରୀମଦ୍ ଭାଗବତର ଉପକ୍ରମଣିକା)

### ଭକ୍ତର ହୃଦୟରେ ବିଶୁଦ୍ଧତାର ପଥ ରହିଛି

ବେଦର ବର୍ଣ୍ଣନା ଅନୁସାରେ ଯଦି ଜଣେ ଶୀର୍ଷତମ ସ୍ଥାନରୁ ପତିତ ହୁଏ ତେବେ ତାହାକୁ ବିଶୁଦ୍ଧ ହେବା ପାଇଁ କେତେକ ଆନୁଷ୍ଠାନିକ ମାର୍ଗ ଗ୍ରହଣ କରିବାକୁ ପଡ଼ିବ । କିନ୍ତୁ ଏଠାରେ ସେପରି କିଛି ସର୍ତ୍ତ ନାହିଁ । ବିଶୁଦ୍ଧତାର ପଥ ଭକ୍ତର ହୃଦୟରେ ବରାବର ରହିଛି । ଭଗବାନଙ୍କର ଦିବ୍ୟ ନାମ ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ହରେ ରାମ ହରେ ରାମ ରାମ ରାମ ହରେ ହରେ ସର୍ବଦା ସ୍ମରଣ କରିବା ଦ୍ୱାରା ସେ ପାପ ମୁକ୍ତ ହୋଇଥାଏ ।          (ଭ.ଗୀ.୯.୩୧)

### ତୁମେ ଗୋଟିଏ ଭଦ୍ର ଲୋକ ନୁହଁ ଭକ୍ତ କଥା କ'ଣ ବା କହିବା

ହୃଦୟାନନ୍ଦ - ସେ ଜାଣିବା ପାଇଁ ଚାହୁଁଛି ଗୁରୁଙ୍କୁ ଅବଜ୍ଞା କରିବା ସବୁଠାରୁ ବଡ଼ ଅପରାଧ କି ?

ପ୍ରଭୁପାଦ - ହଁ, ତାହା ହିଁ ପ୍ରଥମ ଅପରାଧ ଗୁରୋର୍ ଅବଜ୍ଞ ଶ୍ରୁତି ଶାସ୍ତ୍ର ନିନ୍ଦନମ୍ ଶ୍ରୁତି ଶାସ୍ତ୍ର ନିନ୍ଦନମ୍ ଗୁରୁର୍ ଅବଜ୍ଞା ଯଦି ତୁମେ ଗୁରୁ ଗ୍ରହଣ କରି ତାଙ୍କୁ ଅମାନ୍ୟ କଲ ତାହାହେଲେ ତୁମର ସ୍ଥିତି କେଉଁଠି, ତୁମେ ଏକ ଭଦ୍ରଲୋକ ନୁହଁ । ତୁମେ ଗୁରୁଙ୍କ ସମ୍ମୁଖରେ, କୃଷ୍ଣଙ୍କ ସମ୍ମୁଖରେ ଏବଂ ଅଗ୍ନି ସମ୍ମୁଖରେ ପ୍ରତିଜ୍ଞା କଲ ଏବଂ କହିଲ "ମୁଁ ଆପଣଙ୍କର ଆଜ୍ଞା ପାଳନ କରିବି । ମୁଁ ତାହା ଗ୍ରହଣ କରିବି ଏବଂ ପୁଣି ତୁମେ ତାହା କରୁଛ । ତୁମେ ଏକ ଭଦ୍ରଲୋକ ନୁହଁ ତୁମକୁ ଭକ୍ତ ବୋଲି କିପରି କହିବା । ତାହାହିଁ ସାଧାରଣ କଥା ।     (ପ୍ରବଚନ, ଭ.ଗୀ.୨.୧୧ ମେକ୍ସିକୋ, ଫେବୃୟାରୀ ୧୧, ୧୯୭୫)

## ତୃତୀୟ ଦିବସ

## ଗୁରୁଙ୍କ ସହ ସମ୍ବନ୍ଧିତ ହୋଇ କାର୍ଯ୍ୟ କରିବା

**ଅଷ୍ଟମ ଅଧ୍ୟାୟ - ଗୁରୁ ପୂଜା**

ଶ୍ରୀଲ ପ୍ରଭୁପାଦଙ୍କର ପ୍ରତ୍ୟହ ପୂଜା

ଗୁରୁପୂଜାର ଗୁରୁତ୍ୱ

ଇସ୍କନ ଗୁରୁଙ୍କର ପ୍ରଚଳିତ ପୂଜା

ବ୍ୟାସପୂଜା

**ନବମ ଅଧ୍ୟାୟ - ଗୁରୁ ସେବା**

ଏକ ଶିଷ୍ୟର ଯୋଗ୍ୟତା

ଗୁରୁସେବା ଏବଂ ଇସ୍କନ ପ୍ରତି ସେବା

କୃତଜ୍ଞତା ସମ୍ମିଳନର ଏକ ଆନୁପାତିକ ବ୍ୟବହାର

**ଦଶମ ଅଧ୍ୟାୟ - ଗୁରୁ ବପୁ ଓ ବାଣୀ ସେବା**

ଗୁରୁବପୁ ଓ ବାଣୀ ସେବାର କାର୍ଯ୍ୟ ପ୍ରଣାଳୀ

ଗୁରୁ ବପୁ ସେବାର ଗୁରୁତ୍ୱ

ଗୁରୁଙ୍କ ଉପସ୍ଥିତିରେ ପ୍ରକୃତ ବ୍ୟବହାର

ଗୁରୁଙ୍କ ଠାରୁ ଜିଜ୍ଞାସା

ଗୁରୁବାଣୀ ସେବାର ଗୁରୁତ୍ୱ

**ଏକାଦଶ ଅଧ୍ୟାୟ -ଗୁରୁ ତ୍ୟାଗ**

ଗୁରୁ ତ୍ୟାଗର ନୀତି ଓ କାର୍ଯ୍ୟ ପଦ୍ଧତି

ନିର୍ଦ୍ଦିଷ୍ଟ ଗୁରୁଙ୍କ ସଂପର୍କରେ ଅଭିଯୋଗର କାର୍ଯ୍ୟ ପଦ୍ଧତି

ଦ୍ୱିତୀୟ ବାର ଦୀକ୍ଷା

ଇସ୍କନରେ ଭକ୍ତିଯୋଗର ଅଭ୍ୟାସ

## ଅଷ୍ଟମ ଅଧ୍ୟାୟ ଗୁରୁ ପୂଜା

### ଅଧ୍ୟାୟର ପାଠ୍ୟ

- ଶ୍ରୀଲ ପ୍ରଭୁପାଦଙ୍କର ପ୍ରତ୍ୟହ ପୂଜା
- ଗୁରୁ ପୂଜାର ଗୁରୁତ୍ୱ
- ଇସ୍କନ ଗୁରୁଙ୍କର ପ୍ରଚଳିତ ପୂଜା
- ବ୍ୟାସପୂଜା

### ଗୁରୁ ପୂଜାର ଗୁରୁତ୍ୱ

**ସାକ୍ଷାଦ୍‌ଧରିତ୍ୱେନ ସମସ୍ତ ଶାସ୍ତ୍ରୈ**
**ଉକ୍ତସ୍‌ତଥା ଭାବ୍ୟତ ଏବ ସଦ୍‌ଭିଃ**

ଆଧ୍ୟାତ୍ମିକ ଗୁରୁ ଭଗବାନଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ସେବକ ହୋଇଥିବା ହେତୁ ତାଙ୍କୁ ଭଗବାନଙ୍କ ପରି ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟକ ।

(ଶ୍ରୀ ଶ୍ରୀ ଗୁର୍ବାଷ୍ଟକ ୭ ଶ୍ଳୋକ)

**ଆରାଧନାନାଂ ସର୍ବେଷାଂ ବିଷ୍ଣୋଃ ଆରାଧନାଂ ପରାମ୍**
**ତସ୍ମାତ୍ ପରତରଂ ଦେବୀ ତଦୀୟାନାଂ ସମର୍ଚ୍ଚନମ୍**

ଶିବଜୀ ତାଙ୍କର ପତ୍ନୀ ଦୁର୍ଗା ଦେବୀଙ୍କୁ କହୁଛନ୍ତି, ହେ ପ୍ରିୟ ଦେବୀ ସମସ୍ତ ଦେବତାଙ୍କ ପୂଜା ମଧ୍ୟରେ ଭଗବାନ ବିଷ୍ଣୁଙ୍କର ପୂଜାକୁ ସର୍ବୋତ୍ତମ ବୋଲି ବେଦରେ ବର୍ଣ୍ଣନା କରାଯାଇଛି । କିନ୍ତୁ ତାହା ଠାରୁ ଉନ୍ନତତମ ପୂଜା ହେଉଛି ସେହି ବିଷ୍ଣୁଙ୍କୁ ଯେଉଁମାନେ ସର୍ବାନ୍ତଃକରଣରେ ପୂଜା କରୁଛନ୍ତି ଏବଂ ତାଙ୍କ ସହିତ ସଂପର୍କିତ ଅଛନ୍ତି ଅର୍ଥାତ୍ ବୈଷ୍ଣବମାନଙ୍କର ପୂଜା ହିଁ ସର୍ବୋତ୍ତମ ଅଟେ ।

(ପଦ୍ମପୁରାଣ, ଚୈ.ଚ.ଲୀ. ୧୧.୩୧)

**ଯେ ମେ ଭକ୍ତଃ ଜନାଃ ପାର୍ଥ ନ ମେ ଭକ୍ତାଃ ଚ ତେ ଜନାଃ**
**ମଦ୍ ଭକ୍ତାନାଂ ଚ ଯେ ଭକ୍ତାଃ ତେ ମେ ଭକ୍ତତମା ମତଃ**

(ଭଗବାନ କୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି) ଯେଉଁମାନେ ମୋର ପ୍ରତ୍ୟକ୍ଷ ଭକ୍ତ ସେମାନେ ମୋର ପ୍ରକୃତ ଭକ୍ତ ନୁହଁନ୍ତି କିନ୍ତୁ ଯେଉଁମାନେ ମୋର ସେବକ ଭକ୍ତ ସେମାନେ ମୋର ଅତୀବ ପ୍ରିୟ ଅଟନ୍ତି ।

(ଆଦି ପୁରାଣ ଚୈ.ଚ.ମଧ୍ୟ-୧୧.୨୮)

**ଏହା ନିଜର ପ୍ରାଧାନ୍ୟ ବିସ୍ତାରିତ କାର୍ଯ୍ୟ ନୁହେଁ । ଏହା ପ୍ରକୃତ ଶିକ୍ଷା**

ଆମେ ଯେଉଁ ଗୁରୁ ପୂଜା କରୁଛେ ତାହା ନିଜର ବିଜ୍ଞାପନ ପ୍ରଚାର ପାଇଁ ନୁହେଁ । ଏହା ପ୍ରକୃତ ଶିକ୍ଷା । ତୁମେ ପ୍ରତ୍ୟେକ ଦିନ ଗାନ କରୁଛ ତାହା କ'ଣ? ଗୁରୁ ମୁଖ ପଦ୍ମ ବାକ୍ୟ ଚିତ୍ତେତେ କରିଆ ଐକ୍ୟ । ତାହା ହିଁ ଅନୁବାଦ । ମୁଁ ତୁମକୁ ସ୍ପଷ୍ଟଭାବରେ କହୁଛି କୃଷ୍ଣ ଚେତନାରେ ଯାହାକିଛି ସଫଳୀକୃତ ହୋଇଛି ତାହା କେବଳ ମୋର ଗୁରୁ ମହାରାଜଙ୍କ ବାଣୀକୁ ବିଶ୍ୱାସ କରୁଥିବାରୁ ତୁମେ ତାହାହିଁ କରିଚାଲ । ନିଶ୍ଚିତ କୃତକାର୍ଯ୍ୟ ହେବ ।

(ଉପସ୍ଥିତି ବାର୍ତ୍ତା, ନ୍ୟୁୟର୍କ, ଜୁଲାଇ ୯, ୧୯୭୬)

ନିୟମିତ ଗୁରୁ ପୂଜାର ଉପାଦେୟତାର କେତେଗୁଡ଼ିଏ ତାଲିକା ପ୍ରଦାନ କର

### ଇସ୍କନ ଗୁରୁମାନଙ୍କର ଆନୁଷ୍ଠାନିକ ଆରାଧନା

**ପ୍ରଣାମ ମନ୍ତ୍ର**

ଦୀକ୍ଷା ଗୁରୁଙ୍କର ପ୍ରଣାମ ମନ୍ତ୍ର ଗାନ କଲା ପରେ ସମସ୍ତ ପ୍ରଶିଷ୍ୟ ଏବଂ ଭବିଷ୍ୟତ ଉତ୍ତରାଧିକାରୀ ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରଣାମ କରିବା ସମୟରେ ଥରେ ଶ୍ରୀଲ ପ୍ରଭୁପାଦଙ୍କ ପ୍ରଣାମ ମନ୍ତ୍ର ଗାନ କରିବା ଉଚିତ୍ ।

(ଇସ୍କନ ନିୟମ ଓ ବିଧିବିଧାନ - ୭.୨.୧)

**ଆରତ୍ରୀ ଅର୍ପଣ**

ଯେତେବେଳେ ମନ୍ଦିର କିମ୍ବା ସଂପର୍କିତ ଉତ୍ସବମାନଙ୍କରେ ଆରତୀ କରାଯାଉଛି ପୂଜାରୀ ତା'ର ଦୀକ୍ଷା ଗୁରୁଙ୍କର ଫଟୋ ଭଗବାନଙ୍କର ସିଂହାସନରେ ନ ରଖି ଆରତୀ ଟ୍ରେ କିମ୍ବା ପାଖରେ ଥିବା ଟେବୁଲ୍‌ରେ ରଖି ପାରେ । ଦୀକ୍ଷା ଗୁରୁ ଇସ୍କନ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ଉଚିତ୍ । ଶ୍ରୀଲ ପ୍ରଭୁପାଦଙ୍କର ଚିତ୍ର ବା ଫଟୋ ଠାରୁ ଦୀକ୍ଷା ଗୁରୁଙ୍କର ଫଟୋ ବା ଚିତ୍ର ଆକାରରେ ଛୋଟ ହେବା ଉଚିତ୍ । ଆରତୀ ସରିବା ପରେ ଦୀକ୍ଷା ଗୁରୁଙ୍କର ଫଟୋ ପୂଜାରୀ ନେଇ ଆସିବା ଉଚିତ୍ ।

(ଇସ୍କନ ନିୟମ ଓ ବିଧିବିଧାନ - ୬.୪.୮.୩କ)

**ଗୁରୁ ପୂଜା - (ବର୍ତ୍ତମାନ ଇସ୍କନ ଦୀକ୍ଷା ଗୁରୁଙ୍କ ନିମିତ୍ତ)**

ଇସ୍କନ ଗୁରୁଙ୍କର ଶିଷ୍ୟ ତାଙ୍କର ଗୁରୁଙ୍କର ପୂଜା ମନ୍ଦିର କୋଠରୀ ମଧ୍ୟରେ ନ କରି ବାହାରେ କରିପାରିବେ । ପ୍ରଭୁପାଦଙ୍କର ଶିଷ୍ୟମାନେ ତଥା ଅନ୍ୟ ଗୁରୁଙ୍କର ଶିଷ୍ୟମାନେ ପ୍ରଭୁପାଦଙ୍କର ଗୁରୁ ପୂଜା ମନ୍ଦିର ମଧ୍ୟରେ କରିବେ । ଅନ୍ୟ ଗୁରୁଙ୍କର ଶିଷ୍ୟମାନେ ତାଙ୍କର ଗୁରୁଙ୍କର ପୂଜା କରିବା ନିମିତ୍ତ ମନ୍ଦିର ପରିଚାଳକ ବ୍ୟବସ୍ଥା କରିବା ଆବଶ୍ୟକ ।

(ଇସ୍କନ ନିୟମ ଓ ବିଧିବିଧାନ - ୬.୪.୮.୧.୧)

**ସୀମିତ ଉପାଧି**

ଇସ୍କନର କେହି ଭକ୍ତ ତାଙ୍କର ଶିକ୍ଷା ଗୁରୁଙ୍କୁ "ହିଜ୍ ଡିଭାଇନ୍ ଗ୍ରେସ୍" କିମ୍ବା 'ପାଦ' କିମ୍ବା 'ଦେବ' ବୋଲି ଜୟ ଧ୍ୱନୀ ଦେବେ ନାହିଁ । ଶିଷ୍ୟଗଣ ତାଙ୍କର ଶିକ୍ଷା ଓ ଦୀକ୍ଷା ଗୁରୁଙ୍କୁ ଗୁରୁଦେବ ବା ଗୁରୁ ମହାରାଜ ବୋଲି ସମ୍ବୋଧନ କରିପାରିବେ ।

(ଇସ୍କନ ନିୟମ ଓ ବିଧିବିଧାନ - ୬.୪.୮)

**ବୈଷ୍ଣବମାନଙ୍କର ସ୍ୱାଗତ କରିବା**

ବୈଷ୍ଣବ ତଥା ଶିକ୍ଷା ଓ ଦୀକ୍ଷା ଗୁରୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମିତ୍ତ ଇସ୍କନ ମନ୍ଦିର ଭକ୍ତ ନମ୍ରତା ପ୍ରଦର୍ଶନ କରିବା ଉଚିତ୍ । ଉଦାହରଣ ସ୍ୱରୂପ ସେମାନଙ୍କୁ ବସିବା ପାଇଁ ଆସନ, ପ୍ରସାଦ ଅର୍ପଣ ଏବଂ କିଛି ପାନୀୟ ପ୍ରଦାନ କରିବା ସଂକୀର୍ତ୍ତନ କରିବା ଉଚିତ୍ ।

(ଇସ୍କନ ନିୟମ ଓ ବିଧିବିଧାନ - ୬.୪.୮.୨)

**ବ୍ୟାସପୂଜା**

**ବ୍ୟାସପୂଜା ଅନୁଷ୍ଠାନରେ ଅଂଶଗ୍ରହଣର କିଛି ଅଭିଜ୍ଞତା ନିମ୍ନରେ ଲେଖନ୍ତୁ**

| |
|---|
| |

**ଇସ୍କନର ବର୍ତ୍ତମାନ ଶିକ୍ଷା ଏବଂ ଦୀକ୍ଷା ଗୁରୁଙ୍କର ବ୍ୟାସପୂଜା**

ଶ୍ରୀଲ ପ୍ରଭୁପାଦଙ୍କୁ ଅଧିକ ମହିମାନ୍ୱିତ ଏବଂ ପ୍ରଶଂସିତ କରିବା ପାଇଁ ବର୍ଷକୁ ଏକ ଥର ଇସ୍କନ ଶିଷ୍ୟ ତାଙ୍କର ଦୀକ୍ଷା କିମ୍ବା ଶିକ୍ଷା ଗୁରୁଙ୍କର ମନ୍ଦିର ମଧ୍ୟରେ ବ୍ୟାସପୂଜା ପାଳନ କରିବା ଉଚିତ୍ । ଶ୍ରୀଲ ପ୍ରଭୁପାଦଙ୍କର ବ୍ୟାସପୂଜା ଠାରୁ ନିଜର ଶିକ୍ଷା ଓ ଦୀକ୍ଷା ଗୁରୁଙ୍କର ପୂଜା କମ୍ ଆଡ଼ମ୍ବର ପୂର୍ଣ୍ଣ ହେବା ଉଚିତ୍ । ସାଧାରଣ ଭକ୍ତମାନେ ତାଙ୍କର ଶିକ୍ଷା ଓ ଦୀକ୍ଷା ଗୁରୁଙ୍କର ପୂଜା ତାଙ୍କର ଅଞ୍ଚଳରେ କରିପାରିବେ । ଶ୍ରୀଲ ପ୍ରଭୁପାଦଙ୍କ ନିମିତ୍ତ କେବଳ ବ୍ୟାସପୂଜା ପୁସ୍ତକ ପ୍ରକାଶିତ ହେବା ଉଚିତ୍ ।

(ଇସ୍କନ ନିୟମ, ୬.୪.୮.୧)

**ବି.ଦ୍ର:** ପରମାର୍ଥିକ ଗୁରୁଙ୍କର ବ୍ୟାସପୂଜାରେ ଶିଷ୍ୟମାନେ ଗୁରୁଙ୍କର ଗୁରୁ ଭାଇ ବା ଭଉଣୀମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଲେଖିବା ପାଇଁ, ସେହି ସମୟରେ ପ୍ରଶଂସା ନିବେଦନ କରିବା ପାଇଁ ଅଥବା ବ୍ୟାସପୂଜାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିବା ବୈଷ୍ଣବ ସଦାଚାର ଉଲଂଘନ ହିସାବରେ ବିବେଚନା କରାହୁଏ । (ଜିବିସି ଗୁରୁସେବା କମିଟିର ଅନୁମୋଦନ)

### ଶ୍ରୀଲ ପ୍ରଭୁପାଦଙ୍କର ବ୍ୟାସପୂଜା ଓ ତିରୋଭାବ ତିଥି

ଇସ୍କନର ସଭ୍ୟ ଲବ୍ଧ ପ୍ରତିଷ୍ଠିତ ଜଗଦ୍‌ଗୁରୁ ଶ୍ରୀଲ ପ୍ରଭୁପାଦଙ୍କର ବ୍ୟାସପୂଜା ଓ ତିରୋଭାବ ତିଥିକୁ ପାଳନ କରିବା ଉଚିତ୍ । ସମସ୍ତ ଇସ୍କନର ସଦସ୍ୟ ଶ୍ରୀଲ ପ୍ରଭୁପାଦଙ୍କ ବ୍ୟାସପୂଜାରେ ତାଙ୍କ ନିମିତ୍ତ ଅର୍ଘ୍ୟ ପ୍ରଦାନ କରିବା ଉଚିତ୍ ।

(ଇସ୍କନ ନିୟମ ୬.୪.୮)

**ଅତିରିକ୍ତ ଉଦ୍ଧୃତି ଅଷ୍ଟମ ବିଭାଗ ଗୁରୁ ପୂଜା**

### ଗୁରୁଙ୍କର ଫଟୋଚିତ୍ରକୁ ସମ୍ମାନ ପ୍ରଦର୍ଶନ କରିବା

ମୋର ଫଟୋଚିତ୍ର ଓ ମୋ ଭିତରେ କୌଣସି ପ୍ରଭେଦ ନାହିଁ । ସେଥିପାଇଁ ଆମେମାନେ ସେହି ଆବେଗ ସହିତ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଯଦି ଆମେ ଚିତ୍ରକୁ ଫୋପାଡ଼ି ଦେବା ତାହାହେଲେ ତାହା ଅପରାଧ ହେବ । ଆଧ୍ୟାତ୍ମିକ ଜଗତରେ ନାମ ଏବଂ ଚିତ୍ର ବ୍ୟକ୍ତି ସହିତ ସମାନ ଅଟେ ।

(ଯଦୁରାଣୀଙ୍କୁ ଚିଠି, ନିଉ ବୃନ୍ଦାବନ,ସେପ୍ଟେମ୍ବର ୪, ୧୯୭୨)

### ଆଧ୍ୟାତ୍ମିକ ଗୁରୁଙ୍କର ଆବିର୍ଭାବ ତିଥିକୁ ମଧ୍ୟ ବ୍ୟାସପୂଜା ରୂପେ ପାଳନ କରିବା ଉଚିତ୍

ପାଚିଲା ଫଳ ହାତକୁ ହାତ ବଣ୍ଟନ ଭଳି ଗୁରୁଶିଷ୍ୟ ପରମ୍ପରାରେ ଦିବ୍ୟଜ୍ଞାନ ବ୍ୟାସଦେବଙ୍କ ଠାରୁ ବର୍ତ୍ତମାନର ଗୁରୁ ପର୍ଯ୍ୟନ୍ତ ବଣ୍ଟନ ହୋଇ ଆସୁଅଛି । ସେଥିପାଇଁ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁଙ୍କୁ ବ୍ୟାସଦେବଙ୍କ ପ୍ରତିନିଧି ରୂପେ ଗ୍ରହଣ କରାଯାଏ ଏବଂ ତାଙ୍କର ଆବିର୍ଭାବ ତିଥିକୁ ମଧ୍ୟ ବ୍ୟାସପୂଜା ବୋଲି କୁହାଯାଏ । ଯେଉଁ ଉନ୍ନତ ଆସନରେ ଆଧ୍ୟାତ୍ମିକ ଗୁରୁ ବସନ୍ତି ତାହାକୁ ବ୍ୟାସାସନ କୁହାଯାଏ । (ବଳିମର୍ଦ୍ଦନଙ୍କୁ ଚିଠି, ନବ ବୃନ୍ଦାବନ, ୪ ସେପ୍ଟେମ୍ବର, ୧୯୭୦)

### କୌଣସି ଅନୁଦାନ କିମ୍ବା ଉପଢ୍ୌକନ ଭାଇସ୍‌ରାୟ ସ୍ପର୍ଶ କରନ୍ତି ନାହିଁ

ବ୍ୟାସପୂଜାର ଅର୍ଥ ବର୍ଷକୁ ଏକ ଦିନ ଆଧ୍ୟାତ୍ମିକ ଗୁରୁଙ୍କର ଆବିର୍ଭାବ ତିଥିରେ ପାଳିତ ହେବା ଉଚିତ୍ । କାରଣ ସେ ବ୍ୟାସଦେବଙ୍କର ପ୍ରତିନିଧି ଅଟନ୍ତି । ଗୁରୁ ପରମ୍ପରାରେ ଯେଉଁ ଦିବ୍ୟ ଜ୍ଞାନ ବ୍ୟାସଦେବଙ୍କ ଠାରୁ ଆରମ୍ଭ ହୋଇଛି ତାହାକୁ କୌଣସି ପରିବର୍ତ୍ତନ ନ କରି ଗୁରୁ ଶିଷ୍ୟମାନଙ୍କୁ ପ୍ରଦାନ କରିଥାନ୍ତି । ତାଙ୍କର ପୂଜାକୁ ବ୍ୟାସପୂଜା କୁହାଯାଏ । ପରମପୁରୁଷ ଭଗବାନ ତାଙ୍କର ଗୁରୁଙ୍କ ତରଫରୁ ସବୁ ସମ୍ମାନ, ଦାନକୁ ସେ ଗ୍ରହଣ କରିଥାନ୍ତି । ଆମ ଦେଶରେ ଯେତେବେଳେ ବ୍ରିଟିଶ୍ ସରକାର ରାଜତ୍ୱ କରୁଥିଲେ ରାଜାଙ୍କର ପ୍ରତିନିଧି ଭାଇସ୍‌ରାୟ ଯେତେବେଳେ ବିଭିନ୍ନ ସ୍ଥାନକୁ ପରିଦର୍ଶନ ବା ସଭା ସମିତିରେ ଯୋଗଦେବାକୁ ଯାଇଥାନ୍ତି ସେତେବେଳେ ବହୁ ଲୋକ ତାଙ୍କୁ ମୂଲ୍ୟବାନ ଅଳଙ୍କାର ଉପଢ଼ୌକନ ଇତ୍ୟାଦି ପ୍ରଦାନ କରିଥାନ୍ତି । କିନ୍ତୁ ନିୟମ ହେଉଛି ଭାଇସରାୟ ସବୁ ଉପହାରକୁ ସ୍ପର୍ଶ ମଧ୍ୟ କରନ୍ତି ନାହିଁ । ତାହା ରାଜାର ଗନ୍ତାଘରକୁ ଯାଏ ଭାଇସ୍‌ରାୟ ରାଜାଙ୍କ ତରଫରୁ ତାହା ଗ୍ରହଣ କରିଥାନ୍ତି କିନ୍ତୁ ସେହି ସବୁ ଉପହାର ରାଜାଙ୍କ ନିକଟକୁ ଯାଇଥାଏ । ଠିକ୍ ସେହିପରି ଏହି ବ୍ୟାସପୂଜା ତିଥିରେ ଆଧ୍ୟାତ୍ମିକ ଗୁରୁଙ୍କୁ ସମ୍ମାନ, ଉପଢ଼ୌକନ, ଉପହାର ଇତ୍ୟାଦି ପ୍ରଦାନ କରାଯାଏ ତାହା ସେ ତାଙ୍କର ଗୁରୁ ଭଗବାନ କୃଷ୍ଣଙ୍କୁ ପ୍ରଦାନ କରିଥାନ୍ତି । ପୁଣି ଯେପରି ଆମେ ଏହି ଦିବ୍ୟ ଜ୍ଞାନ ଉପରିସ୍ଥ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥାଉ ସେହିଭଳି ସମ୍ମାନ, ଉପଢ଼ୌକନ, ନିମ୍ନ ସ୍ତରରୁ ଉଚ୍ଚ ସ୍ତରକୁ ଯାଇଥାଏ ଏହା ହିଁ ପଦ୍ଧତି । ଆଧ୍ୟାତ୍ମିକ ଗୁରୁଙ୍କର ହେଉଛନ୍ତି ଛାତ୍ରର ଶିକ୍ଷକ । ସେ ଶିଷ୍ୟକୁ ଶିକ୍ଷା ଦେଇଥାନ୍ତି ଯେପରି ସେ ଭଗବଦ୍ ଧାମକୁ ଯାତ୍ରା କରିବ । ତାହାହିଁ ବ୍ୟାସପୂଜା ।

(ଶ୍ରୀ ବ୍ୟାସପୂଜା ନିଉ ବୃନ୍ଦାବନ, ସେପ୍ଟେମ୍ବର ୨, ୧୯୭୨)

### ଶ୍ରୀ ବ୍ୟାସପୂଜାର ରହସ୍ୟ

ଶ୍ରୀ ବ୍ୟାସପୂଜାର ରହସ୍ୟ ଏଠାରେ ଦର୍ଶାଯାଇଛି । ଯେତେବେଳେ ପରମପୁରୁଷ ଭଗବାନଙ୍କ ଦିବ୍ୟ ଲୀଳାର କଥାକୁ ଚିନ୍ତା କରୁ ଆମେ ଗର୍ବର ସହିତ ଅନୁଭବ କରୁ ଯେ ଆମେ ତାଙ୍କର ନିତ୍ୟ ସେବକ । ଆମେ ଅଧିକ ଉତ୍‌ଫୁଲ୍ଲିତ, ଆନନ୍ଦର ସହିତ ନୃତ୍ୟ କରିବା । ମୋର ଆଧ୍ୟାତ୍ମିକ ଗୁରୁଙ୍କର ଜୟ । ତାଙ୍କର ଅସୀମ କୃପା ଯେଉଁ କୃପାର ବାରି ଆମ ଉପରେ ସିଞ୍ଚନ କରିଛନ୍ତି ଯଦ୍ୱାରା ଅଦ୍ୱୟ ତତ୍ତ୍ୱ ଭଗବାନଙ୍କୁ ଆମେ ଉପଲବ୍ଧି କରିପାରୁଛୁ । ତାଙ୍କର ପାଦପଦ୍ମ ସେ ଆମେ ପ୍ରଣାମ କରିବା ଉଚିତ୍ । (ଶ୍ରୀଲ ପ୍ରଭୁପାଦ ବ୍ୟାସପୂଜା, ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା, ବମ୍ବେ, ଫେବୃୟାରୀ – ୧୯୩୫)

## ନବମ ଅଧ୍ୟାୟ		ଗୁରୁ ସେବା

### ଅଧ୍ୟାୟର ପାଠ୍ୟ

- ଶିଷ୍ୟର ଯୋଗ୍ୟତା
- ଗୁରୁ ସେବା ଏବଂ ଇସ୍କନ ଉଦ୍ଦେଶ୍ୟର ସେବା
- କୃତଜ୍ଞତା ସମ୍ମିଳନର ଏକ ସମତୁଲ ବ୍ୟବହାର

**ସେବୟା**

ଯେପରି ତୁମେ କୌଣସି ବସ୍ତୁ କ୍ରୟ କରୁଛ ସେଥିପାଇଁ ତୁମକୁ କିଛି ଅର୍ଥ ଦେବା ପାଇଁ ପଡୁଛି । ସେଥିପାଇଁ ଏହାକୁ ସେବୟା କୁହାଯାଏ । ଆଧ୍ୟାତ୍ମିକ ଗୁରୁ ଯେଉଁ ଶିକ୍ଷା ପ୍ରଦାନ କରିଛନ୍ତି ତାହାର ପ୍ରତିଦାନ ଆମେ କରିପାରିବା ନାହିଁ । ତାହା ହିଁ ଅସମ୍ଭବ । ସେଥିପାଇଁ ଏହାକୁ ସେବୟା କୁହାଯାଉଛି ।

(ଶ୍ରୀମଦ୍ ଭାଗବତମ୍-୨.୩.୨୫
ଲସ୍ ଏଞ୍ଜେଲ୍ସ, ଜୁନ୍ ୨୩, ୧୯୭୨)

**ଗୁରୁ ସେବା ଓ ଇସ୍କନ ଉଦ୍ଦେଶ୍ୟରେ ସେବା**

ନିମ୍ନ ଟେବୁଲ୍‌ରେ ଲେଖନ୍ତୁ

| ● କେଉଁ କେଉଁ ଉପାୟରେ ଆମ୍ଭେମାନେ ଆମ୍ଭମାନଙ୍କର ଗୁରୁଦେବଙ୍କର ସେବା କରିପାରିବା | ● କେଉଁ କେଉଁ ଉପାୟରେ ଆମ୍ଭେମାନେ ଇସ୍କନର ଉଦ୍ଦେଶ୍ୟ ଆଭିମୁଖ୍ୟ ସାଧନ କରିପାରିବା |
|---|---|
| | |
| | |
| | |
| | |
| | |
| | |

ଗୁରୁ ସେବା ଓ ଇସ୍କନ ଉଦ୍ଦେଶ୍ୟରେ ସେବା ମଧ୍ୟରେ ଗୋଟିଏ ସମାନୁପାତିକ ପଦ୍ଧତିର ଗୁରୁତ୍ୱ ସମ୍ବନ୍ଧରେ ମନ୍ତବ୍ୟ ପ୍ରଦାନ କରନ୍ତୁ ।

**ସମତୁଲ ଭାବେ ଦାୟିତ୍ୱ ପାଳନ କରିବା**

ଗୁରୁଦେବଙ୍କ ପ୍ରତି ଦାୟିତ୍ୱ ବ୍ୟତୀତ ଆମ୍ଭମାନଙ୍କ ଜୀବନରେ ଆଉ କେଉଁ କେଉଁ ଦାୟିତ୍ୱ ରହିଛି ତା'ର ଏକ ତାଲିକା ନିର୍ଣ୍ଣୟ କରନ୍ତୁ ।

**ଗୁରୁଦେବ ଓ ଅନ୍ୟମାନଙ୍କ ପ୍ରତି ସମତୁଲ୍ୟ ଭାବେ ଦାୟିତ୍ୱ ପାଳନରେ ବାଧା ବିପତ୍ତିଗୁଡ଼ିକର କିଛି ସମାଧାନର ଧାରଣା ଦିଅନ୍ତୁ ।**

**ଶିଷ୍ୟର କର୍ତ୍ତବ୍ୟ ହେଉଛି ଆଦେଶ ବହନ କରିବା । ସମଗ୍ର ପୃଥିବୀରେ ଚୈତନ୍ୟ ମହାପ୍ରଭୁଙ୍କର ବାର୍ତ୍ତା ପ୍ରଚାର କରିବା.....**

**ପୃଥିବୀତେ ଆଛେ ଯତ ନଗରାଦି ଗ୍ରାମ**
**ସର୍ବତ୍ର ପ୍ରଚାର ହଇବେ ମୋର ନାମ ।**

(ଶ୍ରୀଚୈତନ୍ୟ ଭାଗବତ ଅନ୍ତ୍ୟ ଖଣ୍ଡ ୪.୧୨୬)

ଚୈତନ୍ୟ ମହାପ୍ରଭୁଙ୍କର ଭକ୍ତ କୃଷ୍ଣ ଚେତନାକୁ ପୃଥିବୀର ପ୍ରତ୍ୟେକ ଗ୍ରାମ ଏବଂ ସହରରେ ପ୍ରଚାର କରିବା ଉଚିତ୍ । ତାହା ହିଁ ଭଗବାନଙ୍କୁ ସନ୍ତୁଷ୍ଟ କରାଇବ । ଏହା ଏପରି ନୁହେଁ ଜଣେ ତା'ର ନିଜର ଆତ୍ମତୃପ୍ତି ନିମିତ୍ତ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରିବ । ପରମ୍ପରା ଅନୁସାରେ ଏହି ଆଦେଶ ଆସେ ଏବଂ ଆଧ୍ୟାତ୍ମିକ ଗୁରୁ ଶିଷ୍ୟକୁ ଏହି ଆଦେଶ ଦିଅନ୍ତି ଯଦ୍ୱାରା ଶିଷ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ବାଣୀକୁ ଭଲଭାବରେ ପ୍ରଚାର କରିପାରିବ । ପ୍ରତ୍ୟେକ ଶିଷ୍ୟର କର୍ତ୍ତବ୍ୟ ହେଉଛି ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶକୁ ଗ୍ରହଣ କରି ଚୈତନ୍ୟ ମହାପ୍ରଭୁଙ୍କର ବାଣୀକୁ ସମଗ୍ର ପୃଥିବୀରେ ପ୍ରଚାର କରିବା ।

(ଶ୍ରୀ ଚୈତନ୍ୟ ଚରିତାମୃତ ମଧ୍ୟ ଲୀଳା, ଭାବାର୍ଥ-୧୬.୬୪)

**ଗୁରୁସେବା**

**ତଦବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।**
**ଉପଦେକ୍ଷନ୍ତି ତେ ଜ୍ଞାନଂ ଜ୍ଞାନିନଃ ତତ୍ତ୍ୱ ଦର୍ଶିନଃ ।।**

ଆଧ୍ୟାତ୍ମିକ ଗୁରୁଙ୍କ ନିକଟକୁ ଯାଇ ସତ୍ୟକୁ ଜାଣିବା ଆବଶ୍ୟକ । ନମ୍ରତା ସହିତ ତାଙ୍କୁ ଜିଜ୍ଞାସା କରିବା ଉଚିତ୍ ଏବଂ ତାଙ୍କୁ ସେବା ପ୍ରଦାନ କରିବା ଉଚିତ୍ । ଆତ୍ମଜ୍ଞାନ ଲାଭ କରିଥିବା ବ୍ୟକ୍ତି ଦିବ୍ୟଜ୍ଞାନ ତୁମକୁ ପ୍ରଦାନ କରିବେ କାରଣ ସେମାନେ ସତ୍ୟକୁ ଦର୍ଶନ କରିଛନ୍ତି ।

ସେ ପ୍ରକାର ଆଧ୍ୟାତ୍ମିକ ଗୁରୁଙ୍କୁ ପୂର୍ଣ୍ଣ ଶରଣାଗତିର ସହିତ ଗ୍ରହଣ କରାଯିବା ଉଚିତ୍ ଏବଂ ଜଣେ ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ ବିଶ୍ୱସ୍ତ ଭୃତ୍ୟ ସଦୃଶ କାର୍ଯ୍ୟ କରିବା ଉଚିତ୍ । ଆତ୍ମଜ୍ଞାନ ଲାଭ କରିଥିବା ଆଧ୍ୟାତ୍ମିକ ଗୁରୁଙ୍କର ସନ୍ତୋଷ ଲାଭ ହେଉଛି ଆଧ୍ୟାତ୍ମିକ ଜୀବନର ଅଗ୍ରଗତିର ରହସ୍ୟ ।

(ଭଗବଦ୍ ଗୀତା ମୌଳିକ ରୂପରେ ୪.୩୪)

**ଯଦି ଶରଣାଗତି ନାହିଁ ତାହାହେଲେ ଅଗ୍ରଗତି ନାହିଁ**

ଆଧ୍ୟାତ୍ମିକ ଜୀବନର ଆରମ୍ଭ ହେଉଛି ଶରଣାଗତି ଯାହାକି ଆମର ଆନ୍ଦୋଳନର ଉଦ୍ଦେଶ୍ୟ । ଯଦି ଶରଣାଗତି ନାହିଁ ତାହାହେଲେ ଅଗ୍ରଗତି ନାହିଁ । ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ (ଭ.ଗୀ.୧୮.୬୬) ତାହାହିଁ ଆରମ୍ଭ । ଏଥିରେ ଯଦି ଖିଲାପ ଅଛି ତାହାହେଲେ ଆରମ୍ଭ ହୋଇନାହିଁ, ଅଗ୍ରଗତିର କଥା ବା କ'ଣ କହବା । ତାହା ଆଗରୁ ଆଲୋଚିତ ହୋଇସାରିଛି । ନ ସିଦ୍ଧିଂ ସବାପ୍ନୋତି ନଂ ସୁଖଂ ନ ପରମ ଗତିଃ । ତାହାହିଁ ଆଧ୍ୟାତ୍ମିକ ଜୀବନର ଆରମ୍ଭ । ଶିଷ୍ୟ ଶବ୍ଦର ଅର୍ଥ ହେଉଛି ଶାସନକୁ ସ୍ୱୀକାର କରିବା । ଯଦି ଶାସନ ବା ଶୃଙ୍ଖଳା ନାହିଁ ତାହାହେଲେ ଶିଷ୍ୟ କିପରି ହେବ ?

(କୋଠରୀରେ ବାର୍ତ୍ତାଳାପ, ଜୁଲାଇ ୧, ୧୯୭୪, ମେଲବୋର୍ଣ୍ଣ)

**ବ୍ୟକ୍ତି ଗୁରୁଙ୍କର ଆଦେଶକୁ କଡାକଡି ଭାବେ ପାଳନ କରିବା ଉଚିତ୍**

ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶକୁ ଶିଷ୍ୟ କଡାକଡି ଭାବେ ପାଳନ କରିବା ଉଚିତ୍ । ଆଧ୍ୟାତ୍ମିକ ଗୁରୁ ବିଭିନ୍ନ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ଉପଦେଶ ଦେଇଥା'ନ୍ତି । ଉଦାହରଣସ୍ୱରୂପ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ ଜୀବ ଗୋସ୍ୱାମୀ, ରୂପ ଗୋସ୍ୱାମୀ ଓ ସନାତନ ଗୋସ୍ୱାମୀଙ୍କୁ ପ୍ରଚର କରିବା ପାଇଁ ଆଦେଶ ଦେଇଥିଲେ କିନ୍ତୁ ଶ୍ରୀ ରଘୁନାଥ ଦାସ ଗୋସ୍ୱାମୀଙ୍କୁ ବୈରାଗ୍ୟର ନୀତି ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ଆଦେଶ ଦେଇଥିଲେ । ସମସ୍ତ ଷଡ଼ ଗୋସ୍ୱାମୀଗଣ ମହାପ୍ରଭୁଙ୍କର ଆଦେଶକୁ କଡାକଡି ଭାବେ ପାଳନ କରିଥିଲେ । ଆଧ୍ୟାତ୍ମିକ ମାର୍ଗର ଏହା ହେଉଛି ଅଗ୍ରଗତିର ପଥ । ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶ ପ୍ରାପ୍ତ ହେବା ମାତ୍ରେ ତାହାକୁ କଡାକଡି ଭାବେ ପାଳନ କରିବା ବ୍ୟକ୍ତିର କର୍ତ୍ତବ୍ୟ ଅଟେ । ତାହାହିଁ ସଫଳତାର ପଥ ଅଟେ ।

(ଶ୍ରୀଚୈତନ୍ୟ ଚରିତାମୃତ ଅନ୍ତ୍ୟ-୬, ୩୧୨)

**ଏହିପରିଭାବରେ ଭକ୍ତିଲତା ସଂକୁଚିତ୍ତ ହୋଇଥାଏ**

ସାଧନ ବିଧି ପାଳନର ମାର୍ଗକୁ ପରିତ୍ୟାଗ କରି ନିଜ ମନ ଇଚ୍ଛା କାର୍ଯ୍ୟ କରିବାକୁ ଏକ ମତ୍ତ ହସ୍ତୀର କାର୍ଯ୍ୟ ସହ ତୁଳନା କରାଯାଏ । ଯେକି ଭକ୍ତିଲତାକୁ ଓପାଡି ଖଣ୍ଡ ବିଖଣ୍ଡିତ କରିଦିଏ । ଏହିପରିଭାବେ ଲତା ସଙ୍କୁଚିତ୍ତ ହୋଇଯାଏ । ଯେତେବେଳେ ଏକ ଶିଷ୍ୟ ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶକୁ ପାଳନ ନ କରେ, ସେହିପରି ପରିସ୍ଥିତି ସୃଷ୍ଟି ହୋଇଥାଏ । ତାହାକୁ ଗୁରୁ ଅବଜ୍ଞା କୁହାଯାଏ । ସେଥିପାଇଁ ଯେପରି ସେ ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶ ପାଳନ କରିବାରେ ଯେପରି ଅପରାଧ ନ ହେବ ସେଥିପାଇଁ ଏକ ଭକ୍ତ ଯତ୍ନବାନ ହେବା ଉଚିତ୍ । ଯେତେବେଳେ ବ୍ୟକ୍ତି ଆଧ୍ୟାତ୍ମିକ ଗୁରୁଙ୍କର କଥାକୁ ଗ୍ରହଣ ନ କରେ ଉପରକୁ ଉଠୁଥିବା ଭକ୍ତିଲତା କ୍ରମଶଃ ଝାଉଁଳି ପଡେ ଏବଂ ଶୁଖିଯାଏ ।

(ଶ୍ରୀଚୈତନ୍ୟ ଚରିତାମୃତ, ମଧ୍ୟ-୧୯-୧୫୬)

**ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶ ଶିଷ୍ୟର ଜୀବନ ଅଟେ**

ଆଧ୍ୟାତ୍ମିକ ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣ ଏବଂ ଉପଦେଶ ପ୍ରାପ୍ତ ହେବା ପରେ ଏକ ଶିଷ୍ୟ ଅବିଳମ୍ବେ ଗୁରୁଙ୍କର ଆଦେଶକୁ ପାଳନ କରିବା ଉଚିତ୍ ଏବଂ ଅନ୍ୟ କୌଣସି ଇତର ଚିନ୍ତାଧାରା ତା'ର ମନ ମଧ୍ୟରେ ଆଣିବା ଉଚିତ୍ ନୁହେଁ । ଏହା ମଧ୍ୟ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁରଙ୍କର ଭଗବଦ୍ ଗୀତା ୨.୪୧ର ଭାଷ୍ୟ ଯଥା ବ୍ୟବସାୟାତ୍ମିକା ବୁଦ୍ଧି ଏକେହ କୁରୁନନ୍ଦନ । ଏଥିରୁ ଏହା ସୂଚିତ ହେଉଛି ଯେ ଆଧ୍ୟାତ୍ମିକ ଗୁରୁଙ୍କର ଉପଦେଶ ଶିଷ୍ୟର ଜୀବନ ଅଟେ । ଶିଷ୍ୟ ଏ କଥା ଚିନ୍ତା କରିବା ଉଚିତ୍ ନୁହେଁ । ସେ ଭଗବଦ୍ ଧାମକୁ ଯିବ କି ନ ଯିବ, ତାହାର ପ୍ରଥମ କର୍ତ୍ତବ୍ୟ ହେଉଛି ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶକୁ ସେ ପାଳନ କରିବ । ଏକ ଶିଷ୍ୟ ସର୍ବଦା ଆଧ୍ୟାତ୍ମିକ ଗୁରୁଙ୍କର ଉପଦେଶକୁ ସ୍ମରଣ କରିବା ଉଚିତ୍ । ତାହାହେଲେ ପ୍ରକୃତ ଧ୍ୟାନ ବା ତପସ୍ୟା । କେବଳ ତାହା ତପସ୍ୟା କଲେ ଚଳିବ ନାହିଁ ବରଂ କିପରି ତାହା ପାଳନ କରିବ ଏବଂ ସେ ଦିଗରେ ସତତ ପ୍ରୟାସ ଜାରି ରଖିବା ଉଚିତ୍ ।

(ଶ୍ରୀମଦ୍ ଭାଗବତମ୍-୪.୨୪.୧୫)

**ଶିଷ୍ୟ, ଯାହା ଶୃଙ୍ଖଳା ଶବ୍ଦ ସହିତ ସଂଶ୍ଲିଷ୍ଟ....**

ଆଧ୍ୟାତ୍ମିକ ଗୁରୁ ଗ୍ରହଣ କରିବା ଅର୍ଥ ସ୍ୱତଃସ୍ଫୁର୍ତ୍ତ ଭାବେ ନୀତି ଓ ନିୟମକୁ କଡାକଡି ଭାବେ ପାଳନ କରିବା । ସେଥିପାଇଁ ଶିଷ୍ୟ ଶବ୍ଦର ଅର୍ଥ ସ୍ୱତଃସ୍ଫୂର୍ତ୍ତ ଭାବରେ ରାଜି ହୋଇ କହିବା "ହଁ ମହାଶୟ ଆପଣ ଯାହା କହିବେ ମୁଁ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ" । ସଂସ୍କୃତ ଶବ୍ଦର ଶିଷ୍ୟର ଅର୍ଥ ହେଉଛି "ବ୍ୟକ୍ତି ଯେ ନିୟମକୁ ପାଳନ କରେ ଏବଂ ଇଂରାଜୀରେ ଶିଷ୍ୟ ଶବ୍ଦର ଅର୍ଥ ହେଉଛି ଯାହା ଶୃଙ୍ଖଳାକୁ ବୁଝାଏ । ଶିଷ୍ୟ ଆଧ୍ୟାତ୍ମିକ ଗୁରୁଙ୍କ ଦ୍ୱାରା ଶୃଙ୍ଖଳିତ ହେବ । ଯଦିଓ ମୋର ବ୍ୟକ୍ତିଗତ ସ୍ଥିତିରେ କିଛି ଅସୁବିଧା ଥାଇପାରେ କିନ୍ତୁ ମୁଁ ଆଧ୍ୟାତ୍ମିକ ଗୁରୁଙ୍କର ଆଜ୍ଞା ପାଳନ କରିବି ।

(ବକ୍ତୃତା ୫.୫.୧ ତିତେନହଷ୍ଟ ଲଣ୍ଡନ, ୧୨ ସେପ୍ଟେମ୍ବର ୧୯୬୯)

**ଏକ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁଙ୍କର ଶରଣାପନ୍ନ ହୋଇ, ଜୀବନ ଦେଇ ତାଙ୍କର ସେବା କରିବା....**

ଆଧ୍ୟାତ୍ମିକ ମାର୍ଗରେ ସବୁଠାରୁ ସହଜ ପଥ ହେଉଛି ଏକ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁଙ୍କର ଶରଣାପନ୍ନ ହୋଇ ସଂପୂର୍ଣ୍ଣ ଭାବରେ ତାଙ୍କର ସେବାରେ ନିଯୁକ୍ତ ହେବା । ତାହାହିଁ କୃତକାର୍ଯ୍ୟ ହେବାର ରହସ୍ୟ । ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁରଙ୍କର ରଚିତ ଗୁର୍ବାଷ୍ଟକ ଅଷ୍ଟମ ଶ୍ଳୋକରେ କୁହାଯାଇଛି ଯସ୍ୟ ପ୍ରସାଦାତ୍ ଭଗବତ୍ ପ୍ରସାଦୋ ସେବା ଆଧ୍ୟାତ୍ମିକ ଗୁରୁଙ୍କର ସେବା ବା ତାଙ୍କର କୃପା ଲାଭ କରି ଶିଷ୍ୟ ପରମପୁରୁଷ ଭଗବାନ କୃଷ୍ଣଙ୍କର କୃପା ଲାଭ କରିଥାଏ । ଦେବହୂତି ତାଙ୍କର ଭକ୍ତ ସ୍ୱାମୀ କର୍ଦ୍ଦମ ମୁନୀଙ୍କର ସେବା କରି ତାଙ୍କର ପ୍ରୀତିଭାଜନ ହୋଇପାରିଥିଲେ । ଠିକ୍ ସେହିପରି ଏକ ଗମ୍ଭୀର ଶିଷ୍ୟ କେବଳ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁଙ୍କର ସେବା କରି ଭଗବାନ କୃଷ୍ଣଙ୍କର ଏବଂ ଆଧ୍ୟାତ୍ମିକ ଗୁରୁଙ୍କର କୃପା ଲାଭ କରିଥାଏ ।

(ଶ୍ରୀମଦ୍ ଭାଗବତମ୍-୩.୨୩.୭)

**ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶ ପ୍ରତି ସର୍ବଦା ଦୃଷ୍ଟି ଦିଅ**

ଯଦି ଏକ ଶିଷ୍ୟ ଆଧ୍ୟାତ୍ମିକ ଗୁରୁଙ୍କର ଲକ୍ଷ୍ୟ ପୂରଣ କରିବା ଦିଗରେ ସତତ ଚେଷ୍ଟିତ ହୋଇଥାଏ ସେ ତତ୍କ୍ଷଣାତ୍ ପରମପୁରୁଷ ଭଗବାନଙ୍କର ବପୁ ଓ ବାଣୀ ସେବାର ସୁଯୋଗ ଲାଭ କରିଥାଏ । ପରମପୁରୁଷ ଭଗବାନଙ୍କୁ ଦେଖିବା ନିମିତ୍ତ ଏହା ଏକ ରହସ୍ୟ । ଇନ୍ଦ୍ରିୟ ତୃପ୍ତିରେ ନିଯୁକ୍ତ ରହି ଭଗବାନଙ୍କୁ ବୃନ୍ଦାବନରେ ଏକ ବୁଦା ବା ଜଙ୍ଗଲରେ ଅନ୍ୱେଷଣ କରିବା ଅପେକ୍ଷା ଯଦି ଜଣେ ଆଧ୍ୟାତ୍ମିକ ଗୁରୁଙ୍କର ଉପଦେଶକୁ କଡାକଡି ଭାବରେ ପାଳନ କରେ ସେ ବିନା କଷ୍ଟରେ ପରମପୁରୁଷ ଭଗବାନଙ୍କୁ ଦର୍ଶନ କରିପାରିବ ।

(ଶ୍ରୀମଦ୍ ଭାଗବତମ୍ ୪.୨୮.୫୧)

**ଯେତେବେଳେ ତୁମେ ମୋର ଅନୁଷ୍ଠାନର ସଦସ୍ୟଙ୍କୁ ସାହାଯ୍ୟ କରୁଛ ତାହା ହିଁ ପ୍ରକୃତ ସଙ୍ଗ ଲାଭ.....**

ତୁମେ ଲେଖିଛ ଯେ ତୁମେ ମୋର ସଙ୍ଗଲାଭ ପାଇଁ ପୁଣି ଆଶା କରୁଛ କିନ୍ତୁ ତୁମେ ଭୁଲି ଯାଅନା ଯେ ତୁମେ ମୋ ସହିତ ବରାବର ସଙ୍ଗଲାଭ କରୁଛ । ତୁମେ ଯେତେବେଳେ ମୋର ଅନୁଷ୍ଠାନର କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରୁଛ ମୁଁ ତୁମକୁ ସବୁବେଳେ ସ୍ମରଣ କରୁଛି ଏବଂ ତୁମେ ମଧ୍ୟ ମୋତେ ସ୍ମରଣ କରୁଅଛ । ତାହାହିଁ ପ୍ରକୃତ ସଙ୍ଗଲାଭ ।

(ଗୋବିନ୍ଦଙ୍କୁ ପତ୍ର, ଲସ୍ ଏଞ୍ଜେଲ୍ସ, ଅଗଷ୍ଟ ୧୭, ୧୯୬୯)

**ମୁଁ ତୁମ ସହିତ ଅଛି ଯେମିତି ମୋ ଗୁରୁ ମହାରାଜ ମୋ ସହିତ ଅଛନ୍ତି ।**

ଆଧ୍ୟାତ୍ମିକ ଗୁରୁ ସେହିଠାରେ ଅଛନ୍ତି ଯେଉଁଠାରେ ତାଙ୍କର ଗମ୍ଭୀର ଶିଷ୍ୟ ତାଙ୍କର ଉପଦେଶ ପାଳନ କରିବାକୁ ଚେଷ୍ଟା କରୁଅଛି । ତାହା କୃଷ୍ଣଙ୍କ କୃପାରୁ ସମ୍ଭବ ହୋଇପାରୁଛି । ତୁମେ ତୁମର ସାଧ୍ୟମତେ ମୋର ସେବା କରୁଛ ଏବଂ ତୁମର ସେହି ଭକ୍ତିମୟ ସେବାର ଆବେଗପୂର୍ଣ୍ଣ ମନୋଭାବ ହେତୁ ମୁଁ ତୁମ ନିକଟରେ ବରାବର ରହିଛି । ମୋ ଗୁରୁ ମହାରାଜ ଯେପରି ମୋ ସହିତ ବରାବର ଅଛନ୍ତି । ଏହାକୁ ସର୍ବଦା ସ୍ମରଣ କର ।

(ଭକ୍ତ ଡନ୍‌କୁ ଦେଇଥିବା ପତ୍ର
ଲସ୍ ଏଞ୍ଜେଲ୍ସ, ଡିସେମ୍ବର ୧, ୧୯୭୩)

# ଦଶମ ଅଧ୍ୟାୟ — ଗୁରୁ ବପୁ ଓ ବାଣୀ ସେବା

## ଅଧ୍ୟାୟର ପାଠ୍ୟ

- ଗୁରୁ ବପୁ ଓ ବାଣୀ ସେବାର ପଦ୍ଧତି
- ଗୁରୁ ବପୁ ସେବାର ଗୁରୁତ୍ୱ
- ଗୁରୁଙ୍କ ଉପସ୍ଥିତିରେ ସଠିକ୍ ଆଚରଣ କରିବା
- ଗୁରୁଙ୍କ ନିକଟରେ ଜିଜ୍ଞାସା
- ଗୁରୁଙ୍କ ବାଣୀ ସେବାର ଗୁରୁତ୍ୱ

ବପୁ (ଶରୀର) — ବାଣୀ (ନିର୍ଦ୍ଦେଶାବଳୀ)

**ସାଧୁସଙ୍ଗ ସାଧୁସଙ୍ଗ ସର୍ବଶାସ୍ତ୍ରେ କୟ**
**ଲବେ ମାତ୍ର ସାଧୁସଙ୍ଗ ସର୍ବ ସିଦ୍ଧି ହୟ**

ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି ଯେ କ୍ଷଣ ବା ମୁହୂର୍ତ୍ତ ଶୁଦ୍ଧ ସାଧୁ ବା ଭକ୍ତଙ୍କ ସଙ୍ଗଲାଭ ଫଳରେ ଜଣେ ସଫଳତା ପ୍ରାପ୍ତ ହୋଇପାରେ ।

(ଶ୍ରୀ ଚୈତନ୍ୟ ଚରିତାମୃତ ମଧ୍ୟ ୨୨-୫୪)

**ଗୁରୁଦେବଙ୍କ ସମ୍ମୁଖରେ ପ୍ରକୃତ ବ୍ୟବହାର ପ୍ରଦର୍ଶନ**

**ହରି-ଭକ୍ତି-ବିଳାସରେ ଶିଷ୍ୟର ଶିଷ୍ଟାଚାର ସଂପର୍କରେ-**

- ଆଧ୍ୟାତ୍ମିକ ଗୁରୁଙ୍କୁ ଦର୍ଶନ କରିବା ପରେ ଶିଷ୍ୟ ବୃକ୍ଷ ନିପତିତ ହେବା ପରି ଗୁରୁଙ୍କୁ ଦଣ୍ଡବତ ପ୍ରଣାମ କରିବା ଉଚିତ୍ ।
- ଯେତେବେଳେ ଗୁରୁଦେବ ତାକୁ କିଛି କହୁଛନ୍ତି ତାହା ସ୍ୱୀକାର କରିବା ଉଚିତ୍ ଏବଂ ଗୁରୁଦେବ ଚାଲିଯିବା ପରେ ତାହାକୁ ସେ ପାଳନ କରିବା ଉଚିତ୍ ।
- ଗୁରୁଦେବଙ୍କ ବିନାନୁମତିରେ ଶିଷ୍ୟ ଗୁରୁଦେବଙ୍କ ସମ୍ମୁଖରୁ ଚାଲିଯିବା ଉଚିତ୍ ନୁହେଁ ।
- ଆଧ୍ୟାତ୍ମିକ ଗୁରୁଙ୍କର ନାମକୁ ସମ୍ମାନର ସହିତ ଉଚ୍ଚାରଣ କରିବା ଉଚିତ୍ ।
- ସେ ଗୁରୁଦେବଙ୍କର ଚାଲିବା ଢ଼ଙ୍ଗ ତାଙ୍କର କହିବା, କାର୍ଯ୍ୟକଳାପକୁ ଅନୁକରଣ କରିବା ଉଚିତ୍ ନୁହେଁ ।
- ଆଧ୍ୟାତ୍ମିକ ଗୁରୁଙ୍କର ଉପଦେଶକୁ ଅତ୍ୟନ୍ତ ସମ୍ମାନର ସହ ପାଳନ କରିବା ଉଚିତ୍ ।
- ଗୁରୁଦେବଙ୍କ ଦ୍ୱାରା ଦଣ୍ଡିତ ହେଲେ ମଧ୍ୟ ତାହାକୁ ଅନ୍ୟଥା ଭାବିବା ଉଚିତ୍ ନୁହେଁ ।
- ଗୁରୁଦେବଙ୍କର ନିନ୍ଦା ଶ୍ରୁତିଶାସ୍ତ୍ର ବା ଭଗବାନଙ୍କର ନିନ୍ଦା ଶ୍ରବଣ ନ କରି ସେ ସ୍ଥାନ ପରିତ୍ୟାଗ କରିବା ଉଚିତ୍ ।
- ଗୁରୁଦେବଙ୍କର ଫୁଲମାଳା, ବିଛଣା, ଜୋତା, ଆସନ, ଛାଇ, କିମ୍ବା ଲେବୁଲ୍‌କୁ ମାଡିବା ଭଲ ନୁହେଁ ।
- ଗୁରୁଦେବଙ୍କ ସମ୍ମୁଖରେ ଶିଷ୍ୟ ଗୋଡ ଲମ୍ୱାଇ ବସିବା ଉଚିତ୍ ନୁହେଁ କିମ୍ବା ତାଙ୍କ ସମ୍ମୁଖରେ ହାଇ ମାରିବା, ହସିବା କିମ୍ବା କୁବାକ୍ୟ ପ୍ରୟୋଗ କରିବା ଉଚିତ୍ ନୁହେଁ ।
- ଶିଷ୍ୟ ଗୁରୁଦେବଙ୍କ ସମ୍ମୁଖରେ ଆସନରେ ବସିବା କିମ୍ବା ବିଛଣାରେ ବସିବା ଉଚିତ୍ ନୁହେଁ ।
- ଆଧ୍ୟାତ୍ମିକ ଗୁରୁଦେବଙ୍କ ସମ୍ମୁଖରେ ଅନ୍ୟ କାହାରି ପୂଜା କରିବା ଉଚିତ୍ ନୁହେଁ ।

- ଗୁରୁଦେବଙ୍କ ସମ୍ମୁଖରେ କାହାକୁ ଦୀକ୍ଷା ଦେବା, ଶାସ୍ତ୍ରର ଅଧିକ ବ୍ୟାଖ୍ୟା କରିବା ଅଧିକ ବଡିମା ପ୍ରଦର୍ଶନ କରିବା ଉଚିତ୍ ନୁହେଁ ।
- ଶିଷ୍ୟ ଗୁରୁଦେବଙ୍କୁ ଆଦେଶ ଦେବା ଉଚିତ୍ ନୁହେଁ ବରଂ ପାଳନ କରିବା ଉଚିତ୍ ।
- ଗୁରୁଙ୍କର ଗୁରୁଙ୍କୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ ।
- ଶିଷ୍ୟ ଗୁରୁଦେବଙ୍କର ପୂର୍ବାଶ୍ରମ ପତ୍ନୀ, ପୁତ୍ର କିମ୍ବା ଆତ୍ମୀୟସ୍ୱଜନଙ୍କୁ ଗୁରୁ ସଦୃଶ ପୂଜା କରିବା ଉଚିତ୍ । ତାଙ୍କର ପୁତ୍ରର ଶରୀରକୁ ପରିଷ୍କାର କିମ୍ବା ତା'ର ଉଚ୍ଛିଷ୍ଟ ତାଙ୍କର ପାଦଧୌତ କରିବା ଉଚିତ୍ ନୁହେଁ ।

(ଏକ ପ୍ରାମାଣିକ ଶିଷ୍ୟର ଯୋଗ୍ୟତା ସଂପର୍କରେ
ହରିଭକ୍ତି ବିଳାସ ଓ ପଞ୍ଚରାତ୍ର ପ୍ରଦୀପରୁ ଉଦ୍ଧୃତ)

**ଗୁରୁ ବପୁ ସେବା**

**ଆଧ୍ୟାତ୍ମିକ ଗୁରୁଙ୍କର ଶରୀରକୁ ଆନନ୍ଦ ପ୍ରଦାନ କରି ସେବା କରିବା......**

ଗୁରୁ ଶୁଶ୍ରୁଷୟାର ଅର୍ଥ ବ୍ୟକ୍ତି ସ୍ୱେଚ୍ଛାପୂର୍ବକ ଆଧ୍ୟାତ୍ମିକ ଗୁରୁଙ୍କ ଶରୀରକୁ ଆନନ୍ଦ ପ୍ରଦାନ କରି ସେବା କରିବା ଆବଶ୍ୟକ । ସ୍ନାନ କରିବାରେ, ଲୁଗା ପିନ୍ଧିବାରେ, ପ୍ରସାଦ ସେବନ କରିଲେ ଏବଂ ବିଶ୍ରାମ ନେବା ସମୟରେ ତାଙ୍କୁ ସହାୟତା କରିବା ଆବଶ୍ୟକ । ତାହାକୁ ଗୁରୁ ଶୁଶ୍ରୁଷଣମ୍ କୁହାଯାଏ । ଏକ ଶିଷ୍ୟ ତା'ର ଆଧ୍ୟାତ୍ମିକ ଗୁରୁଙ୍କର ବିଶ୍ୱସ୍ତଭୃତ୍ୟ ରୂପେ କାର୍ଯ୍ୟ କରିବା ଆବଶ୍ୟକ ଏବଂ ସେ ଯେଉଁ ସ୍ଥିତି ଲାଭ କରିଛି ତାହା ସେ ଗୁରୁଦେବଙ୍କୁ ଉତ୍ସର୍ଗ କରିବା ଆବଶ୍ୟକ ।

(ଶ୍ରୀମଦ୍ ଭାଗବତମ୍ ୭.୭.୩୦.୩୧)

**ଏକ ବଜ୍ର ସଦୃଶ କଠୋର...... ଗୋଲାପ ପରି କୋମଳ**

ଏକ ଆଚାର୍ଯ୍ୟ କିମ୍ବା ଏକ ବୈଷ୍ଣବ ଅନୁଷ୍ଠାନର ଉନ୍ନତ ବ୍ୟକ୍ତିତ୍ୱ ତାଙ୍କ ନୀତିରେ ସେ ଖୁବ୍ ଦୃଢ଼ ଅଟନ୍ତି । ଯଦିଓ ସେ ବଜ୍ର ସଦୃଶ କଠୋର ବେଳେବେଳେ ସେ ଗୋଲାପ ସଦୃଶ କୋମଳ ହୋଇଯାନ୍ତି ।

(ଶ୍ରୀଚୈତନ୍ୟ ଚରିତାମୃତ ଆଦି ୭.୫୫)

**ଶ୍ରେୟଂ ତୁ ଗୁରୁବଦ୍ ବୃତ୍ତିଃ ନିତ୍ୟମ୍ ଏବ ସମାଚରେତ୍**
**ଗୁରୁ ପୁତ୍ରେଷୁ ପାରେଷୁ ଗୁରୁଷ୍ ଚୈବ ସ୍ୱବନ୍ଧୁଷୁ ।**

ଆଧ୍ୟାତ୍ମିକ ଗୁରୁଙ୍କର ପୁତ୍ର, କନ୍ୟା, ସ୍ତ୍ରୀ ଏବଂ ତାଙ୍କର ବନ୍ଧୁବାନ୍ଧବମାନଙ୍କୁ ଶିଷ୍ୟ ଗୁରୁଙ୍କ ତୁଲ୍ୟ ଯଥାମାନ୍ୟ ପ୍ରଦର୍ଶନ କରିବା ଆବଶ୍ୟକ । ହରିଭକ୍ତିବିଳାସ, ପ୍ରଥମ ବିଳାସ, ଶ୍ଳୋକ- ୮୪ ପଞ୍ଚରାତ୍ର ପ୍ରଦୀପ

**ଆଧ୍ୟାତ୍ମିକ ଗୁରୁଙ୍କର ପରିବାର ସଦସ୍ୟ ତାଙ୍କୁ ଏକ ସାଧାରଣ ମାନବ ତୁଲ୍ୟ ଜ୍ଞାନ କରିବା...**

ଯଦି କେହି ପରମପୁରୁଷ ଭଗବାନ୍ କୃଷ୍ଣ ବା ଭଗବାନ ରାମଚନ୍ଦ୍ରଙ୍କୁ ସାଧାରଣ ମାନବ ବୋଲି ଜ୍ଞାନ କରେ ତାହାହେଲେ କୃଷ୍ଣ ଏବଂ ରାମ ସାଧାରଣ ମନୁଷ୍ୟ ହୁଅନ୍ତି ନାହିଁ । ଠିକ୍ ସେହିପରି ଆଧ୍ୟାତ୍ମିକ ଗୁରୁ ଯେକି ପରମପୁରୁଷ ଭଗବାନଙ୍କର ପ୍ରାମାଣିକ ପ୍ରତିନିଧି ଅଟନ୍ତି ତାଙ୍କୁ ତାଙ୍କର ପରିବାରର ସଦସ୍ୟ ଯଦି ଏକ ସାଧାରଣ ମାନବ ବୋଲି ଜ୍ଞାନ କରନ୍ତି ତାହାହେଲେ ତାହାର ଅର୍ଥ ନୁହେଁ ସେ ଏକ ସାଧାରଣ ମାନବ । ଆଧ୍ୟାତ୍ମିକ ଗୁରୁ ଭଗବାନଙ୍କ ତୁଲ୍ୟ ଅଟନ୍ତି । ସେଥିପାଇଁ ଯେ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି ଇଚ୍ଛା କରନ୍ତି ସେ ଆଧ୍ୟାତ୍ମିକ ଗୁରୁଙ୍କୁ ସେହି ପ୍ରକାର ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଯଦି ସେହି ବୁଝାମଣାରେ କିଛି ବ୍ୟତିକ୍ରମ ହୁଏ ତାହାହେଲେ ତାହା ଶିଷ୍ୟର ଶାସ୍ତ୍ର ଅଧ୍ୟୟନ ଏବଂ ତପସ୍ୟା ମାର୍ଗରେ ଘୋର ବିପର୍ଯ୍ୟୟ ସୃଷ୍ଟି କରିବ ।

(ଶ୍ରୀମଦ୍ ଭାଗବତମ୍ ୭.୧୫.୨୬)

**ଗୁରୁଙ୍କର ଗୁରୁଭ୍ରାତାଙ୍କୁ ଗୁରୁଦେବଙ୍କ ସଦୃଶ ସମ୍ମାନ ପ୍ରଦର୍ଶନ କରିବା.....**

ଶ୍ରୀ ଅଦ୍ୱୈତ ପ୍ରଭୁ ଏବଂ ଶ୍ରୀ ଈଶ୍ୱରପୁରୀ ଯେ କି ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କର ଆଧ୍ୟାତ୍ମିକ ଗୁରୁ ଅଟନ୍ତି ସେମାନେ ମାଧବେନ୍ଦ୍ର ପୁରୀଙ୍କର ଶିଷ୍ୟ ଅଟନ୍ତି । ତେଣୁ ଅଦ୍ୱୈତ ପ୍ରଭୁଙ୍କୁ ଶ୍ରୀମନ୍ ଚୈନ୍ୟ ମହାପ୍ରଭୁ ସର୍ବଦା ଗୁରୁ ତୁଲ୍ୟ ସମ୍ମାନ ପ୍ରଦର୍ଶନ କରୁଥିଲେ । ତେଣୁ ଆଧ୍ୟାତ୍ମିକ ଗୁରୁଙ୍କର ଗୁରୁଭ୍ରାତାମାନଙ୍କୁ ଶିଷ୍ୟ ଗୁରୁଙ୍କ ସଦୃଶ ସମ୍ମାନପ୍ରଦର୍ଶନ କରିବା ଉଚିତ୍ ।

(ଶ୍ରୀ ଚୈତନ୍ୟ ଚରିତାମୃତ ଆଦି ୫.୧୪)

**ଏକ ଭକ୍ତର କର୍ତ୍ତବ୍ୟ ହେଉଛି ବୈଷ୍ଣବ ସଦାଚାରକୁ ସୁରକ୍ଷା ଦେବା.....**

ହେ ମୋର ପ୍ରିୟ ସନାତନ । ତୁମେ ସମଗ୍ର ବ୍ରହ୍ମାଣ୍ଡ ଉଦ୍ଧାର କରିବା ବ୍ୟକ୍ତି ଏବଂ ଯଦିଓ ଦେବତା ଏବଂ ମହାନ୍ ସାଧୁ ତୁମକୁ ସ୍ପର୍ଶ କଲେ ପବିତ୍ର ହୁଅନ୍ତି ତଥାପି ତୁମର କର୍ତ୍ତବ୍ୟ ହେଉଛି ବୈଷ୍ଣବ ଶିଷ୍ଟାଚାରକୁ ସୁରକ୍ଷା ଦେବା । ବୈଷ୍ଣବ ଶିଷ୍ଟାଚାରକୁ ପରିଚାଳନା କରିବା ଏକ ଶିଷ୍ୟର ଅଳଙ୍କାର ସଦୃଶ ଅଟେ । ଯଦି ଜଣେ ଏହି ଶିଷ୍ଟାଚାରର ନିୟମ ପାଳନରେ ବ୍ୟତିକ୍ରମ ସୃଷ୍ଟି କରେ ଲୋକମାନେ ତାକୁ ଥଟ୍ଟା କରନ୍ତି ସେ ଏହି ବ୍ରହ୍ମାଣ୍ଡ ଓ ଅନ୍ୟ ବ୍ରହ୍ମାଣ୍ଡରୁ ମଧ୍ୟ ଲୁପ୍ତ ହୋଇଯାଏ । ଏହି ଶିଷ୍ଟାଚାରକୁ ରକ୍ଷା କରି ତୁମେ ମୋ ମନକୁ ସନ୍ତୋଷ ପ୍ରଦାନ କର ।

(ଶ୍ରୀ ଚୈତନ୍ୟ ଚରିତାମୃତ ଅନ୍ତ୍ୟଲୀଳା ୪.୧୨୯.୧୩, ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ ସନାତନ ଗୋସ୍ୱାମୀଙ୍କ....)

**ଗୁରୁଙ୍କୁ ଜିଜ୍ଞାସା**

**ଉଦ୍ଧତ ମନୋଭାବ ନେଇ ଏହା କରିବା ଉଚିତ୍ ନୁହେଁ.....**

ଯେଉଁମାନେ ଶ୍ରୀମଦ୍ ଭାଗବତମ୍ ଶ୍ରବଣ କରୁଛନ୍ତି ସେମାନେ ତାଙ୍କର ପ୍ରଶ୍ନର ସମାଧାନ ନିମିତ୍ତ ପ୍ରଶ୍ନ ପଚାରି ପାରନ୍ତି କିନ୍ତୁ ତାହା ପ୍ରତିଦ୍ୱନ୍ଦି ପ୍ରତି ଆହ୍ୱାନ ସୂଚକ ହେବା ଉଚିତ୍ ନୁହେଁ । ଜଣେ ବକ୍ତାଙ୍କୁ ଅତ୍ୟନ୍ତ ବିନୟ ସହକାରେ ଏବଂ ସମ୍ମାନର ସହିତ ପ୍ରଶ୍ନ କରିବା ଉଚିତ୍ । ଭଗବତ୍ ଗୀତାରେ ଏହାକୁ ଅନୁମୋଦନ କରାଯାଇଛି । ଜଣେ ଆଧ୍ୟାତ୍ମିକ ଦିବ୍ୟଜ୍ଞାନକୁ ଶିକ୍ଷା କରିବା ପାଇଁ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ବିନମ୍ର ସହିତ ପ୍ରଣିପାତ ପୂର୍ବକ ପରିପ୍ରଶ୍ନ କରିବା ଉଚିତ୍ । ସେଥିପାଇଁ ମୁନୀଋଷିମାନେ ସୂତ ଗୋସ୍ୱାମୀଙ୍କୁ ବହୁ ସମ୍ମାନର ସହିତ ଦିବ୍ୟ ଜ୍ଞାନ ବିଷୟରେ ଜିଜ୍ଞାସା କରିଥିଲେ ।

**ଜିଜ୍ଞାସା କେବଳ ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ଆଧାରିତ ହେବା ଉଚିତ୍......**

ଜଣେ ଆଧ୍ୟାତ୍ମିକ ଗୁରୁଙ୍କ ନିକଟରୁ ଜାଣିବା ପାଇଁ ଅଧିକ ପ୍ରୟାସୀ ହେବା ଉଚିତ୍ । କିନ୍ତୁ ଜିଜ୍ଞାସା କେବଳ ଆଧ୍ୟାତ୍ମିକ ତତ୍ତ୍ୱ ସଂପର୍କିତ ହେବା ଆବଶ୍ୟକ । (ଜିଜ୍ଞାସୁ ଶ୍ରେୟ ଉତ୍ତମମ୍) ଉତ୍ତମମ୍ ଶବ୍ଦର ଅର୍ଥ ଯାହା ଭୌତିକ ଜ୍ଞାନର ଉର୍ଦ୍ଧ୍ୱରେ । ତମର ଅର୍ଥ ଭୌତିକ ଜଗତର ଅନ୍ଧକାର ଏବଂ ଉତର ଅର୍ଥ 'ଦିବ୍ୟ' ସାଧାରଣତଃ ଲୋକମାନେ ଭୌତିକ ବିଷୟ ଜିଜ୍ଞାସା କରିବା ପାଇଁ ଆଗ୍ରହୀ ଥା'ନ୍ତି । କିନ୍ତୁ ଯେତେବେଳେ ଜଣେ ସେଥିରୁ ବିରକ୍ତ ହୁଏ ଏବଂ କେବଳ ଆଧ୍ୟାତ୍ମିକ ଜ୍ଞାନ ପ୍ରତି ଆଗ୍ରହ ପ୍ରକାଶ କରେ ସେ ଦୀକ୍ଷା ନେବା ନିମିତ୍ତ ଯୋଗ୍ୟ ହୋଇଥାଏ ।

(ଉପଦେଶାମୃତ, ଶ୍ଳୋକ-୫)

**ଗୁରୁଙ୍କର ବାଣୀ ସେବାର ଗୁରୁତ୍ୱ**

**ବାଣୀ ବା ଉପଦେଶ ନିତ୍ୟ ବର୍ତ୍ତମାନ.....**

ଯଦିଓ ଭୌତିକ ଦୃଷ୍ଟିରୁ ଶ୍ରୀ ଶ୍ରୀମଦ୍ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଭୁପାଦ ଏ ଭୌତିକ ଜଗତରୁ ଡିସେମ୍ବର ୩୧ ତାରିଖ, ୧୯୩୬ ମସିହାରୁ ଅପ୍ରକଟ ହେଲେ ତଥାପି ତାଙ୍କର ବାଣୀ ରୂପରେ ସେ ମୋ ହୃଦୟରେ ଅଛନ୍ତି । ଗୁରୁଙ୍କର ଦୁଇପ୍ରକାର ଭାବରେ ସଙ୍ଗ କରାଯାଏ । ଗୋଟିଏ ବପୁ ସଙ୍ଗ ଏବଂ ଅନ୍ୟଟି ବାଣୀ ସଙ୍ଗ । 'ବାଣୀ' ଶବ୍ଦର ଅର୍ଥ କଥା । 'ବପୁ' ଶବ୍ଦର ଅର୍ଥ ଶରୀର ଉପସ୍ଥିତି । ଶରୀରର ଉପସ୍ଥିତି ସବୁ ସମୟରେ ସମ୍ଭବପର ହୋଇନଥାଏ । କିନ୍ତୁ ବାଣୀର ଉପସ୍ଥିତି ଶାଶ୍ୱତ ଓ ନିତ୍ୟ ଭାବରେ ଥାଏ । ସେଥିପାଇଁ ଆମେ ବାଣୀର ସଦୁପଯୋଗ କରିବା ଉଚିତ୍ । ବପୁର ଉପସ୍ଥିତି ସବୁ ସମୟରେ ସମ୍ଭବପର ନୁହେଁ । ଉଦାହରଣସ୍ୱରୂପ ଭଗବଦ୍ ଗୀତା ହେଉଛି ଭଗବାନ କୃଷ୍ଣଙ୍କର ମୁଖନିଃସୃତ ବାଣୀ ଯଦିଓ ଭଗବାନ କୃଷ୍ଣ ଏହି ଦିବ୍ୟ ବାଣୀକୁ ପାଞ୍ଚ ହଜାର ବର୍ଷ ପୂର୍ବରୁ କହିଥିଲେ ଏବଂ ବର୍ତ୍ତମାନ ଭୌତିକ ଦୃଷ୍ଟିରୁ ତାଙ୍କର ଶରୀରର ଉପସ୍ଥିତି ନାହିଁ ତଥାପି ଭଗବଦ୍ ଗୀତାର ବାଣୀ ସର୍ବଜନ ଆଦୃତ ହୋଇଅଛି ।

(ଚୈତନ୍ୟ ଚରିତାମୃତ- ଅନ୍ତ୍ୟଲୀଳା ପରିଶିଷ୍ଟ)

**ବପୁର ସେବା ଠାରୁ ଅଧିକ ଗୁରୁତ୍ୱ ହେଉଛି ବାଣୀର ସେବା**

ଗୁରୁଙ୍କର ଶରୀରକୁ ପୂଜା କରିବା ଅପେକ୍ଷା ତାଙ୍କର ବାଣୀର ପ୍ରଚାର କରିବାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । କିନ୍ତୁ ଦୁଇଟିରୁ କୌଣସି ଗୋଟିକୁ ଅବହେଳା କରିବା ଉଚିତ୍ ନୁହେଁ । ଶରୀର ହେଉଛି ବପୁ ଶିକ୍ଷା ହେଉଛି ବାଣୀ । ଉଭୟଙ୍କୁ ପୂଜା କରିବା ଉଚିତ୍ । ବପୁର ସେବା ଠାରୁ ବାଣୀର ସେବାର ଅଧିକ ଗୁରୁତ୍ୱ ରହିଛି ।

(ତୁଷ୍ଟକୃଷ୍ଣ ନିକଟକୁ ଚିଠି ୧୯୭୨, ଅହମଦାବାଦ, ଡିସେମ୍ବର ୧୪)

**ଏକ ଓଡଶ ରାଜାଙ୍କ କୋଳରେ ବସିଛି.......**

ଗୁରୁଙ୍କର ବ୍ୟକ୍ତିଗତ ସଙ୍ଗ କଥା କହିବାକୁ ଗଲେ ମୁଁ ମୋର ଗୁରୁ ମହାରାଜଙ୍କ ସହ ସଙ୍ଗ ୫ବାର କରିଛି । କିନ୍ତୁ ସେହି ସମୟରେ ମୁଁ ତାଙ୍କ ସହ ସର୍ବଦା ରହିଛି ଗୋଟିଏ ମୁହୂର୍ତ୍ତ ମଧ୍ୟ ତାଙ୍କଠାରୁ ଦୂରରେ ରହିନାହିଁ । କାରଣ ମୁଁ ତାଙ୍କର ଶିକ୍ଷାକୁ ଅନୁସରଣ କରିଛି । ମୁଁ ତାଙ୍କର ବିଚ୍ଛେଦ ଅନୁଭବ କରିନାହିଁ । ମୋର କିଛି ଗୁରୁଭ୍ରାତା ଯେଉଁମାନେ କି ଭାରତୀୟ ସେମାନେ ସର୍ବଦା ଗୁରୁ ମହାରାଜଙ୍କ ସଙ୍ଗକରି ଆସିଛନ୍ତି କିନ୍ତୁ ସେମାନେ ତାଙ୍କର ଆଦେଶକୁ ଅବହେଳା କରିଛନ୍ତି । ଠିକ୍ ଯେପରି ଏକ ଓଡଶ ରାଜାଙ୍କ କୋଳରେ ବସିଛି । ଯଦିଓ ସେ ସ୍ଥିତି ଲାଭକରି ସେ ବହୁତ ଗର୍ବିତ ତଥାପି ସେ ରାଜାଙ୍କର ରକ୍ତ ଶୋଷଣ କରୁଛି । ବ୍ୟକ୍ତିଗତ ଭାବରେ ସେବା କରିବା ଅପେକ୍ଷା ବାଣୀର ସେବାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ।

(ଶତଧନ୍ୟଙ୍କୁ ଚିଠି, କଲିକତା, ଫେବୃୟାରୀ ୨୬, ୧୯୭୨)

**ଯଦି ତୁମେ ମୋର ଲକ୍ଷ୍ୟ ହାସଲ କରିବା ପାଇଁ ଦୟାକରି ଚେଷ୍ଟା କର..... ତାହାହିଁ ନିତ୍ୟ ସଙ୍ଗ ଅଟେ**

ମୋର କହିବା ଅନୁଯାୟୀ ମୁଁ କୌଣସି ପ୍ରକାରେ ମୋର ପରମାର୍ଥିକ ଗୁରୁଙ୍କର ବିଛେଦ ଅନୁଭବ କରିନାହିଁ । କାରଣ ତାଙ୍କର ଆଶା ପୂରଣ କରିବା ପାଇଁ ଚେଷ୍ଟା କରିଚାଲିଛି । ତାହା ହିଁ ଲକ୍ଷ୍ୟ । ଯଦି ତୁମେ ମୋର ଲକ୍ଷ୍ୟ ପୂରଣ କରିବାକୁ ଚାହଁ ତାହାହେଲେ ତୁମେ ଯେଉଁଠାରେ ରହିଲେ ମଧ୍ୟ ମୋର ସଙ୍ଗ ଲାଭ କରିପାରିବ ।

(ହଂସଦୂତଙ୍କୁ ପତ୍ର, ଲସ୍ଏଞ୍ଜେଲସ, ଜୁନ୍ ୨୨, ୧୯୭୦)

**ବିରହର ଅନୁଭବ ଦିବ୍ୟ ଆଶୀର୍ବାଦ ବହନ କରିଥାଏ ।**

ବିରହର ଆନନ୍ଦଙ୍କୁ ଆସ୍ୱାଦନ କର । ମୁଁ ମୋର ଗୁରୁ ମହାରାଜଙ୍କ ଠାରୁ ୧୯୩୬ ମସିହା ଠାରୁ ପୃଥକ ହେଲିଣି କିନ୍ତୁ ମୁଁ ତାଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁଥିବାରୁ ବରାବର ତାଙ୍କ ପାଖରେ ରହିଛି । ତେଣୁ ଆମେମାନେ ସମସ୍ତେ ଏକତ୍ର ଭଗବାନ କୃଷ୍ଣଙ୍କ ସନ୍ତୋଷବିଧାନ ନିମନ୍ତେ କାର୍ଯ୍ୟ କଲେ ବିରହର ଅନୁଭବ ଆମ ପାଇଁ ଦିବ୍ୟ ଆଶୀର୍ବାଦ ଆଣିଦେବ ।

(ଉଦ୍ଧବଙ୍କୁ ପତ୍ର- ବୋଷ୍ଟନ, ମେ' ୩,୧୯...)

## ଏକାଦଶ ଅଧ୍ୟାୟ      ଗୁରୁ ତ୍ୟାଗ (ଆଧ୍ୟାତ୍ମିକ ଗୁରୁଙ୍କୁ ତ୍ୟାଗ କରିବା)

**ଅଧ୍ୟାୟର ପାଠ୍ୟ**

- ଗୁରୁ ତ୍ୟାଗର ନିୟମ
- ଗୁରୁଙ୍କ ସମ୍ପର୍କରେ କିପରି ଅଭିଯୋଗ ଆଣିପାରିବା
- ପୁନଃ ଦୀକ୍ଷା ଗ୍ରହଣ
- ଇସ୍କନରେ ଭକ୍ତିଯୋଗର ଅଭ୍ୟାସ କରିବା

**ଗୁରୁ ତ୍ୟାଗର ବିଧି ଓ ପ୍ରଣାଳୀ**

**ଏକ ଗୁରୁ ନିନ୍ଦନୀୟ କାର୍ଯ୍ୟରେ ଲିପ୍ତ..... ହେଲେ ପରିତ୍ୟକ୍ତ ହେବା ଉଚିତ୍ ।**

ଆଧ୍ୟାତ୍ମିକ ନିୟମ ଅନୁସାରେ ଏକ ଶିକ୍ଷକ ନିନ୍ଦନୀୟ କାର୍ଯ୍ୟରେ ନିଯୁକ୍ତ ହେଲେ ଏବଂ ପକ୍ଷପାତୀ ଭାବରେ କାର୍ଯ୍ୟ କଲେ ତାଙ୍କୁ ତ୍ୟାଗ କରାଯାଏ ।

(ଶ୍ରୀମଦ୍ ଭଗବତ ଗୀତା, ୨.୫)

**ଯେତେବେଳେ ଆଧ୍ୟାତ୍ମିକ ଗୁରୁ ଅଯୋଗ୍ୟ ବୋଲି ପ୍ରମାଣିତ ହୁଅନ୍ତି ....**

ଶାସ୍ତ୍ରର ନିୟମ ଅନୁସାରେ ଏକ ଶିକ୍ଷକ କିମ୍ବା ଆଧ୍ୟାତ୍ମିକ ଗୁରୁ ଯଦି ଅଯୋଗ୍ୟ ପ୍ରମାଣିତ ହୁଅନ୍ତି ତାହାହେଲେ ତାଙ୍କୁ ତ୍ୟାଗ କରାଯିବା ଉଚିତ୍ ।

(ଶ୍ରୀମଦ୍ ଭାଗବତମ୍ ୧.୭.୪୩)

**ଗୁରୋର୍ ଅପ୍ୟ ଅଭାଲିପ୍ତସ୍ୟ କାର୍ଯ୍ୟକାର୍ଯ୍ୟମ୍ ଅଜାନତଃ**
**ଉପଥ ପ୍ରତିପତସ୍ୟ ପରିତ୍ୟଗୋ ବିଧିୟତେ**

ଯଦି ଗୁରୁ ଇନ୍ଦ୍ରିୟ ତୃପ୍ତି ନିଯୁକ୍ତ ହୋଇଥାନ୍ତି ଏବଂ ତାଙ୍କର କର୍ତ୍ତବ୍ୟକୁ ଭୁଲିଯାନ୍ତି ଏବଂ ଆଧ୍ୟାତ୍ମିକ ମାର୍ଗ ତ୍ୟାଗ କରି ଅନ୍ୟ କୁମାର୍ଗକୁ ଅନୁସରଣ କରନ୍ତି ତାଙ୍କୁ ତ୍ୟାଗ କରିବା ଉଚିତ୍ ।

(ମହାଭାରତ ଉଦ୍ୟୋଗ ପର୍ବ ୧୭୯.୨୫)

**ଭୁଲକ୍ରମେ ଯଦି ତୁମେ ଏକ ଶଠଙ୍କ ନିକଟକୁ ଆସିଯାଇଛ.... ତେବେ ତାଙ୍କୁ ତୁମେ ତ୍ୟାଗ କରିପାର ।**

ଯଦି କେହି ଭୁଲକ୍ରମେ ଏକ ନିର୍ବୋଧଙ୍କ ନିକଟକୁ ଆସିଯାଇଛ ଏବଂ ତୁମେ ଜାଣିବାକୁ ପାଇଲ ଯେ ସେ ଏକ ନିର୍ବୋଧ ଯେ କି କୃଷ୍ଣଙ୍କ ସଂପର୍କରେ କିଛି ଜାଣିନାହାନ୍ତି ଏବଂ ମୁଁ ତାଙ୍କ ପାଖକୁ ଚାଲିଆସିଛି ତାଙ୍କୁ ତ୍ୟାଗ କର । ତାହା ଶାସ୍ତ୍ରରେ ଦର୍ଶାଯାଇଛି । ଗୁରୋର୍ ଅପ୍ୟ ଅଭଲିପ୍ତ୍ୟସ୍ୟ କାର୍ଯ୍ୟକାର୍ଯ୍ୟମ୍ ଅଜାନତଃ ପରିତ୍ୟାଗୋ ବିଧିୟତେ । ଯଦିଓ ଭୁଲକ୍ରମେ ତୁମେ ଏକ ନିର୍ବୋଧ ପାଖକୁ ଚାଲିଆସିଛ ଯେ କି ଗୁରୁ ହେବା ପାଇଁ ଅଯୋଗ୍ୟ ତୁମେ ତାଙ୍କୁ ତ୍ୟାଗ କରିପାର । କାହିଁକି ତାଙ୍କ ସହିତ ଯୁକ୍ତ ହୋଇ ରହିବ, ତାଙ୍କୁ ତ୍ୟାଗ କର ।

(କୋଠରୀରେ ହେଉଥିବା କଥାବାର୍ତ୍ତା,
ଜାନୁୟାରୀ ୩୧, ୧୯୭୨, ଭୁବନେଶ୍ୱର)

ଯଦି ଏକ ଗୁରୁ ନିଜକୁ ଅଯୋଗ୍ୟ ବୋଲି ପ୍ରମାଣିତ କରନ୍ତି କିଭଳି ଇସ୍କନ ତାଙ୍କର ଶିଷ୍ୟଙ୍କୁ ସୁରକ୍ଷା ଦେଇପାରିବ । ତୁମେ କେତେକ କାରଣ ଦର୍ଶାଅ ।

**ଗୁରୁଦେବଙ୍କର ସମ୍ବନ୍ଧରେ ଆନୁଷ୍ଠାନିକଭାବେ ଉଦ୍‌ବେଗ ଜଣାଇବା**

ଗୁରୁଙ୍କ ଉଦ୍ଦେଶ୍ୟରେ କିଭଳି ଅଭିଯୋଗ ଅଣାଯାଇପାରିବ ଏକ ଶିଷ୍ୟ ତାଙ୍କ ଗୁରୁଙ୍କ ସଂପର୍କରେ କିଛି ଜଣାଇବାକୁ ଚାହିଁଲେ କାହା ସହିତ କଥାବାର୍ତ୍ତା କରିବ ?

- ମନ୍ଦିର ଓ ଜି.ବି.ସି. ଅଧିକାରୀ
- ଶିକ୍ଷା ଗୁରୁ
- ଇସ୍କନର ନିୟମ

**ଯଦି ତୁମେ ଆଧାତ୍ମିକ ଗୁରୁଙ୍କ ସଙ୍ଗ ପରିତ୍ୟାଗ କର ତାହାହେଲେ ତାହା ତୁମ ପାଇଁ ଭଲ ନୁହେଁ.......**

ଯେତେବେଳେ ଜଣେ ଶିଷ୍ୟ ତା'ର ଆଧାତ୍ମିକ ଗୁରୁଙ୍କୁ ପରିତ୍ୟାଗ କରେ ସେତେବେଳେ ତା'ର କିଛି କାରଣ ଥାଏ । ଶାସ୍ତ୍ରରେ ସେ ସଂପର୍କରେ କୁହାଯାଇଛି । ଗୁରୁର୍ ଅପି ଅଭିଲିପ୍ତ କାର୍ଯ୍ୟକାର୍ଯ୍ୟମ୍ ଅଜାନତଃ । କାର୍ଯ୍ୟ ଅକାର୍ଯ୍ୟ । ଯଦି **ଆଧାତ୍ମିକ ଗୁରୁ କ'ଣ କରିବାକୁ ହେବ ଏବଂ କ'ଣ ନ କରିବାକୁ ହେବ ତାହା ଜାଣିନାହାନ୍ତି ଏବଂ ସେ ଶାସ୍ତ୍ରର ମଧ୍ୟ ବିରୁଦ୍ଧାଚରଣ କରୁଛନ୍ତି ତେବେ ସେହି ଆଧାତ୍ମିକ ଗୁରୁଙ୍କୁ ତ୍ୟାଗ କରିବା ଉଚିତ୍ ।** କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ଗୁରୁ ଶାସ୍ତ୍ର କିମ୍ବା ଗୁରୁଦେବଙ୍କର ନିର୍ଦ୍ଦେଶ ମାନୁଛନ୍ତି ତୁମେ ଯଦି ତାଙ୍କର ସଙ୍ଗ ପରିତ୍ୟାଗ କରିବ ତାହା ତୁମ ପାଇଁ ଆଦୌ ଉତ୍ତମ ନୁହେଁ ।

(ଶ୍ରୀମଦ୍ ଭାଗବତମ୍ ୧.୧୬.୩୬, ଟୋକିଓ, ଜାନୁୟାରୀ ୩୦, ୧୯୭୪)

**ଯେତେବେଳ ପର୍ଯ୍ୟନ୍ତ ତୁମର ମନ୍ତ୍ର ଦୀକ୍ଷା ଗୁରୁ ପ୍ରକଟ ଅଛନ୍ତି ସେ ସମୟରେ ତୁମେ ଅନ୍ୟତ୍ର ଯିବା ଉଚିତ୍ ନୁହେଁ .....**

ଏକଦା ଗଦାଧର ପଣ୍ଡିତ ମହାପ୍ରଭୁଙ୍କୁ ପୁନଃ ଦୀକ୍ଷା ଦେବା ପାଇଁ ଅନୁରୋଧ କଲେ । ସେ କହିଲେ ମୁଁ ମୋର ଇଷ୍ଟମନ୍ତ୍ରକୁ ଭୁଲିଯାଇଛି । କାରଣ ମୁଁ କୌଣସି ଏକ ଅନାବଶ୍ୟକ ବ୍ୟକ୍ତିଙ୍କୁ ସେହି ମନ୍ତ୍ର କହିଥିବା ହେତୁ ମୋର ମନ ବିଚଳିତ ହେଉଅଛି । ହେ ମୋର ପ୍ରଭୁ ଆପଣ ମୋତେ ସେହି ମନ୍ତ୍ରଙ୍କୁ ପୁନର୍ବାର ମୋତେ କହିଦିଅନ୍ତୁ ଯଦ୍ୱାରା ମୁଁ ମୋର ମନ ଉତ୍‌ଫୁଲ୍ଲିତ ହେବ । ମହାପ୍ରଭୁ କହିଲେ ଯତ୍ନବାନ ହୁଅ । ତୁମେ ତୁମ ଗୁରୁ ଯେ କି ତୁମକୁ ସେ ଇଷ୍ଟମନ୍ତ୍ର ପ୍ରଦାନ କରିଛନ୍ତି ତାଙ୍କ ନିକଟରେ ଅପରାଧ କର ନାହିଁ । ଯେତେବେଳ ପର୍ଯ୍ୟନ୍ତ ତୁମର ଦୀକ୍ଷାଗୁରୁ ଉପସ୍ଥିତ ଅଛନ୍ତି ତୁମେ ଆଉ କେଉଁଠାକୁ ଯାଅ ନାହିଁ କିମ୍ବା ମୋ ପାଖକୁ ମଧ୍ୟ ଆସ ନାହିଁ । ଯଦ୍ୱାରା ତୁମର ଏବଂ ମୋର ଆଧାତ୍ମିକ ଜୀବନ ସଙ୍କଟାପନ୍ନ ହେବ ।

(ଶ୍ରୀଚୈତନ୍ୟ ଭାଗବତ ଅନ୍ତ୍ୟ ଖଣ୍ଡ, ଦଶମ ଅଧ୍ୟାୟ, ପୁଣ୍ଡରୀକ ବିଦ୍ୟାନିଧିଙ୍କ ପ୍ରସଙ୍ଗ)

**ବୋଧଃ କଲୁଷିତଃ ତେନ ଦୌରାତ୍ମ୍ୟଂ ପ୍ରକଟିକୃତମ୍**
**ଗୁରୁଃ ଯେନ ପରିତ୍ୟକ୍ତଃ ତେନ ତ୍ୟକ୍ତଃ ପୁରା ହରିଃ**

ଯେତେବେଳେ ଜଣେ ତା'ର ଆଧାତ୍ମିକ ଗୁରୁଙ୍କୁ ତ୍ୟାଗ କରେ ତା'ର ନିଜର ବୁଦ୍ଧିମତ୍ତା କୁହାଯାଇଥାଏ ଏବଂ ତା'ର ଚରିତ୍ରରେ ମଧ୍ୟ ଦୁର୍ବଳତା ଦେଖାଦିଏ । ବାସ୍ତବିକ ସେ ଗୁତରୁଙ୍କୁ ତ୍ୟାଗ କରିବା ସଙ୍ଗେ ସଙ୍ଗେ ଭଗବାନ ହରିଙ୍କୁ ମଧ୍ୟ ତ୍ୟାଗ କରିଥାଏ ।

(ବ୍ରହ୍ମବୈବର୍ତ୍ତ ପୁରାଣ)

**ପୁନଃ ଦୀକ୍ଷା ଗ୍ରହଣ**

ଏକ ଭକ୍ତ ଯେ କି ଇସ୍କନର ବରିଷ୍ଠ ଅଧିକାରୀଙ୍କ ସହ ପରାମର୍ଶ କରି ଏବଂ ଜିବିସିଙ୍କର ନିୟମ ଅନୁସାରେ ଅପ୍ରାମାଣିକ ଗୁରୁଙ୍କୁ ତ୍ୟାଗ କରିବା ପାଇଁ ସ୍ଥିର କରିସାରିଛି ସେ ଇସ୍କନର ଅନୁମୋଦିତ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିପାରେ ପ୍ରଥମ ଓ ଦ୍ୱିତୀୟ ଦୀକ୍ଷା ଗ୍ରହଣ ପାଇଁ ଇସ୍କନର ଯେଉଁ ନିୟମ ରହିଛି ତାହାକୁ ଗ୍ରହଣ କରାଯାଇପାରେ ।

(ଇସ୍କନ ନିୟମ ୩, ବିଧିବିଧାନ ୭.୨.୬)

ଗୁରୁଙ୍କୁ ତ୍ୟାଗ କଲା ପରେ ପୁନଃ ଦୀକ୍ଷା ଗ୍ରହଣ ପୂର୍ବରୁ କିପରି ପ୍ରଭୁପାଦଙ୍କ ଗୁରୁ ପରମ୍ପରା ସହ ସଂଶ୍ଳିଷ୍ଟ ରହି ଏବଂ ଇସ୍କନ ପାଇଁ ସେବା କରିପାରିବ ସେ ସଂପର୍କରେ ନିଜର ମତ ପୋଷଣ କରନ୍ତୁ ।

**ଦୟାକରି ମୋତେ ସ୍ମରଣ କର ଏବଂ ମୋର ଶିକ୍ଷାକୁ ସ୍ମରଣ କର ଏବଂ ଆମେ ସମସ୍ତେ ସର୍ବଦା ଏକତ୍ର ରହିବା.....**

ଦୟାକରି ମୋତେ ସ୍ମରଣ କରିବାକୁ ଚେଷ୍ଟା କର ଏବଂ ମୋର ଶିକ୍ଷାକୁ ସ୍ମରଣକର ଏବଂ ସର୍ବଦା ଆମେ ଏକତ୍ର ରହିବା । ଶ୍ରୀମଦ୍ ଭାଗବତମ୍ ପ୍ରଥମ ସଂସ୍କରଣରେ ମୁଁ ଲେଖିଅଛି ଆଧ୍ୟାତ୍ମିକ ଗୁରୁ ତାଙ୍କର ଦିବ୍ୟ ଶିକ୍ଷା ମାଧ୍ୟମରେ ସର୍ବଦାପ୍ରକଟ ଅଛନ୍ତି ଏବଂ ଶିଷ୍ୟ ମଧ୍ୟ ତାଙ୍କ ସହ ରହିଛି । କାରଣ ମୁଁ ମୋର ଗୁରୁ ମହାରାଜଙ୍କ ଶିକ୍ଷା ଗ୍ରହଣ ଏବଂ ତାଙ୍କର ସେବା କରିଥିବାରୁ ମୁଁ କେବେ ତାଙ୍କ ଠାରୁ ବିଚ୍ଛିନ୍ନ ହୋଇପାରିବି ନାହିଁ ।

(ଚିଦାନନ୍ଦଙ୍କୁ ଦେଇଥିବା ପତ୍ର,
ଭକ୍ତିବେଦାନ୍ତ ମେନର, ନଭେମ୍ବର ୨୫, ୧୯୭୩)

# ଚତୁର୍ଥ ଦିବସ
# ସହଯୋଗ ଓ ସଂପର୍କ ଭିତ୍ତିରେ ନିର୍ଦ୍ଦେଶ ପାଳନ

**ଦ୍ୱାଦଶ ଅଧ୍ୟାୟ -ନିଜର ଗୁରୁଙ୍କୁ ଉପସ୍ଥାପନ କରିବା**

ଶ୍ରୀଲ ପ୍ରଭୁପାଦଙ୍କୁ ଉପସ୍ଥାପନ କରିବା

ଇସ୍କନର ଗୁରୁଗଣଙ୍କୁ ଉପସ୍ଥାପନ କରିବା

**ତ୍ରୟୋଦଶ ଅଧ୍ୟାୟ -ଇସ୍କନ ସହିତ ସଂପର୍କ**

ଗୁରୁଙ୍କ ପ୍ରତି ପକ୍ଷପାତିତା ମନୋଭାବ

ସହଯୋଗର ସହିତ ସଂପର୍କକୁ ଅଗ୍ରଗାମୀ କରିବା

**ଚତୁର୍ଦ୍ଦଶ ଅଧ୍ୟାୟ - ସଂପୂର୍ଣ୍ଣ ପାଠ୍ୟକ୍ରମ**

# ଦ୍ୱାଦଶ ଅଧ୍ୟାୟ ନିଜ ଗୁରୁଙ୍କୁ ସ୍ଥାପନ କରିବା

**ଅଧ୍ୟାୟର ପାଠ୍ୟ**

- ଶ୍ରୀଲ ପ୍ରଭୁପାଦଙ୍କୁ ଉପସ୍ଥାପନା କରିବା
- ବର୍ତ୍ତମାନର ଇସ୍କନ ଗୁରୁଙ୍କୁ ଉପସ୍ଥାପନା କରିବା

## ଶ୍ରୀଲ ପ୍ରଭୁପାଦଙ୍କୁ ଉପସ୍ଥାପନା କରିବା

ଏକ ତାଲିକା ନିର୍ଣ୍ଣୟ କର, ଜନ ସମୂଦାୟରେ କେତେ ଲାଭଦାୟକ ହେବ, ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରତିଷ୍ଠାତା ଆଚାର୍ଯ୍ୟ ଏବଂ ମୂଳ ଶିକ୍ଷା ଗୁରୁ ଇସ୍କନରେ, ପ୍ରତିପାଦନ କରି, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ।

## ଇସ୍କନର ବର୍ତ୍ତମାନ ଗୁରୁଙ୍କୁ ଉପସ୍ଥାପନ କରିବା

ଇସ୍କନର ବର୍ତ୍ତମାନ ଗୁରୁଙ୍କୁ ଅନୁପଯୁକ୍ତ ଭାବରେ ଉପସ୍ଥାପନାର ତାଲିକା କର ।

ଇସ୍କନ ଗୁରୁବର୍ଗଙ୍କୁ ଅନୁପଯୁକ୍ତ ଭାବେ ଉପସ୍ଥାପନା କଲେ ତା'ର ସମ୍ଭାବ୍ୟ ଫଳ ଇସ୍କନରେ କି ପ୍ରକାର ପ୍ରଭାବ ପକାଇ ପାରେ, ତୁମମାନଙ୍କ ମତ ପ୍ରଦାନ କର ।

**ଶ୍ରୀଲ ପ୍ରଭୁପାଦଙ୍କ ଶରଣାଗତି ହେବା ପାଇଁ ନୂତନ ସଭ୍ୟକୁ ଉପଦେଶ ଦିଅ ।**

(ଇସ୍କନ ନିୟମ ୭୨.୧, ପ୍ରଥମ (ହରିନାମ) ଦୀକ୍ଷା, ୩୦ ପୃଷ୍ଠା ଦ୍ରଷ୍ଟବ୍ୟ)

**ପଦବୀର ବ୍ୟବହାର**

ସମସ୍ତ ଇସ୍କନର ସଂସ୍କରଣ ଯଥା ପୁସ୍ତକ, ପତ୍ରିକା, ସମ୍ବାଦପତ୍ର, ନିମନ୍ତ୍ରଣ ପତ୍ର, ମାଗଣାରେ ବଣ୍ଟନ ନିମିତ୍ତ ମୁଦ୍ରିତ କାଗଜରେ ପରିଷ୍କାର ଭାବରେ ଶ୍ରୀଲ ପ୍ରଭୁପାଦଙ୍କ ପୂର୍ଣ୍ଣ ପଦବୀ ଯଥା ଶ୍ରୀ ଶ୍ରୀମଦ୍ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ, ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ସଂପୂର୍ଣ୍ଣଭାବରେ ପ୍ରକାଶିତ ହେବା ଉଚିତ୍ ।

(ଇସ୍କନ ନିୟମ -୨.୩.୧)

**ଫଳକ**

ସମସ୍ତ ଇସ୍କନ ମନ୍ଦିର ଏବଂ ଯେଉଁ ପ୍ରାସାଦରେ ଇସ୍କନ ଭଡ଼ା ନେଇଛି ସେ ସବୁଥିରେ ଶ୍ରୀଲ ପ୍ରଭୁପାଦଙ୍କର ପୂର୍ଣ୍ଣ ପଦବୀ ଯଥା ଇସ୍କନର ପ୍ରତିଷ୍ଠାତା ଶ୍ରୀ ଶ୍ରୀମଦ୍ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କର ଧାତୁ ନିର୍ମିତ ଫଳକ ଲଗାଯିବା ଉଚିତ୍ । ଭକ୍ତିବେଦାନ୍ତ ବୁକ୍ ଟ୍ରଷ୍ଟ ଏବଂ ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍‌ରେ ମଧ୍ୟ ପ୍ରଭୁପାଦଙ୍କ ପୂର୍ଣ୍ଣ ପଦବୀର ପରିଚୟ ପ୍ରକାଶିତ ହେବା ଉଚିତ୍ ।

(ଇସ୍କନ ନିୟମ -୨.୩.୩)

**ଜଣେ ନିଜର ଗୁରୁଙ୍କୁ ଗୁପ୍ତ ରଖିବା........**

**ଗୋପ୍ୟେଦ୍ ଦେବତାମ୍ ଇଷ୍ଟମ୍ ଗୋପୟେଦ ଗୁରୁମ୍ ଆତ୍ମନଃ**
**ଗୋପୟେତ୍ ଚ ନିଜମ୍ ମନ୍ତ୍ରମ ଗୋପୟେନ ନିଜ ମାଳିକମ୍**

ଜଣେ ନିଜର ଇଷ୍ଟଦେବଙ୍କୁ, ନିଜର ଗୁରୁଙ୍କୁ ନିଜର ମନ୍ତ୍ର ଏବଂ ନିଜର ଜପମାଳାକୁ ଗୁପ୍ତ ରଖିବା ଉଚିତ୍ ।

(ହରିଭକ୍ତି ବିଳାସ, ଶ୍ଳୋକ-୨-୧୪୭)

**ଗୁରୁଙ୍କର ଟି ସାର୍ଟ ପୋଷ୍ଟର ଜପାମାଳୀ ବୋତାମକୁ ସାଧାରଣ ଲୋକମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବା**

ଶ୍ରୀଲ ପ୍ରଭୁପାଦଙ୍କ ଚିତ୍ର ବ୍ୟତୀତ ଅନ୍ୟ କୌଣସି ଦୀକ୍ଷା ବା ଶିକ୍ଷା ଗୁରୁଙ୍କର ଚିତ୍ର ଥିବା ଟି ସାର୍ଟ, ପୋଷ୍ଟର, ଜପମାଳା, ପ୍ରଭୃତିର ସର୍ବସାଧାରଣଙ୍କ ସମକ୍ଷରେ ପ୍ରଦର୍ଶନ କରିବା ଉଚିତ୍ ନୁହେଁ ।

(ଇସ୍କନ ନିୟମ ୬.୪.୮, ପୂଜା ଏବଂ ଶିଷ୍ଟାଚାରର ଅନୁମୋଦନ)

**ଇସ୍କନ ଦୀକ୍ଷା ଗୁରୁ କିମ୍ବା ଶିକ୍ଷା ଗୁରୁଙ୍କର ଫଟୋଚିତ୍ର**

ଇସ୍କନ ମନ୍ଦିରରେ ରହୁଥିବା ଅନ୍ତେବାସୀ ଭକ୍ତ ନିଜର ଦୀକ୍ଷା କିମ୍ବା ଶିକ୍ଷା ଗୁରୁଙ୍କ ତାକୁ ତାଙ୍କର ରହୁଥିବା ଗୃହରେ ରଖିବା ଉଚିତ୍ । ସର୍ବ ସମକ୍ଷରେ ତାହା ପ୍ରଦର୍ଶନ କରିବା ଉଚିତ୍ ନୁହେଁ । କେବେକେବେ ପ୍ରଚାର କାର୍ଯ୍ୟକ୍ରମରେ ଏ ନିୟମର ବ୍ୟତିକ୍ରମ ହେଲେ ଚଳିବ ।

(ଇସ୍କନ ନିୟମ - ୬.୪.୮, ଆରାଧନା ଓ ସଦାଚାର)

**ୱେବସାଇଟ୍‌ର କଲମରେ ପ୍ରଭୁପାଦଙ୍କର ସୁସ୍ପଷ୍ଟ ଫଟୋ ବା ଛବି ରହିବ.....**

ଇସ୍କନ କେନ୍ଦ୍ରଗୁଡ଼ିକରେ ପ୍ରକାଶିତ ୱେବସାଇଟ୍‌ର ପ୍ରତ୍ୟେକ କଲମର ସୂଚନା ପୃଷ୍ଠାରେ ପ୍ରଭୁପାଦଙ୍କର ଛବି ବା ଚିତ୍ରପଟ ବା ଫଟୋ ସୁସ୍ପଷ୍ଟ ଭାବେ ରହିବ ଯାହାକୁ ନେଇ ଇସ୍କନ କେନ୍ଦ୍ର ଅଫିସ ନିଶ୍ଚିତଭାବେ ଦାୟିତ୍ୱବାନ ହେବେ । ଏହି ଚିତ୍ରପଟଟି ଅବଶ୍ୟ ଅନ୍ୟାନ୍ୟ ଯେକୌଣସି ଛବି (ଯେପରି ଜି.ବି.ସି., କେନ୍ଦ୍ରୀୟ ସଭାପତି ଅଥବା ଗୁରୁ) ଠାରୁ ବଡ ହେବ । ଶ୍ରୀଲ ପ୍ରଭୁପାଦଙ୍କର ଆନୁଷ୍ଠାନିକ ନାମ ଓ ପଦବୀ ସମ୍ବୋଧନ କରିବାକୁ ହେବ : ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘର ପ୍ରତିଷ୍ଠାତା ଆଚାର୍ଯ୍ୟ କୃଷ୍ଣକୃପା ଶ୍ରୀମୂର୍ତ୍ତି ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ଶ୍ରୀଲ ପ୍ରଭୁପାଦ ।

## ତ୍ରୟୋଦଶ ଅଧ୍ୟାୟ ଇସ୍କନରେ ଆଭ୍ୟନ୍ତରିଣ ସଂପର୍କ

### ଅଧ୍ୟାୟର ପାଠ୍ୟ

- ଗୁରୁ ସମ୍ବନ୍ଧୀୟ ବୈଷମ୍ୟ
- ସହଯୋଗର ସହିତ ସଂପର୍କ ବୃଦ୍ଧି

### ଗୁରୁ ସମ୍ବନ୍ଧୀୟ ବୈଷମ୍ୟ

**ବୈଷମ୍ୟ**

କିଛି ବସ୍ତୁ ମଧ୍ୟରେ ପାର୍ଥକ୍ୟ ବା ପ୍ରଭେଦ ନିରୂପଣ କରିବା, ଉଲ୍ଲେଖ କରିବା କିମ୍ବା ଦର୍ଶନ କରିବା ।
(ବୈଷମ୍ୟର ସଂଜ୍ଞା)

ଦେଖିବା, ଲେଖିବା କିମ୍ବା ପ୍ରଭେଦ ସୃଷ୍ଟି କରିବା କିମ୍ବା ବସ୍ତୁ ମଧରେ ପାର୍ଥକ୍ୟ ସୃଷ୍ଟି କରିବା ବିଭେଦ ଏକ ବ୍ୟକ୍ତିର ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରେ ଯଦ୍ୱାରା ସେ ଗୋଟିଏ ଦଳ ଛାଡ଼ି ଅନ୍ୟ ଏକ ଦଳରେ ଅଂଶଭୁକ୍ତ ହୁଏ । ଏହାଦ୍ୱାରା ଗୋଟିଏ ଦଳରେ ଥିବା ସଦସ୍ୟ ସଂକୁଚିତ ହୋଇଯାନ୍ତି ଅନ୍ୟ ଦଳଟି ଲାଭବାନ ହୋଇଥାଏ । (ବୈଷମ୍ୟର ସଂଜ୍ଞା)

ଇସ୍କନରେ ଦୀକ୍ଷା ଗୁରୁ ଓ ଶିକ୍ଷା ଗୁରୁଙ୍କ ବିଭେଦ କରାଗଲେ କେଉଁ ଅନୁପଯୁକ୍ତ ବାତାବରଣ ସୃଷ୍ଟି ହୁଏ, ସେହି ସମୟ ଏକ ଅନୁଭୂତି ବର୍ଣ୍ଣନା କର ।

ଇସ୍କନରେ, ଗୁରୁଙ୍କୁ ନେଇ ଏକ ଅନୁପୋଯୁକ୍ତ ବୈଷମ୍ୟ ସୃଷ୍ଟି ହୋଇଛି, ତାହାର ଫଳସ୍ୱରୂପ ଏକ ଦୀର୍ଘ ସମୟର ସମ୍ଭାବ୍ୟ ପରିଣାମର ଏକ ତାଲିକା ନିର୍ଣ୍ଣୟ କର ।

**ସହଯୋଗର ସହିତ ସଂପର୍କ ବୃଦ୍ଧି**

ଯଦି ଇସ୍କନର ପ୍ରତିଟି ଗୁରୁବର୍ଗ ଏବଂ ସେମାନଙ୍କର ଶିଷ୍ୟମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସହଯୋଗୀତା ପୂର୍ଣ୍ଣ ସମ୍ପର୍କ ବଜାୟ ରହେ, ତା'ହେଲେ ଆପଣଙ୍କ କଳ୍ପନାରେ ଇସ୍କନ କିପରି ହେବ, ତାହା ବର୍ଣ୍ଣନା କର ।

**ତୁମର ପାରସ୍ପରିକ ବନ୍ଧୁତ୍ୱ ସୃଷ୍ଟି ହେଉଥିବା ଦେଖି ମୁଁ ଅତ୍ୟନ୍ତ ଖୁସି ଏବଂ ତୁମ ମନରେ ସୌଭାଗ୍ୟ ଉଦୟ ହେଉ, କାମନା କରୁଛି ।**

ଭଗବାନ କହିଲେ "ହେ ମୋର ରାଜାଙ୍କର ପ୍ରିୟ ପୁତ୍ରଗଣ । ତୁମେ ସମସ୍ତେ ବନ୍ଧୁତ୍ୱ ଭାବରେ ଚଳୁଥିବାର ଦେଖି ମୁଁ ବହୁତ ସନ୍ତୁଷ୍ଟ ହୋଇଛି । ତୁମେମାନେ ସମସ୍ତେ ଗୋଟିଏ ଧନ୍ଦା ଅର୍ଥାତ୍ ଭକ୍ତିଯୋଗରେ ନିଯୁକ୍ତ ହୋଇ ରୁହ । ତୁମେମାନେ ବନ୍ଧୁତ୍ୱ ସୂତ୍ରରେ ଆବଦ୍ଧ ହୋଇଥିବା ଦେଖି ମୁଁ ଅତ୍ୟନ୍ତ ଖୁସି । ତୁମମାନଙ୍କର ସୌଭାଗ୍ୟ ଉଦୟ ହେଉ । ତୁମେ ବର୍ତ୍ତମାନ ମୋ ଠାରୁ ବର ମାଗି ନେଇପାର ।

(ଶ୍ରୀମଦ୍ ଭାଗବତ ୪.୩୦.୮, ରାଜା ପ୍ରାଚୀନ ବର୍ହିଷତ୍‌ଙ୍କୁ ଭଗବାନ କହୁଛନ୍ତି)

**ମୁଁ ଅପ୍ରକଟ ହୋଇଯିବା ପରେ ତୁମେମାନେ ସହଯୋଗ କରି ଅନୁଷ୍ଠାନକୁ ରକ୍ଷା କର**

ଶ୍ରୀଲ ପ୍ରଭୁପାଦ କହିଥିଲେ ତୁମର ଭଲପାଇବା ଜଣାପଡ଼ିବ ସେତିକିବେଳେ ଯେତେବେଳେ ମୁଁ ଜଡ଼ଜଗତରୁ ଚାଲିଯିବା ପରେ ତୁମେମାନେ କିପରି ସହଯୋଗ କରି ଏ ଅନୁଷ୍ଠାନକୁ ରକ୍ଷା କରିଛ ।

(ଶ୍ରୀଲ ପ୍ରଭୁପାଦ ଲୀଳାମୃତ ୬.୫୨)

**ଏକତ୍ର ହେଲେ ରହିପାରିବା ବିଭେଦ ହେଲେ ପୃଥକ୍ ହୋଇଯିବା**

ଚୈତନ୍ୟ ମହାପ୍ରଭୁ ଆମର ସହଯୋଗକୁ ଆଶା କରୁଛନ୍ତି । ସେ ଭାଗବତର କୃଷ୍ଣ ଅଟନ୍ତି । ସେଥିପାଇଁ ସହଯୋଗ ବହୁତ ଗୁରୁତ୍ୱପୂର୍ଣ୍ଣ ତାଙ୍କ କଥା । କେହି ଭାବିବା ଉଚିତ୍ ନୁହେଁ ମୋର ଶକ୍ତି ସାମର୍ଥ୍ୟ ଅଛି ମୁଁ ଏହାକୁ କରିପାରିବି । କେବଳ ସହଯୋଗ ଦ୍ୱାରା ବହୁ ବୃହତ୍ତର କାର୍ଯ୍ୟ ସଂପାଦନ ହୋଇପାରିବ । ଏକତ୍ର ହେଲେ ରହିପାରିବ । ବିଭେଦ ସୃଷ୍ଟି ହେଲେ ପୃଥକ୍ ହୋଇଯିବା । ଏହା କୃଷ୍ଣ ଚେତନା । କୃଷ୍ଣ ସାହାଯ୍ୟ କରିବେ । ସେ ସବୁଠାରୁ ଶକ୍ତିଶାଳୀ ଅଟନ୍ତି । ତେଣୁ ଆମେ ଏକତ୍ର କାର୍ଯ୍ୟ କରିବା ।

(ରାଧା ଦାମୋଦର ସଂକୀର୍ତ୍ତନ ଦଳ ସହ କୋଠରୀରେ କଥାବାର୍ତ୍ତା, ମାର୍ଚ୍ଚ ୧୬, ୧୯୭୨)

**ଏହି ପାଠ୍ୟକ୍ରମରୁ ଆପଣ କ'ଣ ଶିକ୍ଷା କଲେ ?**

# ପରିଶିଷ୍ଟ ସମୂହ


| | | |
|---|---|---|
| ୧. | ଅତିରିକ୍ତ ତଥ୍ୟ | ୬୫ |
| ୨. | ଜିବିସି ବିବୃତି ଶ୍ରୀଲ ପ୍ରଭୁପାଦଙ୍କ ପଦ ମର୍ଯ୍ୟାଦା ଉପରେ | ୬୯ |
| ୩. | ବାଧ୍ୟତାମୂଳକ ଯୋଗ୍ୟତା ଦୀକ୍ଷାଗୁରୁଙ୍କର, ଇସ୍କନରେ | ୭୩ |
| ୪. | ଇସ୍କନ୍ ଗୁରୁମାନଙ୍କର ଆଚରଣର ଆଦର୍ଶ | ୭୪ |
| ୫. | ଇସ୍କନରୁ ଦୀକ୍ଷା ଗ୍ରହଣ କରିବା ହେଲେ ଆବଶ୍ୟକୀୟ ଯୋଗ୍ୟତା (ପ୍ରାସଙ୍ଗିକ ଉଦ୍ଧୃତାଂଶ) | ୭୭ |
| ୬. | ପତିତ 'ଗୁରୁ'ଙ୍କୁ ତ୍ୟାଗ (ଇସ୍କନ୍ ଆଇନ୍) | ୮୧ |
| ୭. | ଇସ୍କନ କର୍ତ୍ତୃପକ୍ଷ ଧାରାର ସଂହତି ସାଧନ (ଜିବିସି କାର୍ଯ୍ୟାଳୟ ଶାସନ କୌଶଳ ଦଲିଲ) | ୮୨ |
| ୮. | ଜିବିସି ପ୍ରସ୍ତବନା ଇସ୍କନ ଶିଷ୍ୟ ପାଠ୍ୟକ୍ରମ ସମ୍ବନ୍ଧରେ | ୯୪ |
| ୯. | ଶ୍ରେଣୀ କକ୍ଷରେ ଆଚରଣ ବିଧି ନିର୍ଦ୍ଦେଶିକା | ୯୫ |
| ୧୦. | ଅଧିକ ପଠନୀୟ | ୯୬ |

# ପରିଶିଷ୍ଟ-୧ : ଅତିରିକ୍ତ ତଥ୍ୟ

## ପାଠ - ୧ : ସ୍ୱାଗତ ଓ ଉପକ୍ରମଣିକା

■ **ଆମ୍ଭେମାନେ କେବଳ ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶକୁ କାର୍ଯ୍ୟରେ ପରିଣତ କରିବା.....**

ଆମ୍ଭେମାନେ କେବଳ ଆଧ୍ୟାତ୍ମିକ ଗୁରୁଙ୍କର ଆଦେଶକୁ କାର୍ଯ୍ୟରେ ପରିଣତ କରିବା, କୃଷ୍ଣଚେତନା ପ୍ରଚାର ଏବଂ ବୈଷ୍ଣବମାନଙ୍କ ପଦାଙ୍କ ଅନୁସରଣ କରିବା, ଆଧ୍ୟାତ୍ମିକ ଗୁରୁ ହେଉଛନ୍ତି ଭଗବାନ ଓ ବୈଷ୍ଣବମାନଙ୍କର ପ୍ରତିନିଧି, ତେଣୁ କରି କେବଳ ଆଧ୍ୟାତ୍ମିକ ଗୁରୁଙ୍କର ନିର୍ଦ୍ଦେଶକୁ ଅନୁସରଣ କରିବା ଏବଂ ହରେକୃଷ୍ଣ ମହାମନ୍ତ୍ର ଜପ କରିବା, ଯାହାଫଳରେ ସବୁ କିଛି ବ୍ୟବସ୍ଥା ଠିକ୍ ହୋଇଯିବ ।

■ **ନିଶ୍ଚିତ ଭାବରେ ଏକ ତାଲିମ ମହାବିଦ୍ୟାଳୟ.....**

ଯେତେବେଳେ ଜଣେ ମୋ ନିକଟକୁ ଆସୁଛି ମୋର ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ, ମୁଁ ତାକୁ ପ୍ରଥମେ କହୁଛି ଯେ ତୁମକୁ ଏହିସବୁ ଅଭ୍ୟାସ ଛାଡ଼ିବାକୁ ପଡ଼ିବ । ଯେତେବେଳେ ସେ ରାଜି ହୋଇଅଛି, ମୁଁ ତାକୁ ଗ୍ରହଣ କରୁଛି ଏବଂ ଏହିପରି ମୁଁ କେତେକ ତାଲିମପ୍ରାପ୍ତ ବଛାବଛା ଲୋକ ପାଇଲି । ତେଣୁ ନିଶ୍ଚିତ ଭାବରେ ଏକ ତାଲିମ ମହାବିଦ୍ୟାଳୟ, ସଂସ୍ଥା ଏବଂ ଉପଯୁକ୍ତ ତାଲିମ ଶାସ୍ତ୍ର ଅନୁସାରେ ଦିଆଯିବା ଦରକାର । ତାହାହେଲେ କୌଣସି ପ୍ରକାର ପରିବର୍ତ୍ତନର ସମ୍ଭାବନା ଅଛି ସମସ୍ତ ପରିସ୍ଥିତିର ।

*(ବାର୍ତ୍ତାଳାପ ରାଜ୍ୟପାଳଙ୍କ ସହିତ .... (ଏପ୍ରିଲ ୨୦, ୧୯୭୫, ବୃନ୍ଦାବନ)*

## ପାଠ - ୫ : ଗୁରୁପାଦାଶ୍ରୟ

**ଯସ୍ୟ ଦେବେ ପରାଭକ୍ତିର୍ଯଥା ଦେବେ ତଥା ଗୁରୌ**
**ତସ୍ୟୈତେ କଥିତା ହ୍ୟର୍ଥା ପ୍ରକାଶନ୍ତେ ମହାତ୍ମନଃ ।**

ଯେଉଁ ମହାତ୍ମାମାନଙ୍କର ଅଚଳା ଭକ୍ତି ଉଭୟ ଭଗବାନ ଓ ଗୁରୁଙ୍କ ଉପରେ ଅଛି, ସମସ୍ତ ପ୍ରକାର ଅତିଗୁହ୍ୟ ବୈଦିକ ଜ୍ଞାନ ସେମାନଙ୍କ ନିକଟରେ ସ୍ୱତଃସ୍ଫୁର୍ତ୍ତ ଭାବେ ପରିପ୍ରକାଶ ହେବ । *(ଶ୍ୱେତାଶ୍ୱତ ଉପନିଷଦ ୬/୨୩)*

■ **କାୟମନୋବାକ୍ୟରେ ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ ସବୁ କିଛି ଅର୍ପିତ ହେବା ଉଚିତ.....**

ଶିଷ୍ୟ ଅଧ୍ୟାତ୍ମିକ ଗୁରୁଙ୍କ ନିକଟରେ ଜଣେ ଘରୋଇ ସେବକ ସଦୃଶ ରହିବା ଉଚିତ ଏବଂ ଯାହା କିଛି ତା'ର ନିଜସ୍ୱ ବୋଲି ଅଛି ସେସବୁକୁ ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ ଉତ୍ସର୍ଗ କରିବା ଉଚିତ୍ । **"ପ୍ରାଣୈଃ ଅର୍ଥୈଃ ଧିୟା ବାଚା"**– ପ୍ରତ୍ୟେକଙ୍କର ଜୀବନ, ଧନ, ବୁଦ୍ଧି, ବାକ୍ୟ, ଏହି ସମସ୍ତ ଅର୍ପିତ ହେବା ଦରକାର ପରମ ପୁରୁଷ ଭଗବାନଙ୍କ ନିକଟରେ ଆଧ୍ୟାତ୍ମିକ ଗୁରୁଙ୍କ ମାଧ୍ୟମରେ । ସମସ୍ତ କିଛି ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ ଅର୍ପିତ ହେବା ଦରକାର କର୍ତ୍ତବ୍ୟ ହିସାବରେ । ଏହି ଅର୍ପଣ ମନୋବୃତ୍ତି କାୟମନୋବାକ୍ୟ ହେବା ଦରକାର, କିନ୍ତୁ କୃତ୍ରିମ ଭାବରେ ଭୌତିକ ସମ୍ମାନ ଲାଭ ନିମିତ୍ତ ନୁହେଁ ।

■ **ଏକ ପ୍ରାମାଣିକ ଗୁରୁଙ୍କ ଆଶ୍ରୟ ଗ୍ରହଣ କର ଏବଂ କାୟମନୋବାକ୍ୟରେ ତାଙ୍କ ସେବା କର.....**

ଆଧ୍ୟାତ୍ମିକ ଅଗ୍ରଗତି ନିମିତ୍ତ ନିତ୍ୟାନ୍ତ ପ୍ରୟୋଜନ ହେଉଛି ଏକ ପ୍ରାମାଣିକ ଗୁରୁଙ୍କ ପାଦାଶ୍ରୟ କରିବା, ତାଙ୍କର ସେବା କାୟମନୋବାକ୍ୟରେ କରିବା । ଏହା ହେଉଛି ସଫଳତାର ଚାବିକାଠି, ଯାହା କୁହାଯାଇଛି- ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁରଙ୍କ ଦ୍ୱାରା, ତାଙ୍କର ଗୁର୍ବାଷ୍ଟକରେ, **"ଯସ୍ୟ ପ୍ରସାଦାତ୍ ଭଗବତ୍ ପ୍ରସାଦଃ"**- ଗୁରୁଙ୍କ ସେବା ଦ୍ୱାରା ଏବଂ ତାଙ୍କର ଆଶୀର୍ବାଦ ଗ୍ରହଣ କରିବା ଦ୍ୱାରା ଜଣେ ଶିଷ୍ୟ ନିଶ୍ଚିତ ଭଗବାନଙ୍କର ଆଶୀର୍ବାଦ କୃପା ଲାଭ କରିପାରିବ। ଦେବହୂତି ସଫଳ ପ୍ରାପ୍ତ ହେଲେ କେବଳ ତାଙ୍କ ଭକ୍ତିମାନ ସ୍ୱାମୀ, କର୍ଦ୍ଦମ ମୁନୀଙ୍କ ସେବା କରି । ସେହିପରି ଜଣେ ନିଷ୍ଠାବାନ ଶିଷ୍ୟ, କେବଳ ସେବା ପରାୟଣ ହୋଇ ପ୍ରାମାଣିକ ଆଧ୍ୟାତ୍ମିକ ଗୁରୁଙ୍କର ଏକକାଳୀନ ଗୁରୁ ଓ ଭଗବାନର କୃପା ଲାଭର ଯୋଗ୍ୟ ପାତ୍ର ହୋଇପାରିବ। (ଶ୍ରୀମଦ୍ ଭାଗବତ ୩.୨୩.୭)

## ପାଠ - ୭ : **ଦୀକ୍ଷାକାଳୀନ ଶପଥ**

■ **ଆଧ୍ୟାତ୍ମିକ ଗୁରୁଙ୍କ ପ୍ରତି ଆକର୍ଷଣ ଏବଂ ଆଧ୍ୟାତ୍ମିକ ଗୁରୁଙ୍କ ଆଦେଶ ମାନିବା.....**

ତୁମ୍ଭେମାନେ ବୁଝିବା ଦରକାର ଯେ ତୁମ୍ଭେମାନେ ଯେତେବେଳେ ଯଜ୍ଞାଗ୍ନି ନିକଟରେ ଦୀକ୍ଷା ଗ୍ରହଣ କରିବା ପାଇଁ ବସିଲ, ତୁମେ ପ୍ରତିଜ୍ଞା କଲ, ସେହି ସମୟରେ ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ । ତେଣୁ ତୁମେ ଏହି ପ୍ରତିଜ୍ଞା ଭଙ୍ଗ କରିବା ଉଚିତ ନୁହେଁ। ତୁମେ କହିଲ ଯେ ତୁମେ ସ୍ୱୀକାର କରୁଛ ଭକ୍ତମାନଙ୍କ ସଙ୍ଗ ଏବଂ ଭୌତିକ ଆସକ୍ତିକୁ କିପରି ପ୍ରତିରୋଧ କରିବା ? ଯଦି ତୁମେ ହରେକୃଷ୍ଣ ମହାମନ୍ତ୍ରକୁ ଅପରାଧ ଶୂନ୍ୟ ଭାବେ ନିୟମିତ ଜପ ନକରିବ ? ଆଧ୍ୟାତ୍ମିକ ଗୁରୁଙ୍କ ପ୍ରତି ଆକର୍ଷିତ ହେବା ଏବଂ ଗୁରୁଙ୍କ ଆଦେଶ ମାନିବା ଏକା ଅର୍ଥ ଅଟେ। ଏହା ମୋର ଆଦେଶ ଯେ ମୋର ସମସ୍ତ ଶିଷ୍ୟମାନେ ମଙ୍ଗଳ ଆରତିରେ ନିଶ୍ଚିତ ଭାବରେ ଯୋଗଦାନ କରିବେ ଏବଂ ପ୍ରତ୍ୟେହ ୧୬ ମାଳା ଜପ କରିବେ ।

ଜୀବନ ହେଉଛି ଚଳଚଞ୍ଚଳ। ଯେ କୌଣସି ମୁହୂର୍ତ୍ତରେ ତୁମେ ମୃତ୍ୟୁ ମୁଖରେ ପଡ଼ିଯିବ। ତେଣୁ ଆମ୍ଭେମାନେ ନିଶ୍ଚିତ ଭାବରେ ଉଚ୍ଚ ଅଧିକାରୀମାନଙ୍କ ନିର୍ଦ୍ଦେଶକୁ ଜାବୁଡ଼ି ଧରିବାରେ ସିଦ୍ଧହସ୍ତ ହେବା, ଆଧ୍ୟାତ୍ମିକ ଗୁରୁ ଏବଂ ଭଗବାନ କୃଷ୍ଣ ଗୀତାରେ । *(ଚିଠି ରାଧାକାନ୍ତଙ୍କ ନିକଟକୁ - ବୃନ୍ଦାବନ ୨୦ ଅଗଷ୍ଟ, ୧୯୭୪)*

■ **ଏହା ହେଉଛି ଟଣା-ଓଟରା-ଯୁଦ୍ଧ ।**

ଏହା ହେଉଛି ଟଣା-ଓଟରା-ଯୁଦ୍ଧ। ତେଣୁ ବିଲ୍‌କୁଲ ଭୟଭୀତ ହେବା ଉଚିତ ନୁହେଁ ମାୟାକୁ ଦେଖି। କେବଳ ଜପ ସଂଖ୍ୟା ବୃଦ୍ଧି କରନ୍ତୁ ଏବଂ ତୁମେ ନିଶ୍ଚିତ ଜୟ ଲାଭ କରିବ। ଏହା ହେଉଛି ସର୍ବଶ୍ରେଷ୍ଠ ଉପାୟ । *ନାରାୟଣ-ପରାଃ ସର୍ବେ ନ କୁତ୍ରଷ୍ଚନ ବିଭ୍ୟତି* (SB *୬।୧୭।୨୮*) । ଆମ୍ଭେମାନେ ଭୟଭୀତ ହେବା ଉଚିତ ନୁହେଁ ମାୟାକୁ ଦେଖି, କାରଣ କୃଷ୍ଣ ହିଁ ସେଠାରେ ଅଛନ୍ତି। ହଁ, କୃଷ୍ଣ କୁହନ୍ତି, *କୌନ୍ତେୟ ପ୍ରତି ଜାନୀହି ନ ମେ ଭକ୍ତଃ ପ୍ରଣସ୍ୟତି* (Bg 9131) । ତୁମେ କେବଳ ଘୋଷଣା କର, "ମୋର ଭକ୍ତ କେବେହେଲେ ମାୟା ଦ୍ୱାରା ପରାଜିତ ହେବ ନାହିଁ, କେବଳ ତୁମକୁ ଦୃଢ଼ ହେବାକୁ ହେବ ଏବଂ ଦୃଢ଼ ହେବାରେ ଶକ୍ତି ଦରକାର ? ଜପ କର ଉଚ୍ଚ ସ୍ୱରରେ.....। ବାସ୍ ।

*(ଭଗବତ୍ ଗୀତା ୩-୬-୧. ଲସ୍‌ଏଞ୍ଜେଲସ୍, ଡିସେମ୍ବର ୨୩, ୧୯୬୮)*

## ପାଠ - ୧୨ : ନିଜ ଗୁରୁଙ୍କୁ ଉପସ୍ଥାପନ କରିବା

■ **ଆମ୍ଭେ କେବେହେଲେ ଆମର ଶିଷ୍ୟମାନଙ୍କୁ ନିର୍ଦ୍ଦେଶ ଦେଇ ନାହୁଁ ମୋର ନାମ ଜପ କରିବାକୁ.....**

ଯେପରି, ଆମେ କେବେହେଲେ ନିର୍ଦ୍ଦେଶ ଦେଉ ନାହୁଁ, ମୋର ଶିଷ୍ୟମାନଙ୍କୁ ମୋର ନାମ ଜପ କରିବା ପାଇଁ "ଭକ୍ତି ବେଦାନ୍ତ ସ୍ୱାମୀ ।" ନାଁ, ସେମାନେ ହରେକୃଷ୍ଣ ମହାମନ୍ତ୍ର ଜପ କରୁଛନ୍ତି । *ହରି-ତ୍ୱେନ ସମସ୍ତ ଶାସ୍ତ୍ରୈ ଉକ୍ତଃ* – "ଗୁରୁ ଭଗବାନଙ୍କ ସଦୃଶ ସମ୍ମାନିତ ହେବା ଉଚିତ", କିନ୍ତୁ ତାହା ନୁହେଁ ଯେ ମୁଁ ତାଙ୍କୁ ଶିକ୍ଷା ଦେଇ ମୋର ନାମ ଭକ୍ତି ବେଦାନ୍ତ ସ୍ୱାମୀ ଜପ କରିବା ପାଇଁ", ଭକ୍ତି ବେଦାନ୍ତ ସ୍ୱାମୀ, ଭକ୍ତି ବେଦାନ୍ତ ସ୍ୱାମୀ, ଭକ୍ତି ବେଦାନ୍ତ ସ୍ୱାମୀ, ଏହା ଠିକ୍ ନୁହେଁ । ଆମ୍ଭେ ଶିକ୍ଷା ଦେଇଛୁ "ହରେକୃଷ୍ଣ ଜପ କର", ହରେର୍ନାମ ହରେର୍ନାମ......

*(ଶ୍ରୀଲ ପ୍ରଭୁପାଦ ପ୍ରାତଃ ଭ୍ରମଣ, ୨୯ ମାର୍ଚ୍ଚ, ୧୯୭୪, ମୁମ୍ବାଇ)*

■ **ବାରମ୍ବାର ଉପଦେଶ ଦିଅ ଯେ ଜଣେ ମହାପ୍ରଭୁଙ୍କର ଭକ୍ତ ଅଟେ ବୋଲି**

ଏହା ଯଥେଷ୍ଟ ନୁହେଁ, କେବଳ ବାରମ୍ବାର ଉପଦେଶ ଦେବା ଯେ ଜଣେ ମହାପ୍ରଭୁଙ୍କ ଭକ୍ତ ବୋଲି କଥାରେ "ମୁଁ ଜଣେ ଗୁରୁ ! ମୁଁ ଜଣେ ଗୁରୁ" ଅଧିକନ୍ତୁ ଯେଉଁମାନେ କି ମହାପ୍ରଭୁଙ୍କ ନିର୍ଦ୍ଦେଶକୁ ଜୀବନ ଅବଲମ୍ବନ କରୁଛନ୍ତି, ସେମାନେ ବୁଝିବା ଦରକାର ଯେ ସଫଳତା ଲାଭ କରିବାକୁ ହେଲେ ମହାପ୍ରଭୁଙ୍କ ଅନୁଗାମୀ ହେବାକୁ ହେବ ।

*(ଶ୍ରୀଲ ଜଗଦାନନ୍ଦ ପଣ୍ଡିତ, ପ୍ରେମ-ବିବର୍ତ୍ତ ୪/୬)*

## ପାଠ - ୧୪ : କୋର୍ସ ସମାପ୍ତି

■ **ଉଭୟ ପକ୍ଷରୁ ବିନିମୟ ଯଦି ହୁଏ..... ତାହାହେଲେ କୃଷ୍ଣଚେତନା ବହୁତ ସହଜ ହୋଇଯିବ**

"ଜଣେ ନିଶ୍ଚିତ ଭାବରେ ବୁଝିବା ପାଇଁ ବ୍ୟଗ୍ରତା ପ୍ରକାଶ କରିବା ଦରକାର ଏବଂ ସେ ଜଣେ ମହାତ୍ମା ଯୋଗ୍ୟ ସଂପନ୍ନ ଗୁରୁଙ୍କୁ ଅନୁରୋଧ କରିବା ଦରକାର । ତେବେ ତା'ର ବ୍ୟବସାୟ ବା ଦେଣାନେଣା ବହୁତ ସୁନ୍ଦର ଭାବରେ ଚାଲିବ । ଏହା ହେଉଛି ବୈଦିକ ଧାରା..... ଯଦି ଦେଣାନେଣା ଉପଯୁକ୍ତ ଭାବରେ ଉଭୟ ପକ୍ଷରୁ ହୁଏ, ଗୁରୁଙ୍କ ତରଫରୁ ଓ ଶିଷ୍ୟ ତରଫରୁ, ତାହାହେଲେ କୃଷ୍ଣ ଚେତନା ନିଶ୍ଚିତ ଭାବରେ ସହଜ ସୁଲଭ ହୋଇଯିବ ।

*(ଶ୍ରୀମଦ୍ ଭାଗବତମ୍ ୧/୫/୨୯, ବୃନ୍ଦାବନ, ଅଗଷ୍ଟ ୧୦, ୧୯୭୪)*

# ପରିଶିଷ୍ଟ-୨ : ଜିବିସି ବିବୃତି ଶ୍ରୀଲ ପ୍ରଭୁପାଦଙ୍କ ପଦ ମର୍ଯ୍ୟାଦା ଉପରେ

## ୩୦୩. ଜିବିସି ବିବୃତି ଶ୍ରୀଲ ପ୍ରଭୁପାଦଙ୍କ ପଦ ମର୍ଯ୍ୟାଦା ଉପରେ (ମାର୍ଚ୍ଚ ୨୦୧୩)

ଯାହାକି ଆମ୍ଭମାନଙ୍କ ସଂସ୍ଥାରେ ଅତ୍ୟନ୍ତ ଆବଶ୍ୟକତା ଅଛି, ସଂକ୍ଷେପ ବିବୃତ୍ତି ମାଧ୍ୟମରେ, ଶ୍ରୀଲ ପ୍ରଭୁପାଦଙ୍କ ସ୍ଥିତି ଆଦି ଶିକ୍ଷାଗୁରୁ ଓ ଦିକ୍ଷାଗୁରୁ ହିସାବରେ ତାଙ୍କ ସହିତ ପ୍ରତ୍ୟେକ ଇସ୍କନ ସଦସ୍ୟମାନଙ୍କ ସହିତ ଏବଂ ଏହା ନିତ୍ୟାନ୍ତ ଜରୁରୀ ସଂପୂର୍ଣ୍ଣ ରୂପେ ଯେ ଶିକ୍ଷା ଗୁରୁ ଦିକ୍ଷା ଗୁରୁଙ୍କ କାର୍ଯ୍ୟକଳାପ ସ୍ଥିତି ସମ୍ବନ୍ଧରେ ସଂପୂର୍ଣ୍ଣ ବିବୃତ୍ତି ପ୍ରଦାନ କରିବା ଆମ୍ଭ ସଂସ୍ଥା ଇସ୍କନରେ ।

**Resolved- ନିଷ୍ପତ୍ତି ଗ୍ରହଣ ହୋଇଅଛି**

**ନିମ୍ନ ଲିଖିତ ବିବୃତ୍ତି ହେଉଛି ଜିବିସିର ସ୍ଥିରୀକୃତ ଘୋଷଣା**

ସଂସ୍ଥାପକ ଆଚାର୍ଯ୍ୟ ହିସାବରେ ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘର (ଇସ୍କନ) ଏବଂ ଆଦି ଶିକ୍ଷା ଗୁରୁ, ସର୍ବୋଚ୍ଚ ଅଧିକାରୀ ହିସାବରେ ଶ୍ରୀଲ ପ୍ରଭୁପାଦଙ୍କର ଏକ ଅନନ୍ୟ ସମ୍ବନ୍ଧ ପ୍ରତ୍ୟେକ ଇସ୍କନ ଭକ୍ତମାନଙ୍କ ସହିତ ଅଛି । ଭଗବାନ ଶ୍ରୀକୃଷ୍ଣ, ପରମ ପୁରୁଷ ହିସାବରେ, ମୂଳଗୁରୁ ଅଟନ୍ତି, ଯାହାଙ୍କର ଦିବ୍ୟ କୃପା ସମୂହ ଅବତରଣ ହୋଇଅଛି ଗୁରୁ ପରମ୍ପରା ମାଧ୍ୟମରେ । ଯଥା ଜଣେ ଭକ୍ତ ସର୍ବୋତ୍ତ ଭାବରେ ଉଦ୍ଧାର ହୁଏ ଶ୍ରୀକୃଷ୍ଣଙ୍କ ଦ୍ୱାରା, ସେହି ଉଦ୍ଧାର କାର୍ଯ୍ୟଟି ଶ୍ରୀକୃଷ୍ଣଙ୍କ ବହୁବିଧ କୃପାର ସମ୍ମିଶ୍ରଣ । ସେଗୁଡ଼ିକ ହେଉଛି ଯଥା- ଚୈତଗୁରୁ, ଶ୍ରୀଲ ପ୍ରଭୁପାଦ, ଗୁରୁ ପରମ୍ପରା, ଜଣଙ୍କ ଦିକ୍ଷାଗୁରୁ, ଅନ୍ୟ ଶିକ୍ଷାଗୁରୁ, ଦିବ୍ୟନାମ, ଶାସ୍ତ୍ର ଏବଂ ନବଧା ଭକ୍ତି । ଏହିପରି ଅନେକ ଅସୀମ ମାଧ୍ୟମ ଅଛି ।

ଏହି ସବୁ ସହଯୋଗିତା ପୂର୍ଣ୍ଣ ଉପାଦାନ ମାଧ୍ୟମରେ ଶ୍ରୀଲ ପ୍ରଭୁପାଦ ହେଉଛନ୍ତି ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘ (ଇସ୍କନ)ର ପ୍ରତିଷ୍ଠାତା ଆଚାର୍ଯ୍ୟ, ମୂଳ ଶିକ୍ଷାଗୁରୁ ସମସ୍ତ ଇସ୍କନ ସଦସ୍ୟମାନଙ୍କ ପାଇଁ । ସମସ୍ତ ଇସ୍କନ ସଦସ୍ୟବୃନ୍ଦ, ସମସ୍ତ ଆଗାମୀ ପିଢ଼ୀମାନଙ୍କୁ ଉତ୍ସାହିତ କରାଯାଉଛି ଯେ ଶ୍ରୀଲ ପ୍ରଭୁପାଦଙ୍କ ନିକଟରେ ଆଶ୍ରୟ ନେବା ପାଇଁ । ଇସ୍କନର ସମସ୍ତ ସଦସ୍ୟମାନଙ୍କୁ ଅଧିକାରୀତ୍ୱ ଓ ଉତ୍ସାହିତ କରାଯାଉଛି ଶ୍ରୀଲ ପ୍ରଭୁପାଦଙ୍କ ସହିତ ବ୍ୟକ୍ତିଗତ ସମ୍ବନ୍ଧ ରଖିବା ପାଇଁ ତାଙ୍କର ପୁସ୍ତକ, ଶିକ୍ଷା, ସେବା ଏବଂ ତାଙ୍କ ପ୍ରତିଷ୍ଠିତ ଇସ୍କନ୍ ସଂସ୍ଥା ମାଧ୍ୟମରେ ।

ଇସ୍କନରେ ସମସ୍ତ ନେତୃତ୍ୱ ଭୂମିକା ଗ୍ରହଣକାରୀ ସଦସ୍ୟବୃନ୍ଦ, ଶିକ୍ଷାଗୁରୁ, ଦୀକ୍ଷାଗୁରୁମାନଙ୍କ କର୍ତ୍ତବ୍ୟ ହେଉଛି ଏକତ୍ରିତ ଭାବେ କାର୍ଯ୍ୟ କରିବା ଜିବିସିର ଅଧୀନରେ ଶ୍ରୀଲ ପ୍ରଭୁପାଦଙ୍କ ନିର୍ଦ୍ଦେଶକୁ ବାସ୍ତବରେ ପରିଣତ କରିବା ପାଇଁ, ଯାହାକି ଦିଆଯାଇଛି ତାଙ୍କର ପୁସ୍ତକ, ପ୍ରବଚନ ଏବଂ ବ୍ୟକ୍ତିଗତ ଯୋଗାଯୋଗରେ ସର୍ବୋପରି ମୁଖ୍ୟ କର୍ତ୍ତବ୍ୟ ହେଉଛି ସମସ୍ତ ଶିକ୍ଷାଗୁରୁ ଦିକ୍ଷାଗୁରୁମାନଙ୍କର ଏବଂ ଅନ୍ୟମାନଙ୍କର ମଧ୍ୟ ଯେଉଁମାନେ ନେତୃତ୍ୱ ଭୂମିକାରେ ଅଛନ୍ତି, ସେମାନଙ୍କ ସେବା ମାଧ୍ୟମରେ ସହଯୋଗ କରିବା ଶ୍ରୀଲ ପ୍ରଭୁପାଦଙ୍କୁ ତାଙ୍କ ଗୁରୁ ମହାରାଜ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କୁ ଏବଂ ଆମ ବ୍ରହ୍ମମାଧ୍ୱ ଗୌଡ଼ୀୟ ସଂପ୍ରଦାୟ ସେବାରେ । ଯେଉଁମାନେ ଇସ୍କନରେ ଶିକ୍ଷାଗୁରୁ ଓ ଦୀକ୍ଷା ଗୁରୁ ଭୂମିକା ନିଭାଉଛନ୍ତି ସେମାନଙ୍କୁ ଦୃଷ୍ଟାନ୍ତ ହେବାକୁ ହେବ ନିଜର ବକ୍ତୃତାରେ ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷାକୁ ଉପସ୍ଥାପନାରେ ଏବଂ ବ୍ୟକ୍ତିଗତ ଆଚରଣରେ ମଧ୍ୟ । ଶିକ୍ଷାଗୁରୁ ଆଧ୍ୟାତ୍ମିକ ନିର୍ଦ୍ଦେଶ ଓ ପ୍ରେରଣା ଦେଇଥାନ୍ତି । ଶ୍ରୀଲ ପ୍ରଭୁପାଦଙ୍କ ତରଫରୁ ଏବଂ ଗୁରୁ ପରମ୍ପରା ତରଫରୁ ମଧ୍ୟ । ଦୀକ୍ଷାଗୁରୁ ଆଧ୍ୟାତ୍ମିକ ନିର୍ଦ୍ଦେଶ, ପ୍ରେରଣା, ପାରମ୍ପାରିକ ଦୀକ୍ଷା, ଆଧ୍ୟାତ୍ମିକ ନାମ ଏବଂ ପରେ ପବିତ୍ର ଗାୟତ୍ରୀ ମନ୍ତ୍ରାଦି ପ୍ରଦାନ କରିଥାନ୍ତି ଏକ ଯୋଗ୍ୟ ଶିଷ୍ୟକୁ କେବଳ ଶ୍ରୀଲପ୍ରଭୁପାଦଙ୍କ ସେବା, ଗୁରୁ ପରମ୍ପରା ସେବା କରିବା ପାଇଁ ।

ଶ୍ରୀଲ ପ୍ରଭୁପାଦ ଏହା ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଛନ୍ତି ଯେ ଯେଉଁ ଭକ୍ତ କଡ଼ାକଡ଼ି ଭାବରେ ଏହି କୃଷ୍ଣଚେତନାର ନିୟମାବଳୀ ଅନୁସାରେ କାର୍ଯ୍ୟ କରୁଛନ୍ତି ସେ ନିଶ୍ଚିତ ଭାବରେ ମୁକ୍ତାବସ୍ଥାରେ ଅବସ୍ଥାନ କରୁଛନ୍ତି, ସେମାନେ ଶୁଦ୍ଧଭକ୍ତ, ଏପରିକି ସେମାନେ ଯଦିଓ ବାସ୍ତବରେ ଶୁଦ୍ଧ ନୁହଁନ୍ତି । (ଏହି ଶୁଦ୍ଧ ଭକ୍ତି / ଐକାନ୍ତିକ ଭକ୍ତିମୂଳକ ସେବା ଜଣଙ୍କର ପଦମର୍ଯ୍ୟାଦା ବା ସ୍ଥିତି ଉପରେ ନିର୍ଭରଶୀଳ ନୁହେଁ, ବରଂ ଏହା ଉପଲବ୍‌ଧି ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ) । ଯେଉଁମାନେ ଶିକ୍ଷା ଗୁରୁ ବା ଦୀକ୍ଷାଗୁରୁ ଇସ୍କନରୁ ଗ୍ରହଣ କରିଛନ୍ତି ସେମାନେ ସମସ୍ତେ ଶ୍ରୀଲ ପ୍ରଭୁପାଦଙ୍କ ନିର୍ଦ୍ଦେଶକୁ ମାନିବା ପାଇଁ ବାଧ୍ୟ ଏବଂ ଯେପର୍ଯ୍ୟନ୍ତ ସେମାନେ ଅନୁଶୀଳନ କରୁଛନ୍ତି, ସେମାନେ ମୁକ୍ତାବସ୍ଥାରେ ଅବସ୍ଥାନ କରୁଛନ୍ତି। ତେଣୁ ସେମାନେ ହୁଏତ ସେବା କରିପାରିବେ, ଶ୍ରୀଲ ପ୍ରଭୁପାଦଙ୍କ ନିର୍ଦ୍ଦେଶରେ, ଯିଏ କି ଜଣେ ପ୍ରାମାଣିକ ପ୍ରତିନିଧି ଅଟନ୍ତି ଭଗବାନଙ୍କର, ଗୁରୁ ପରମ୍ପରାର ଏବଂ ସେମାନଙ୍କର କୃପାର ମାଧ୍ୟମ । ଏହା ସ୍ପଷ୍ଟ ଭାବରେ ବୁଝା ଯାଉଛି ଯେ ଯଦି ଶିକ୍ଷା ଗୁରୁ କିମ୍ବା ଦୀକ୍ଷାଗୁରୁ କଡ଼ାକଡ଼ି ନିୟମକାନୁନକୁ ଯଥାଯଥ ଅନୁସରଣ କରିବାରୁ ପଥଭ୍ରଷ୍ଟ ହୁଅନ୍ତି, ତେବେ ସେମାନେ ତାଙ୍କର ପଦମର୍ଯ୍ୟାଦାରୁ ଅଧଃ ପତିତ ହୋଇ ପାରିବେ ନାହିଁ । ତେଣୁ ଦୀକ୍ଷାଗୁରୁ ହିସାବରେ ଇସ୍କନରେ କାର୍ଯ୍ୟ କରିବା ଅର୍ଥ ଜିବିସି ଅଧୀନରେ ରହିବା ଏବଂ ଇସ୍କନର କର୍ତ୍ତୃପକ୍ଷଙ୍କ ସହିତ ସହଯୋଗିତା ସ୍ଥାପନ କରିବା ଜଣେ 'ନିୟମିତ ଗୁରୁ' ହିସାବରେ, ଯାହା ଶ୍ରୀଲ ପ୍ରଭୁପାଦ ନିର୍ଦ୍ଦେଶ ଦେଇଅଛନ୍ତି।

ଏହି ବିବୃତ୍ତି ଚୂଡ଼ାନ୍ତ ହେଲେ ମଧ ଏହି ସବୁ ନୀତିମାନଙ୍କର ଏହା ସଂପୂର୍ଣ୍ଣ ଆଲୋଚନା ନୁହେଁ। ଜିବିସି ହୁଏତ ଆହୁରୀ ଅଧିକ ବିବୃତ୍ତି ଏବଂ ନଥିପତ୍ର ଭବିଷ୍ୟତରେ ଶ୍ରୀଲ ପ୍ରଭୁପାଦଙ୍କ ଅଗ୍ରଗଣ୍ୟ ଭୂମିକା ପ୍ରତିଷ୍ଠାତା ଆଚାର୍ଯ୍ୟ ହିସାବରେ ଏବଂ ଯେଉଁ ଗୁରୁ ହିସାବରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ଦାୟିତ୍ୱ ଓ ଭୂମିକା ନିଭାଉଛନ୍ତି ଆମ ସଂସ୍ଥାରେ ଏବଂ ଦୀକ୍ଷିତମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ କୁହାଯିବ ।

**Resolved- ନିଷ୍ପତ୍ତି ଗ୍ରହଣ କରାଯାଇଛି**

ସମସ୍ତ ଜିବିସି ସଦସ୍ୟମାନେ ଏହି ସଙ୍କଳ୍ପକୁ ନିଶ୍ଚିତ ଭାବେ ବଣ୍ଟନ କରିବେ ସମସ୍ତ ଇସ୍କନକୁ, ସଂପ୍ରଦାୟକୁ ଏବଂ ମିଳିତ ଜନ ମଣ୍ଡଳୀକୁ (ଭକ୍ତଜନ ମଣ୍ଡଳୀ) ଉପଯୁକ୍ତ ଯୋଗାଯୋଗ ଉପାୟରେ ଯେପରି ସମସ୍ତ ଇସ୍କନ ସଦସ୍ୟବୃନ୍ଦ ଏ ସମ୍ବନ୍ଧରେ ଶିକ୍ଷା ଲାଭ କରିବେ । ଏହି ନିଷ୍ପତ୍ତିକୁ ମଧ ଇସ୍କନର ପାଠ୍ୟକ୍ରମରେ ପଢ଼ାଯିବ ଯଥା- Introductory Courses (ପ୍ରାରମ୍ଭିକ ପାଠ୍ୟକ୍ରମ), ଇସ୍କନ, ଶିକ୍ଷା ପାଠ୍ୟକ୍ରମ, ଆଧ୍ୟାତ୍ମିକ ନେତୃତ୍ୱ ସେମିନାର (Spiritual Leadership Seminar): ଜଣେ ଗୁରୁ ହିସାବରେ ଇସ୍କନରେ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ମଧ । ଏହି ନିଷ୍ପତ୍ତିଟି ପଢ଼ି ଏବଂ ଏହା ଯେ ଏକ ନିଶ୍ଚିତ ପଦ୍ଧତି ସ୍ୱୀକାର କରି, ଦୀକ୍ଷା ପୂର୍ବରୁ ଏହାର ଅଧ୍ୟୟନ କରିବା, ଏକ ପରୀକ୍ଷାମୂଳକ ଅଂଶ ଭାବରେ ସମସ୍ତ ଆଶାୟୀ ଦୀକ୍ଷିତମାନଙ୍କ ପାଇଁ ମଧ ବାଞ୍ଛନୀୟ ବୋଲି ଗ୍ରହଣ କରିବା ପ୍ରତ୍ୟେକ ଗୁରୁଙ୍କର କର୍ତ୍ତବ୍ୟ ଅଟେ ।

ଆଉ ଅଧିକ ଏହି ଆଧ୍ୟାତ୍ମିକ ସମ୍ବନ୍ଧତ୍ୱ ଏବଂ କର୍ତ୍ତବ୍ୟ ସମ୍ବନ୍ଧରେ ଲବ୍‌ଧ ହେବ କାର୍ଯ୍ୟାଳୟର Harnonizing ISKCON's Lines of Authority" ନଥିରେ ଯାହାକି ଅନୁମୋଦିତ ହୋଇଅଛି GBC ଦ୍ୱାରା ୨୦୧୨ ମସିହାରେ ।

## ୩୦୪. ପ୍ରତିଷ୍ଠାତା ଆଚାର୍ଯ୍ୟ ଇସ୍କନ ୱେବସାଇଟ୍‌ସରେ ସର୍ବାଗ୍ରବର୍ତ୍ତୀ (ମାର୍ଚ୍ଚ ୨୦୧୩)

ଯେଉଁଠାରେ କି ଅସଂଖ୍ୟ ୱେବସାଇଟ୍ ବର୍ତ୍ତମାନ ଦେଖାଯାଉଛି ଇସ୍କନ ମନ୍ଦିରମାନଙ୍କରେ, କିନ୍ତୁ ତାଙ୍କ ପ୍ରାରମ୍ଭିକ ପୃଷ୍ଠାରେ ଏଚ.ଡି.ଜି. ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ, ପ୍ରତିଷ୍ଠାତା ଆଚାର୍ଯ୍ୟ; ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଚେତନା ସଂଘ ହିସାବରେ ପ୍ରଭୁପାଦ ଶିକ୍ଷା ସମ୍ବନ୍ଧୀୟ ଏବଂ ବ୍ୟକ୍ତିତ୍ୱ ସମ୍ବନ୍ଧରେ କିଛି ବି ବର୍ଣ୍ଣନା ରହୁ ନାହିଁ। ଆହୁରି କେତେକଙ୍କର ମଧ ସଂପୂର୍ଣ୍ଣ ରୂପେ ପ୍ରଭୁପାଦଙ୍କ ଛବି ମଧ ନାହିଁ। ସେମାନଙ୍କ ମଧ୍ୟରୁ କେତେକଙ୍କର ପ୍ରଭୁପାଦଙ୍କର ପୁସ୍ତକ, ଟେପ,

ଭିଡିଓ ସହିତ ସମ୍ବନ୍ଧ ଅଛି । ଶ୍ରୀଲ ପ୍ରଭୁପାଦଙ୍କୁ ନିମ୍ନମାନର ପ୍ରାଧାନ୍ୟ ଅନେକ ଅସଂଖ୍ୟ ଇସ୍କନ ମନ୍ଦିର ୱେବ୍ ସାଇଟରେ ଦିଆଯାଇଛି, ଆଉ କେତେକ ୱେବ୍ ସାଇଟରେ ଇସ୍କନ କିମ୍ବା ପ୍ରଭୁପାଦ କେବଳ ଉପସ୍ଥାପନା ପୃଷ୍ଠାରେ ଛୋଟ ଆକାରରେ ଦିଆଯାଇଛି, ଯେଉଁଠାରେ କି ବର୍ତ୍ତମାନ ଦରକାର ନାହିଁ କିପରି ଶ୍ରୀଲ ପ୍ରଭୁପାଦଙ୍କ ଫଟୋ ଏବଂ ଅଫିସ ସମ୍ବନ୍ଧୀୟ ମର୍ଯ୍ୟାଦା ପରିସ୍ଫୁଟ ହେବାରେ, ଇସ୍କନ୍ କେନ୍ଦ୍ରମାନଙ୍କର ୱେବ୍ ସାଇଟରେ ।

**Resolved- ନିଷ୍ପତ୍ତି ଗ୍ରହଣ କରାଯାଇଛି :**

ସମସ୍ତ ଇସ୍କନ ୱେବସାଇଟମାନଙ୍କର ପରିଚୟାତ୍ମକ ପୃଷ୍ଠାରେ ଶ୍ରୀଲ ପ୍ରଭୁପାଦଙ୍କର ଫଟୋ ସ୍ପଷ୍ଟ ଭାବରେ ସ୍ଥାନ ପାଇବାର ଦାୟିତ୍ୱ ଇସ୍କନ କେନ୍ଦ୍ରମାନଙ୍କର ପଦାଧିକାରୀମାନଙ୍କର ଦାୟିତ୍ୱ ଅଟେ । ଏହି ଛବି ଜିବିସି, କେନ୍ଦ୍ରର ସଭାପତି ବା ଗୁରୁମାନଙ୍କର ଛବି ତୁଳନାରେ ଅପେକ୍ଷାକୃତ ବଡ଼ ହେବା ଉଚିତ୍ । ଶ୍ରୀଲ ପ୍ରଭୁପାଦଙ୍କର ତା'ର ଆନୁଷ୍ଠାନିକ ନାମ ଓ ପଦରେ ଯଥା କୃଷ୍ଣ କୃପା ଶ୍ରୀମୂର୍ତ୍ତି ଏସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ, ପ୍ରତିଷ୍ଠାତା ଆଚାର୍ଯ୍ୟ, ଆନ୍ତଃରାଷ୍ଟ୍ରୀୟ ଶ୍ରୀକୃଷ୍ଣ ଚେତନା ସଂଘ ବା ଇସ୍କନ ପ୍ରତିଷ୍ଠାତା ଆଚାର୍ଯ୍ୟ କୃଷ୍ଣ କୃପା ଶ୍ରୀମୂର୍ତ୍ତି ଏସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ସମ୍ବୋଧନ କରିବା ଉଚିତ୍ ।

ସାମୟିକ ଦର୍ଶକ ସେହି ହୋମ ପେଜ୍‌ରେ ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷା ଏବଂ ଭିଡିଓ ଅଭିଲେଖନକୁ ପ୍ରବେଶ କରି ପାରିବେ । ସେହି ସମସ୍ତ ୱେବସାଇଟ୍‌ଗୁଡ଼ିକ ସେମାନଙ୍କ ପ୍ରାରମ୍ଭିକ ପୃଷ୍ଠାରେ ଶ୍ରୀଲ ପ୍ରଭୁପାଦଙ୍କ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଦର୍ଶିତ ହେବା ଉଚିତ୍ । ପ୍ରାରମ୍ଭିକ ପୃଷ୍ଠା ଯେଉଁଠାରେ ଶ୍ରୀଲ ପ୍ରଭୁପାଦଙ୍କ ଛବି ସହିତ ପରେ ଆନୁଷ୍ଠାନିକ ନାମ ପୃଷ୍ଠା ଥିବା ସେଠାରେ ଅନ୍ୟ ବ୍ୟକ୍ତିର ଛବି ରଖାଯିବା ଉଚିତ ନୁହେଁ । ଅନ୍ୟ ଭାଷାରେ କୁହାଗଲେ, ଶ୍ରୀଲ ପ୍ରଭୁପାଦଙ୍କ ଛବି କେବଳ ଏକମାତ୍ର ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠିତ ହେବା ଉଚିତ୍ । ଶ୍ରୀଲ ପ୍ରଭୁପାଦଙ୍କ ନାମ ଓ ଆନୁଷ୍ଠାନିକ ପଦରେ ଯେଉଁ ଅକ୍ଷର ବ୍ୟବହାର  ହୋଇଥିବ ତାହା ସ୍ପଷ୍ଟ ଭାବରେ ପଢ଼ି ହେଉଥିବା ଉଚିତ୍ । ଏହି ସଂକଳ୍ପ ପାଳିତ ହେବାର ତିନିମାସ ମଧ୍ୟରେ ସମସ୍ତ ଇସ୍କନ କେନ୍ଦ୍ରର ୱେବସାଇଟ୍ ଏହାକୁ ଗ୍ରହଣ କରି ନେବା ଉଚିତ୍ ।

### ୩୦୫ ଇସ୍କନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସୁସଂଗତି ଓ ଐକ୍ୟତା ଦଲିଲ ଦରକାର

## ପାଠ୍ୟ - (ଇସ୍କନ ନିୟମ)

– ଯେଉଁଠାରେ କି ଐକ୍ୟତା ନିତ୍ୟାନ୍ତ ଦରକାର ଇସ୍କନ ବିଭିନ୍ନ ଅଧିକାରୀମାନଙ୍କ ମଧ୍ୟରେ

– ଯେଉଁଠାରେ କି ଦୀକ୍ଷାଗୁରୁ ଶିଷ୍ୟମାନଙ୍କ ଜୀବନର ପ୍ରକୃତ ବାସ୍ତବ ଆଧାତ୍ମିକ ଅଧିକାରୀ, ଅନ୍ୟ ଇସ୍କନ ଅଧିକାରୀଙ୍କର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇବା ଦରକାର

– ଯେଉଁଠାରେ କି ଜିବିସି ଦଲିଲ "Harmonizing ISKCON, lines of authorities" ବର୍ଣ୍ଣନା କରେ କିପରି ଐକ୍ୟତା / ସୁସଂଗତି ସ୍ଥାପନ କରାଯାଇପାରିବ ଗୁରୁ ଏବଂ ଅନ୍ୟ ଇସ୍କନ୍ ମଧ୍ୟରେ

**Resolved- ନିଷ୍ପତ୍ତି ଗ୍ରହଣ କରାଯାଇଛି :**

ଇସ୍କନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସୁସଂଗତି ଓ ଐକ୍ୟ ଯାହା ଜିବିସି କାର୍ଯ୍ୟାଳୟ ଦଲିଲ, ହରିନାମ ଦୀକ୍ଷା ଦେବା ପୂର୍ବରୁ ଭକ୍ତମାନଙ୍କ ପଠନର ବିଷୟ ଅଟେ । ହରିନାମ ଦୀକ୍ଷା ପାଇଁ ସୁପାରିଶ କରୁଥିବା ଇସ୍କନ କର୍ତ୍ତା ଏବଂ ଏକ ଦୀକ୍ଷା ଗୁରୁ ମଧ୍ୟ ଏହାକୁ ଯାଞ୍ଚ କରିବା ଉଚିତ ଏବଂ ସମସ୍ତ ଜିବିସି ଆଞ୍ଚଳିକ ସଂପାଦକମାନେ ମଧ୍ୟ ।

ଯେଉଁଭଳି ଏହି ଦଲିଲ ସେମାନଙ୍କ ଅଞ୍ଚଳରେ ସମସ୍ତ ଭକ୍ତମାନେ ଜାଣିବା ପାଇଁ ଉପଲବ୍ଧ ହେବ, ସେମାନେ ଏହାକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବେ ।

ଏହି ଦଲିଲ ସମସ୍ତ ଅନୁମୋଦିତ ଦୀକ୍ଷାଗୁରୁ, ସମସ୍ତ ଜାତୀୟ ପରିଷଦ (National Council), ଅନ୍ୟାନ୍ୟ ଆଞ୍ଚଳିକ ଅନୁଷ୍ଠାନ (Regional Bodies), ମନ୍ଦିର ସଭାପତିମାନଙ୍କୁ, ସମବେତ ହେଉଥିବା ଗୃହସ୍ଥ ଭକ୍ତମାନଙ୍କ ନେତାମାନଙ୍କୁ ଏବଂ ସେମାନଙ୍କ ଅଞ୍ଚଳରେ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ବଣ୍ଟନ କରାଇବେ ।

## ୩୦୬ ଦୀକ୍ଷା ଗୁରୁ ଗ୍ରହଣ ପୂର୍ବରୁ ପରୀକ୍ଷାର ଆବଶ୍ୟକତା ଉପରେ ହୋଇଥିବା ସଂଶୋଧନ.... (ଇସ୍କନ ନିୟମ)

ଯେହେତୁ ଶ୍ରୀଲ ପ୍ରଭୁପାଦଙ୍କ ସ୍ଥିତି ଉପରେ ପରନ୍ତୁ, ଜିବିସି ବକ୍ତବ୍ୟ (GBC Statement) ଏବଂ ଇସ୍କନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସୁସଂଗତି ଓ ଐକ୍ୟ ଉପରେ ପ୍ରସ୍ତୁତ ଦଲିଲ - ଜିବିସିଙ୍କ ଦ୍ୱାରା ଅନୁମୋଦନ ଲାଭ କରିଛି ଏବଂ ହରିନାମ ଦୀକ୍ଷା ନେବାକୁ ଥିବା ପ୍ରାର୍ଥୀମାନଙ୍କ ପଠନୀୟ ଅଟେ । ସଂପୃକ୍ତ ପ୍ରାର୍ଥୀମାନେ ସେହି ଦଲିଲକୁ ବୁଝିନେବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଇସ୍କନ ନିୟମ ୭.୨.୧.୧.୬ ଅନୁଯାୟୀ ହରିନାମ ଦୀକ୍ଷା ନେବାକୁଥିବା ପ୍ରାର୍ଥୀମାନେ ଦୀକ୍ଷା ପୂର୍ବରୁ ଗୋଟିଏ ପରୀକ୍ଷା ଦେବା ନିହାତି ଜରୁରୀ ଅଟେ । ସଂପୃକ୍ତ ପ୍ରାର୍ଥୀମାନେ ସେହି ଦଲିଲଗୁଡ଼ିକୁ ପଢ଼ିନେବା ଉଚିତ୍ । ତେଣୁ ପରୀକ୍ଷା ଏକ ଉତ୍ତମ ସୁଯୋଗ ଆନୟନ କରିଥାଏ । ସେହି ଦଲିଲ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବା ଧାରଣା ବିଷୟ ଏହି ପରୀକ୍ଷା ଦ୍ୱାରା ସେମାନଙ୍କର ବୁଦ୍ଧି ସ୍ତରକୁ ବିଚାର କରାଯାଇପାରିବ ।

**Resolved- ନିଷ୍ପତ୍ତି ଗ୍ରହଣ କରାଯାଇଛି :**

(କ) ହରିନାମ ଦୀକ୍ଷା ପ୍ରାର୍ଥୀମାନେ ଦୀକ୍ଷା ଗ୍ରହଣ ପୂର୍ବରୁ ସେମାନେ ସମ୍ମୁଖୀନ ହେବାକୁ ଥିବା ପରୀକ୍ଷାରେ ନିମ୍ନ ୩ଟି ପ୍ରଶ୍ନର ସମ୍ମୁଖୀନ ହେବେ । ଏହା ଇସ୍କନ ନିୟମ ୭.୨.୧.୧.୬ରେ ସଂଶୋଧନ ହୋଇଛି ।

୧୪- ଇସ୍କନରେ ଶ୍ରୀଲ ପ୍ରଭୁପାଦଙ୍କ ସ୍ଥିତି ବିଷୟରେ ଜିବିସି ବକ୍ତବ୍ୟ (GBC Statement)ରେ ଯାହା ଉଲ୍ଲେଖ ଅଛି— ଆପଣ ପଢ଼ିଛନ୍ତି କି ?

୧୫- ଇସ୍କନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସୁସଂଗତି ଓ ଐକ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ ପଢ଼ିଛନ୍ତି କି ?

୧୬- ଆପଣ ଇସ୍କନ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସୁସଂଗତି ଓ ଐକ୍ୟର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ବୁଝିପାରିଛନ୍ତି କି ?

ଏବଂ

(ଖ) ଗୁରୁସେବା କମିଟି (Guru Service Committee) ଦୀକ୍ଷା ପାଇଁ ପରୀକ୍ଷାକୁ ନୂତନକରଣ (Update) କରିବେ, ଯାହାକୁ ଜିବିସି ଓ ଗୁରୁମାନଙ୍କ ମାଧ୍ୟମରେ ଜଣାଯିବ ।

# ପରିଶିଷ୍ଟ-୩ : ବାଧ୍ୟତାମୂଳକ ଯୋଗ୍ୟତା ଦୀକ୍ଷା ଗୁରୁଙ୍କର, ଇସ୍କନରେ

୧- ନିଶ୍ଚିତ ଭାବରେ ଅତ୍ୟନ୍ତ ପକ୍ଷରେ ୧୦ ବର୍ଷର ଦୀକ୍ଷିତ ଭକ୍ତ ହୋଇଥିବେ ।

୨- ନିଶ୍ଚିତ ଭାବରେ ୪ଟି ନିୟମ କଡ଼ାକଡ଼ି ଭାବରେ ପାଳନ କରୁଥିବେ । ନିୟମିତ ଭାବରେ ସକାଳର ସମସ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବେ ଏବଂ ନିତ୍ୟ ପ୍ରତିଦିନ ୧୬ ମାଳା ଜପ କରୁଥିବେ ଏବଂ ଆଉ ୧୦ ବର୍ଷ ପାଇଁ ଉପଯୁକ୍ତ ସ୍ଥିତିରେ ଥିବେ ।

୩- ନିଶ୍ଚିତ ଭାବରେ ବୈଷ୍ଣବ ବ୍ୟବହାର ଓ ନୈତିକତାର ବିରୋଧାଚାରଣ ଆଚରଣ କରୁନଥିବେ ।

୪- ନିଶ୍ଚିତ ଭାବରେ ଜ୍ଞାନ ଓ ଶାସ୍ତ୍ରୀୟ ବୁଝାମଣାରେ ଦକ୍ଷତା ଥିବ ।

୫- ନିଶ୍ଚିତ ଭାବରେ ତାଙ୍କର ମନୋଧର୍ମରୁ ଅତୀତ ହୋଇଥିବେ ଏବଂ ପରମ୍ପରାକୁ ପ୍ରାଧାନ୍ୟ ଦେଉଥିବେ, ଶାସ୍ତ୍ର ଜ୍ଞାନ ସହିତ ସାଧନାରେ ବ୍ରତୀ ଥିବେ ଏବଂ ମଧ୍ୟ ଉପସଂହାର ସତ୍ୟତାରେ ମଧ୍ୟ ଦକ୍ଷତା ଲାଭ କରିଥିବେ ।

୬- ବାସ୍ତବ କ୍ଷେତ୍ରରେ ଓ ବ୍ୟକ୍ତିଗତ ପ୍ରଚାରରେ ଫଳପ୍ରଦ ହୋଇଥିବେ ।

୭- ନିଶ୍ଚିତ ଭାବରେ ଅନୁଗତ ହୋଇନଥିବ ପ୍ରଭୁପାଦଙ୍କର ଅନୁଗତଙ୍କ ସହିତ ପ୍ରତିଯୋଗୀଙ୍କ ନିକଟରେ କିମ୍ବା ପ୍ରଭୁପାଦଙ୍କ ଅନୁଗତଙ୍କ ସହିତ ସାଲିସରରେ ପ୍ରତିଯୋଗୀଙ୍କ ତାଙ୍କ ଶିକ୍ଷାରେ ଏବଂ ଇସ୍କନ ସହିତ ।

୮- ନିଶ୍ଚିତ ଭାବରେ ବୁଝାମଣା ପ୍ରଦର୍ଶନ କରୁଥିବ ଏବଂ ଉତ୍ସର୍ଗ ପ୍ରଦର୍ଶନ କରୁଥିବ ଶ୍ରୀଲ ପ୍ରଭୁପାଦଙ୍କ ସଂସ୍ଥା ପ୍ରତି, ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇ ପରିଚାଳନା କ୍ଷେତ୍ର ଏବଂ ପୁସ୍ତକ ବିତରଣର ଅଧିକ ପ୍ରସାର ପାଇଁ ଏବଂ ମଧ୍ୟ ଅନ୍ୟ ଇସ୍କନ ଯୋଜନାରେ ।

୯- ନିଶ୍ଚିତ ଭାବରେ ଚିହ୍ନି ଥିବେ ଜିବିସିଙ୍କୁ ସର୍ବୋତ୍ତମ ପରିଚାଳନାର ଅଧିକାରୀ ବୋଲି ଇସ୍କନରେ, ଜିବିସିଙ୍କୁ ମଧ୍ୟ ସମର୍ଥନ କରୁଥିବେ ଏବଂ ଜିବିସି ଦ୍ୱାରା ପ୍ରଚଳିତ ଆଇନକୁ ମାନୁଥିବେ ।

୧୦- ପୂର୍ଣ୍ଣ ଭାବରେ ସମସ୍ତ ସମୟ କୌଣସି ଏକ ଇସ୍କନ କେନ୍ଦ୍ର କିମ୍ବା ପ୍ରଚାର କେନ୍ଦ୍ରରେ ରହି ଭକ୍ତିମୟ ସେବାରେ ଯୁକ୍ତି ହୋଇଥିବେ ।

୧୧- ଅନ୍ତତଃ ପକ୍ଷେ ପୂର୍ବ ୧୦ ବର୍ଷ ଧରି କୌଣସି ପ୍ରକାରର ଜଘନ୍ୟ କାର୍ଯ୍ୟକଳାପରେ ସଂପୂର୍ଣ୍ଣ ନଥିବେ ନିଶ୍ଚିତ ଭାବରେ କିମ୍ବା ଦାୟିତ୍ୱ ନେଇ ନଥିବେ ।

୧୨- କୌଣସି ପ୍ରକାରର ଆର୍ଥିକ ଅନୌଚିତ୍ୟ, ଯାହାକି ତାଙ୍କ ଦାୟିତ୍ୱରେ ଥିବା ସରଞ୍ଜାମ ଅଥବା ଅର୍ଥ ସମ୍ବନ୍ଧରେ ନଥିବା ଦରକାର ।

୧୩- କୌଣସି ନୈତିକ ଚରିତ୍ରହୀନତା କାର୍ଯ୍ୟ, ଯାହାକି ବର୍ଣ୍ଣନା କରାଯାଇଛି, ଜିବିସି ଦ୍ୱାରା ଧର୍ମ ସମ୍ବନ୍ଧୀୟ ଅସଦ୍‌ବିଚାରରେ କରୁନଥିବେ କିମ୍ବା ଜିବିସି ଦ୍ୱାରା ନିୟମାନୁଯାୟୀ ନିର୍ଦ୍ଧାରିତ ଇଲାକାରେ ରହୁଥିବେ ।

୧୪- ଗୋଟିଏ ଅତିରିକ୍ତ ଆବଶ୍ୟକତା ହେଉଛି ଗୁରୁ ସେମିନାରରେ ଉପସ୍ଥିତ ହେବା ।

**ଅନ୍ୟାନ୍ୟ ପାରଦର୍ଶିତା ପୂର୍ଣ୍ଣ ଯୋଗ୍ୟତା :**

୧- ଆଧ୍ୟାତ୍ମିକ ଯୋଗ୍ୟତା - ଭକ୍ତିଶାସ୍ତ୍ରୀ, ଭକ୍ତି ବୈଭବ, ଭକ୍ତି ବେଦାନ୍ତ (ଆବଶ୍ୟକ ସ୍ଥଳେ) - ନିଶ୍ଚିତ ଭାବରେ ଦୃଢ଼ ଅନୁମୋଦିତ ଯୋଗ୍ୟତା ଜଣେ ଇସ୍କନରେ ବିନା ବାଧାରେ ଗୁରୁ ପଦ ମର୍ଯ୍ୟାଦା ପ୍ରାପ୍ତ ହେବା ପାଇଁ ।

୨- ତାଙ୍କର ଚାରିତ୍ରିକ, ଆଚାର, ବ୍ୟବହାର କିମ୍ବା ଅନ୍ୟାନ୍ୟ ପରିସ୍ଥିତିରେ କୌଣସି ପ୍ରକାରର ସନ୍ଦେହ ଉପୁଜିବାର ଆଶଙ୍କା ପ୍ରତୀୟମାନ ହେଉନଥିବା ବାଞ୍ଛନୀୟ ।

୩- ଏଭଳି ପରିସ୍ଥିତିରେ ସେ ସଂପୃକ୍ତ ହେବା ଉଚିତ୍ ନୁହେଁ, ଯେଉଁଗୁଡ଼ିକ ବ୍ୟକ୍ତିଗତ ଅଡୁଆ ପରିସ୍ଥିତି ତିଆରି କରୁଥିବ । ଉଦାହରଣ ସ୍ୱରୂପ- ଏକ ପରିସ୍ଥିତି ନିନ୍ଦା ଆନୟନ, ଯାହାକି ଗୁରୁଙ୍କୁ ତାଙ୍କ ଗୁରୁ ଦାୟିତ୍ୱରୁ ଦୂରକୁ ନେଇଯାଉଥିବ କିମ୍ବା ଯାହାକି ପ୍ରମାଣିତ କରୁଥିବ ବିଶୃଙ୍ଖଳା ଆନୟନରେ ତାଙ୍କ ଶିଷ୍ୟ-ଶିଷ୍ୟାମାନଙ୍କ ପାରିବାରିକ ଜୀବନରେ ।

୪- ସାଧାରଣ ବ୍ୟବହାରରେ ସେ ସର୍ବଦା ଦାୟିତ୍ୱ ସଂପନ୍ନ, ସମ୍ମାନୀୟ ଏବଂ ହିତାହିତ ଜ୍ଞାନ ସଂପନ୍ନ ହେବା ଉଚିତ ।

# ପରିଶିଷ୍ଟ-୪ : ଇସ୍କନ୍ ଗୁରୁମାନଙ୍କର ଆଚରଣର ଆଦର୍ଶ

୧- ନିଶ୍ଚିତ ଭାବରେ ସର୍ବଦା ସମସ୍ତ ଭକ୍ତମାନଙ୍କ ପାଇଁ ଏକ ଉଚ୍ଚ ଆଦର୍ଶର ଉଦାହରଣ ହେଉଥିବେ ।

୨- ନିଶ୍ଚିତ ଭାବରେ ସମସ୍ତ ଇସ୍କନ ଭକ୍ତମାନଙ୍କ ବିଶ୍ୱାସକୁ ସେମାନଙ୍କ ଗୁରୁ ଶ୍ରୀଲ ପ୍ରଭୁପାଦ ଏବଂ କୃଷ୍ଣଙ୍କ ଉପରେ ଥିବା ବିଶ୍ୱାସକୁ ସୁରକ୍ଷା ଏବଂ ବୃଦ୍ଧି ସାଧନରେ ସାହାଯ୍ୟ କରୁଥିବେ ।

୩- ନିଶ୍ଚିତ ଭାବରେ ତାଙ୍କ ଶିଷ୍ୟଙ୍କୁ ପ୍ରଭୁପାଦଙ୍କ ଶିକ୍ଷାକୁ ଅନୁସରଣ କରିବାକୁ ଶିକ୍ଷା ଦେବା ଏବଂ ଇସ୍କନକୁ ଅନୁସରଣ କରିବା ପାଇଁ ମଧ୍ୟ ଶିକ୍ଷା ଦେଉଥିବେ ।

୪- ନିଶ୍ଚିତ ଭାବରେ ନୂତନ ଆଗନ୍ତୁକମାନଙ୍କର ବିଶ୍ୱାସକୁ ଇସ୍କନ ଉପରେ ବୃଦ୍ଧି କରାଇବାରେ ଏବଂ ସ୍ଥାୟୀ ସଦସ୍ୟମାନଙ୍କ ବିଶ୍ୱାସକୁ ସୁରକ୍ଷା ଦେଉଥିବେ ।

୫- ଅନୁମୋଦିତ ସୋପାନଗୁଡ଼ିକ, ଦୀକ୍ଷା ନେବା ପାଇଁ ଯେ ପର୍ଯ୍ୟନ୍ତ ପରିପୂର୍ଣ୍ଣ ନ ହୋଇଛି ସେ ପର୍ଯ୍ୟନ୍ତ ଦୀକ୍ଷା ଦେବା ଅବାଞ୍ଛନୀୟ ।

୬- ଶିଷ୍ୟ ଗ୍ରହଣ କରିବା ପାଇଁ କାହାକୁ ସାଲିସ୍ କରୁନଥିବେ ।

୭- ନିଶ୍ଚିତ ଭାବରେ ଅଦୀକ୍ଷିତ ଶିଷ୍ୟମାନଙ୍କୁ ଅଧିକାରକୁ ପୂର୍ଣ୍ଣ ସ୍ୱାଧୀନତା ଦେବା ଉଚିତ, ଦୀକ୍ଷା ଗ୍ରହଣ ସମ୍ବନ୍ଧରେ ତାଙ୍କ ଇଚ୍ଛାନୁଯାୟୀ ।

୮- ନିଶ୍ଚିତ ଭାବରେ ଅନୁମତି ଦେବା ଦରକାର ଅଦୀକ୍ଷିତ ଭକ୍ତମାନଙ୍କୁ ଯେଉଁମାନେ କି ତାଙ୍କ ନିକଟରେ ପ୍ରାଥମିକ ଭାବରେ ଆଶ୍ରିତ ହୋଇଥିଲେ । ପୁଣି ତାଙ୍କ ମନ ପରିବର୍ତ୍ତନ ସ୍ୱାଧିନତାକୁ ଅନୁମତି ପ୍ରଦାନ କରିବା ଦରକାର, ସେମାନଙ୍କର ଦୀକ୍ଷାଗୁରୁ ଚୟନରେ ।

୯- ଯେହେତୁ ଗୁରୁ ଦକ୍ଷିଣା ଇସ୍କନ ଗୁରୁମାନଙ୍କ ଦ୍ୱାରା ଗ୍ରହଣ କରାଯାଉଛି, ତାହା ଇସ୍କନର ସମ୍ପତ୍ତି ଅଟେ । ଏହା ନିଶ୍ଚିତ ଭାବରେ ବ୍ୟବହାର ହେବା ଉଚିତ୍ କୃଷ୍ଣଚେତନା ଆନ୍ଦୋଳନର ଉନ୍ନତି ନିମିତ୍ତ । ସମସ୍ତ ଗୁରୁ ଦକ୍ଷିଣା ଏକ ବିଶେଷ ଆକାଉଣ୍ଟରେ ରଖାଯିବା ଉଚିତ, ଯାହାକି ଇସ୍କନ ନାମରେ ରହିବ । ଦୁଇଟି ଦସ୍ତଖତକାରୀଙ୍କ ଦସ୍ତଖତ ଥାଇ ଏବଂ ସଠିକ୍ ଆକାଉଣ୍ଟ୍ସ ରେକର୍ଡ ରହିବା ବାଞ୍ଛନୀୟ ।

୧୦- ଏହା ସଂପୂର୍ଣ୍ଣ ନିଷେଦ୍ଧ ଜଣେ ଦୀକ୍ଷା ଆଶାୟୀ ଶିଷ୍ୟ ପାଇଁ ଯେ ଏକ ଅତିକମ୍ ଦକ୍ଷିଣା ବା ଆର୍ଥିକ ଯୁକ୍ତି ପ୍ରାରମ୍ଭିକ ଭାବରେ ଦେବା ଦୀକ୍ଷା ଗ୍ରହଣ କରିବା ପାଇଁ ।

୧୧- ଗୁରୁ ନିଶ୍ଚିତ ଭାବରେ ପରିଭ୍ରମଣ ସମୟରେ ଯେତେ କମ୍ ଭକ୍ତ ନିଯୁକ୍ତି କରିପାରିବେ ତାଙ୍କ ସେବାରେ ଏବଂ ବ୍ୟକ୍ତିଗତ ସେବାରେ, ଗୁରୁ ବ୍ୟକ୍ତିଗତ ଭାବରେ ରହିବେ ନାହିଁ ଏକାକୀ ବିପରୀତ ଲିଙ୍ଗ ସେବାରେ କିମ୍ବା ବ୍ୟକ୍ତିଗତ ଭାବରେ ବିପରୀତ ଲିଙ୍ଗ ବିବାହିତ ସହିତ ତାଙ୍କର ସ୍ୱାମୀଙ୍କ ଅନୁପସ୍ଥିତିରେ ମଧ୍ୟ । ବ୍ୟକ୍ତିଗତ ସେବାରେ ଏବଂ ଏକାକୀ ଏକୁଟିଆ ଜାଗାରେ ମଧ୍ୟ, ଯାହାକି ଶାସ୍ତ୍ର ଦ୍ୱାରା ନିଷେଧ ।

## ୬.୪.୩.୨ ଜିବିସି କର୍ତ୍ତୃପକ୍ଷଙ୍କ ସହିତ ସମ୍ପର୍କର ଆଦର୍ଶ ।

୧- ନିଶ୍ଚିତ ଭାବରେ ସମ୍ମାନ ପ୍ରଦର୍ଶନ କରିବା ଦରକାର ଜିବିସି କର୍ତ୍ତୃପକ୍ଷଙ୍କୁ ଯେହେତୁ ଜିବିସି କର୍ତ୍ତୃପକ୍ଷ ଶ୍ରୀଲ ପ୍ରଭୁପାଦଙ୍କର ନିର୍ବାଚିତ ଉତ୍ତରାଧିକାରୀ, ସର୍ବୋଚ୍ଚ ପରିଚାଳନା ଅଧିକାରୀ ଇସ୍କନର ଏବଂ ସମ୍ମାନ ସୂଚକ ସେବା ମୂଳକ ବ୍ୟବହାର ନିର୍ବାହ କରିବା ବାଞ୍ଛନୀୟ ।

୨- ଜଣେ ଶ୍ରୀଲ ପ୍ରଭୁପାଦଙ୍କ ପରମ୍ପରାରେ ଆଗତ ଗୁରୁ ହିସାବରେ, ସେ ନିଶ୍ଚିତ ଭାବରେ ଶ୍ରୀଲ ପ୍ରଭୁପାଦଙ୍କ ଆଦେଶକୁ ଅନୁସରଣ କରି ଇସ୍କନରେ କାର୍ଯ୍ୟରତ ରହିବା ଦରକାର । ଯାହା ଫଳରେ ସେ ନିଶ୍ଚିତ ଗ୍ରହଣ କରିବେ ଜିବିସି କର୍ତ୍ତୃପକ୍ଷ ତାଙ୍କର ଅଧିକାରୀତ୍ୱ ଏବଂ ଜିବିସିର ନିର୍ଦ୍ଦେଶାବଳୀକୁ ।

୩- ଯେକୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଯାହାକି ଜିବିସି କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରୟୋଗ କରାଯିବ, ତାହା ପ୍ରତି ନିଶ୍ଚିତ ଅନୁଗତ ରହିବେ, ନୂତନ ଭାବରେ ଦୀକ୍ଷିତ ଶିଷ୍ୟମାନଙ୍କ ବ୍ୟତୀତ ।

### ୬.୪.୩.୩ ମଣ୍ଡଳୀୟ ସେକ୍ରେଟାରୀ (Zonal Secretary) ଙ୍କ ସହିତ ସଂପର୍କର ଆଦର୍ଶ ।

୧- ନିଶ୍ଚିତ ଭାବରେ କାର୍ଯ୍ୟ କରିବେ ଜିବିସି ମଣ୍ଡଳୀୟ ସେକ୍ରେଟାରୀଙ୍କ ତଦାରଖ ଏବଂ ସହଯୋଗିତାରେ ।

୨- କେବେ ହେଲେ ତାଙ୍କର ପୂର୍ବ ନିର୍ଦ୍ଦିଷ୍ଟ ରହଣୀ, ଜାଗା ପରିବର୍ତ୍ତନ କରିବେ ନାହିଁ, ଜିବିସି ମଣ୍ଡଳୀୟ ସେକ୍ରେଟାରୀଙ୍କ ପରାମର୍ଶ ବିନା, କାରଣ ଏପରି ପରିବର୍ତ୍ତନ ମନ୍ଦିର ଏବଂ ଭକ୍ତମାନଙ୍କ ଉପରେ ପ୍ରଭାବ ପକାଇପାରେ ।

୩- ନିଶ୍ଚିତ ଭାବରେ ନିଜର ଆର୍ଥିକ ଖାତା ଖତିଆନ  ଜିବିସି ସେକ୍ରେଟାରୀଙ୍କୁ ଅବଗତ କରାଇବେ ପ୍ରତିବର୍ଷ ।

### ୬.୪.୩.୪ ଇସ୍କନର ଆଧାତ୍ମିକ ଅଧିକାରୀଙ୍କ ସହିତ ସଂପର୍କର ଆଦର୍ଶ ।

୧- ନିଶ୍ଚିତ ଭାବରେ ଆଞ୍ଚଳିକ ଇସ୍କନ ଅଧିକାରୀଙ୍କ ସହିତ ସହଯୋଗୀ ଓ ଉତ୍ତରଦାୟୀ ହେବା ବାଞ୍ଛନୀୟ ।

୨- ନିଶ୍ଚିତ ଭାବରେ ଦୀକ୍ଷିତ କରାନ୍ତୁ ନାହିଁ ଭକ୍ତମାନଙ୍କୁ ଯେଉଁମାନେ ଉପଯୁକ୍ତ ଅନୁମତି ପାଇ ନାହାନ୍ତି ଉପଯୁକ୍ତ ଇସ୍କନ ଆଧାତ୍ମିକ ଅଧିକାରୀଙ୍କଠାରୁ ।

୩- ନିଶ୍ଚିତ ଭାବରେ ନିଜର ଶିଷ୍ୟ ଏବଂ ଅନ୍ୟ ଭକ୍ତମାନଙ୍କୁ ଶିକ୍ଷା ଦିଅନ୍ତୁ, ଇସ୍କନ ଅଧିକାରୀଙ୍କ ସହିତ ସହଯୋଗ ସ୍ଥାପନ କରିବା ପାଇଁ ଏବଂ ମନୋମାଳିନତା ସମୟରେ ମଧ୍ୟ ଉପଯୁକ୍ତ ଆଚରଣ କରିବା ପାଇଁ ।

୪- ନିଶ୍ଚିତ ଭାବରେ ଏକ ବନ୍ଧୁ ଭାବାପର୍ଣ୍ଣ ସଂପର୍କ ଇସ୍କନ ଅଧିକାରୀଙ୍କ ସହିତ ନିଭେଇବା ଦରକାର ଏବଂ ସେମାନଙ୍କୁ ମଧ୍ୟ କୌଣସି ପ୍ରକାରର କ୍ଷତି ପହଞ୍ଚାଉ ନଥିବେ  ।

୫- ଯେହେତୁ ମନ୍ଦିର ଅଧକ୍ଷ ଓ ପ୍ରକଳ୍ପ ମୂଖ୍ୟ ସଂପୂର୍ଣ୍ଣ ଦାୟିତ୍ୱବାନ ଭକ୍ତମାନଙ୍କୁ ସେମାନଙ୍କ ସେବାରେ ନିଯୁକ୍ତ କରିବା ପାଇଁ, ସେବାର ପରିବର୍ତ୍ତନ କରିବା ପାଇଁ, ସ୍ଥାନ ପରିବର୍ତ୍ତନ ପାଇଁ, ଆଶ୍ରମ ପରିବର୍ତ୍ତନ ପାଇଁ, ଜଣେ ଶିଷ୍ୟ ନିମିତ୍ତ ଆଞ୍ଚଳିକ ଅଧିକାରୀଙ୍କ ସହିତ ବିନା ପରାମର୍ଶରେ କେବେ ହେଲେ ଆଲୋଚନା କରିବେ ନାହିଁ।

## ୬.୪.୫ ଜିବିସି ଦ୍ୱାରା ଗୁରୁମାନଙ୍କର ଅନୁମୋଦନ

ଜିବିସି କର୍ତ୍ତୃପକ୍ଷ ହୁଏତ ନିମ୍ନଲିଖିତ ଯେକୌଣସି ଅନୁମୋଦନ ଆନୟନ କରିପାରନ୍ତି ଏକ ଗୁରୁଙ୍କ ବିରୋଧରେ ତାଙ୍କର ଅସଦ୍ ଆଚରଣ ଦେଖି

### ୬.୪.୫.୧ ସତର୍କ / ଭର୍ତ୍ସନା

ଯଦି ଜଣେ ଗୁରୁଙ୍କୁ ଦେଖିବାକୁ ମିଳିଲା ଯେ ଆଧାତ୍ମିକ ଅଭ୍ୟାସ ଗୁଡ଼ିକୁ ଅତିକ୍ରମ କରୁଛନ୍ତି କିମ୍ବା ଅବହେଳା କରୁଛନ୍ତି, କିନ୍ତୁ ସେହି ଅତିକ୍ରମ ବା ଅବହେଳାଗୁଡ଼ିକ ସାଙ୍ଘାତିକ କିମ୍ବା ଅଭ୍ୟାସଗତ ନୁହେଁ, କିମ୍ବା ଜଣେ ଗୁରୁ ଅମାନ୍ୟ କରନ୍ତି ନିର୍ଦ୍ଧାରିତ ବ୍ୟବହାର ଏବଂ ନିର୍ଦ୍ଦେଶାବଳୀ ସମ୍ପୂର୍ଣ୍ଣ ଯେଉଁଗୁଡ଼ିକ କି ଗୁରୁ ଆଚରଣ ସମ୍ବନ୍ଧୀୟ (ଯଥା- ଶିଷ୍ୟ ଗ୍ରହଣ ପାଇଁ ଅନ୍ୟକୁ ସାଲିସ୍ କରିବା, ଇତ୍ୟାଦି) ସେହି ନିଶ୍ଚିତ ଭାବରେ ଗୁରୁଙ୍କୁ ଗୁପ୍ତ ଭାବରେ ସତର୍କ / ଭର୍ତ୍ସନା କରାଯିବ ।

### ୬.୪.୫.୨ ପରୀକ୍ଷା

ଯଦି ସତର୍କଗୁଡ଼ିକ ପ୍ରତି ଯତ୍ନବାନ ନ ହେଲେ କିମ୍ବା ଆଧ୍ୟାତ୍ମିକ ଅତିକ୍ରମ / ଅବହେଳା ଅଭ୍ୟାସଗୁଡ଼ିକ ସାଂଘାତିକ ଏବଂ ବଳବତୀ ହେଲା, ଗୁରୁ ହୁଏତ ରହିବେ ଏକ ନିର୍ଦ୍ଦିଷ୍ଟ ଚୁକ୍ତିମୂଳକ ପରୀକ୍ଷାରେ ଯାହାକି ଗୁରୁ ସମ୍ବନ୍ଧୀୟ କର୍ତ୍ତବ୍ୟର ବୃଦ୍ଧିକରଣ ହେବ। (ଏଥିରେ ଅନ୍ତର୍ଭୁକ୍ତ ହେବ କିଛିଦିନ ପାଇଁ ଉଚ୍ଛେଦ, ତାଙ୍କର ଅନୁମୋଦିତ ଦୀକ୍ଷା ଦେବାର ଅଧିକାର ନୂତନ ଭକ୍ତମାନଙ୍କୁ)। ତା' ସାଙ୍ଗକୁ ତାଙ୍କୁ ହୁଏତ ଦିଆଯିବ ସାଧାରଣ ସୁପାରିଶ କିମ୍ବା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ ନିଭେଇବା ପାଇଁ, ଯାହା ଏହାର ଏକ ଅଂଶ ହୋଇଥିବ, ତାଙ୍କର ସଂଶୋଧନ ଏବଂ ଗୁରୁତ୍ୱପୂର୍ଣ୍ଣ ପୁନଃ ସ୍ଥାପନ ପାଇଁ।

### ୬.୪.୫.୩ ସ୍ଥଗିତକରଣ

ଯଦି ଜଣେ ଗୁରୁ କର୍କଶ ଭାବରେ ଉପେକ୍ଷା କରନ୍ତି, ପରୀକ୍ଷାର ସମୟସୀମାକୁ କିମ୍ବା ବାରମ୍ବାର ଉଲ୍ଲଙ୍ଘନ କରନ୍ତି ଗୋଟିଏ କିମ୍ବା ଅଧିକ ନିୟମ ସମୂହକୁ କିମ୍ବା କାର୍ଯ୍ୟ କରନ୍ତି ଏଭଳି ଭାବରେ ଯାହାକି ସାଂଘାତିକ ଏବଂ କ୍ଷତିକାରକ ପୂର୍ଣ୍ଣ ଅସମ୍ମାନ ଜନକ ହେଉଥିବ ବର୍ତ୍ତମାନ ଇସ୍କନକୁ କିମ୍ବା ଜିବିସି ନୀତି ସମୂହକୁ, କିମ୍ବା ତାଙ୍କର ସନ୍ନ୍ୟାସ ଆଶ୍ରମକୁ ପରିତ୍ୟାଗ କରୁଥିବା ବିନା ଅନୁମୋଦନରେ କିମ୍ବା ଭକ୍ତମାନଙ୍କର ସଙ୍ଗ ଏବଂ ଇସ୍କନ ଆନ୍ଦୋଳନକୁ ପରିତ୍ୟାଗ କରୁଥିବେ, କିମ୍ବା ସଂପୂର୍ଣ୍ଣ ଭାବରେ ସାଧନାର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁଥିବେ, ସେ ହୁଏତ ଛଟେଇ ହୋଇ ପାରିବେ। ଯଦି ଗୁରୁ ଜଣକ ଛଟେଇ ହୁଅନ୍ତି ସେ କେବେହେଲେ ଦୀକ୍ଷା ଦେଇ ପାରିବେ ନାହିଁ କିମ୍ବା ସେ କେବେ ହେଲେ ନିର୍ବାହ କରିପାରିବେ ନାହିଁ ଶିକ୍ଷା ଦେବାର ସ୍ଥିତି ଶିଷ୍ୟମାନଙ୍କୁ କିମ୍ବା ହୋଇପାରିବେ ନାହିଁ କାହାଦ୍ୱାରା ପରିଚିତ ଜଣେ ଆଧ୍ୟାତ୍ମିକ ଗୁରୁ ହିସାବରେ, କିମ୍ବା ସେ ତାଙ୍କର ଗୁରୁଗିରି କାର୍ଯ୍ୟକଳାପ ଯଥା– ଗୁରୁ ପୂଜା କିମ୍ବା ଗୁରୁ ଦକ୍ଷିଣା ଗ୍ରହଣ କରିପାରିବେ ନାହିଁ।

### ୬.୪.୫.୪ ବହିଷ୍କାର

ଯଦି ଜଣେ ଗୁରୁ ଖୋଲା ଖୋଲି ଭାବରେ ଶ୍ରୀଲ ପ୍ରଭୁପାଦଙ୍କ ପ୍ରତି ଓ ଇସ୍କନ ପ୍ରତି ଶତ୍ରୁତା ଆଚରଣ କରନ୍ତି କିମ୍ବା ଅନ୍ୟ ପକ୍ଷରେ ଆସୁରୀ ଭାବାପନ୍ନ ହୁଅନ୍ତି କିମ୍ବା ଜଣେ ମାୟାବାଦୀ ହୋଇ ଯାଆନ୍ତି କିମ୍ବା ପ୍ରଚାର କରନ୍ତି ଅନଧିକାର ଦର୍ଶନ ତତ୍ତ୍ୱ ଅପସମ୍ପ୍ରଦାୟମାନଙ୍କର, ଯାହାକି ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କ ପ୍ରବର୍ତ୍ତିତ ନିୟମ ବିରୋଧାଚରଣ ହେଉଥିବ, କିମ୍ବା କର୍କଶ ଓ ଜୋର ସୋରରେ ଇସ୍କନ ଏବଂ ଜିବିସି ନୀତିକୁ ଅବମାନନା କରୁଥିବେ, କିମ୍ବା ଜଣେ ଗୁରୁଙ୍କର ଆସକ୍ତି ଇନ୍ଦ୍ରିୟ ପ୍ରୀତିବିଧାନ କ୍ଷେତ୍ରରେ ସାଂଘାତିକ, ବହୁଦିନ ଧରି କିମ୍ବା ଆଶାତୀତ ହୋଇଥିବ, ତାହାହେଲେ ଶାସ୍ତ୍ର ନିୟମାନୁଯାୟୀ, ସେ ନିଶ୍ଚିତ ଭାବରେ ତାଙ୍କ ଶିକ୍ଷା ଓ ଦୀକ୍ଷାଗୁରୁ ସ୍ଥିତିରୁ ବହିଷ୍କୃତ ହେବେ।

## ପରିଶିଷ୍ଟ-୫

# ଇସ୍କନରୁ ଦୀକ୍ଷା ଗ୍ରହଣ କରିବା ହେଲେ ଆବଶ୍ୟକୀୟ ଯୋଗ୍ୟତା (ପ୍ରାସଙ୍ଗିକ ଉଦ୍ଧୃତାଂଶ)

### ୭.୨ ପ୍ରାର୍ଥୀର ଦାୟିତ୍ୱ ଦୀକ୍ଷା ଗ୍ରହଣ କରିବା

ଏହା ହେଉଛି ବ୍ୟକ୍ତିଗତ ଦାୟିତ୍ୱ ଜଣେ ଦୀକ୍ଷାଶାୟୀ ବ୍ୟକ୍ତିର ସଠିକ୍ ଭାବରେ ପସନ୍ଦ କରିବା ତା'ର ବ୍ୟକ୍ତିଗତ ବୁଦ୍ଧି ପ୍ରୟୋଗ କରି, ଜଣେ ବ୍ୟକ୍ତିକୁ ତା'ର ଆଧ୍ୟାତ୍ମିକ ଗୁରୁ ହିସାବରେ ଗ୍ରହଣ କରିବା ପାଇଁ । ଦୀକ୍ଷାଶାୟୀ ବ୍ୟକ୍ତି ଜଣକ ଦୀକ୍ଷା ଗ୍ରହଣ କରିବା ପାଇଁ ଜଣେ ଆଧ୍ୟାତ୍ମିକ ଗୁରୁଙ୍କଠାରୁ ତାଙ୍କୁ ସେହି ବ୍ୟକ୍ତି ପ୍ରତି ଦୃଢ଼ ଓ ପରିପୂର୍ଣ୍ଣ ଶ୍ରଦ୍ଧା ଜାଗତ୍ର କରିବା ପରେ ଏବଂ ତାଙ୍କ ସାମର୍ଥ୍ୟ ଭଗବଦ୍ ରାଜ୍ୟକୁ ଫେରାଇ ନେଇଯିବାରେ ମଧ୍ୟ। ସାଧୁ, ଶାସ୍ତ୍ର ଓ ଗୁରୁ ହେଉଛନ୍ତି, ଅଧିକାରୀଙ୍କ ତଥ୍ୟ ସମୂହ, ଯେଉଁଗୁଡ଼ିକୁ ପ୍ରୟୋଗ କରି ଜଣେ ଭକ୍ତର ଆଧ୍ୟାତ୍ମିକ ସ୍ଥିତିର ଅଗ୍ରଗତିର ମାନ ସ୍ଥିରୀକରଣ କରିପାରିବ। ଇସ୍କନରୁ ଗୁରୁ ଗ୍ରହଣର ଅନୁମୋଦନ ସୂଚିତ କରାଏ ଯେ ଭକ୍ତ ଜଣକ ସଂପୂର୍ଣ୍ଣ ରୂପେ ଇସ୍କନ ଆଇନ ଅନୁଯାୟୀ ଅନୁମୋଦନ ପ୍ରାପ୍ତ ହୋଇଛି ଏବଂ ଏହା ଯେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଚାରରେ ସେହି ଦୀକ୍ଷାଶାୟୀ ବ୍ୟକ୍ତିଟି ଇସ୍କନ ଆଇନର ଆଦର୍ଶ ଓ ନିୟମାବଳୀ ଦ୍ୱାରା ପରିମାପ ହୋଇଯାଇଛି। ଯାହା ହେଉନା କାହିଁକି, ସେହି ଅନୁମୋଦନଟି ସ୍ୱାଭାବିକ ନୁହେଁ, ଯାହାକୁ ଦିଆଯାଇପାରିବ ଜଣେ ଅନୁମୋଦିତ ଗୁରୁଙ୍କର ଭଗବଦ୍ ଅନୁଭବର ମାତ୍ରା ଏବଂ ଏହା ଅଭିପ୍ରାୟ ନୁହେଁ ଯେ ଜଣେ ଦୀକ୍ଷାଶାୟୀ ବ୍ୟକ୍ତିର ବୁଦ୍ଧିଗତ ପ୍ରଭେଦକରଣ ବିଚାରକୁ ଉଠେଇ ନେବ ।

### ୭.୨.୧ ପ୍ରଥମ (ହରିନାମ) ଦୀକ୍ଷା ପାଇଁ ଯୋଗ୍ୟତା

### ୧.୧ ଏକ ବର୍ଷ ପର୍ଯ୍ୟନ୍ତ ପ୍ରସ୍ତୁତି ସମୟ ସୀମା

ପ୍ରଥମ ଦୀକ୍ଷା ନେବା ପାଇଁ ଜଣେ ନିଶ୍ଚିତ ଭାବରେ ଅନୁକୂଳ ଭାବରେ ଭକ୍ତିମୂଳକ ସେବାରେ ଯୁକ୍ତ ହୋଇ ରହିଥିବ । କଡ଼ାକଡ଼ି ଭାବରେ ୪ଟି ନିୟମକୁ ପାଳନ କରୁଥିବ ଏବଂ ୧୬ ମାଳା ପ୍ରତ୍ୟେହ ଜପ, ଯାହାକି ଏକ ବର୍ଷ ଧରି ବିନା ବ୍ୟାଘାତରେ କରୁଥିବ ।

ଇସ୍କନର ଭକ୍ତମାନେ ନୂତନ ଆଗନ୍ତୁକ ଭକ୍ତମାନଙ୍କୁ ଶ୍ରୀଲ ପ୍ରଭୁପାଦଙ୍କ ଶରଣାଗତ ହେବାକୁ ଉପଦେଶ ଦେବେ ଏବଂ ନିର୍ଦ୍ଦେଶାବଳୀ ଗ୍ରହଣ କରିବା ପାଇଁ, ପ୍ରଶିକ୍ଷଣ ଓ ସାହାଯ୍ୟ ନେବା ପାଇଁ, ଯେଉଁମାନେ କି ସେହି ନୂତନ ଆଗନ୍ତୁକ ଭକ୍ତମାନଙ୍କୁ ବାସ୍ତବ ଓ ସିଧା ସଳଖ ଭାବେ କୃଷ୍ଣଚେତନାର ଅଗ୍ରଗତି କରିବା ପାଇଁ ସାହାଯ୍ୟ କରୁଛନ୍ତି, ସେମାନଙ୍କ କଥା ଶୁଣିବା ପାଇଁ ମଧ୍ୟ ଉପଦେଶ ଦେବେ । ଇସ୍କନ ସଭ୍ୟମାନେ ନିଜେ ପସନ୍ଦ କରିବେ କେତେବେଳେ ଏବଂ କାହାଠାରୁ ସେମାନେ ଦୀକ୍ଷା ଗ୍ରହଣ କରିବା ପାଇଁ ଅନୁରୋଧ କରିବେ । ସେମାନେ ଧ୍ୟାନ ଦେବା ବାଞ୍ଛନୀୟ ଶ୍ରୀଲ ପ୍ରଭୁପାଦ ହେଉଛନ୍ତି ମୂଳ ପ୍ରତିଷ୍ଠାତା ଆଚାର୍ଯ୍ୟ ଏବଂ ମୂଳ ଶିକ୍ଷାଗୁରୁ ।

His Divine Grace ଙ୍କ ବାଣୀ ଉପରେ ସୁଦୃଢ଼ ସମ୍ବନ୍ଧ ସ୍ଥାପନ କରି ସାରିଲା ପରେ ଏବଂ ଅତି କମ୍‌ରେ ୬ ମାସ ସାଧନା କଡ଼ାକଡ଼ି କରିସାରିଲା ପରେ, ସେମାନେ ହୁଏତ ଗ୍ରହଣ କରିପାରନ୍ତି ଇସ୍କନ ଅନୁମୋଦିତ ଜଣେ ବ୍ୟକ୍ତିଙ୍କୁ ଭବିଷ୍ୟତର ଦୀକ୍ଷା ଗୁରୁ ହିସାବରେ ଏବଂ ଅନ୍ତତଃ ପକ୍ଷେ ୬ ମାସ ପରେ ସେ ସେହି ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ବୈଷ୍ଣବ ଦୀକ୍ଷା ଗ୍ରହଣ କରିପାରନ୍ତି। ଏହା ବୁଝିବାକୁ ହେବ ଯେ ଶିକ୍ଷାର ଓ ଦୀକ୍ଷାର ଉଦ୍ଦେଶ୍ୟ ଇସ୍କନରେ ବୃଦ୍ଧି କରାଇଥାଏ ସେହି ଭକ୍ତ ଜଣଙ୍କ ସମ୍ବନ୍ଧଙ୍କୁ ଶ୍ରୀଲ ପ୍ରଭୁପାଦଙ୍କ ସହିତ ବିଶ୍ୱସ୍ତତା, ଆସକ୍ତି ଏବଂ ସ୍ନେହକୁ ନେଇ ।

ଯାହାଙ୍କଠାରୁ ଦୀକ୍ଷା ଗ୍ରହଣ କରିବା ନିଷ୍ପତ୍ତି ନେଲା ପରେ, ସେହି ଗୁରୁଙ୍କଠାରୁ ଅନୁମତି ଗ୍ରହଣ କରିବା ପରେ ଏବଂ ମନ୍ଦିର ଅଧ୍ୟକ୍ଷ କିମ୍ବା ସଂପୃକ୍ତ ଅଧିକାରୀଙ୍କୁ ଜଣାଇବା ପରେ ଦୀକ୍ଷାଶାୟୀ ବ୍ୟକ୍ତି ଜଣଙ୍କ ଗୁରୁଙ୍କର ଫଟୋ ରଖି ପୂଜା ଆରମ୍ଭ କରିବା ବାଞ୍ଛନୀୟ । ତାଙ୍କର ପ୍ରଣାମ ମନ୍ତ୍ର ଉଚ୍ଚାରଣ କରିବେ । ଦୀକ୍ଷା ଗୁରୁଙ୍କ ପ୍ରଣାମ ମନ୍ତ୍ର ଉଚ୍ଚାରଣ କରିବା ପରେ, ସମସ୍ତ ପ୍ରଶିଷ୍ୟ ଏବଂ ଭବିଷ୍ୟତ ପିଢ଼ୀମାନେ ପ୍ରାଥମିକ ଭାବରେ ଶ୍ରୀ ପ୍ରଭୁପାଦଙ୍କର ପ୍ରଣାମ ମନ୍ତ୍ର ଉଚ୍ଚାରଣ କରିବେ, ଯେତେବେଳେ ସେମାନେ ପ୍ରଣାମ ନିବେଦନ କରୁଛନ୍ତି, ଏହାର ଅର୍ଥ ପ୍ରତିଷ୍ଠାତା ଆଚାର୍ଯ୍ୟଙ୍କୁ ସମ୍ମାନ ପ୍ରଦାନ କରିବା । ବାସ୍ତବିକ ଦୀକ୍ଷା ସମ୍ଭବ ହୋଇଥାଏ, ଆଶଶୟୀ ଗୁରୁଙ୍କଠାରୁ ଏବଂ ମନ୍ଦିର ଅଧ୍ୟକ୍ଷଙ୍କ କିମ୍ବା ସଂପୃକ୍ତ ଅଧିକାରୀଙ୍କୁ ଜଣାଇବାର ମାତ୍ର ୬ ମାସ ପରେ ।

## ୧.୪ ଭକ୍ତମାନେ ମନ୍ଦିରରେ ବାସ କରୁଥିବେ

ଉପରୋକ୍ତ ଆବଶ୍ୟକତାକୁ ପରିପୂରଣ କରିବା ସଙ୍ଗେସଙ୍ଗେ ଭକ୍ତ ଯେ କି ମନ୍ଦିରରେ ବାସ କରୁଛନ୍ତି, ନିଶ୍ଚିତ ଭାବରେ ତାଙ୍କ ୧ ବର୍ଷୀୟା ପ୍ରସ୍ତୁତି ସମୟରେ, ନିୟମିତ ଭାବରେ ମନ୍ଦିରର ସକାଳ କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବେ ।

**୧.୫** ଭକ୍ତ ଯେ କି ବାହାରେ ରହୁଛନ୍ତି, ଯେ କି ମନ୍ଦିର ପରିସରରେ ରହୁ ନାହାନ୍ତି, ଯେଉଁମାନେ କି ସକାଳ କାର୍ଯ୍ୟକ୍ରମକୁ ଆସିପାରୁ ନାହାନ୍ତି, ହୁଏତ, ସେମାନେ ଦୀକ୍ଷିତ ହୋଇପାରିବେ । ଯଦି ସେମାନେ ସେମାନଙ୍କର ଘରେ ନିୟମିତ ସକାଳ କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବେ କିମ୍ବା ନାମହଟ୍ଟ କେନ୍ଦ୍ରରେ ମଧ୍ୟ ।

## ୧.୬. ପରୀକ୍ଷାରେ ଉତ୍ତୀର୍ଣ୍ଣ

ଜଣେ ଭକ୍ତ ପ୍ରଚଳିତ ପ୍ରଶ୍ନାନୁଯାୟୀ ଅନୁମୋଦିତ ହୋଇପାରେ ଏକ ନିର୍ଦ୍ଦିଷ୍ଟ ଆଧ୍ୟାତ୍ମିକ ଗୁରୁଙ୍କ ପାଦାଶ୍ରୟ ହେବା ପାଇଁ କିନ୍ତୁ ଯା' ପୂର୍ବରୁ ତାଙ୍କୁ ନିଶ୍ଚିତ ଭାବରେ ପ୍ରଦର୍ଶନ କରାଇବାକୁ ହେବ ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷା ଉପରେ ଆଧାରିତ ପ୍ରକୃତ ବୁଝାମଣାର ସଠିକତା ଏକ ମୌଖିକ ବା ଲିଖିତ ପରୀକ୍ଷାର ଉତ୍ତର ମାଧ୍ୟମରେ, ଯାହାକି ପରିଚାଳିତ ହୋଇଥିବ ମନ୍ଦିର ଅଧ୍ୟକ୍ଷ କିମ୍ବା ଅନ୍ୟ ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ଵାରା ।

ଅନ୍ୟ ଏକ ପରିସ୍ଥିତିରେ ଜଣେ ଶିଷ୍ୟ ପ୍ରାରମ୍ଭିକ ଭାବରେ ଜଣେ ଗୁରୁଙ୍କ ପାଦାଶ୍ରୟ ହେବାକୁ ଯଥାଯଥ ଅନୁମତି ପ୍ରାପ୍ତ ହୋଇଥିଲେ କିନ୍ତୁ ପରେ ଅନ୍ୟ ଏକ ଇସ୍କନ ଗୁରୁଙ୍କଠାରୁ ଆଶାୟୀ ହେଉଛନ୍ତି ଦୀକ୍ଷା ନେବା ପାଇଁ, ଏହି କ୍ଷେତ୍ରରେ ସେ ଆଞ୍ଚଳିକ ଅଧିକାରୀଙ୍କ ସହିତ ଏବଂ ଉଭୟ ଗୁରୁଙ୍କ ସହିତ ପୂର୍ଣ୍ଣ ଯୋଗାଯୋଗ କରିବା ବାଞ୍ଛନୀୟ । ଏହି ନୂତନ ଗୁରୁଙ୍କୁ ଗ୍ରହଣ କରିବା ପାଇଁ ୬ ମାସ ସମୟ ଦରକାର । ଆଶାୟୀ ବ୍ୟକ୍ତିଙ୍କ ପ୍ରଥମ ଦୀକ୍ଷା ଗ୍ରହଣ ପୂର୍ବରୁ ଗୁରୁ ନିଶ୍ଚିତ ଭାବରେ ଏକ ଲିଖିତ ଅନୁମୋଦନ ପତ୍ର ଗ୍ରହଣ କରିବା ବାଞ୍ଛନୀୟ । ଏକ ଉପଯୁକ୍ତ ଇସ୍କନ ଆଧ୍ୟାତ୍ମିକ ଅଧିକାରୀଙ୍କ ଠାରୁ, ଯାହାକି ଆଶାୟୀ ବ୍ୟକ୍ତି ପରିସ୍ଥିତିକୁ ସମୀକ୍ଷା କରି ।

## ଏକ ବର୍ଷ ବ୍ୟବଧାନ ପ୍ରଥମ ଦୀକ୍ଷା ଓ ଦ୍ଵିତୀୟ ଦୀକ୍ଷା ମଧ୍ୟରେ ରହିବା ବାଞ୍ଛନୀୟ

ଦ୍ଵିତୀୟ ଦୀକ୍ଷା ଗ୍ରହଣ କରିବା ପାଇଁ ଯୋଗ୍ୟ ସଂପନ୍ନ ହେବାକୁ ହେଲେ, ପ୍ରଥମ ଦୀକ୍ଷିତ ଭକ୍ତ ନିଶ୍ଚିତ ରହିବା କଡ଼ାକଡ଼ି ଉପଯୁକ୍ତ ଭାବରେ ଆଧ୍ୟାତ୍ମିକ ସେବାରେ ପ୍ରତ୍ୟେହ ୧୬ ମାଳା ଜପ ବିନା ବନ୍ଦରେ ଏବଂ ୪ଟି ନିୟମ କଡ଼ାକଡ଼ି ଭାବରେ ପାଳନ କରୁଥିବେ ଏକ ବର୍ଷ ଧରି ପ୍ରଥମ ଦୀକ୍ଷାର ଆରମ୍ଭ ଦିନଠାରୁ । ତା' ସାଙ୍ଗକୁ ବ୍ୟକ୍ତି ଜଣକ ନିୟମିତ ଭାବରେ ସକଳ କାର୍ଯ୍ୟ କ୍ରମରେ ଯୋଗଦାନ କରୁଥିବେ, ମନ୍ଦିରରେ ହେଉ କିମ୍ବାପ୍ରଚାର କେନ୍ଦ୍ରରେ ହେଉ, କିମ୍ବା ନାମହଟ୍ଟ କେନ୍ଦ୍ରରେ ହେଉ କିମ୍ବା ଘରେ ହେଉ ।

## ୨ ବର୍ଷ ପ୍ରତୀକ୍ଷାରେ ଯେଉଁମାନେ ସଂପୂର୍ଣ୍ଣ ବିଫଳ

ଜଣେ ଭକ୍ତ, ପ୍ରଥମ ଦୀକ୍ଷା ଗ୍ରହଣ କରିବା ପରେ, ଆଧ୍ୟାତ୍ମିକ ସ୍ଥିତିରୁ ନିମ୍ନକୁ ଆସି ଅବହେଳା ପ୍ରଦର୍ଶନ କରି କିମ୍ବା ସଂପୂର୍ଣ୍ଣ ରୂପେ ଦୀକ୍ଷାକାଳୀନ ଶପଥକୁ ତ୍ୟାଗ କରି ଦେଲା କିମ୍ବା ଦୀର୍ଘ ଦିନ ଧରି ଇସ୍କନ ଭକ୍ତମାନଙ୍କ ସଙ୍ଗ ନକଲା, ପୁଣି ସେ ପୂର୍ବ ଅବସ୍ଥାକୁ ଫେରି ଆସିବାର ପରେ ଅତିନ୍ୟୁନ ୨ ବର୍ଷ ପ୍ରତୀକ୍ଷା କରିବାକୁ ପଡ଼ିବ, ଦ୍ୱିତୀୟ ଦୀକ୍ଷା ନେବା ପୂର୍ବରୁ।

## ପରୀକ୍ଷା ଇଚ୍ଛାଧୀନ— ଦୀକ୍ଷା ପ୍ରଦାନକାରୀ ଗୁରୁଙ୍କର

ଦୀକ୍ଷା ପ୍ରଦାନକାରୀ ଗୁରୁଙ୍କ ଏହା ଏକ ଦାୟିତ୍ୱ ଯେ ବ୍ରାହ୍ମଣ ଦୀକ୍ଷା ଆଶାୟୀ ଶିଷ୍ୟଙ୍କର ଉପଯୁକ୍ତ ସାଧୁତା ନିର୍ଣ୍ଣୟ କରିବା । ଏଥିପାଇଁ ସେ ହୁଏତ ଦରକାର କରିପାରନ୍ତି ଶିଷ୍ୟ ପାଇଁ ଏକ ଉପଯୁକ୍ତ ପରୀକ୍ଷାରେ ସଫଳତା ।

## ୪.୨.୬  ଦ୍ୱିତୀୟ ଦୀକ୍ଷା ପାଇଁ ଆନୁଷ୍ଠାନିକ ଅନୁମୋଦିତ ଅନୁମୋଦନ

ଦ୍ୱିତୀୟ ଦୀକ୍ଷାଶାୟୀଙ୍କ ଗୁରୁ ଦ୍ୱିତୀୟ ଦୀକ୍ଷା ପାଇଁ ନିଶ୍ଚିତ ଭାବରେ ଏକ ଲିଖିତ ଅନୁମୋଦନ ଗ୍ରହଣ କରିବେ ଉପଯୁକ୍ତ ଇସ୍କନ ଅଧିକାରୀଙ୍କଠାରୁ । ସେହି ଉପଯୁକ୍ତ ଅଧିକାରୀ ନିରୂପିତ କରିବେ ସେହି ଗୋଟିଏ ପଦ୍ଧତି, ଯାହା ପ୍ରଥମ ଦୀକ୍ଷା ପାଇଁ ପ୍ରୟୋଜନ ଥିଲା।

## ୭.୨.୪  ଦୀକ୍ଷା କେବଳ ଅନୁମୋଦିତ ଗୁରୁଙ୍କଠାରୁ

ଇସ୍କନର ସଭ୍ୟ ଯେ କି ଇସ୍କନର ଆଇନକୁ ଅମାନ୍ୟ କରି ଦୀକ୍ଷା ଗ୍ରହଣ କରିବେ ଜଣେ ଗୁରୁଙ୍କଠାରୁ ଯେ କି ଇସ୍କନ ଦ୍ୱାରା ଅନୁମୋଦିତ ହୋଇ ନାହାନ୍ତି, ସେମାନେ ଅନୁମତି  ପାଇବେ ନାହିଁ ଇସ୍କନରେ ସେବାଦାନ କରିବା ପାଇଁ । ଯଦି ଜଣେ ଅନୁମୋଦିତ ଗୁରୁଙ୍କର ଇସ୍କନ ବାହାରେ ଆଶ୍ରମ ବା ସଂସ୍ଥା ଅଛି, ତାହାଲେ, ଆଚାରଣ ବିଧି ଅନୁଯାୟୀ, ତାଙ୍କ ଶିଷ୍ୟ ସେହି ସଂସ୍ଥାରେ ସେବା କରିବ, କିନ୍ତୁ ଇସ୍କନରେ ନୁହେଁ । (ଏହି ନିୟମଟି ପ୍ରୟୋଗ କରାଯିବ ନାହିଁ, ସେହିମାନଙ୍କ ପାଇଁ ଯେଉଁମାନେ କି ଦୀକ୍ଷିତ ଇସ୍କନର ସଭ୍ୟ ହେବା ପୂର୍ବରୁ)

ଯାହା ହେଉନା କାହିଁକି, ଜିବିସି କର୍ତ୍ତୃପକ୍ଷ ମଧ୍ୟ ଅବଗତ ହେବା ଦରକାର ଯେ ଏହି ସାଧାରଣ ନିୟମର ମଧ୍ୟ ବ୍ୟତିକ୍ରମ ଅଛି ।

ସର୍ବୋତ୍ତ ଭାବରେ, ଆଞ୍ଚଳିକ ଇସ୍କନ ଅଧିକାରୀମାନଙ୍କ ଅଧିକାର ଅଛି ନିର୍ଦ୍ଦିଷ୍ଟକରଣ କରିବା ପାଇଁ ହୁଏତ ସେହି ବ୍ୟକ୍ତି ଇସ୍କନରେ ବାସ କରିବେ କିମ୍ବା କେନ୍ଦ୍ରରେ ସେବା କରିବେ ସଂପୃକ୍ତ ଇଲାକାରେ ଥିବା କେନ୍ଦ୍ରରେ । ଉପରୋକ୍ତ ସଂପୃକ୍ତ ବିଷୟ ସତ୍ତ୍ୱେ ସେମାନଙ୍କ ସଦ୍‌ଭାବନା ଅନୁଯାୟୀ ସେମାନେ ହୁଏତ ବାଛି ପାରନ୍ତି, କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ଅବରୋଧ କରିବା ପାଇଁ ଇସ୍କନର ପରାମର୍ଶ ନେଇ ।

## ପ୍ରାରମ୍ଭିକ ଦୀକ୍ଷା ଅପ୍ରମାଣିକ ଗୁରୁଙ୍କ ଦ୍ୱାରା

ବ୍ୟକ୍ତି ଯେ କି ଅପ୍ରମାଣିକ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିଛନ୍ତି, ଇସ୍କନ ସଭ୍ୟ ହେବା ପୂର୍ବରୁ, ସେମାନେ ନିଶ୍ଚିତ ଜୀବ ଗୋସ୍ୱାମୀଙ୍କ ପ୍ରଣୀତ ଧାରାକୁ ଅନୁସରଣ କରିବେ, କୁଳ ପୁରୋହିତ ଯେ କି ଗୁରୁ ହିସାବରେ କାର୍ଯ୍ୟ କରନ୍ତି, ତ୍ୟାଗ କରିବାକୁ ପଡ଼ିବ ଏବଂ ଉପଯୁକ୍ତ ପ୍ରାମାଣିକ ଗୁରୁଙ୍କୁ ଗ୍ରହଣ କରିବା ଉଚିତ୍ ।

## ୭.୩ ନିର୍ଦ୍ଦେଶାବଳୀ ୭.୩.୧ ଅନଧିକାର 'ଦୀକ୍ଷା' ଉତ୍ସବ

କୌଣସି କ୍ଷେତ୍ରରେ ଯେଉଁଠାରେ ଉପଯୁକ୍ତ ଗୁରୁ-ଶିଷ୍ୟ ସମ୍ବନ୍ଧ ସଠିକ୍ ଭାବରେ ଅନୁମୋଦନ ଲାଭ କରି ନାହିଁ, ଇସ୍କନ୍ ନିୟମର ଧାରାନୁଯାୟୀ, କୌଣସି ଇସ୍କନ୍ ସଭ୍ୟ ନିଯୁକ୍ତି ହେବେ ନାହିଁ, କୌଣସି ପ୍ରକାରର ଦୀକ୍ଷା ଉତ୍ସବର, ଯଥା- ଆଧ୍ୟାତ୍ମିକ ନାମ କରଣରେ, ଜପ ମାଳା ପ୍ରଦାନରେ, କଣ୍ଠିମାଳା ପ୍ରଦାନରେ, କିମ୍ବା ଉତ୍ସବରେ ଅଂଶ ଗ୍ରହଣ କରିବାରେ କିମ୍ବା କର୍ମକାଣ୍ଡୀୟ ପ୍ରତିଶ୍ରୁତିରେ, – ସଂଖ୍ୟାରେ କିମ୍ବା ବହୁ ସଂଖ୍ୟାରେ - ଅନ୍ୟ ଇସ୍କନ୍ ଭକ୍ତମାନଙ୍କ ସହିତ କିମ୍ବା ଏକତ୍ରିତ ଭାବରେ, ପ୍ରଦତ୍ତ କିମ୍ବା ଅପ୍ରଦତ୍ତ ଉଦ୍ଦେଶ୍ୟ ସହିତ କିମ୍ବା ସାଦୃଶ୍ୟ ମନୋଭାବ ସୃଷ୍ଟି କରିବାରେ ଗୁରୁ-ଶିଷ୍ୟ ସଂପର୍କ ସମ୍ବନ୍ଧରେ ।

F ଯେତେବେଳେ ଏହିସବୁ ଅନଧିକାର କାର୍ଯ୍ୟକଳାପ ସମାପନ ହେଉଥିବ ।

(କ) ସମସ୍ତ ଅଂଶ ଗ୍ରହଣକାରୀମାନେ ଅବଗତ କରାଇବା ଉଚିତ୍ ଯେ କୌଣସି ଦୀକ୍ଷା ହୋଇ ନାହିଁ, କିମ୍ବା କୌଣସି ଦୀକ୍ଷା ଶପଥ ସଂଗଠିତ ହୋଇ ନାହିଁ ।

(ଖ) କନିଷ୍ଠ ଅଧିକାରୀ ଭକ୍ତ ଜଣକ ଏହି କାର୍ଯ୍ୟ ନିର୍ବାହରେ ଅନ୍ୱେଷଣ କରିବା ଉଚିତ୍ ଜଣେ ଅଧିକାରୀ ଗୁରୁଙ୍କ ସହ ସମ୍ବନ୍ଧ କିପରି ହେବ, ଯାହାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରହୁଥିବ ।

## ୮.୨.୧.୫ ଅନ୍ତେଃବାସୀ ଭକ୍ତ ସମୂହ ସାଧାରଣତଃ ଇସ୍କନରେ ଦୀକ୍ଷିତ ହେବେ

ଭକ୍ତମାନେ ଯେଉଁମାନେ କି ଇସ୍କନରେ ବାସ କରୁଛନ୍ତି ଏବଂ ସେବା ପ୍ରଦାନ କରୁଛନ୍ତି, ନିଶ୍ଚିତ ଭାବରେ ସେମାନେ ଇସ୍କନରୁ ଦୀକ୍ଷା ଗ୍ରହଣ କରିବେ, ଯଦିବା କେହି ପୂର୍ବରୁ କୌଣସି ଏକ ପ୍ରାମାଣିକ ସଂପ୍ରଦାୟଭୁକ୍ତ ଏବଂ ଯେ କି ପରେ ଚାହୁଁଛନ୍ତି ଇସ୍କନରେ ଯୋଗଦାନ କରିବା ପାଇଁ ଏବଂ ସେବା ପ୍ରଦାନ କରିବା ପାଇଁ ଇସ୍କନରେ, ତେବେ ସେମାନଙ୍କୁ ଅନୁମତି ଓ ନିର୍ଦ୍ଦେଶ ନେବାକୁ ପଡ଼ିବ ଆଞ୍ଚଳିକ ଜିବିସିଙ୍କ ଠାରୁ ।

## ୧୫.୪.୧ କଙ୍ଗ୍ରିଗେସନାଲ ଭକ୍ତଗଣଙ୍କ ଦୀକ୍ଷା

କଙ୍ଗ୍ରିଗେସନାଲ ସଭ୍ୟମାନେ ମଧ୍ୟ ଏହି ଉପରୋକ୍ତ ନିୟମାନୁଯାୟୀ ଦୀକ୍ଷା ଗ୍ରହଣ କରିବେ, ଯେଉଁ ପ୍ରଥା ପ୍ରଚଳନ ହୋଇଅଛି, ଇସ୍କନ୍ ଆଇନ ଦୀକ୍ଷା ସମ୍ବନ୍ଧରେ ଏବଂ ଗୁରୁ ଗ୍ରହଣ ସମ୍ବନ୍ଧରେ । ଇସ୍କନ୍ ଆଇନ ସୂଚୀତ କରୁଛି ଯେ ଆଞ୍ଚଳିକ ମନ୍ଦିର କିମ୍ବା ଆଞ୍ଚଳିକ ଅଧିକାରୀମାନେ ନିଶ୍ଚିତ ଭାବରେ କଂଗ୍ରିଗେସନାଲ ପ୍ରାର୍ଥୀମାନଙ୍କୁ ଅନୁମୋଦନ ପ୍ରଦାନ କରନ୍ତୁ । ଯାହାହେଉ ନା କାହିଁକି ଏଗୁଡ଼ିକ ପୂର୍ବ ପରି ହେବା ଦରକାର ଅନ୍ୟ ଯୋଗ୍ୟ ଭକ୍ତମାନଙ୍କ ପରି । ଯଦିଓ ଜଣେ ଆଞ୍ଚଳିକ ଅଧିକାରୀଙ୍କ ହୃଦ୍‌ବୋଧ ଯେ ଭକ୍ତ ଜଣଙ୍କ ଉପଯୁକ୍ତ ନୁହନ୍ତି, ଦୀକ୍ଷା ନେବା ପାଇଁ, ତାହାହେଲେ ଆଶାୟୀ ବ୍ୟକ୍ତି ଜଣଙ୍କ ଇସ୍କନ ନିୟମ ଅନୁଯାୟୀ କ'ଣ କ'ଣ କରିବାକୁ ହେବ ଦୀକ୍ଷା ନେବା ପାଇଁ, ତାହା ତାଙ୍କୁ ଜଣାଇଦେବା ବାଞ୍ଛନୀୟ । ଏହା ସଂପୂର୍ଣ୍ଣ ନିର୍ଦ୍ଦେଶ ଯେ ସେହି ବ୍ୟକ୍ତି ଜଣକ ଏକ ଆର୍ଥିକ ଚୁକ୍ତି କିମ୍ବା ଦାନ କିମ୍ବା ଅନ୍ୟ କୌଣସି ଦରକାରୀ ଦ୍ରବ୍ୟ ପ୍ରତିବଳରେ ଦୀକ୍ଷା ନେବ, ଯାହା ପ୍ରଭୁପାଦ କିମ୍ବା ଇସ୍କନ ଆଇନ ଦ୍ୱାରା ସଂପୂର୍ଣ୍ଣ ନିଷେଦ୍ଧ । ଯାହା ପୂର୍ବରୁ ଇସ୍କନ୍ ଆଇନରେ ବର୍ଣ୍ଣିତ, ଜଣେ ଗୁରୁ ବିନା ବାଧତାରେ ଜଣେ ଶିଷ୍ୟକୁ ଦୀକ୍ଷା ଦେବେ କାରଣ ସେ ଉପଯୁକ୍ତ ଅନୁମତି ପ୍ରାପ୍ତ ।

# ପରିଶିଷ୍ଟ-୬ : ପତିତ 'ଗୁରୁ'ଙ୍କୁ ତ୍ୟାଗ (ଇସ୍କନ୍ ଆଇନ୍)

**ବିଶେଷ ଦ୍ରଷ୍ଟବ୍ୟ :**

ନିମ୍ନ ପ୍ରଚଳିତ ନିୟମଗୁଡ଼ିକ ଶ୍ରୀକୃଷ୍ଣ-ଭଜନାମୃତ, ନରହରି ସରକାରଙ୍କ ଲିଖିତ (ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପାର୍ଷଦ), ଜୀବ ଗୋସ୍ୱାମୀଙ୍କ ଭକ୍ତି ସନ୍ଦର୍ଭ ଏବଂ ଭକ୍ତି ବିନୋଦ ଠାକୁରଙ୍କ ଜୈବ ଧର୍ମ, ତା' ସାଙ୍ଗକୁ ଶ୍ରୀ ଏ.ସି. ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁ ପାଦଙ୍କ ଲେଖା ସମୂହକୁ ନେଇ ଆଧାରିତ ।

### ୬.୫.୧.୧ କେତେବେଳେ ଜଣେ ପତିତ ଗୁରୁ ହୁଏତ ତ୍ୟାଜ୍ୟ

ଯଦି ଏହା ସ୍ଥିର ନିଶ୍ଚିତି ହୁଏ ଜଣେ ଗୁରୁଙ୍କର ସ୍ୱୀୟ ସ୍ୱୀକାର ଉକ୍ତିରୁ କିମ୍ବା ଅକାଟ୍ୟ ସାକ୍ଷ୍ୟ ପ୍ରମାଣ ଦ୍ୱାରା ଗୁରୁଜଣଙ୍କ ପତିତ ବୋଲି ଦୀକ୍ଷା ସମୟରେ  ତେବେ ଶିଷ୍ୟ ଉପଯୁକ୍ତ କାରଣରୁ ସେହି ଗୁରୁଙ୍କୁ ତ୍ୟାଗ କରିବେ ଏବଂ ପୁନଃ ଦୀକ୍ଷିତ ହେବେ  ଆଉ ଜଣେ ପ୍ରାମାଣିକ ଆଧାତ୍ମିକ ଗୁରୁଙ୍କ ନିକଟରୁ ।

### ୬.୫.୧.୨ କେତେବେଳେ ଜଣେ ପତିତ ଗୁରୁ ନିଶ୍ଚିତ ଭାବେ ତ୍ୟାଜ୍ୟ

୬.୫.୧.୨.୧ ଆଶାର ବହିର୍ଭୂତ ଅବସ୍ଥାରେ ଜଣେ ଗୁରୁ ଇନ୍ଦ୍ରିୟ ପ୍ରୀତିବିଧାନରେ ଲିପ୍ତ ହେଲେ, ଯଦି ଜଣେ ଗୁରୁ ଆଶାର ବହିର୍ଭୂତ ଅବସ୍ଥାରେ ଇନ୍ଦ୍ରିୟ ପ୍ରୀତି ବିଧାନରେ ଲିପ୍ତ ରୁହନ୍ତି ଏବଂ ଏହା ମଧ୍ୟ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଦ୍ୱାରା ସାବ୍ୟସ୍ତ ହୁଏ କିମ୍ବା ସେ ନିଜେ ସ୍ୱୀକାର କରନ୍ତି ଯେ ସେ ନିୟମିତ ଭାବରେ କୃଷ୍ଣଚେତନାର ଚାରୋଟି ନିୟମଗୁଡ଼ିକୁ ଉଲ୍ଲଙ୍ଘନ କରୁଛନ୍ତି ଏବଂ କାର୍ଯ୍ୟତଃ ସଂଶୋଧନର ଆଶା ନଥାଏ, ତେବେ ଜଣେ ଶିଷ୍ୟ ତାଙ୍କୁ ତ୍ୟାଗ କରିବେ ଏବଂ ହୁଏତ ପୁନଃ ଦୀକ୍ଷା ଗ୍ରହଣ କରିପାରେ ।

୬.୫.୧.୨ ଆସୁରୀ ସଂପନ୍ନ ଗୁଣ ଗ୍ରହଣ କରନ୍ତି, ଯଦି ଆଧାତ୍ମିକ ଗୁରୁ ଆସୁରୀ ସଂପନ୍ନ ଗୁଣ ଗ୍ରହଣ କରନ୍ତି ଏବଂ ଇସ୍କନର ଶତ୍ରୁ ହୋଇ ଯାଆନ୍ତି, ସେ ନିଶ୍ଚିତ ତାଜ୍ୟ ଏକ ଶିଷ୍ୟ ହୁଏତ ପୁନଃ ଦୀକ୍ଷା ଗ୍ରହଣ କରିପାରନ୍ତି ।

### ୬.୫.୧.୩ କେତେବେଳେ ପତିତ ଗୁରୁ ତ୍ୟାଜ୍ୟ ନୁହେଁ

ଯଦି ଜଣେ ଗୁରୁ ଇନ୍ଦ୍ରିୟ ପ୍ରୀତି ବିଧାନରେ ରତ ହୁଅନ୍ତି, ଏକରୁ ଅଧିକ ନିୟମକୁ ଉଲ୍ଲଙ୍ଘନ କରନ୍ତି, କିନ୍ତୁ ନିଜକୁ ସଂଶୋଧନ କରିବାର ଆଶା ଥାଏ, ତେବେ ଜଣେ ଶିଷ୍ୟ ତାଙ୍କୁ ତ୍ୟାଗ କରିବା ଉଚିତ୍ ନୁହେଁ, କିନ୍ତୁ ତାଙ୍କୁ ସମୟ ଦେବା ଉଚିତ୍ ସଂଶୋଧିତ ହେବା ପାଇଁ ଏବଂ ଶିଷ୍ୟମାନେ ସେହି ସମୟରେ ଶ୍ରୀଲ ପ୍ରଭୁପାଦଙ୍କ ଆଶ୍ରିତ ହୋଇ ରହିବା ଉଚିତ୍ ଏବଂ ବୟୋଜ୍ୟେଷ୍ଠ ବୈଷ୍ଣବଙ୍କଠାରୁ ଶିକ୍ଷା ଗ୍ରହଣ କରିବା ଉଚିତ୍ ।

### ୬.୫.୧.୪ କେତେବେଳେ ଜଣେ ପ୍ରଲମ୍ବିତ ଗୁରୁ ହୁଏତ ତ୍ୟାଜ୍ୟ (Suspended) ହୋଇପାରନ୍ତି ।

ଜଣେ ପ୍ରଲମ୍ବିତ (Suspended) ଗୁରୁଙ୍କ ଶିଷ୍ୟ, ତାଙ୍କ ଉପରୁ ତା'ର ବିଶ୍ୱାସ ହରାଇଲାଣି, କିମ୍ବା ଶିଷ୍ୟ ଜଣକ ଗୁରୁଙ୍କ ପ୍ରତି ଅପରାଧମୂଳକ ମନୋବୃତ୍ତି ଆରମ୍ଭ କଲାଣି କିମ୍ବା ସେ ଆଉ ତାଙ୍କୁ ପୁନଃ ପ୍ରତିଷ୍ଠା କରିପାରୁ ନାହାନ୍ତି, ଏପରି ବହୁବାର ଶ୍ରବଣ କରି ମଧ୍ୟ ବହୁ ଶିକ୍ଷା ବାବଦରେ, ହୁଏତ ସେ ସେହି ଗୁରୁଙ୍କଠାରୁ ଅନୁମତି ନେଇ ଅନ୍ୟ ଦୀକ୍ଷା ଗୁରୁ ଗ୍ରହଣ କରିପାରନ୍ତି । ଭକ୍ତ ଜଣକ ଏହି କାର୍ଯ୍ୟକୁ ସ୍ଥାନୀୟ ଜିବିସିଙ୍କ ପ୍ରତିନିଧିଙ୍କ ସହିତ ପରାମର୍ଶ କରିପାରନ୍ତି । ଯଦି ପ୍ରଲମ୍ବିତ ଗୁରୁ ଅନୁମତି ଦିଅନ୍ତି ନାହିଁ, ସେ ସେହି କ୍ଷେତ୍ରରେ ଶିଷ୍ୟ ଜଣଙ୍କ ଜିବିସି କର୍ତ୍ତୃପକ୍ଷଙ୍କ ଆଦେଶ ଅନୁସରଣ ହୁଏତ କରିପାରନ୍ତି ।

### ୬.୫.୧.୫ ଗୁରୁ ଆଶ୍ରୟ ପାଇଁ ପରାମର୍ଶ

ଭକ୍ତ, ଯାହାଙ୍କ ଦୀକ୍ଷିତ ଗୁରୁ ପତିତ ହୋଇ ଯାଇଛନ୍ତି, ସେ ପରାମର୍ଶ ନେବା ଉଚିତ୍ ଜିବିସି ଦ୍ୱାରା ପ୍ରଣୟନ କରାଯାଇଥିବା ନିୟମାବଳୀ ଯାହାକି ଗୁରୁ ଆଶ୍ରୟ ଏବଂ ପୁନଃ ଦୀକ୍ଷା ପାଇଁ ପ୍ରଶ୍ନୋତ୍ତର ନାମରେ ନାମାଙ୍କିତ । ଏଗୁଡ଼ିକ ଉପସ୍ଥାପନା କରନ୍ତି ଇସ୍କନର ପରାମର୍ଶ ଧାରା ସମୂହ ଶିକ୍ଷା ଗୁରୁଙ୍କ ଭୂମିକା ଏବଂ ଆଧାତ୍ମିକ ଗୁରୁ ପାଦାଶ୍ରୟର ବିଶେଷତାକୁ ନେଇ ।

## ପରିଶିଷ୍ଟ-୭

# ଇସ୍କନ କର୍ତ୍ତୃପକ୍ଷ ଧାରାର ସଂହତି ସାଧନ

## ଜିବିସି କାର୍ଯ୍ୟାଳୟ ଶାସନ କୌଶଳ ଦଲିଲ

ଏହି ପ୍ରବନ୍ଧର ଆଲୋଚ୍ୟ ବିଷୟ ହେବ କେବଳ ମାତ୍ର ସେହି ନିତିଗୁଡ଼ିକର ନିର୍ଦ୍ଧାରଣ କରିବାରେ ଯେଉଁଗୁଡ଼ିକ କି ଇସ୍କନ ଦୀକ୍ଷାଗୁରୁ, ଶିକ୍ଷାଗୁରୁ, ଦୀକ୍ଷା ଓ ଶିକ୍ଷା ଗୁରୁଙ୍କ ଅଧୀନ ଶିଷ୍ୟବର୍ଗ, ଇଲ୍ଲାକା ଅନୁଯାୟୀ ଜିବିସି, ଆଞ୍ଚଳିକ ସଚିବ, ମନ୍ଦିର ଅଧକ୍ଷ ଏବଂ ଇସ୍କନ ଅନୁମୋଦିତ ଅନ୍ୟାନ୍ୟ ପରିଚାଳକ ଗୋଷ୍ଠୀ– ସମସ୍ତେ ଏହିସବୁ ମାନି ଚାଲିବା ଉଚିତ୍ । ଏହାର ଉଦ୍ଦେଶ୍ୟ ହେଉଛି ଗୁରୁବର୍ଗ ଓ ପରିଚାଳକ ବର୍ଗଙ୍କ ମଧ୍ୟରେ ଭୁଲ ବୁଝାମଣାର ପ୍ରତିରୋଧକ ଗଢ଼ି ତୋଳିବା ଏବଂ ସେମାନଙ୍କର ଯୁଗ୍ମ ତତ୍ତ୍ୱାବଧାନରେ ଅଧୀନ ଭକ୍ତମାନଙ୍କ ଉପରେ ଏଇ ସମ୍ଭାବ୍ୟ ଭୁଲ ବୁଝାମଣାର ପ୍ରଭାବକୁ ପ୍ରଶମିତ କରାଇ ଦେବା ।

### ପରମାର୍ଥିକ ଗୁରୁ ଅର୍ଥ ଦୀକ୍ଷାଗୁରୁ ଓ ଶିକ୍ଷାଗୁରୁ ଉଭୟ

ଏହା ଅବଧାନ ଯୋଗ୍ୟ ଯେ ବର୍ତ୍ତମାନ ଯଦି ଏହା ଉଲ୍ଲେଖ କରାନହୁଏ, ତାହାହେଲେ ଯେତେବେଳେ ଆମ୍ଭମାନଙ୍କର 'ଗୁରୁଦେବ' ଶବ୍ଦଟିକୁ ବ୍ୟବହାର କରିବ ସେତେବେଳେ ଆମ୍ଭମାନଙ୍କର ଦୀକ୍ଷାଗୁରୁ ଏବଂ ଶିକ୍ଷା ଗୁରୁ ଉଭୟଙ୍କୁ ନିର୍ଦ୍ଦେଶ କରିବା (ଯେଉଁ ସମସ୍ତ ପରିଚାଳକମାନେ ଗୁରୁ ଭୂମିକାରେ ଅଛନ୍ତି ସେମାନଙ୍କୁ ମଧ୍ୟ ନିର୍ଦ୍ଦେଶ କରିବା) ଅତିରିକ୍ତ ଯେତେବେଳେ ଆମ୍ଭେମାନେ 'ପରମାର୍ଥିକ କର୍ତ୍ତୃପକ୍ଷ' ଶବ୍ଦଟିକୁ ବ୍ୟବହାର କରିବୁ ସେତେବେଳେ ଆମ୍ଭେମାନେ ଯେ କାହାକୁ (ଗୁରୁ ଅଥବା ପରିଚାଳକଙ୍କୁ) ଯାହାଙ୍କର ନିର୍ଦ୍ଦେଶ (ଶିକ୍ଷାଗୁରୁ) ଏବଂ ଦୃଷ୍ଟାନ୍ତ ଭକ୍ତମାନଙ୍କ ହୃଦୟରେ ଭକ୍ତିମୂଳକ ସେବା ପ୍ରତି ଶ୍ରଦ୍ଧା ଓ ବିଶ୍ୱାସର ଭିତ୍ତିକ ସ୍ଥାପନ କରିଛି ଏବଂ ଯିଏ ଏବେ ମଧ୍ୟ ସେହି ଭକ୍ତର ବିଶ୍ୱାସର ଭିତ୍ତି ନିର୍ମାଣ କରି ଚାଲିଛନ୍ତି ।

### ଇସ୍କନର ଆଭ୍ୟନ୍ତରୀଣ କର୍ତ୍ତୃପକ୍ଷ

ଏହି ପ୍ରବନ୍ଧଟି ଇସ୍କନ ପରିଚାଳନା ବ୍ୟବସ୍ଥା ସଂପର୍କରେ କୌଣସି ବିସ୍ତାରିତ ବା ସୁନିର୍ଦ୍ଧାରିତ ବିଶ୍ଳେଷଣ ନୁହେଁ, ଅଥବା ଗୁରୁତତ୍ତ୍ୱ ସଂପର୍କରେ ବିସ୍ତାରିତ କୌଣସି ବିଶ୍ଳେଷଣ ନୁହେଁ, ଅର୍ଥାତ୍ ଗୁରୁଙ୍କର ପ୍ରୟୋଜନୀୟ ଯୋଗ୍ୟତା ଏବଂ ଗୁରୁ ଚୟନ ସମ୍ବନ୍ଧୀୟ କୌଣସି ବିଶ୍ଳେଷଣ ଏଥିରେ ନାହିଁ ।

ଏହି ପ୍ରବନ୍ଧର ମୂଳ ଆଲୋଚ୍ୟ ବିଷୟ ହେଉଅଛି : ଯେ କୌଣସି ଭକ୍ତ, ସେ ଦୀକ୍ଷା ଗୁରୁ ହୁଅନ୍ତୁ ନା କାହିଁକି ? ସନ୍ନ୍ୟାସୀ, ଜିବିସି, ଇଲାକା ଭିତ୍ତିକ ସଚୀବ, ଆଞ୍ଚଳିକ ସଚିବ, ମନ୍ଦିର ଅଧକ୍ଷ, ମନ୍ଦିର ବାହାରେ ବସବାସ କରୁଥିବା ଭକ୍ତ ଗୋଷ୍ଠୀ ମୁଖିଆ କିମ୍ବା ଇସ୍କନ ଆଭ୍ୟନ୍ତରରେ ଯେକୌଣସି ପ୍ରକାରର କର୍ତ୍ତୃତ୍ୱ ବା ପଦପଦବୀ ନେଇ ରୁହନ୍ତୁ ନା କାହିଁକି, ତାଙ୍କର କର୍ତ୍ତୃତ୍ୱ ବା ପଦପଦବୀ ସେହି ସମୟ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଯେଉଁ ସମୟ ପର୍ଯ୍ୟନ୍ତ ଜିବିସି ନେତୃବୃନ୍ଦଙ୍କ ଅଧୀନରେ ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷାନୁସାରେ ଇସ୍କନରେ ସେ ସେବାଦାନ କରୁଛନ୍ତି । ଏହି ସିଦ୍ଧାନ୍ତକୁ ସ୍ଥାପନ କରିବାକୁ ହେଲେ ଆମ୍ଭମାନଙ୍କର ମନେହୁଏ କୃଷ୍ଣକୃପା ଶ୍ରୀମୂର୍ତ୍ତି ଶ୍ରୀଲ ପ୍ରଭୁପାଦ ଯେଉଁ ଭାବରେ ତାଙ୍କର ଶିକ୍ଷାର ଅବିରାମ ଏବଂ ସୁସ୍ପଷ୍ଟ ଭାବରେ ଏହି ନିତିକୁ ସ୍ଥାପନ କରିଛନ୍ତି ଏବଂ ଯେଉଁ ସମସ୍ତ ଦଲିଲରେ ସେ ସ୍ୱୟଂ ସ୍ୱାକ୍ଷର କରିଛନ୍ତି, ସେହିସବୁ ବିଷୟରେ ଗୁରୁତ୍ୱ ଆରୋପ କରିବା ବ୍ୟତୀତ ଆମ୍ଭମାନଙ୍କର ଆଉ କିଛି କରିବାର ପ୍ରୟୋଜନ ହେବ ନାହିଁ । ଶ୍ରୀଲ

ପ୍ରଭୁପାଦ ଏହି ଭାବରେ ସ୍ପଷ୍ଟ ରୂପେ ଜିବିସିଙ୍କୁ ଚୂଡ଼ାନ୍ତ ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷ ରୂପେ ଅବସ୍ଥାପିତ କରିଅଛନ୍ତି ଏବଂ ଏକଥା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଇସ୍କନର ଯେଉଁ ସମସ୍ତ ଭକ୍ତମାନେ ଗୁରୁ ରୂପେ ସେବାଦାନ କରୁଛନ୍ତି ସେମାନଙ୍କ ସହ ସମଗ୍ର ଇସ୍କନ ସମସ୍ତ ଭକ୍ତମାନଙ୍କୁ ଶିକ୍ଷା ପ୍ରଦାନ କରିବାର ଦାୟିତ୍ୱ ଜିବିସିର ପ୍ରକ୍ରିୟାଭୁକ୍ତ ।

**ସାମ୍ବାଦିକ :** ଆପଣଙ୍କ ଆନ୍ଦୋଳନର ପ୍ରଧାନଶିକ୍ଷକ ଭାବରେ ଆପଣଙ୍କ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ କାହାକୁ ମନୋନୟନ ହୋଇ ଅଛି କି ?

**ଶ୍ରୀଲ ପ୍ରଭୁପାଦ :** ମୁଁ କେତେ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଅଛି । ଅର୍ଥାତ୍ କିଛି ଅଗ୍ରଣୀ ଶିଷ୍ୟମାନଙ୍କୁ । ତେଣୁ ହୁଏ ତ ସେମାନେ ଖୁବ୍ ସହଜରେ ଏହାକୁ ନିର୍ବାହ କରିପାରିବେ । ମୁଁ ମଧ୍ୟ ଜିବିସି ସଂଗଠନ କରିଅଛି । 1*

ଅନ୍ୟ ଭାଷାରେ ଜିବିସି ହେଉଛନ୍ତି ସର୍ବୋଚ୍ଚ ପରିଚାଳନା କର୍ତ୍ତୃପକ୍ଷ ଇସ୍କନରେ, ଜିବିସିର କର୍ତ୍ତବ୍ୟ ନୁହେଁ କେବଳ ପରିଚାଳନା କରିବେ, ତା' ସାଙ୍ଗକୁ ଶିକ୍ଷା ମଧ୍ୟ ପ୍ରଦାନ କରିବେ ।

## କର୍ତ୍ତୃପକ୍ଷଙ୍କ ଦୁଇଧାରା

ଯେହେତୁ ପ୍ରତ୍ୟେକ ଭକ୍ତହିଁ ଉଚ୍ଚତମ ଅଧିକାରୀଙ୍କଠାରୁ ପରମାର୍ଥିକ ଅନୁପ୍ରେରଣା ଲାଭ କରିଅଛନ୍ତି, ଇସ୍କନରେ ସେହି କର୍ତ୍ତୃପକ୍ଷର ଦୁଇଟି ଧାରା ରହିଅଛି ଏବଂ ସେମାନଙ୍କ ପ୍ରତିନିଧିମାନେ ମଧ୍ୟ ରହିଛନ୍ତି– ଗୋଟିଏ ଧାରା ମୂଳତଃ ପରମାର୍ଥିକ, ଅପରପକ୍ଷେ ଅନ୍ୟ ଧାରାଟି ହେଉଛି ମୂଳତଃ ପରିଚାଳନା ସଂକ୍ରାନ୍ତୀୟ । କର୍ତ୍ତୃପକ୍ଷଙ୍କର ଏଇ ଉଭୟ ଧାରାରେ ସେମାନଙ୍କର ସ୍ୱକୀୟ ଅନୁପମ ଭଙ୍ଗିରେ ଅଥଚ ପରସ୍ପର ନିର୍ଭରଶୀଳ ଉଦ୍ଦେଶ୍ୟ ସାଧନରେ ଆମ୍ଭମାନଙ୍କ ପ୍ରତିଷ୍ଠାତା ଆଚାର୍ଯ୍ୟଙ୍କ ପ୍ରତି ଆନୁଗତ୍ୟ ସ୍ୱୀକାର ପ୍ରଦାନ କରି ସେବା ସଂପାଦାନ କରୁଛନ୍ତି । ଏହି ଉଭୟ ଧାରାରେ ସେମାନଙ୍କ ଅଧୀନସ୍ଥ ଭକ୍ତମାନଙ୍କୁ ଆଶ୍ରୟ ପ୍ରଦାନ ନିମିତ୍ତ ଜିବିସିଙ୍କ ଅନୁମୋଦନ ପ୍ରାପ୍ତ । ଏହି ଆଶ୍ରୟ ଦାନ କରିବା ହିଁ ଉପଦେଶ ପ୍ରଦାନ ଏବଂ ଦୃଷ୍ଟାନ୍ତ ସ୍ଥାପନ ମାଧ୍ୟମରେ, ମୂଳତଃ ପରମାର୍ଥିକ ଅଥବା ମୂଳତଃ ପରିଚାଳନା ସଂକ୍ରାନ୍ତୀୟ ଏଇ ପରିଭାଷାର ପାରମାର୍ଥିକ କର୍ତ୍ତୃପକ୍ଷଙ୍କର ଦୁଇଟି ପୃଥକ ଧାରା ଉଲ୍ଲେଖ କରି ଆମ୍ଭେମାନେ ଏହା ବୁଝାଉ ନାହୁଁ ଯେ ପରିଚାଳନା ସଂକ୍ରାନ୍ତୀୟ ଅଧିକାରୀକ ପାରମ୍ାର୍ଥିକ ଅଧିକାରୀଙ୍କର ବିରୋଧି ବୋଲି । ଆମ୍ଭେମାନେ ଏହା ବୁଝାଉ ନାହୁଁ ଯେ ପରମ୍ାର୍ଥକ ଧାରାର କର୍ତ୍ତୃପକ୍ଷ କୌଣସି ନା କୌଣସି ପ୍ରକାରରେ ଅଧିକ ସୁଯୋଗ ପାଉଛନ୍ତି କିମ୍ବା ଅଧିକ ଶୁଦ୍ଧତର ।

ପରିଚାଳନା ମଧ୍ୟ ପରମାର୍ଥିକ କାର୍ଯ୍ୟ............................ ଏହା ଶ୍ରୀକୃଷ୍ଣଙ୍କ ସଂସ୍ଥା । 2*

ଆମ୍ଭମାନଙ୍କର ପ୍ରଚାର କାର୍ଯ୍ୟ ମଧ୍ୟ ଆମ୍ଭମାନଙ୍କର କେତେ ବିଷୟ ସମ୍ପତ୍ତି ଓ ଟଙ୍କା ପଇସା, କେତେ ବହି ଅଣା ହେଲା ଓ କେତେ ବହି ବିକ୍ରି ହେଲା ଇତ୍ୟାଦି ସମ୍ବନ୍ଧରେ ଚିନ୍ତା କରିବାକୁ ହେବ । ଯେହେତୁ ଏହି ସମସ୍ତ ବିଷୟ କୃଷ୍ଣ ଭାବନାମୃତ ଆନ୍ଦୋଳନର ସଙ୍ଗେ ସଂପର୍କିତ, ସେଥିପାଇଁ ତାହା କେବେ ହେଲେ ଜଡ଼ ଜାଗତିକ ବୋଲି ମନେ କରିବା ଉଚିତ୍ ନୁହେଁ। ଏହି ପ୍ରକାରର କାର୍ଯ୍ୟକଳାପରେ ମଗ୍ନ ହେବା କୃଷ୍ଣ ଭାବନାଠାରୁ ଭିନ୍ନ ନୁହେଁ। (ନିଜ କକ୍ଷରେ କଥୋପକଥନ Foot Note ଜାନୁୟାରୀ ୧୬, ୧୯୭୭ କଲିକତା) । 3*

---

[1] Room Conversation with Reporter, Los Angeles, June 4, 1976

[2] Room Conversation, January 16, 1977, Calcutta

[3] Srimad Bhagavatam, 5, 16, 3, purport

କେହି ଯଦି ନିଷ୍ଠାପର ସହକାରେ ବିଧି ନିଷେଧ ପାଳନ କରେ ଏବଂ ପ୍ରତିଦିନ ୧୬ ମାଳା ହରେକୃଷ୍ଣ ମହାମନ୍ତ୍ର ଜପ କରେ, ତାହାହେଲେ କୃଷ୍ଣଭାବନା ମୃତ ଆନ୍ଦୋଳନର ପ୍ରଚାର ନିମିତ୍ତ ଜଡ଼ଜଗତ ସଙ୍ଗେ ତା'ର ନେବା ଦେବା ତାହା କୃଷ୍ଣଭାବନାମୃତରେ ଆଧ୍ୟାତ୍ମିକ ଅନୁଶୀଳନଠାରୁ କୌଣସିମତେ ଭିନ୍ନ ନୁହେଁ ।

ପରମାର୍ଥିକ ସଂସ୍ଥାରେ ଜଣେ ପରିଚାଳକ କେତେବେଳେ କେବଳ ମାତ୍ର ନିୟମ ପ୍ରବର୍ତ୍ତନ କରି ଏବଂ ବଳପୂର୍ବକ ନିୟମ ପ୍ରୟୋଗ କରି ତା'ର କର୍ତ୍ତବ୍ୟ ସଂପୂର୍ଣ୍ଣ କରିପାରିବ ନାହିଁ। ଏହି ସମସ୍ତ ନିୟମଗୁଡ଼ିକୁ ଅବଶ୍ୟ ହିଁ ପରମାର୍ଥିକ ଭିତ୍ତିରେ ସ୍ଥାପିତ କରିବାକୁ ହେବ ଏବଂ ଏଗୁଡ଼ିକର ବାଧ୍ୟତାମୂଳକ ପ୍ରୟୋଗ ଅବଶ୍ୟ ହିଁ ବୈଷ୍ଣବ ଆଦର୍ଶ ଅନୁସାରେ କାର୍ଯ୍ୟକାରୀ କରିବାକୁ ହେବ। ଯେଉଁ ପରିଚାଳକ ଏହି ସବୁ ଉପଲବ୍ଧିକୁ ନେଇ ସେବା କରୁଛନ୍ତି। ସେ ସାଧାରଣ ଭାବରେ ତା'ର ଅଧୀନସ୍ଥ ଭକ୍ତମାନଙ୍କ ପାଇଁ ସଂପୂର୍ଣ୍ଣ ଗୁରୁତ୍ୱ ସହକାରେ ପରମାର୍ଥିକ ଅଧିକାରୀ ରୂପରେ ତା'ର କର୍ତ୍ତବ୍ୟ ବହନ କରିପାରିବେ । (ଶ୍ରୀମଦ୍ ଭାଗବତ ୫/୧୬/୩)

ଆମ୍ଭମାନଙ୍କର ସେହି ପାରମାର୍ଥିକ ଏବଂ ପରିଚାଳନା ସଂକ୍ରାନ୍ତୀୟ ସେବା ମଧ୍ୟରେ ଏକତା ଦର୍ଶନ କରିବା ଉଚିତ୍ । ତେବେ ଏଥିରେ ମଧ୍ୟ କିଛି ପାର୍ଥକ୍ୟ ରହିଅଛି ଏବଂ ଯୁଗପତ୍ ଏହି ଏକତା ଓ ପାର୍ଥକ୍ୟକୁ ଉପଲବ୍ଧି କରିବାପାଇଁ ଏଇ ଦୁଇଟି ପରିଭାଷିକ କଥା ବ୍ୟବହାର କାରିବାକୁ ହେବ, ବ୍ୟାଖ୍ୟା ସହଯୋଗରେ ।

## ପରମାର୍ଥିକ ଅଧିକାରିକ ଧାରା

ଏହି ପରମାର୍ଥିକ କର୍ତ୍ତୃପକ୍ଷର ଧାରାଟି ଆରମ୍ଭ ହୁଏ କୃଷ୍ଣଙ୍କଠାରୁ ଏବଂ ତାହା ପ୍ରବାହିତ ହୁଏ ବ୍ରହ୍ମା, ନାରଦ ଏବଂ ଆମ୍ଭମାନଙ୍କର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଲ ପ୍ରଭୁପାଦଙ୍କ ମାଧ୍ୟମରେ ସମଗ୍ର ଗୁରୁ ପରମ୍ପରା ଧାରାର ମଧ୍ୟ ଦେଇ । ଯାହାଙ୍କର ଆମ୍ଭମାନଙ୍କ ସଂପ୍ରଦାୟ ପ୍ରତି ଆନୁଗତ୍ୟ ବଜାୟ ରହିଛି ଏବଂ ଜିବିସି କର୍ତ୍ତୃପକ୍ଷଙ୍କ ଅଧୀନରେ ସେବା ପ୍ରଦାନ କରନ୍ତି, ସେହିମାନେ ହିଁ ଇସ୍କନର ଛତ୍ରଛାୟାରେ ଏଇ ପରମାର୍ଥକ ଧାରାର ଆଶ୍ରୟ ଓ ଶିକ୍ଷା ପ୍ରଦାନର ନିମିତ୍ତ ଅନୁମୋଦନ ପ୍ରାପ୍ତ ହୁଅନ୍ତି । ଏହି ପରମାର୍ଥିକ  ଧାରାର ଜିବିସି, ଜିବିସି ତରଫରୁ ଇଲ୍ଲାକାଭୁକ୍ତ ସଚିବ, ଗୁରୁଦେବ, ସନ୍ନ୍ୟାସୀ, ଆଞ୍ଚଳିକ ସଚିବ, ମନ୍ଦିର ଅଧ୍ୟକ୍ଷ, ମନ୍ଦିରର ବହିରାଗତ ଭକ୍ତଗୋଷ୍ଠୀର ନେତା, ଭ୍ରାମ୍ୟମାଣ ପ୍ରଚାରକ ଏବଂ ଭକ୍ତ ଗୋଷ୍ଠୀର ପ୍ରଚାରକ ଏ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିପାରନ୍ତି। ବାସ୍ତବ ପକ୍ଷରେ ଯେ କେହି ସଦ୍‌ଗୁରୁଙ୍କ ନିର୍ଦ୍ଦେଶ କଠୋର ଭାବରେ ପାଳନ କରିବେ, ନୀତିଗତ ଆଦର୍ଶ ଏବଂ ତାଙ୍କର ବାସ୍ତବ ଦୃଷ୍ଟାନ୍ତ ସ୍ଥାପନ ମାଧ୍ୟମରେ ତାଙ୍କୁ ହିଁ ଏଇ ପରମାର୍ଥିକ ଧାରାର ଆଧିକାରିକ ହିସାବରେ ଅନୁମୋଦନ କରାଯାଇପାରିବ ।

ସାଧାରଣତଃ ଦୀକ୍ଷା ଓ ଶିକ୍ଷା ଗୁରୁ ହେଉଛନ୍ତି ଜଣଙ୍କର ସର୍ବୋଚ୍ଚ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ କର୍ତ୍ତୃପକ୍ଷ । ଶାସ୍ତ୍ରରେ କହାଯାଇଛି– ଭକ୍ତମାନଙ୍କର କର୍ତ୍ତବ୍ୟ ଗୁରୁଦେବଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଏବଂ ତାଙ୍କ ନିକଟରେ ବିଶ୍ୱସ୍ତ ରହିବା । ଗୁରୁଦେବଗଣ ଏହି ଭାବରେ ସେମାନଙ୍କ କର୍ତ୍ତୃତ୍ୱ ଶିଷ୍ୟଙ୍କ ଉପରେ ପ୍ରୟୋଗ କରିବେ ଏବଂ ତାହା କହିବା ଦ୍ୱାରା ଗୁରୁଗଣ ଶିଷ୍ୟର ଭକ୍ତି ବିକଶିତ କରିବା କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ସକ୍ଷମ ହୁଅନ୍ତି । ତାହାହିଁ କୃଷ୍ଣଭାବନାର ଅଗ୍ରଗତି ନିମିତ୍ତ ଶିଷ୍ୟମାନଙ୍କର ଆବଶ୍ୟକ ପ୍ରେରଣା ଏବଂ ପ୍ରଶିକ୍ଷଣ ଦେବା କ୍ଷେତ୍ରରେ ଗୁରୁ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

## ପରିଚାଳନା ସଂକ୍ରାନ୍ତୀୟ ଆଧିକାରିକ ଧାରା

ପରିଚାଳନା ସଂକ୍ରାନ୍ତିୟ ଅଧିକାରିକ ଧାରାର ଏବଂ ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷାନୁସାରେ, ଏହି ସଂସ୍ଥାର ଅଧକ୍ଷତା ଏବଂ ନିୟମକାନୁନ୍ ପ୍ରୟୋଗର ସୂତ୍ରପାତ ହେବ ଜିବିସିଙ୍କ ଠାରୁ। ଆମ୍ଭେମାନେ ଯେତେବେଳେ ପରିଚାଳନା ସଂକ୍ରାନ୍ତୀୟ ପରିସ୍ଥିତିରେ 'କର୍ତ୍ତୃପକ୍ଷ' ଶବ୍ଦଟି ବ୍ୟବହାର କରୁ, ସେତେବେଳେ ତା' ଦ୍ୱାରା ଆମ୍ଭେମାନେ ଶାସ୍ତ୍ରାନୁସାରେ କୌଣସି ପରମ ଅଭ୍ରାନ୍ତ କର୍ତ୍ତୃପକ୍ଷଙ୍କୁ ବୁଝାଉ ନାହୁଁ, ଯାହାକି ଶାସ୍ତ୍ରାନୁମୋଦିତ କିନ୍ତୁ ଅଧାଦେଶ ପ୍ରଚାର କାର୍ଯ୍ୟକୁ ସୁଚାରୁରୂପେ

ପରିଚାଳନା କରିବା ପାଇଁ, ଯାହାକି ଶ୍ରୀଲ ପ୍ରଭୁପାଦଙ୍କ ଆଦେଶ ସହିତ ଖାପଖାଇବା ଉଚିତ୍ । ଏହି ଅଧ୍ୟାଦେଶକୁ ବହନ କରିବାକୁ ହେଲେ, ତାଙ୍କର ଅନୁଗାମୀମାନେ ଇସ୍କନର ଆଧିକାରିକ ଧାରାକୁ ଅନୁସରଣ କରିବାକୁ ପଡ଼ିବ । ଯାହାକି ଶ୍ରୀଲ ପ୍ରଭୁପାଦଙ୍କ ଦ୍ୱାରା ପ୍ରଣୟନ କରାଯାଇଛି । ମନ୍ଦିରମାନଙ୍କର ସଂଖ୍ୟାବୃଦ୍ଧି, କଂଗ୍ରିଗେସନାଲ ଭକ୍ତମାନଙ୍କର ସଂଖ୍ୟା, ପ୍ରକଳ୍ପ ଯଥା– କୃଷି ସମ୍ବନ୍ଧୀୟ ପ୍ରକଳ୍ପମାନଙ୍କର ସଂଖ୍ୟା ବୃଦ୍ଧି, ଗୁରୁକୁଳମାନଙ୍କର ମଧ୍ୟ ତା' ସାଙ୍ଗକୁ ଅନ୍ୟାନ୍ୟ ଅନୁକୂଳ ସଂଗଠନ ଏବଂ ଅନ୍ୟାନ୍ୟ ବିଭିନ୍ନ ବିଷୟର ବିସ୍ତାର ଇତ୍ୟାଦି ବିଷୟଗୁଡ଼ିକ ଏକ ଶୃଙ୍ଖଳିତ ଧାରାରେ ଅଣାଯାଇଥାଏ । ତେଣୁ, ଏହି ବିସ୍ତୃତ କ୍ଷେତ୍ରଟିକୁ ସୁଚାରୁରୂପରେ ଯତ୍ନ ନେବା ଏବଂ ଏହାର ଅନ୍ତର୍ଗତ ସଭ୍ୟମାନଙ୍କର ମଧ୍ୟ ଏହି ସଂଗଠନରେ ବର୍ତ୍ତମାନ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଅଛି ବିଭିନ୍ନ ଆଞ୍ଚଳିକ, ଜାତୀୟ, ମହାଦେଶୀୟ ପରିଚାଳନା ପରିଷଦ, ଯେଉଁଥିରେ ଅଛନ୍ତି ଜିବିସି, ଜିବିସି ଇଲାକା ଭିତ୍ତିକ ସଚୀବ, ଆଧ୍ୟାତ୍ମିକ ଗୁରୁ, ସନ୍ନ୍ୟାସୀ, ଆଞ୍ଚଳିକ ସଚୀବ, ମନ୍ଦିର ଅଧ୍ୟକ୍ଷ, କଂଗ୍ରିଗେସନାଲ ନେତା, ଉଭୟ ଭ୍ରାମ୍ୟମାଣ ଏବଂ ଗୋଷ୍ଠୀ ଭିତ୍ତିକ ପ୍ରଚାରକମାନେ । ବାସ୍ତବ ପକ୍ଷରେ, ଯେ କେହି ଯଦି ଜଣେ ଆଧ୍ୟାତ୍ମିକ ପ୍ରାମାଣିକ ଅଧିକାରୀଙ୍କୁ କଡ଼ାକଡ଼ି ଭାବରେ, ଉଭୟେ ଉଦାହରଣ ଆଦେଶକୁ ମାନେ ନିଶ୍ଚିତ ଭାବରେ ଅଧିକାରପ୍ରାପ୍ତ ହୁଏ ଉପସ୍ଥାପନା କରିବା ପାଇଁ ପରମାର୍ଥିକ ଅଧିକାରିକ ଧାରକୁ । ସାଧାରଣତଃ କହିବାକୁ ଗଲେ ସର୍ବୋଚ୍ଚ ଯେ ଆଧ୍ୟାତ୍ମିକ ଅଧିକାରୀ ହେଉଛନ୍ତି ଦୀକ୍ଷାଗୁରୁ ଓ ଶିକ୍ଷାଗୁରୁ, ଶାସ୍ତ୍ର ସ୍ପଷ୍ଟ ଭାବରେ କୁହେ ଯେ ଉକ୍ତ ଅଧ୍ୟାତ୍ମିକ ଗୁରୁଙ୍କୁ ମାନିବା ଏବଂ ତାଙ୍କର ବଶ୍ୟତା ସ୍ୱୀକାର କରିବା ଉଚିତ୍ । ଏହିପରି ଭାବରେ ଆଧ୍ୟାତ୍ମିକ ଗୁରୁ ତାଙ୍କ ଶିଷ୍ୟ ଉପରେ ଅଧିକାର ସାବ୍ୟସ୍ତ କରିପାରିବେ ଏବଂ ଏହିପରି ଭାବରେ ମଧ୍ୟ ଆଧ୍ୟାତ୍ମିକ ଗୁରୁ ମଧ୍ୟ ଶିଷ୍ୟକୁ ଦକ୍ଷ ଓ ଶିକ୍ଷିତ କରାଇପାରିବେ ସେମାନଙ୍କର ଭକ୍ତିର ଉନ୍ନତି ଦିଗରେ । ତେଣୁ କରି ଆଧ୍ୟାତ୍ମିକ ଗୁରୁ, ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥା'ନ୍ତି ଆଧ୍ୟାତ୍ମିକ ଶିକ୍ଷା ଏବଂ ପ୍ରେରଣା ଦେବାରେ କୃଷ୍ଣଚେତନାରେ ଅଗ୍ରଗତି କରିବା ପାଇଁ ।

## ବିପଥଗାମୀର ସଂଜ୍ଞା ନିରୂପଣ

ଯଦିବା ଆଦର୍ଶଗତ ବିଚାରରେ ସବୁ କିଛି ଇସ୍କନ ସଂପର୍କରେ ଶ୍ରୀଲ ପ୍ରଭୁପାଦଙ୍କ ଦୃଷ୍ଟିଭଙ୍ଗୀ ଅନୁସାରେ ହେବା ଉଚିତ୍, କିନ୍ତୁ ଆମ୍ଭେମାନେ ଦେଖିଛୁ ଯେ ଏକ ଶ୍ରେଣୀର କର୍ତ୍ତୃପକ୍ଷ ଅନ୍ୟ ଶ୍ରେଣୀର କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପରେ ହସ୍ତକ୍ଷେପ କରୁଛନ୍ତି ।

ଦୃଷ୍ଟାନ୍ତ ସ୍ୱରୂପ କିଛି କିଛି ପରମାର୍ଥିକ କର୍ତ୍ତୃପକ୍ଷ ରହିଛନ୍ତି, ଯାହାଙ୍କର କେତେକ ଯୋଗ୍ୟ ଏବଂ ଦାୟିତ୍ୱଶୀଳ ପରିଚାଳକଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି । ସେମାନେ ନିଜକୁ ସେହି ଇଲାକାର ପରିଚାଳକ ସଂଗଠନର ଅଂଶ ବୋଲି ମନେ କରନ୍ତି ନାହିଁ । ଯେଉଁଠାରେ ସେମାନଙ୍କର ପ୍ରଚାରର ପ୍ରଭାବ ରହିଅଛି । ଯଦିଓ ବାସ୍ତବ ପକ୍ଷେ ଏଇଥିପାଇଁ ସେମାନେ ଦାୟୀ । କିନ୍ତୁ କେତେବେଳେ ସେମାନେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସେହି ସଂଗଠନର ମଧ୍ୟରେ କୌଣସି କୌଣସି ପ୍ରକଳ୍ପର ପରିଚାଳନା କରିଥାନ୍ତି ।

ସୁତରାଂ କେତେବେଳେ କେତେବେଳେ ସେମାନେ ଭକ୍ତମାନଙ୍କର ପରିଚାଳନା କରନ୍ତି, ଟଙ୍କା ପଇସା ଏବଂ ଏପରିକି ସେମାନଙ୍କର ଅନୁଗାମୀ ଏବଂ ନିର୍ଭରଶୀଳ ଭକ୍ତମାନଙ୍କର ଦାୟିତ୍ୱରେ ପରିଚାଳିତ ପ୍ରକଳ୍ପଗୁଡ଼ିକ ମଧ୍ୟ ପରିଚାଳନା କରନ୍ତି ଏବଂ ତାହା କରିବାର କ୍ଷେତ୍ରରେ ଯେ ସମସ୍ତ ପରିଚାଳନା ସଂକ୍ରାନ୍ତୀୟ ସଂଗଠନର ସଙ୍ଗେ ସେମାନେ ପାରସ୍ପାରିକ ସଂପର୍କ ରହିଛି, ସେମାନଙ୍କ ସଙ୍ଗର କୌଣସି ସୁସ୍ପଷ୍ଟ ସହମତ  ପୋଷଣ ନକରି । ଏହିପରି ଭାବରେ ସେମାନେ ହୁଏତ ଅନିଚ୍ଛାକୃତ ଭାବରେ ସେମାନଙ୍କ ଅନୁଗାମୀମାନଙ୍କର ସେବା ନିର୍ଦ୍ଦେଶ ଦେଇ ଉତ୍ସାହିତ କରିଥାନ୍ତି ଯାହାର ଫଳରେ ପରିଚାଳନା ସଂକ୍ରାନ୍ତିୟ କର୍ତ୍ତୃପକ୍ଷଙ୍କର କର୍ତ୍ତୃତ୍ୱକୁ ଏବଂ ଏହି ଭାବରେ ସେମାନେ ପରମାର୍ଥିକ କର୍ତ୍ତୃପକ୍ଷଙ୍କର ନିଜସ୍ୱ ପରିଚାଳନା ସଂକ୍ରାନ୍ତୀୟ ସଂଗଠନର ପ୍ରତି ଆନୁଗତ୍ୟ ଏବଂ ବିଶ୍ୱାସ ଯୋଗ୍ୟତାକୁ ଗୋପନ ଭାବରେ ଧ୍ୱଂସ କରିଛନ୍ତି ।

ଏହି ପରିସ୍ଥିତିଟି କେବଳ ଯେ ବିଭ୍ରାନ୍ତ ସୃଷ୍ଟି କରେ ତାହା ନୁହେଁ, ତାହା ମଧ୍ୟ ଏକ ବିଚ୍ଛେଦର ସ୍ୱର ମଧ୍ୟ ସୃଷ୍ଟି କରିଥାଏ । ଏହି ପ୍ରକାରର ପରିସ୍ଥିତି ପରିଚାଳକଙ୍କର ପକ୍ଷରେ କଳହର କାରଣ ହୁଏତ ହୋଇପାରେ, ଯଦିଓ କନିଷ୍ଠ ପରିଚାଳକମାନେ

ସଂପୂର୍ଣ୍ଣ ଭାବରେ ସେମାନଙ୍କର କ୍ଷୋଭ ପ୍ରକାଶ କରିପାରନ୍ତି ନାହିଁ, କାରଣ ସେମାନେ ବୈଷ୍ଣବ ଅପରାଧ କରିବାର ଭୟରେ ଆତଙ୍କ ବନ୍ଦ କରିଥାନ୍ତି, ବିଶେଷ କରି ଗୁରୁ ବର୍ଗଙ୍କ ପ୍ରତି ।

ପୁଣି ଅନ୍ୟ ପକ୍ଷରେ ଅନେକ କିଛି ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷ ଅଛନ୍ତି ଯେଉଁମାନେ ପର୍ଯ୍ୟାପ୍ତ ଭାବରେ ଭକ୍ତମାନଙ୍କର ପାରମାର୍ଥିକ ଯତ୍ନ ନିଅନ୍ତି ନାହିଁ। ଏହି ପରିସ୍ଥିତିଟି ପରିପୋଷଣ କରିଥାଏ ଆଧାତ୍ମିକ ଗୁରୁଙ୍କୁ ତାଙ୍କ ଶିଷ୍ୟ ପାଇଁ ବିକଳ୍ପ ସଙ୍ଗ ବା ସେବାଦାନର ପରାମର୍ଶ ଦେବାରେ ।

ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ ପରିଚାଳକମାନେ ହୁଏତ କେତେବେଳେ କେତେବେଳେ ସେମାନଙ୍କ ଅଧୀନସ୍ଥ ଭକ୍ତମାନଙ୍କର ଭକ୍ତିମୂଳକ ସେବାର ପବିତ୍ରତା ବିକାଶ ସାଧନ ଅଥବା ଶୁଦ୍ଧ ଭାବରେ ପ୍ରଚାର କରିବା କିମ୍ବା ସାଧନା ଠାରୁ ପରିଚାଳନା ସଂକ୍ରାନ୍ତୀୟ ଲକ୍ଷ ଉପରେ ବେଶୀ ଗୁରୁତ୍ୱ ନଦେଇ ପାରନ୍ତି। ଯଦିଓ ସେହି ପରିଚାଳକମାନେ ନିଜର ପାରମାର୍ଥିକ କାର୍ଯ୍ୟକଳାପରେ ସେମାନଙ୍କ ଅଧୀନସ୍ଥ ଭକ୍ତମାନଙ୍କର କମ୍ ସହଯୋଗ କରନ୍ତି କିମ୍ବା ଅନ୍ୟ କର୍ତ୍ତୃପକ୍ଷମାନଙ୍କର ମଧ୍ୟ ଏହି ବିଷୟରେ ଅଧୀନର ପ୍ରଦାନ କରନ୍ତି ନାହିଁ, ତେବେ ଏ ସମସ୍ତ ପରିଚାଳକମାନେ ଭକ୍ତମାନଙ୍କର ପରମାର୍ଥିକ ବିକାଶକୁ ଏପରି ଅବହେଳା ମଧ୍ୟ କରିପାରନ୍ତି, ବିଶେଷ କରି ଯେଉଁମାନେ ସେମାନଙ୍କ ପରିଚାଳନା ସଂକ୍ରାନ୍ତୀୟ ଦୃଷ୍ଟି ଭଙ୍ଗୀରେ ସେମାନଙ୍କ ଆର୍ଥିକ ବା ଅନ୍ୟ କୌଣସି ଉତ୍ସର ମାଧ୍ୟମରେ ସେମାନଙ୍କୁ ସାହାଯ୍ୟ କରିପାରନ୍ତି ନାହିଁ ।

## ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷ ପ୍ରତି ବଶ୍ୟତା ସ୍ୱୀକାର

ଉପରୋକ୍ତ ପରିସ୍ଥିତିଟି ଉଦ୍‌ବେଗ ସୃଷ୍ଟି କରିପାରେ ପରମାର୍ଥିକ ଓ ପରିଚାଳନା ସଂକ୍ରାନ୍ତୀୟ ଅଧିକାରୀମାନଙ୍କ ମଧ୍ୟରେ । ଅବଶ୍ୟ, ଏହା ବୁଝାଯାଉଛି ଯେ ବିଶେଷ ବିଶେଷ ପରିସ୍ଥିତିରେ ଦେଖାଯାଇଥାଏ, ଯେଉଁଠାରେ ଆର୍ଥିକ ଭାବରେ ସ୍ୱାବଲମ୍ବୀ ଭକ୍ତ ସେମାନଙ୍କର ଆଞ୍ଚଳିକ ଭାବେ ସଂଗଠିତ ସଂଘ ସହିତ କୌଣସି ପରିଚାଳନା ସଂକ୍ରାନ୍ତୀୟ ସଂପର୍କ ରୁହେ ନାହିଁ। ଏପରି ଭାବି ନେବା ଉଚିତ୍ ନୁହେଁ ଯେ ବାହାରୁ ଆଗତ ଭକ୍ତମାନଙ୍କର ଯତ୍ନ ନେବା ନିମିତ୍ତ ଆଞ୍ଚଳିକ ଭାବରେ ପରିଚାଳିତ ବ୍ୟବସ୍ଥାର ମଧ୍ୟରେ ଭକ୍ତ ହୁଏତ, ଆଗ୍ରହୀ ବ୍ୟକ୍ତିମାନଙ୍କର ବା ପ୍ରତ୍ୟେକ ଭକ୍ତମାନଙ୍କୁ ଅନ୍ତର୍ଭୁକ୍ତ କରି ସ୍ଥାନୀୟ ପରିଚାଳନା ସଂକ୍ରାନ୍ତୀୟ ସଂଗଠନରେ କୌଣସି ପ୍ରଚେଷ୍ଟା ହିଁ କରିବା ହେଉ ନାହିଁ। ସୁତରାଂ ଇସ୍କନ୍ ପରିଚାଳକଙ୍କ ଦ୍ୱାରା ସଂପାଦିତ ସେବାର ପ୍ରତି ଶ୍ରଦ୍ଧାରଖି, ଗୁରୁ ଦେବଙ୍କର କର୍ତ୍ତବ୍ୟ ହେଉଛି ତାଙ୍କ ଶିଷ୍ୟକୁ କୌଣସି ନୂଆ ସଙ୍ଗ ବା ସେବାରେ ପରାମର୍ଶ ଦେବାର ପୂର୍ବରୁ କିମ୍ବା ପରିଚାଳନା ସଂକ୍ରାନ୍ତୀୟ ଯେ କୌଣସି ସିଦ୍ଧାନ୍ତରେ ହସ୍ତକ୍ଷେପ କରିବାର ପୂର୍ବେ ସର୍ବଦା ସେହି ସବୁ ପରିଚାଳକମାନଙ୍କର ସମ୍ମତି ନେବା ଯେଉଁମାନେ ସେହି ଇଲାକାରେ ଦେଖାଶୁଣା କରୁଛନ୍ତି ଏବଂ ଯେଉଁଠାରେ କି ତାଙ୍କର ଶିଷ୍ୟମାନେ ବସବାସ କରୁଛନ୍ତି।

ସବୁଠାରୁ ଉତ୍ତମ ହେବ ଗୁରୁ-ଶିଷ୍ୟର ସଂପର୍କ ଗୁରୁ ହେବାର ସମୟ ଠାରୁ ହିଁ ଶିଷ୍ୟମାନଙ୍କର ସେମାନଙ୍କ ସ୍ଥାନୀୟ ପରିଚାଳକମାନଙ୍କ ପ୍ରତି ଶ୍ରଦ୍ଧାଶୀଳ ହେବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବା । ବହୁ ପରିଚାଳକମାନେ ଶ୍ରୀଲ ପ୍ରଭୁପାଦଙ୍କ ପ୍ରଦତ୍ତ ମାନଦଣ୍ଡ ଅନୁସାରେ ଗ୍ରନ୍ଥ ବିତରଣ, ବିଗ୍ରହ ସେବା, ମନ୍ଦିର ପରିଚାଳନା ଇତ୍ୟାଦିମାନଙ୍କର ଦାୟିତ୍ୱ ସଫଳତାର ସଙ୍ଗେ ବହନ କରି ଚାଲିଛନ୍ତି।

ବିଗ୍ରହ ପ୍ରତିଷ୍ଠା ଅର୍ଥ ନିୟମିତ ସେବା ପୂଜା ବିନା ବନ୍ଦରେ ଚିରକାଳ ପାଇଁ । 5*

---

[4] "Dependents" are not only those who are spiritually dependent. There are instances where devotees are also financially dependent upon their spiritual authorities and are financially maintained by the structures the spiritual authorities have themselves created.

[5] Letter to Sivananda, 2 September 1971.

ତେଣୁ କରି ଆଧାତ୍ମିକ ଗୁରୁ ସେମାନଙ୍କର ଶିଷ୍ୟମାନଙ୍କୁ ଶିକ୍ଷା ଦେବା ଉଚିତ୍ ଶ୍ରୀଲ ପ୍ରଭୁପାଦଙ୍କ ଉଦ୍ଦେଶ୍ୟ ସାଧନରେ ସେମାନଙ୍କ ସ୍ଥାନୀୟ ନେତା ଏବଂ ଅଧିକାରୀଙ୍କ ସହ ସହଯୋଗୀ ହୋଇ ରହିବା ପାଇଁ ।

ଏହାର ଅର୍ଥ ଏହା ନୁହେଁ, ଯେ ପରିଚାଳକ ଏପରି ଭାବିବ ଯେ ତାଙ୍କର ଅଧିନସ୍ଥ ଭକ୍ତମାନଙ୍କ ବୈଧ ପ୍ରୟୋଜନକୁ ଉପେକ୍ଷା କରିବା ପୂର୍ଣ୍ଣ ସ୍ୱାଧୀନତା ତାଙ୍କର ଅଛି କିମ୍ବା ଯେତେବେଳେ ଗୁରୁବର୍ଗଗଣ ସେମାନଙ୍କ ନିକଟରେ ଅନୁରୋଧ କରନ୍ତି ଯେ ସେମାନଙ୍କ ଶିଷ୍ୟମାନଙ୍କର ଯେପରି ଯଥାଯଥ ଯତ୍ନ ନିଆଯାଇପାରେ, ସେତେବେଳେ ଗୁରୁବର୍ଗଙ୍କର ସେହି ଚିନ୍ତାକୁ ଉପେକ୍ଷା କରିବାର ସ୍ୱାଧୀନତା ତାଙ୍କର ଅଛି। ଗୁରୁବର୍ଗଙ୍କ ଚିନ୍ତା ଏବଂ ସେମାନଙ୍କ ଶିଷ୍ୟମାନଙ୍କର ଯତ୍ନ ନେବାରେ ପରିଚାଳକମାନେ ସଂବେଦନଶୀଳ ହେବେ ।

ତଥାପି ମଧ୍ୟ କୌଣସି ଗୁରୁ ଗଭୀର ଭାବରେ ଅନୁଭବ କରନ୍ତି ଯେ ସ୍ଥାନୀୟ ପରିଚାଳନା ବ୍ୟବସ୍ଥାରେ ତାଙ୍କର ଶିଷ୍ୟମାନଙ୍କ ପାଇଁ ସେ ଯେତେଗୁଡ଼ିଏ ଦାୟିତ୍ୱ ଏବଂ ପ୍ରତିଶ୍ରୁତିର ସ୍ତର ରହିଛି ସେହି ହିସାବରେ ତାଙ୍କର ଶିଷ୍ୟମାନଙ୍କ ପ୍ରତି ଯାହା କରାଯାଇଛି, ତାହା ପର୍ଯ୍ୟାପ୍ତ ନୁହେଁ, ସେତେବେଳେ ସେ ସେମାନଙ୍କର ଉଚ୍ଚତର ପରିଚାଳକଙ୍କ ନିକଟରେ ଆବେଦନ କରିପାରନ୍ତି, ଯେପରି ସ୍ଥାନୀୟ ଜିବିସିର ନିକଟରେ ବା ଇସ୍କନର ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଯେଉଁମାନଙ୍କ ତାଲିକା ଏହି ପ୍ରବନ୍ଧରେ ଶିଷ୍ୟମାନଙ୍କ ପାଇଁ ଦିଆଯାଇଅଛି ।

ଏହି ବିଷୟଟି ପରବର୍ତ୍ତୀ କାଳରେ ଆହୁରି ମଧ୍ୟ ବିଷଦ ଭାବରେ ଆଲୋଚନା କରାଯିବ । କିନ୍ତୁ ତାହା କରିବା ଆଗରୁ ଆମ୍ଭମାନଙ୍କର ଶ୍ରଦ୍ଧା ସଂପର୍କରେ ସଂକ୍ଷେପରେ କିଛି ଆଲୋଚନା କରିବାକୁ ଚାହୁଁଅଛୁ। ଏଠାରେ ଆଲୋଚିତ ମହତ୍ତର ବିଷୟରେ ପ୍ରତି ଶ୍ରଦ୍ଧା ବିଶ୍ୱାସର ପରିପ୍ରେକ୍ଷୀରେ ଉଭୟ ପ୍ରକାରର କର୍ତ୍ତୃପକ୍ଷଙ୍କୁ ହିଁ ସ୍ୱଷ୍ଟ ଭାବେ ସେବା ଦାନ କରିବା ସମ୍ଭବ ହେବ ।

## ଶ୍ରଦ୍ଧା ବିଶ୍ୱାସର ଅବିରାମ ବିକାଶ ଭିତ୍ତିରେ ଗଢ଼ି ଉଠେ କର୍ତ୍ତୃତ୍ୱ

ଇସ୍କନର ସବୁଠାରୁ ବଡ଼ ସଂପତ୍ତି ହେଉଛି ତା'ର ସଦସ୍ୟମାନଙ୍କ ମଧ୍ୟରେ ପାରସ୍ପରିକ ଶ୍ରଦ୍ଧା ଓ ବିଶ୍ୱାସ । ଏପରିକି ଯଦି ମନ୍ଦିରରେ ମଧ୍ୟ ନ ରୁହ, କୌଣସି ପ୍ରକଳ୍ପରେ ମଧ୍ୟ ନ ରୁହେ, କୌଣସି ଉପାର୍ଜନରେ ରୁହେ, କେବଳ କେତେ ଜଣ ଅନୁଗାମୀ ଯେଉଁମାନଙ୍କ ମଧ୍ୟରେ ଶ୍ରଦ୍ଧା ବିଶ୍ୱାସର ବନ୍ଧନ ଅଛି, ତାହାହେଲେ ବାସ୍ତବିକ ଅର୍ଥ ହେଉଛି ସେଠାରେ ସମୃଦ୍ଧି ଆସିବ । ନିମ୍ନ ଚିଠିରେ ଶ୍ରୀଲ ପ୍ରଭୁପାଦ କ'ଣ ଲେଖିଛନ୍ତି, ବିବେଚନା କରି ଦେଖନ୍ତୁ ।

"ସଂସ୍କୃତରେ ଗୋଟିଏ ପ୍ରବାଦ ରହିଛି ଯେ ଉତ୍ସାହୀ ବ୍ୟକ୍ତିମାନେ ହିଁ ସୌଭାଗ୍ୟ ଦେବୀ ଲକ୍ଷ୍ମୀଙ୍କର କୃପା ଲାଭ କରନ୍ତି। ପାଶ୍ଚାତ୍ୟ ଦେଶରେ ଏହି ସ୍ଲୋଗାନ୍ ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ବିଶ୍ୱର ଏହି ଇଲାକାରେ ମନୁଷ୍ୟ ଜଡ଼ ଜାଗତିକ ଉନ୍ନତିର କ୍ଷେତ୍ରରେ ଅତ୍ୟନ୍ତ ଉତ୍ସାହୀ ଏବଂ ସେମାନେ ତାହା ଲାଭ କରିଛନ୍ତି। ଅନୁରୂପ ଭାବରେ, ଆମ୍ଭେମାନେ ଯଦି ଶ୍ରୀଲ ରୂପ ଗୋସ୍ୱାମୀଙ୍କ ଉପଦେଶ ଅନୁସାରେ ପାରମାର୍ଥିକ କ୍ଷେତ୍ରରେ ଉତ୍ସାହୀ ହୋଇ ଉଠିବା ତାହାହେଲେ ଏଇ ପଥରେ ଆମ୍ଭେମାନେ ସାଫଲ୍ୟ ଲାଭ କରିପାରିବା । ଦୃଷ୍ଟାନ୍ତ ସ୍ୱରୂପ, ଆମେ ପରିପକ୍ୱ ବୃଦ୍ଧ ବୟସରେ ଆପଣମାନଙ୍କ ଦେଶକୁ ଆସିଥିଲୁ । କିନ୍ତୁ ମୋର ଗୋଟିଏ ସଂପଦ ଥିଲା– ମୋର ଗୁରୁଦେବଙ୍କ ପ୍ରତି ଶ୍ରଦ୍ଧା ଓ ଉତ୍ସାହ । ମୋର ମନେ ହୁଏ ଏହି ସଂପଦ ହିଁ ମୋତେ କିଛି ଆଶାର ଆଲୋକ ପ୍ରଦାନ କରିଛି, ତୁମ୍ଭମାନଙ୍କର ସହଯୋଗରେ ଏ ପର୍ଯ୍ୟନ୍ତ ଯେତେ ସାଫଲ୍ୟ ଲାଭ କରିଛି, ତା'ର ପଶ୍ଚାତରେ ରହିଛି ଏହି ଉତ୍ସାହ ଓ ଶ୍ରଦ୍ଧା ବିଶ୍ୱାସ । 6*

[6] Letter to Jaya Govinda, Tittenhurst, 15 October 1969.

ଏବଂ ଭଗବଦ୍ ଗୀତା ଯଥାଯଥରେ (୭/୩) ଶ୍ଳୋକର ତାତ୍ପର୍ଯ୍ୟରେ ଶ୍ରୀଲ ପ୍ରଭୁପାଦ ଲେଖିଛନ୍ତି– କୃଷ୍ଣ ଭାବନାରେ ଉନ୍ନତି ସାଧନ କରିବା ନିମିତ୍ତ ଶ୍ରଦ୍ଧାହିଁ ହେଉଛି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । .... କେବଳ ମାତ୍ର ଶ୍ରଦ୍ଧାର ମଧ୍ୟରେ ହିଁ ଜଣେ ମନୁଷ୍ୟ କୃଷ୍ଣଭାବନା ମୃତରେ ଅଗ୍ରଗତି ସାଧନ କରିପାରେ ।

ଯେଉଁମାନେ ପାରମାର୍ଥିକ କର୍ତ୍ତୃପକ୍ଷ, ସେମାନେ ଏପରି ଭାବରେ ପ୍ରଚାର ଏବଂ ବ୍ୟବହାର କରନ୍ତି ଯେ ସେମାନଙ୍କ ଉପରେ ନିର୍ଭରଶୀଳ ଅନୁଗାମୀମାନେ ପରିଚାଳନା ବର୍ଗ ସହ ଇସ୍କନର ପ୍ରତି, ଶ୍ରୀଲ ପ୍ରଭୁପାଦଙ୍କ ପ୍ରତି, ଆମ୍ଭମାନଙ୍କର ସଂପ୍ରଦାୟ ପ୍ରତି ସେମାନଙ୍କ ବିଶ୍ୱାସକୁ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ପୁଷ୍ଟି କରନ୍ତି ଗୁରୁବର୍ଗଙ୍କର ଗୋଟିଏ ବଡ଼ ଦାୟିତ୍ୱ ରହିଛି, ତାହା ହେଉଛି ଇସ୍କନ ପରିଚାଳକଙ୍କ ପ୍ରତି ଏଇ ବିଶ୍ୱାସକୁ ସୁରକ୍ଷା ଦାନ କରିବା ଏବଂ ପୁଷ୍ଟି କରିବା, ଯେଉଁ ସମସ୍ତ ଗୁରୁଗଣ ପରମାର୍ଥିକ କର୍ତ୍ତୃପକ୍ଷଙ୍କର ଯୋଗ୍ୟ ପ୍ରତିନିଧି, ଗୁରୁ ବର୍ଗ ଯଦି ବିପରୀତ ଭାବରେ କାର୍ଯ୍ୟ କରନ୍ତି, ତାହାହେଲେ ସେମାନେ ଅନ୍ୟମାନଙ୍କ ବିଶ୍ୱାସକୁ କ୍ଷତିଗ୍ରସ୍ତ କରିବେ ।

ବିପରୀତ ଭାବରେ କୁହାଯାଏ, ଯେଉଁମାନେ ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷ ରହି ଅଛନ୍ତି, ସେମାନଙ୍କ କର୍ତ୍ତବ୍ୟ ହେଉଛି ପରିଚାଳନା କରିବା, ପ୍ରଚାର କରିବା ଏବଂ ଏପରି ଭାବରେ ବ୍ୟବହାର କରିବା ଦରକାର ଯେ ପରମାର୍ଥିକ ଅଧିକାରୀମାନଙ୍କର ଏବଂ ସେମାନଙ୍କ ଶିଷ୍ୟମାନଙ୍କ ମନରେ ମଧ ବିଶ୍ୱାସ ସୃଷ୍ଟି କରାଇବା ଏବଂ ସେହି ବିଶ୍ୱାସକୁ ପୁଷ୍ଟି କରାଇବା । ପରିଚାଳକମାନେ ଯେତେବେଳେ ସେମାନଙ୍କ ଅଧୀନସ୍ଥ ଭକ୍ତମାନଙ୍କ ପ୍ରତି ଯଥାର୍ଥ ଭାବରେ କଲ୍ୟାଣ ଚିନ୍ତା ପ୍ରଦର୍ଶନ କରାନ୍ତି, ସେମାନଙ୍କ ଦ୍ୱାରା ଗୁରୁବର୍ଗ ମଧ ସ୍ୱାଭାବିକ ଭାବରେ ପରିଚାଳକଙ୍କ ସେବାରେ ସହଯୋଗ କରିବା ନିମିତ୍ତ ସେମାନଙ୍କ ଶିଷ୍ୟମାନଙ୍କୁ ଉତ୍ସାହିତ କରିବେ । କିନ୍ତୁ ପରିଚାଳକମାନେ ଯଦି ପାରମାର୍ଥିକ ନିତିର ବିପରୀତ କାର୍ଯ୍ୟରେ ଲିପ୍ତ ହୁଅନ୍ତି, ଯେଉଁ ସମସ୍ତ ଭକ୍ତମାନଙ୍କ ନିମିତ୍ତ ସେମାନେ ଦାୟୀ, ସେ ସମସ୍ତ ଭକ୍ତମାନଙ୍କର ପରମାର୍ଥିକ ସ୍ୱାର୍ଥର ସହିତ ଯଦି ସେମାନଙ୍କର ଦ୍ୱନ୍ଦ୍ୱ ହୁଏ, ତାହାହେଲେ ତାହା ମଧ ଅନ୍ୟର ବିଶ୍ୱାସରେ ଫାଟ ସୃଷ୍ଟି କରିବ ।

ସୁତରାଂ, ଇସ୍କନର ସଦସ୍ୟମାନଙ୍କ ବିଶ୍ୱାସକୁ ସୁରକ୍ଷିତ ରଖିବା ନିମିତ୍ତ, ଉଭୟ ପ୍ରକାର କର୍ତ୍ତୃପକ୍ଷର ଅନୁସରଣୀୟ ସୁସ୍ପଷ୍ଟ ନିତି ନିର୍ଦ୍ଧାରଣ କରିବା ଆବଶ୍ୟକ ।

## ଆଧ୍ୟାତ୍ମିକ ଗୁରୁବର୍ଗ ସ୍ୱାଧୀନ ନୁହଁନ୍ତି

ସୁସ୍ପଷ୍ଟ ରୂପେ ନୀତି ସମୂହର ସଂଜ୍ଞା ନିରୂପଣ କରିବାର ପ୍ରୟୋଜନକୁ ଆହୁରି ମଧ ବିଶଦ ବ୍ୟାଖ୍ୟା କରିବା ପାଇଁ ଆମ୍ଭେମାନେ ଇସ୍କନ ପରିଚାଳନା ସଂକ୍ରାନ୍ତୀୟ ପରିସ୍ଥିତି ମଧ୍ୟରେ ଗୁରୁବର୍ଗଙ୍କର ଭୂମିକା ପର୍ଯ୍ୟାୟଲୋଚନା କରିବା ।

ଶ୍ରୀଲ ପ୍ରଭୁପାଦ ଯେତେବେଳେ ସଶୀରରେ ଉପସ୍ଥିତ ଥିଲେ, ସେତେବେଳେ ସେ ହିଁ ଥିଲେ ଇସ୍କନର ଏକଛତ୍ର ଦୀକ୍ଷା ଗୁରୁ ଏବଂ ପ୍ରଧାନତ୍ତମ ଶିକ୍ଷାଗୁରୁ ଏବଂ ଜିବିସିର ଊର୍ଦ୍ଧ୍ୱରେ ମଧ ପରିଚାଳନା ସଂକ୍ରାନ୍ତୀୟ ଚୂଡ଼ାନ୍ତ ଅଧିକାରୀ ।

ଆମ୍ଭେମାନେ ଜିବିସି ମଧ୍ୟରେ ଆମ୍ଭମାନଙ୍କର କୃଷ୍ଣ ଭାବନାମୃତ ଆନ୍ଦୋଳନକୁ ପରିଚାଳନା କରୁଛେ । ଆମ୍ଭମାନଙ୍କର ପ୍ରାୟ ୨୦ ଜଣ ଜିବିସି ଅଛନ୍ତି, ଯେଉଁମାନେ ସମଗ୍ର ବିଶ୍ୱରେ ପରିଚାଳନା ଦେଖାଶୁଣା କରୁଛନ୍ତି ଏବଂ ଜିବିସିମାନଙ୍କ ଉପରେ ମୁଁ ଅଛି । ଜିବିସି ଅଧୀନରେ ପ୍ରତ୍ୟେକ କେନ୍ଦ୍ର ମନ୍ଦିର ଅଧ୍ୟକ୍ଷ, ସଚୀବ, କୋଷାଧ୍ୟକ୍ଷ – ଏସବୁ ରହି ଅଛନ୍ତି । ଏହି ଭାବରେ ମନ୍ଦିର ଅଧ୍ୟକ୍ଷମାନେ ଜିବିସି ନିକଟରେ ଦାୟବଦ୍ଧ ଏବଂ ଜିବିସୀମାନେ ମୋ ନିକଟରେ ଦାୟବଦ୍ଧ । ଏହି ଭାବରେ ଆମ୍ଭମାନେ ପରିଚାଳନା କରୁଛନ୍ତି (ବାସୁଦେବଙ୍କୁ ଚିଠି, ନବବୃନ୍ଦାବନ ୩୦ ଜୁନ ୧୯୭୬) 7*

---

[7] Letter to Vasudeva, New Vrindaban, 30 June, 1976.

ଶ୍ରୀଲ ପ୍ରଭୁପାଦଙ୍କ ଦୈହିକ ଅନୁପସ୍ଥିତିରେ ଏବେ ଏଇ ସଂଗଠନ ଏକ ଭିନ୍ନ ଧରଣର । କୃଷ୍ଣକୃପା ଶ୍ରୀମୂର୍ତ୍ତି ଉପଦେଶ ଦେଇ ଯାଇଅଛନ୍ତି ଯେ ଇସ୍କନର ତରଫରୁ ଜିବିସି ହିଁ ହେବ ପରିଚାଳନା ସଂକ୍ରାନ୍ତୀୟ ଚୂଡ଼ାନ୍ତ ଅଧିକାରୀ । ପୁଣି ତା' ସାଙ୍ଗକୁ ସେ ଏହା ମଧ୍ୟ ନିର୍ଦ୍ଦେଶ କରିଛନ୍ତି ଯେ ଏଇ ସଂସ୍ଥାରେ ବହୁ ଗୁରୁ ରହିବେ ।

ଯେ କେହି ଭଗବାନ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଯଥାର୍ଥ ପ୍ରତିନିଧିର ତତ୍ତ୍ୱାବଧାନରେ ମହାପ୍ରଭୁଙ୍କର ଆଦେଶ ଅନୁସରଣ କରି ଗୁରୁ ହୋଇପାରିବେ ଏବଂ ମୁଁ ଚାହେଁ ଯେ ମୋର ଅନୁପସ୍ଥିତିରେ ମୋର ସମସ୍ତ ଶିଷ୍ୟ ହିଁ ସମସ୍ତ ବିଶ୍ୱରେ କୃଷ୍ଣ ଭାବନାମୃତ ପ୍ରସାର କରିବା ନିମିତ୍ତ ଯଥାର୍ଥ ଗୁରୁ ହୋଇ ଠିଆ ହେବେ। (ମଧୁସୂଦନକୁ ଚିଠି, ନବଦ୍ୱୀପ, ନଭେମ୍ବର ୧୯୭୬) ୫*

ଏଥିରୁ ଏକ କଠିନ ପରିସ୍ଥିତ ସୃଷ୍ଟି ହେଲା। ବହୁ ପରମାର୍ଥିକ ସଂସ୍ଥାରେ ସଂସ୍ଥାର ଏକଛତ୍ର ଅଧିପତି ରୂପରେ ଜଣେ ମାତ୍ର ଗୁରୁ ଜଣେ ଥାଆନ୍ତି, ଯେଉଁଠାରେ ଇସ୍କନ୍ ହେଉଛି ଏକ ମାତ୍ର ସଂସ୍ଥା ଯେଉଁଥିରେ ବହୁ ଗୁରୁ ରହିଛନ୍ତି, ଉପରନ୍ତୁ ସମସ୍ତ ସଂସ୍ଥାର ଚୂଡ଼ାନ୍ତ ପରିଚାଳନା କର୍ତ୍ତୃପକ୍ଷ ରୂପରେ କାର୍ଯ୍ୟ କରୁଛନ୍ତି ଜିବିସି । ଇସ୍କନରେ ଯେଉଁମାନେ ଗୁରୁ ରୂପେ ସେବା କରୁଛନ୍ତି, ସେମାନେ କର୍ତ୍ତବ୍ୟ ହେଉଛି ଶ୍ରୀଲ ପ୍ରଭୁପାଦଙ୍କ ଉପଦେଶକୁ ଅନୁସରଣ କରିବା ଏବଂ ଜିବିସିର ଅଧୀନରେ କାର୍ଯ୍ୟ କରିବା ।

ଏହି ଭାବରେ ଗୁରୁବର୍ଗଙ୍କର ଦାୟବଦ୍ଧତା ରହିଛି ଜିବିସି ଅନୁମୋଦିତ ଏହି ନିବନ୍ଧରେ ଯେଉଁ ରୂପରେଖ ଦିଆହେଲା ତା' ସହିତ ସଂସ୍ଥାର ସମସ୍ତ କର୍ମପନ୍ଥା ଏବଂ ଆଚରଣ ବିଧି ସମୂହକୁ ଅନୁସରଣ କରିବା ଏବଂ ଏହାର ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷର ସିଦ୍ଧାନ୍ତକୁ ମାନ୍ୟତା ପ୍ରଦାନ କରିବା। ଏହି ଦାୟବଦ୍ଧତାର ମଧ୍ୟରେ ଏହି ଦାୟିତ୍ୱକୁ ମଧ୍ୟ ଅନ୍ତର୍ଭୂକ୍ତ କରାଗଲା। ଯେଉଁ ଗୁରୁଦେବ ସେମାନଙ୍କ ଶିଷ୍ୟବର୍ଗଙ୍କୁ କେବଳ ସେମାନଙ୍କ ଗୁରୁ ଦେବଙ୍କର ସଙ୍ଗ କିମ୍ବା ଇସ୍କନର ଇଲାକା ଭିତ୍ତିକ ଯେଉଁ ପରିଚାଳନା ସଂକ୍ରାନ୍ତୀୟ ରହିଛି, ସେମାନଙ୍କ ସଙ୍ଗରେ ସଂପର୍କ ହୀନ ପ୍ରକଳ୍ପ ଏବଂ ସେମାନଙ୍କ ସଙ୍ଗ ସମୂହର ସଙ୍ଗେ ସଙ୍ଗ କରିବାର ଅନୁପ୍ରେରଣା ଦେବାକୁ ଚାହିଁ ମଧ୍ୟ ଇସ୍କନରେ ଇତିମଧ୍ୟରେ ବର୍ତ୍ତମାନ ଯେଉଁ ପରିଚାଳକ ଦଳ ଏବଂ ଭକ୍ତମାନଙ୍କ ଯତ୍ନ ଦାନକାରୀ ସଙ୍ଗ ରହିଛି, ଯେଉଁମାନଙ୍କର ଶିଷ୍ୟମାନଙ୍କର ବସବାସ ଇଲାକାରେ ଅବସ୍ଥିତ, ସେମାନଙ୍କ ସଙ୍ଗ କରିବା ଏବଂ ସେବା କରିବା କ୍ଷେତ୍ରରେ ଅନୁପ୍ରେରଣା ଦାନ କରିବା ।

## ଶିଷ୍ୟମାନଙ୍କର କର୍ତ୍ତବ୍ୟ ହେଉଛି କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାରୁ ଦୂରରେ ରହିବା

ଶିଷ୍ୟମାନେ ଇସ୍କନର ଆଭ୍ୟନ୍ତରୀଣ ବୃହତ୍ତର ଚିତ୍ରଟିକୁ ଅନୁଧାବନ କରିବା ଉଚିତ୍ । ନିଶ୍ଚିତ ରୂପରେ ଯେ କୌଣସି ନିଯୁକ୍ତ ଜିବିସି ସଦସ୍ୟ ବା ଇସ୍କନର ଅନ୍ୟ ଯେ କୌଣସି ପରିଚାଳକଙ୍କଠାରୁ ଜଣେ ଗୁରୁଦେବ ପାରମାର୍ଥିକ ଭାବରେ ଉନ୍ନତ ହୋଇପାରନ୍ତି ଅପରପକ୍ଷରେ ଏପରି ଘଟଣା ସତ୍ୟ ହୋଇପାରେ ଯେ କେଉଁଠାରେ ସ୍ଥାନୀୟ ଜିବିସି ବା ଇସ୍କନ ପରିଚାଳକ କୌଣସି ବିଶେଷ ଗୁରୁଙ୍କଠାରୁ ପାରମାର୍ଥିକ ବିଚାରରେ ଉନ୍ନତର ହୋଇପାରନ୍ତି, ତା' ସତ୍ତ୍ୱେ ମଧ୍ୟ, ସଂସ୍ଥାର ପାରମାର୍ଥିକ ପରିଚାଳନାର ବିଷୟ ବିବେଚନା କରି, ଯାହା ଆମ୍ଭେମାନେ ଇତିମଧ୍ୟରେ ହିଁ ସୁସ୍ପଷ୍ଟ ରୂପେ ପ୍ରଦର୍ଶନ କରାଇଛୁ, ଶ୍ରୀଲ ପ୍ରଭୁପାଦ ଜିବିସି ଏବଂ ପୁଣି ବ୍ୟକ୍ତିଗତ ସଦସ୍ୟମାନଙ୍କର ମଧ୍ୟରେ ଏବଂ ଇସ୍କନର ଅନ୍ୟାନ୍ୟ ପରିଚାଳକମାନଙ୍କର ମଧ୍ୟରେ କର୍ତ୍ତୃପକ୍ଷର କ୍ଷମତା ପ୍ରଦାନ କରି ଲେଖନ୍ତି ।

କୌଣସି ଶିଷ୍ୟ ଯଦି ଏହି ଭୁଲ ଧାରଣା ପୋଷଣ କରନ୍ତି ଯେ ତା'ର ଗୁରୁଦେବ ହେଉଅଛନ୍ତି ଜିବିସିର ଊର୍ଦ୍ଧ୍ୱରେ ଏବଂ ଇସ୍କନ କାର୍ଯ୍ୟଧାରା ଏବଂ ଆଇନର ଊର୍ଦ୍ଧ୍ୱରେ, ତାହାହେଲେ ଗୁରୁଦେବଙ୍କର ଦାୟିତ୍ୱ ଏବଂ ଅନ୍ୟ ସକଳ କର୍ତ୍ତୃପକ୍ଷଙ୍କର

[8] Letter to Madhusudana, Navadvipa, 2 November 1967.

ଦାୟିତ୍ୱ ହେଲା ଭୁଲକୁ ସଂଶୋଧନ କରିବା । ଅନ୍ୟଥା ସେହି ଭୁଲ୍ ଧାରଣାର ଫଳରେ ଏପରି କିଛି କାର୍ଯ୍ୟ ଉଦ୍‌ଭୂତ ହୋଇପାରେ ଯାହା ତାଙ୍କର ପାରମାର୍ଥିକ ଏବଂ ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବ ।

ବସ୍ତୁତଃ ପକ୍ଷରେ ଠିକ୍ ଯେଉଁ ଭାବରେ ସମସ୍ତ ଦୀକ୍ଷା ଗୁରୁ ଏବଂ ଶିକ୍ଷାଗୁରୁମାନେ ଇସ୍କନର ଅନ୍ତର୍ଭୁକ୍ତ ସେମାନଙ୍କ ନିଜସ୍ୱ କର୍ତ୍ତୃପକ୍ଷଙ୍କୁ ଅନୁସରଣ କରିବେ, ଠିକ୍ ଏକା ଭାବରେ ବିଭିନ୍ନ ଗୁରୁଙ୍କର ସମସ୍ତ ଶିଷ୍ୟମାନେ ମଧ୍ୟ ସେମାନଙ୍କ ଇସ୍କନ କର୍ତ୍ତୃପକ୍ଷଙ୍କୁ ଅନୁସରଣ କରିବେ ।

ସୁତରାଂ ନୀତି ଏବଂ ତା'ର ବାସ୍ତବ ଦୃଷ୍ଟାନ୍ତ ସ୍ଥାପନ ଦୁଇଟି ଉପାୟରେ ସମସ୍ତ ଗୁରୁଦେବମାନେ କେବଳ ଯେ ତାଙ୍କର ଶିଷ୍ୟମାନଙ୍କର ଭକ୍ତିର ବିକାଶର ନିମିତ୍ତ ଶିକ୍ଷଣ ପ୍ରଶିକ୍ଷଣ ଦେବେ, କେବଳ ତାହା ନୁହେଁ, ସେ ସେମାନଙ୍କୁ ସଂସ୍ଥାର ପରିଚାଳନା ସଂକ୍ରାନ୍ତୀୟ ସଂଗଠନର ସହିତ ସଂପର୍କ ରହିଛି ସେ କ୍ଷେତ୍ରରେ ମଧ୍ୟ ଶିକ୍ଷଣ ପ୍ରଶିକ୍ଷଣ ଦେବେ ।

## ଯେଉଁ ସମସ୍ତ ନୀତିଗୁଡ଼ିକ ପ୍ରୟୋଗ କରାଗଲା

### ଗୁରୁଦେବଙ୍କ ଶିଷ୍ୟମାନଙ୍କ ଶିକ୍ଷା

ଇସ୍କନର ପ୍ରତ୍ୟେକ ଗୁରୁଙ୍କର ଦାୟିତ୍ୱ ଯେ ସେମାନଙ୍କର ପ୍ରତ୍ୟେକ ଶିଷ୍ୟମାନେ ନିମ୍ନୋକ୍ତ ନୀତିଗୁଡ଼ିକୁ ସୁସ୍ପଷ୍ଟ ରୂପରେ ବୁଝି ପାରିବେ ଯେପରି ସେ କ୍ଷେତ୍ରରେ ସାହାଯ୍ୟ କରିବେ ।

୧- ଶ୍ରୀଲ ପ୍ରଭୁପାଦଙ୍କ ପ୍ରତି ବିଶ୍ୱସ୍ତତା ଏବଂ ଆନୁଗତ୍ୟରୁ ଗୁରୁଦେବ ତାଙ୍କର କର୍ତ୍ତୃତ୍ୱ ଲାଭ କରିବେ ।

୨- ଗୁରୁଦେବ ହେଉଛନ୍ତି ଇସ୍କନର ସଦସ୍ୟ ଏବଂ ଏହି ରୂପରେ ଇସ୍କନ ଜିବିସି ନେତୃବୃନ୍ଦଙ୍କ ସମବେତ ଇଚ୍ଛାର ନିକଟରେ ଦାୟବଦ୍ଧ ।

୩-କେବଳ ମାତ୍ର ଗୁରୁ ହେବାର ମାଧ୍ୟମରେ ଗୁରୁଦେବ ଇସ୍କନର ସଂପତ୍ତିର ଉପରେ କୌଣସି ବିଶେଷ ଅଧିକାର ବା ସୁବିଧା ଲାଭ କରନ୍ତି ନାହିଁ। ଅଧିକନ୍ତୁ ଗୁରୁଦେବ ତାଙ୍କର ଶିଷ୍ୟମାନଙ୍କ ଉପରେ ଯେଉଁ ଅଧିକାର ଏବଂ ସୁଯୋଗ, ତା'ର ଯେପରି ଅପବ୍ୟବହାର ନ କରନ୍ତି।

୪-ଶିଷ୍ୟମାନଙ୍କର କର୍ତ୍ତବ୍ୟ ହେଉଅଛି- ସେମାନଙ୍କ ଇସ୍କନ୍ କର୍ତ୍ତୃପକ୍ଷଙ୍କ ଏକା ଭାବରେ ଅନୁସରଣ କରିବା ଠିକ୍ ଯେଉଁ ଭାବରେ ଦୀକ୍ଷାଗୁରୁ ଏବଂ ଶିକ୍ଷା ଗୁରୁବର୍ଗ ସେମାନଙ୍କ ନିଜ କର୍ତ୍ତୃପକ୍ଷଙ୍କୁ ମାନ୍ୟ ପ୍ରଦାନ କରିବାର ଦୃଷ୍ଟାନ୍ତ ସ୍ଥାପନ କରିବେ ।

୫-ଶିଷ୍ୟମାନଙ୍କର ଅତ୍ୟାବଶ୍ୟକୀୟ କାର୍ଯ୍ୟ ହେଉଛି ଗୁରୁଦେବଙ୍କ ମାଧ୍ୟମରେ କୃଷ୍ଣଙ୍କ ନିକଟରେ ଆତ୍ମ ସମର୍ପଣ କରିବା ଏବଂ ଇସ୍କନ୍ ପରିଚାଳନା ବ୍ୟବସ୍ଥାରେ ଯେଉଁମାନେ ସେମାନଙ୍କୁ ପରମାର୍ଥିକ ସହଯୋଗ କରୁଛନ୍ତି ସେହି ସବୁ ଅନ୍ୟାନ୍ୟ ବରିଷ୍ଠ ଭକ୍ତମାନଙ୍କୁ ଶ୍ରଦ୍ଧା କରିବା ଏବଂ ସ୍ୱୀକୃତି ଦେବା, ଏହା ମଧ୍ୟ ଆତ୍ମ ସମର୍ପଣର ଏକ ଅଙ୍ଗ।

୬-ପାରମାର୍ଥିକ ଭାବରେ ପରିପକ୍ୱ ପରିଚାଳକମାନେ ସେହିସବୁ ଭକ୍ତମାନଙ୍କର ଶିକ୍ଷା ଗୁରୁ ହୋଇ ପାରନ୍ତି, ଯେଉଁମାନେ ସେମାନଙ୍କର ଦୀକ୍ଷିତ ଶିଷ୍ୟ ନୁହଁନ୍ତି ଏବଂ ଏହି ଧରଣର ସଂପର୍କକୁ ଦୀକ୍ଷା ଗୁରୁଦେବ ମଧ୍ୟ ପୂର୍ଣ୍ଣ ରୂପରେ ଉତ୍ସାହିତ କରିବା ହେବେ ।

## ଗୁରୁଗଣଙ୍କ ବ୍ୟବହାର

ଅଧିକନ୍ତୁ ପରିଚାଳନା ସଂକ୍ରାନ୍ତୀୟ ଅଧିକାରୀମାନଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ ନିମିତ୍ତ ଏବଂ ପାରମାର୍ଥିକ ଅଧିକାରୀମାନଙ୍କ ପ୍ରତି ପରିଚାଳକମାନଙ୍କ ଶ୍ରଦ୍ଧା ବିଶ୍ୱାସକୁ ସୁରକ୍ଷିତ ଏବଂ ଲାଳିତ କରିବା ନିମିତ୍ତ ପ୍ରତ୍ୟେକ ଗୁରୁଦେବଙ୍କର ନିମ୍ନଲିଖିତ ବିଧିଗୁଡ଼ିକ ପାଳନୀୟ—

୧- ଗୁରୁଦେବ ଯେତେବେଳେ କୌଣସି ଇସ୍କନ ମନ୍ଦିର ବା ପ୍ରଚାର କେନ୍ଦ୍ରକୁ ଯାଉଛନ୍ତି କିମ୍ବା ଆହୁରି ଭଲ ହେବ ଯେଉଁଠାରେ ପହଁଞ୍ଚିବା ପୂର୍ବରୁ ସେଠାକାର ପରିଚାଳକଙ୍କୁ ପଚାରିବା ଉଚିତ୍ ଯେ ଏହି ଗୁରୁଦେବ ହୁଏତ, ତାଙ୍କର ଭ୍ରମଣର ସମୟଟିକୁ ସେବାଦାନ କରିପାରନ୍ତି (ଗୁରୁଦେବ ଯେପରି ନିଜସ୍ୱ ବିଷୟସୂଚୀ ଅନୁସାରେ ପ୍ରଚାର ଯଦି ନ କରନ୍ତି)

୨- ଗୁରୁଦେବ ଯଦି ଏପରି କୌଣସି ସ୍ଥାନରେ ପ୍ରଚାର କରିବାକୁ ଚାହୁଁଛନ୍ତି ସେଠାକାର କୌଣସି ଇସ୍କନ ମନ୍ଦିର ବା ପ୍ରଚାର କେନ୍ଦ୍ରକୁ ନେଇ, ସେ କ୍ଷେତ୍ରରେ ପ୍ରଥମେ ଇଲାକା ଭିତ୍ତିକ ଜିବିସିକୁ ଅବଗତ କରାନ୍ତୁ ଯେ ଆଞ୍ଚଳିକ ମୁଖିଆ ମନରେ ଏହି ସ୍ଥାନ ନିମିତ୍ତ କୌଣସି ଭବିଷ୍ୟତ ପରିକଳ୍ପନା ଅଛି କି ନାହିଁ, ଯାହାଦ୍ୱାରା ଗୁରୁଦେବ ସେବା ପ୍ରଦାନ କରିପାରିବେ ।

୩- ପରିଚାଳନା ସଂକ୍ରାନ୍ତୀୟ ବିଷୟରେ ଯଦି ଏକମତ ହୋଇ ନପାରନ୍ତି, ତେବେ ସଂଶ୍ଳିଷ୍ଟ କର୍ତ୍ତୃପକ୍ଷଙ୍କ ସଙ୍ଗେ ସହଯୋଗିତା କରିବାର ସର୍ବୋଚ୍ଚ ପ୍ରଚେଷ୍ଟା କରିବାକୁ ହେବ। ଯଦି କୌଣସିମତେ ଏକମତ ହୋଇପାରିଲେ ନାହିଁ, ତାହାହେଲେ ଗୁରୁଦେବ ସଂଶ୍ଳିଷ୍ଟ କର୍ତ୍ତୃପକ୍ଷଙ୍କ ସିଦ୍ଧାନ୍ତ ମାନିନେବେ, ତେବେ ସେ ପ୍ରୟୋଜନ ବୋଧରେ ଉଚ୍ଚତର କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ ଜଣାଇ ପାରନ୍ତି।

## ପରିଚାଳକମାନଙ୍କ କର୍ତ୍ତବ୍ୟ

ଇସ୍କନ ଆଭ୍ୟନ୍ତରରେ ସହଯୋଗୀ ବାତାବରଣ ସୃଷ୍ଟି କରିବା ନିମିତ୍ତ, ପରମାର୍ଥିକ ଅଧିକାରୀମାନଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନର ଉଦ୍ଦେଶ୍ୟରେ ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷଙ୍କ ଉପରେ ଗୁରୁବର୍ଗ ଏବଂ ସେମାନଙ୍କର ଶିଷ୍ୟମାନଙ୍କ ଶ୍ରଦ୍ଧା ବିଶ୍ୱାସକୁ ସୁରକ୍ଷିତ ଓ ଲାଳିତ କରିବାର ନିମିତ୍ତ ସମସ୍ତ ପରିଚାଳକମାନେ ନିମ୍ନୋକ୍ତ ନିତିଗୁଡ଼ିକର ଅନୁସରଣ କରିବା ବାଞ୍ଛନୀୟ ।

୧- ଦୀକ୍ଷାଗୁରୁ ଏବଂ ଅନ୍ୟାନ୍ୟ ପରିବ୍ରାଜକ ପ୍ରଚାରକମାନେ ଯେତେବେଳେ ସେମାନଙ୍କର ଇଲାକାରେ ପ୍ରଚାର କରିବାକୁ ଚାହାଁନ୍ତି, ସେତେବେଳେ ସେମାନଙ୍କର ପରାମର୍ଶ ସାଦରେ ଗ୍ରହଣ କରନ୍ତୁ, ବିଶେଷ କରି ସେମାନେ ଯେତେବେଳେ ଭକ୍ତମାନଙ୍କର ଯତ୍ନ ସଂପର୍କରେ କୌଣସି ଉପଦେଶ ଦିଅନ୍ତି ।

୨- ସେମାନଙ୍କ ଉପରେ ନିର୍ଭରଶୀଳ ଭକ୍ତମାନେ ଶୁଦ୍ଧ ଭକ୍ତିମୂଳକ ସେବାରେ ନିଯୁକ୍ତ ରହିଛନ୍ତି ଏବଂ ଦୀକ୍ଷାଗୁରୁ ଓ ଶିକ୍ଷା ଗୁରୁଙ୍କ ଆନୁଗତ୍ୟ ଓ ସେବାରେ ନୀତିଗତ ଭାବରେ ଯୁକ୍ତ ହୋଇ ଅଛନ୍ତି– ଏଇ ବିଶ୍ୱାସକୁ ସୁରକ୍ଷା ଦାନ କରନ୍ତୁ ।

୩- ପରିଚାଳନାର ଗଣ୍ଡିରେ ଭକ୍ତମାନଙ୍କର ଯତ୍ନ ନେବାର ବ୍ୟବସ୍ଥାକୁ ଉତ୍ସାହିତ ଏବଂ ସମର୍ଥନ କରିବା (ଅର୍ଥାତ୍ ଉପଦେଶ ପ୍ରଦାନ ବ୍ୟବସ୍ଥା, ବ୍ରାହ୍ମଣ ଉପଦେଷ୍ଟା ମଣ୍ଡଳୀ ଇତ୍ୟାଦି) ।

୪- ଏହା ନିଶ୍ଚିତ କରାଯାଇଛି ଯେ ପରିଚାଳନା ସଂକ୍ରାନ୍ତୀୟ କର୍ତ୍ତୃପକ୍ଷମାନେ ନିଜେ ହିଁ ଭକ୍ତମାନଙ୍କ ଯତ୍ନ ନେବାର ନିତିରେ ପ୍ରଶିକ୍ଷଣ ଗ୍ରହଣ କରିବେ ।

୫- ଭ୍ରାମ୍ୟମାଣ ଗୁରୁଦେବଙ୍କୁ ସେମାନଙ୍କର ଶିଷ୍ୟ ସମୂହଙ୍କର ସର୍ବ କଲ୍ୟାଣ ଓ ପାରମାର୍ଥିକ ସ୍ୱାସ୍ଥ୍ୟ ସଂପର୍କରେ ଅବଗତ କରାନ୍ତୁ ।

୬- ଭ୍ରାମ୍ୟମାଣ ଗୁରୁ ଓ ପରିବ୍ରାଜକ ପ୍ରଚାରକମାନେ ଏଇ ସମସ୍ତ ଶିଷ୍ୟ ସମୂହର ନିକଟରେ ଖବର ପହଞ୍ଚାଇବା କ୍ଷେତ୍ରରେ ଉତ୍ସହ ଓ ସାହାଯ୍ୟ ପ୍ରଦାନ କରନ୍ତୁ, ଯେଉଁମାନେ ସହଯୋଗ ବେଶୀ ଦେବେ ଏବଂ ଯେଉଁମାନଙ୍କର ପ୍ରକୃତରେ ସାହାଯ୍ୟର ପ୍ରୟୋଜନ ଅଛି ।

୭- ନିଶ୍ଚିତ କରି ଜାଣନ୍ତୁ ଯେ ଦୀକ୍ଷା ସୁପାରିଶ କ୍ଷେତ୍ରରେ ନିରପେକ୍ଷ ବ୍ୟବସ୍ଥା ରହିଅଛି, ଯାହାକି ଅନ୍ୟାନ୍ୟ ଚାପକୁ ବରଦାସ୍ତ କରାଯାଏ ନାହିଁ କିମ୍ବା ସ୍ଥାନୀୟ ପରିଚାଳକମାନଙ୍କର ପରିଚାଳନା ସୁବିଧା ନିମିତ୍ତ ସ୍ୱାର୍ଥ କୈନ୍ଦ୍ରିକ ଭାବରେ ନିୟନ୍ତ୍ରଣ କରଯାଏ ନାହିଁ ।

## ସାରାଂଶ

ଶ୍ରୀଲ ପ୍ରଭୁପାଦ ଇସ୍କନ ପାଇଁ ଗୋଟିଏ ପରିଚାଳନା ସଂକ୍ରାନ୍ତୀୟ ବ୍ୟବସ୍ଥା ସୃଷ୍ଟି କରିଥିଲେ, ଏଇଥିପାଇଁ ଯେଉଁଥିରେ ସ୍ପଷ୍ଟ କ୍ଷମତା ଧାରା ବ୍ୟବସ୍ଥା ଥିଲା ଯେ ଭକ୍ତମାନଙ୍କର ଆଧାତ୍ମିକ ଜୀବନକୁ ଉନ୍ନତ କରିବା ପାଇଁ । ଇସ୍କନର ପ୍ରତ୍ୟେକ ସଭ୍ୟ ଏହି ବ୍ୟବସ୍ଥାକୁ ସମ୍ମାନ କରିବା ଉଚିତ୍ ଏବଂ ଏଥିରେ ସେବା କରିବାକୁ ଶିକ୍ଷା କରିବା ଉଚିତ୍ । ପରିଚାଳନାଗତ ବ୍ୟବସ୍ଥାର ଲକ୍ଷ୍ୟ– ଆଧାତ୍ମିକ ଭାବରେ ଭକ୍ତମାନଙ୍କୁ ସଂଶ୍ଳିଷ୍ଟ କରି ସେମାନଙ୍କର ଆଧାତ୍ମିକ ଉନ୍ନତିକୁ ସୁଗମ କରିବା, ସେଥିପାଇଁ ସୁଯୋଗ ପ୍ରଦାନ କରିବା ଏବଂ ଫଳପ୍ରଦ ପ୍ରଚାର କରିବାର ନୀତି ପ୍ରଣୟନ କରିବା, ଜଣେ ପ୍ରକୃତ ଆଧାତ୍ମିକ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିବାର ମୌଳିକ ଗୁରୁତ୍ୱକୁ ଇସ୍କନ ଏହା ସହିତ ଦୃଢ଼ତାର ସହ ଗ୍ରହଣ କରିବା ।

ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଲ ପ୍ରଭୁପାଦ ଯେ କି ଅନେକ ଭକ୍ତଙ୍କର ଆଧାତ୍ମିକ ଗୁରୁ ଥିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଭକ୍ତଙ୍କର ବର୍ତ୍ତମାନ ଓ ଭବିଷ୍ୟତରେ ମଧ୍ୟ ସର୍ବାଗ୍ର ଆଧାତ୍ମିକ ଶିକ୍ଷା ଗୁରୁ ଅଟନ୍ତି, ଯାହାଙ୍କର ସାର୍ବଭୌମ ଗୁରୁତ୍ୱ ଅଛି । ବର୍ତ୍ତମାନ ଅନେକ ଇସ୍କନରେ ଥିବା ଦୀକ୍ଷା ଓ ଶିକ୍ଷାର ଆଧାତ୍ମିକ ଗୁରୁଗଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ସେହି ରୂପେ ସମସ୍ତ ଆଧାତ୍ମିକ ଗୁରୁ ଏବଂ ସେମାନଙ୍କର ଶିଷ୍ୟଗଣ ଆମ ସଂଘରେ ସେବା କରୁଥିବା ଅନେକ ପରିଚାଳକମାନଙ୍କର ଗୁରୁତ୍ୱକୁ ମହତ୍ୱ ଦେବାର ଆବଶ୍ୟକତା ଅଛି । ସେହିମାନେ ଭକ୍ତମାନଙ୍କୁ ସହାୟତା ଯୋଗାଇ ଦେବା ସଙ୍ଗେ ସଙ୍ଗେ ପଥ ପ୍ରଦର୍ଶନ କରାନ୍ତି ଏବଂ ତାଲିମ ମଧ୍ୟ ଦେଇଥାଆନ୍ତି । ଏହି ଭକ୍ତମାନଙ୍କର ଆଧାତ୍ମିକ ଉନ୍ନତି ଉପଲକ୍ଷେ ଥିବା ବ୍ୟବସ୍ଥାଗୁଡ଼ିକୁ ତତ୍ତ୍ୱାବଧାନ କରାନ୍ତି । ଇସ୍କନର ପରିଚାଳନା ବ୍ୟବସ୍ଥା ସହିତ ସମସ୍ତ ଆଧାତ୍ମିକ ଗୁରୁ ତଥା ସେମାନଙ୍କର ଶିଷ୍ୟଗଣ ସହଯୋଗ ଭିତ୍ତିରେ କାମ କରିବା ଉଚିତ୍ । ଏହାଦ୍ୱାରା ଆଧାତ୍ମିକ ଦୃଷ୍ଟିରୁ ସେମାନଙ୍କର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ଆମର ସଂଘ ମଧ୍ୟ ଉନ୍ନତ ହେବ ।

ଆମ ସଂଘର ଏକତା ବଜାୟ ରଖିବା ପାଇଁ ଏହା ଏକ ସହଯୋଗ ଭିତ୍ତିକ ତଥା ପାରସ୍ପରିକ ସମ୍ମାନଜନକ ମନୋଭାବ ସୃଷ୍ଟି କରିବ । ଏହା ନିଶ୍ଚିତ ଭାବରେ ଶ୍ରୀଲ ପ୍ରଭୁପାଦଙ୍କୁ ଆନନ୍ଦ ଦେବ ଏବଂ ସଂକୀର୍ତ୍ତନ ମିଶନକୁ ପ୍ରସାରିତ କରିବାରେ ସହାୟକ ହେବ । ଭଗବାନ ଚୈତନ୍ୟଙ୍କ ଭାବନାକୁ ଅନୁସରଣ କରି ଶ୍ରୀଲ ପ୍ରଭୁପାଦ ସଂକୀର୍ତ୍ତନ ଆନ୍ଦୋଳନ ସମଗ୍ର ପୃଥିବୀରେ "ପ୍ରତ୍ୟେକ ସହର ଓ ଗ୍ରାମରେ" ପ୍ରସାରିତ ହେଉ ବୋଲି ଚାହିଁଥିଲେ । ସେ ତାଙ୍କର ଅବିରତ ଯାତ୍ରା, ଗ୍ରନ୍ଥ ସଂକଳନ ଏବଂ ବକ୍ତୃତା ମାଧ୍ୟମରେ ସେହି ଇଚ୍ଛାକୁ ପ୍ରଦର୍ଶନ କରାଇଥିଲେ । ଦୂର ବା ନିକଟ ହେଉ ସମସ୍ତ ସ୍ଥାନରେ ଇସ୍କନ କେନ୍ଦ୍ରମାନ ଖୋଲିବା ପାଇଁ ସେ ତାଙ୍କର ଶିଷ୍ୟମାନଙ୍କୁ ପଥ ପ୍ରଦର୍ଶନ କରାଇଥିଲେ । ତାଙ୍କର ଗ୍ରନ୍ଥ ବିତରଣ କରିବା, ସୁନ୍ଦର ଉତ୍ସବ ବ୍ୟବସ୍ଥା କରିବା ତଥା ପ୍ରସାଦ ବିତରଣ କରିବା ପାଇଁ ସେ ମଧ୍ୟ ତାଙ୍କର ଶିଷ୍ୟମାନଙ୍କୁ ପଥ

ପ୍ରଦର୍ଶନ କରାଇଥିଲେ। ଇସ୍କନ ଯେ ପ୍ରସାରିତ ହେଉ ଏହା ପ୍ରଭୁପାଦଙ୍କର ଇଚ୍ଛା ଥିଲା। ଶ୍ରୀ ଚୈତନ୍ୟଚନ୍ଦ୍ରଙ୍କର ଦୟା ପାଇବା ପାଇଁ ନିଜକୁ ଯୋଗ୍ୟ କରିବା ପାଇଁ ସେ ତାଙ୍କର ଶିଷ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଉଥିଲେ।

ଏହି ଉଦ୍ଦେଶ୍ୟ ସାଧନ ପାଇଁ ଶ୍ରୀଲ ପ୍ରଭୁପାଦ ଇସ୍କନ ପ୍ରତିଷ୍ଠା କରିଥିଲେ, ଯେଉଁଥିରେ ଏକ ଆଧ୍ୟାତ୍ମିକ ସଂଗଠନ ତଥା ପରଚାଳନାଗତ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଥିଲା। ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଶ୍ରୀଲ ପ୍ରଭୁପାଦ ପ୍ରତିଷ୍ଠା କରିଥିବା ମାନ / ଆଦର୍ଶକୁ ଚାଲୁ ରଖିବା, ଭକ୍ତମାନଙ୍କୁ ଆଶ୍ରୟ ଦେବା, ଆଧ୍ୟାତ୍ମିକ ପୋଷଣ ଦେବା ଏବଂ ସଂକୀର୍ତ୍ତନ ମିଶନକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ବୃଦ୍ଧି କରିବା ଇତ୍ୟାଦି। ଇସ୍କନ ସଂଗଠନରେ ଥିବା ସମସ୍ତ ଆଧ୍ୟାତ୍ମିକ ଗୁରୁ, ଶିଷ୍ୟଗଣ ତଥା ପରିଚାଳକଗଣ ଏହି ବ୍ୟବସ୍ଥାର ମଧ୍ୟରେ ସହଯୋଗିତା ଭିତ୍ତିରେ କାମ କରିବା ଉଚିତ୍। ଏହା ଦ୍ୱାରା ବଦ୍ଧଜୀବମାନଙ୍କୁ ଶ୍ରୀ ଶ୍ରୀ ଗୌରନିତାଇ କୃପା ବିତରଣ କରିବେ, ଫଳରେ ଶ୍ରୀଲ ପ୍ରଭୁପାଦ ନିଶ୍ଚୟ ଆନନ୍ଦିତ ହେବେ।

# ପରିଶିଷ୍ଟ-୮ : ଜିବିସି ପ୍ରସ୍ତବନା ଇସ୍କନ ଶିଷ୍ୟ ପାଠ୍ୟକ୍ରମ ସମ୍ବନ୍ଧରେ

## ନିଷ୍ପତ୍ତି (ମାର୍ଚ୍ଚ ୨୦୧୪)

ଗ୍ରହଣ କରାଯାଇଛି ଯେ, ଇସ୍କନ୍ ଶିଷ୍ୟ ପାଠ୍ୟକ୍ରମ, ଯାହା ଜିବିସି ଗୁରୁ ସେବା କମିଟି ଦ୍ୱାରା ପ୍ରଣୟନ, ନିଶ୍ଚିତ ଭାବରେ ବାଧ୍ୟତାମୂଳକ ସମସ୍ତ ପ୍ରାରମ୍ଭିକ ଭକ୍ତ ଯେଉଁମାନେ ହରିନାମ ଓ ବ୍ରାହ୍ମଣ ଦୀକ୍ଷା ଗ୍ରହଣ କରିବେ। ଏହା ଗତ ଜନ୍ମାଷ୍ଟମୀ ୨୦୧୫ ଠାରୁ ପ୍ରୟୋଗ ହୋଇଅଛି। ସେହି ଦିନଠାରୁ କୌଣସି ଗୁରୁ ଇସ୍କନ୍ ଶିଷ୍ୟ ପାଠ୍ୟକ୍ରମରୁ ଉନ୍ନତ ନ ହୋଇଥିବା ଶିଷ୍ୟକୁ ଦୀକ୍ଷା ପ୍ରଦାନ କରିପାରିବେ ନାହିଁ। ଏହା ପ୍ରାୟତଃ ନୂଆ ଦୀକ୍ଷିତ ଭକ୍ତଙ୍କ ପାଇଁ ଆବଶ୍ୟକୀୟ ।

ପୁନଃ ସମସ୍ତ ଜିବିସି ସଭ୍ୟମାନେ ଓ ମନ୍ଦିର ଅଧ୍ୟକ୍ଷମାନେ ନିଜ ନିଜ ଅଧୀନରେ ଥିବା ସ୍ଥାନମାନଙ୍କରେ ପ୍ରୟୋଗ କରିବେ ।

- ❒ ଭକ୍ତ ନିଶ୍ଚିତ ଭାବରେ ଉପଦେଶ ଓ ଉତ୍ସାହିତ ହେବା ବାଞ୍ଛନୀୟ ଏହି ଶିଷ୍ୟ ପାଠ୍ୟକ୍ରମକୁ ଦୀକ୍ଷା ଗୁରୁ ମନୋନୀତ ପୂର୍ବରୁ ।
- ❒ ଭକ୍ତ ନିଶ୍ଚିତ ଭାବରେ ଉପଯୁକ୍ତ ମାର୍ଗ ଅବଲମ୍ବନ ପାଠ୍ୟକ୍ରମରେ ନାମ ଲେଖାଇବେ ।
- ❒ ଯଥେଷ୍ଟ ସଂଖ୍ୟକ ଶିକ୍ଷକଙ୍କ ପଢ଼ାଇବା ପାଇଁ ନିୟୋଜିତ ହେବେ ।
- ❒ ଜଣେ ଭକ୍ତ ଅନୁମୋଦିତ ହେବ ପାଠ୍ୟକ୍ରମ ପରିସମାପ୍ତି ପରେ ।
  ( କୌଣସି ବିଶେଷ କ୍ଷେତ୍ରରେ କୋହଳ କରାଯାଇପାରେ )

ଶିଷ୍ୟପାଠ୍ୟକ୍ରମର ଶିକ୍ଷକ ନିଶ୍ଚିତ ଭାବରେ

(କ) ଅନ୍ତତଃ ପକ୍ଷେ ୫ ବର୍ଷର ଦୀକ୍ଷିତ ହେବା ଉଚିତ୍ ।

(ଖ) ଇସ୍କନ ଶିଷ୍ୟ ପାଠ୍ୟକ୍ରମ ଶେଷ କରିଥିବା ଦରକାର ।

(ଗ) ଶିଷ୍ୟ ପାଠ୍ୟକ୍ରମର ଶିକ୍ଷକଙ୍କ ଦ୍ୱାରା ଅନୁମୋଦିତ ହୋଇଥିବେ ।

(ଘ) ଶିଷ୍ୟ ପାଠ୍ୟକ୍ରମ ଶିକ୍ଷକ ପ୍ରଶିକ୍ଷଣ-୧ ଶେଷ କରିଥିବେ କିମ୍ୱା ସମସାମୟିକ ପାଠ୍ୟକ୍ରମ କିମ୍ୱା ଅଭିଜ୍ଞତା ଥିବା ଦରକାର, ଜିବିସିଙ୍କ ପ୍ରତିନିଧିଙ୍କଠାରୁ ଅନୁମୋଦନ ନିତ୍ୟାନ୍ତ ଦରକାର ।*

(ଙ) ଶିକ୍ଷା ଦେବା ପ୍ରଣାଳୀ, ନିଶ୍ଚିତ ଭାବେ କାର୍ଯ୍ୟାଳୟର ପାଖ ତାଲିକା, ପାଠ୍ୟ ନିର୍ଦ୍ଦେଶିକା, ଅନ୍ୟାନ୍ୟ ଉପାଦେୟ ପାଠ୍ୟ ଖସଡ଼ା, ଯାହା ଜିବିସି ଗୁରୁ ସେବା କମିଟି ଦ୍ୱାରା ଅନୁମୋଦିତ ।

ପଢ଼ାଶୁଣା କରିନଥବା ଭକ୍ତମାନଙ୍କ ପାଇଁ ପାଠ୍ୟକ୍ରମର ସମାପ୍ତି ପରେ ଶିକ୍ଷକଙ୍କ ନିର୍ଦ୍ଦେଶରେ ଏକ ମୌଖିକ ପରୀକ୍ଷା କରାଯିବ । ଅତି ଅସୁବିଧାରେ ସ୍ଥାନୀୟ ଅଧ୍ୟକ୍ଷ ଶିଷ୍ୟ ପାଠ୍ୟକ୍ରମକୁ ଜଣେ ଶିଷ୍ୟ ପାଇଁ ପ୍ରୟୋଜନ କରିବେ ନାହିଁ, ଯଦି ଶିଷ୍ୟଟି ଅସାମର୍ଥ୍ୟ ତତ୍କାଳୀନ ଶାରିରୀକ ଦୁର୍ବଳତା ପରିଲକ୍ଷିତ ହୁଏ।

---

* An exemption for the requirement of the TTC1 may be granted by the local GBC Zonal Secretary based upon an assessment of the potential teacher's maturity and teaching skills. The Mayapur Institute shall provide to the GBC a list of criteria by which such evaluations should be made.

# ପରିଶିଷ୍ଟ-୯ : ଶ୍ରେଣୀ କକ୍ଷରେ ଆଚରଣ ବିଧି ନିର୍ଦ୍ଦେଶିକା

ପାଠ୍ୟକ୍ରମ ସମୟରେ ଛାତ୍ର ଉପଯୁକ୍ତ ପାରିପାର୍ଶ୍ୱିକ ଅବସ୍ଥା ପ୍ରସ୍ତୁତି ପାଇଁ ନିମ୍ନଲିଖିତ ବିଧି ନିୟମ ମାନିବାକୁ ହେବ ।

୧- ଆମ୍ଭେମାନେ ସଂପୂର୍ଣ୍ଣ ପାଠ୍ୟକ୍ରମ ସମୟରେ ଉପସ୍ଥିତ ରହିବୁ ।

୨- ଆମ୍ଭେମାନେ ମନ୍ତବ୍ୟ ପ୍ରଦାନ ସମୟରେ ହାତ ଉଠାଇବୁ ।

୩- ଆମ୍ଭେମାନେ ସମସ୍ତ ମନ୍ତବ୍ୟରେ ଏକମତ ହଉ ବା ନହଉ, ଆମ୍ଭେ ସେଗୁଡ଼ିକୁ ଅବଶ୍ୟ ହିଁ ମୂଲ୍ୟାୟନ କରିବୁ ।

୪- ପାଖାପାଖି କଥୋପକଥନରୁ ଆମ୍ଭେମାନେ ବିରତ ରହିବୁ ।

୫- ପାଠ୍ୟ ପଢ଼ା ସମୟରେ ମୋବାଇଲ ଫୋନରୁ କୌଣସି କଲ୍ କହିବା ବା ଗ୍ରହଣ କରିବାରୁ ବିରତ ରହିବୁ ।

୬- ଶ୍ରେଣୀ ଗୃହ ବାହାରେ ବା ଭିତରେ ଆମ୍ଭେମାନେ ଗୋପନୀୟତା ରକ୍ଷା କରିବୁ ।

୭- ଆମ୍ଭେମାନେ ଅନ୍ୟର ପଦ ଓ ମର୍ଯ୍ୟାଦା ସ୍ଥିତିକୁ ଧାର ଆଣିବାରୁ ବିରତ ରହିବୁ ।

୮- କୌଣସି କାରଣ ଉଲ୍ଲେଖ ନକରି ଯେ କୌଣସି ପ୍ରକାରର ଅସ୍ୱସ୍ଥିକ ପରିସ୍ଥିତି ଅନୁଶୀଳନରୁ ପ୍ରତ୍ୟେକ ଶିକ୍ଷାର୍ଥୀମାନେ ବିରତ ରହିବାର ଅଧିକାରକୁ ଆମ୍ଭେ ସମ୍ମାନ ଦେବୁ ।

୯- ଆମ୍ଭେମାନେ ସମସ୍ତେ ଆମ୍ଭମାନଙ୍କର ଆକାଙ୍‌କ୍ଷିତ ଲକ୍ଷ୍ୟ ସମୂହ ଅର୍ଜନରେ ସଫଳତାର କୃତିତ୍ୱ ପୁରାପୁରି ଭାବରେ ଗ୍ରହଣ କରିବୁ ।

୧୦- ଆମ୍ଭେମାନେ ଯେ କୌଣସି ବିଶେଷ ପରିସ୍ଥିତିର ବା ଆଚାରଣ ମୁକାବିଲା କରିବୁ, କିନ୍ତୁ କୌଣସି ବ୍ୟକ୍ତି ବିଶେଷକୁ ନୁହେଁ ।

୧୧- ଆମ୍ଭେମାନେ ସମସ୍ତେ ଯେକୌଣସି ଉପନୀତ ସିଦ୍ଧାନ୍ତରେ ଏକମତ ପୋଷଣ କରିବୁ ।

# ପରିଶିଷ୍ଟ-୧୦ : ଅଧିକ ପଠନୀୟ

ଇସ୍କନରୁ ଶିଷ୍ୟତ୍ୱ ଗ୍ରହଣ କରିବା ସମ୍ବନ୍ଧୀୟ ଅଧିକ ତଥ୍ୟ ଜାଣିବାକୁ ହେଲେ ଛାତ୍ରକୁ ନିମ୍ନଲିଖିତ ପୁସ୍ତକଗୁଡ଼ିକର ସାହାଯ୍ୟ ନେବା ବାଞ୍ଛନୀୟ ।

**Spiritual Master and Disciple**
A.C. Bhaktivedanta Swami Prabhupada
Bhaktivedanta Book Trust

**Srila Prabhpada: The Founder-Acharya of ISKCON**
GBC Foundational Document
Ravindra Svarupa Dasa
ISKCON GBC Press

**How to find Guru**
Gopal Jiu Publications

**The Process of Inquiry**
Sri Simad Gour Govinda Swami
Gopal Jiu Publications

**The Worship of Sri Guru**
Sri Srimad Gour Govinda Swami
Gopal Jiu Publications

**The Siksa-guru: Implementing Tradition on ISKCON**
Sivarama Swami
Torchlight Publishing

**Siksa Outside ISKCON**
Sivarama Swami
Lal Publishing

**When Good Fortune Arises**
Gopal Jiu Publications

# ପରିଶିଷ୍ଟ-୧୧ : ଇସ୍କନ୍‌ର ୭ ଟି ଉଦ୍ଦେଶ୍ୟ

1. ସଂସାରରେ ରହି ଦୁଃଖ କଷ୍ଟ ଭୋଗ କରୁଥିବା ବ୍ୟକ୍ତି ମାନଙ୍କୁ ପୁସ୍ତକ, ପ୍ରବଚନ, ପତ୍ରିକା ମାନଙ୍କ ଦ୍ୱାରା କୃଷ୍ଣ ଚେତନାର ଉଦ୍ରେକ କରାଇବା ।

2.ବୈଦିକ ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ ଜୀବନ ଧାରଣ କରିବା ଦ୍ୱାରା ଜୀବନ କିପରି ଶୃଙ୍ଖଳିତ ହୋଇଯାଏ, ତାହାର ମହତ୍ୱ ବୁଝାଇବା ।

3. ଆଧ୍ୟାତ୍ମିକ ଭାବରେ ଭକ୍ତ ମାନଙ୍କୁ ସଂଶ୍ଳିଷ୍ଟ କରି ସେମାନଙ୍କ ଆଧ୍ୟାତ୍ମିକ ଉନ୍ନତିକୁ ସୁଗମ କରିବା ଓ ସେଥିପାଇଁ ସୁଯୋଗ ପ୍ରଦାନ କରିବା । ଫଳପ୍ରଦ ପ୍ରଚାର କରିବାର ନୀତି ପ୍ରଣୟନ କରିବା ।

4. ଗୁରୁ ଶିଷ୍ୟ ପରମ୍ପରା ବଜାୟ ରଖିବା ପାଇଁ ଜଣେ ପ୍ରମାଣିକ ଗୁରୁଙ୍କ ଠାରୁ ଦିକ୍ଷା ଗ୍ରହଣ କରିବା । ଆଗାମୀ ଭବିଷ୍ୟତରେ ଶିଷ୍ୟ ମାନଙ୍କୁ କିପରି ଉନ୍ନତ ଶିକ୍ଷା ଦିଆଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ।

5. ଗୀତାର ସାର ମମ ବୁଝାଇ ଭକ୍ତଙ୍କୁ ଜୀବନର ପ୍ରକୃତ ଲକ୍ଷ୍ୟ ଭଗବାନ ଶ୍ରୀକୃଷ୍ଣ ଓ ପ୍ରଭୁପାଦଙ୍କ ଆଶ୍ରିତ କରାଇବା ।

6. ହରେକୃଷ୍ଣ ଆନ୍ଦୋଳନର ପ୍ରଚାର ପାଇଁ ନଗର ସଂକୀର୍ତ୍ତନ, ପଦଯାତ୍ରା ଏହିସବୁ କାର୍ଯ୍ୟକ୍ରମ ଅଧିକରୁ ଅଧିକ କରିବା ।

7. ଇସ୍କନର ସମସ୍ତ ଶିଷ୍ୟ ଓ ଭବିଷ୍ୟତର ଅନୁଗାମୀ ମାନଙ୍କୁ ଏକତାବଦ୍ଧ କରି ରଖିବା ପାଇଁ ଇସ୍କନର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଲ ପ୍ରଭୁପାଦ, ଯେ କି ଅନେକ ଭକ୍ତଙ୍କର ଆଧ୍ୟାତ୍ମିକ ଗୁରୁ ଥିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଭକ୍ତଙ୍କର ବର୍ତ୍ତମାନ ଓ ଭବିଷ୍ୟତରେ ମଧ୍ୟ ସବାଗ୍ର ଆଧ୍ୟତ୍ମିକ ଶିକ୍ଷାଗୁରୁ ଅଟନ୍ତି । ତାଙ୍କର ଗୁରୁତ୍ୱ ବୁଝାଇବା ।

# ପରିଶିଷ୍ଟ-୧୨ : ପ୍ରଣାମ ମନ୍ତ୍ର (ମଙ୍ଗଳାଚରଣ)

### ଶ୍ରୀ ଗୁରୁ ପ୍ରଣାମ ମନ୍ତ୍ର

ଓଁ ଅଜ୍ଞାନ - ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ।

ଚକ୍ଷୁରୁନ୍ମୀଲିତଂ ଯେନ ତସ୍ମୈ ଶ୍ରୀଗୁରୁବେ ନମଃ ॥

ଶ୍ରୀଚୈତନ୍ୟମନୋଅଭିଷ୍ଟଂ ସ୍ଥାପିତଂ ଯେନ ଭୂତଲେ ।

ସ୍ୱୟଂ ରୂପଃ କଦା ମହ୍ୟଂ ଦଦାତି ସ୍ୱପଦାନ୍ତିକମ୍ ॥

ବନ୍ଦେଅହଂ ଶ୍ରୀଗୁରୋଃ ଶ୍ରୀଯୁତପଦ କମଲଂ

ଶ୍ରୀ ଗୁରୁନ୍ ବୈଷ୍ଣବାଂଶ୍ଚ ।

ଶ୍ରୀରୂପଂ ସାଗ୍ରଜାତଂ ସହଗଣ-

ରଘୁନାଥାନ୍ୱିତଂ ତଂ ସଜୀବମ୍ ।

ସାଦ୍ୱୈତଂ ସାବଧୂତଂ ପରିଜନସହିତଂ

କୃଷ୍ଣ-ଚେତନ୍ୟଦେବମ୍ ।

ଶ୍ରୀ ରାଧାକୃଷ୍ଣପାଦାନ୍ ସହଗଣ

ଲଲିତା ଶ୍ରୀବିଶାଖାନ୍ୱିତାଂଶ୍ଚ ॥

### ଶ୍ରୀଲ ପ୍ରଭୁପାଦ ପ୍ରଣାମ ମନ୍ତ୍ର

ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣପ୍ରେଷ୍ଠାୟ ଭୂତଲେ ।

ଶ୍ରୀମତେ ଭକ୍ତିବେଦାନ୍ତ ସ୍ୱାମୀନତି-ନାମିନେ ॥

ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପ୍ରଚାରିଣେ ।

ନିର୍ବିଶେଷ-ଶୂନ୍ୟବାଦୀପାଶ୍ଚାତ୍ୟ ଦେଶ ତାରିଣେ ॥

### ଶ୍ରୀ ବୈଷ୍ଣବ ପ୍ରଣାମ ମନ୍ତ୍ର

ବାଞ୍ଛାକଳ୍ପତରୁଭ୍ୟଶ୍ଚ କୃପାସିନ୍ଧୁଭ୍ୟ ଏବ ଚ ।

ପତିତାନାଂ ପାବନେଭ୍ୟୋ ବୈଷ୍ଣବେଭ୍ୟୋ ନମୋ ନମଃ ॥

### ଶ୍ରୀ ଗୌରାଙ୍ଗ ପ୍ରଣାମ ମନ୍ତ୍ର

ନମୋ ମହାବଦାନ୍ୟାୟ କୃଷ୍ଣପ୍ରେମପ୍ରଦାୟ ତେ ।

କୃଷ୍ଣାୟ କୃଷ୍ଣ ଚୈତନ୍ୟନାମ୍ନେ ଗୌରତ୍ୱିଷେ ନମଃ ॥

### ଶ୍ରୀକୃଷ୍ଣ ପ୍ରଣାମ ମନ୍ତ୍ର

ହେ କୃଷ୍ଣ କରୁଣାସିନ୍ଧୋ ଦୀନବନ୍ଧୋ ଜଗତ୍ ପତେ ।

ଗୋପେଶ ଗୋପିକାକାନ୍ତ ରାଧାକାନ୍ତ ନମୋଽସ୍ତୁତେ ॥

### ଶ୍ରୀରାଧାରାଣୀ ପ୍ରଣାମ ମନ୍ତ୍ର

ତପ୍ତକାଞ୍ଚନ ଗୌରାଙ୍ଗୀ ରାଧେ ବୃନ୍ଦାବନେଶ୍ୱରୀ ।

ବୃଷଭାନୁସୁତେ ଦେବୀ ପ୍ରଣାମାମି ହରିପ୍ରିୟେ ॥

### ଶ୍ରୀଜଗନ୍ନାଥ ପ୍ରଣାମ ମନ୍ତ୍ର

ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ।

ବଳଭଦ୍ର ସୁଭଦ୍ରାଭ୍ୟାଂ ଚ ଜଗନ୍ନାଥାୟତେ ନମଃ ॥

### ଶ୍ରୀ ପଞ୍ଚତତ୍ତ୍ୱ ମହାମନ୍ତ୍ର

(ଜୟ) ଶ୍ରୀକୃଷ୍ଣଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ ।

ଶ୍ରୀଅଦ୍ୱୈତ ଗଦାଧର ଶ୍ରୀବାସାଦି ଗୌରଭକ୍ତବୃନ୍ଦ ॥

### ହରେକୃଷ୍ଣ ମହାମନ୍ତ୍ର

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।

ହରେ ରାମ ହରେ ରାମ ରାମ ରାମ ହରେ ହରେ ॥

# ପରିଶିଷ୍ଟ-୧୩ : ନାମ ଅପରାଧ

ପବିତ୍ର ନାମ ଜପରେ ୧୦ ଟି ଅପରାଧ ରହିଛି ତେଣୁ ଏହି ୧୦ ଟି ଅପରାଧରୁ ସର୍ବଦା ଦୂରେଇ ରହିବା ଦରକାର ।

୧. ଭଗବାନ୍‌ଙ୍କର ପବିତ୍ର ନାମ ପ୍ରଚାରରେ ଜୀବନ ଉତ୍ସର୍ଗ କରିଥିବା ଭକ୍ତମାନଙ୍କର ନିନ୍ଦା କରିବା ।

୨. ଭଗବାନ୍ ଶିବ କିମ୍ବା ଭଗବାନ୍ ବ୍ରହ୍ମାଙ୍କ ଭଳି ଦେବତାମାନଙ୍କ ନାମକୁ ଭଗବାନ୍ ବିଷ୍ଣୁଙ୍କ ନାମ ସହିତ ସମାନ ବା ତାହାଠରୁ ସ୍ୱତନ୍ତ୍ର ବୋଲି ବିଚାର କରିବା ।

୩. ଆଧ୍ୟାତ୍ମିକ ଗୁରୁଙ୍କ ଆଦେଶ ଅମାନ୍ୟ କରିବା ।

୪. ବୈଦିକ ଶାସ୍ତ୍ର ବା ବେଦ ପ୍ରମାଣ-ସମର୍ଥକ ଶାସ୍ତ୍ରର ନିନ୍ଦା କରିବା ।

୫. ହରେକୃଷ୍ଣ ନାମ ଜପର ମହିମାକୁ କାଳ୍ପନିକ ମନେକରିବା ।

୬. ଭଗବାନଙ୍କ ପବିତ୍ର ନାମର ଅର୍ଥ ଅର୍ଥାନ୍ତର କରିବା ।

୭. ଭଗବାନଙ୍କର ପବିତ୍ର ନାମ ବଳରେ ପାପପୂର୍ଣ୍ଣ କାର୍ଯ୍ୟ କରିବା ।

୮. ହରେକୃଷ୍ଣ ନାମ ଜପକୁ ବୈଦିକ କର୍ମକାଣ୍ଡରେ ବର୍ଣ୍ଣିତ ପୁଣ୍ୟ କର୍ମ ସହିତ ସମାନ ବୋଲି ବିଚାର କରିବା ।

୯. ଅଶ୍ରଦ୍ଧାଳୁ ଲୋକଙ୍କୁ ପବିତ୍ର ନାମର ମହିମା ଶିକ୍ଷା ଦେବା ।

୧୦. ପବିତ୍ର ନାମ ଜପ ଉପରେ ପୂର୍ଣ୍ଣ ଭରସା ନ ରଖିବା ଏବଂ ଏ ସମ୍ପର୍କରେ ଏତେ ଶିକ୍ଷାଲାଭ କରିବା ପରେ ମଧ୍ୟ ଭୌତିକ ଆସକ୍ତି ପୂର୍ବବତ୍ (ବଜାୟ୍) ଅକ୍ଷୁର୍ଣ୍ଣ ରଖିବା । ଏବଂ ମନଯୋଗ ସହକାରେ ଜପ ନ କରିବା ।

ବୈଷ୍ଣବ ବୋଲି ନିଜକୁ ଦାବି କରୁଥିବା ପ୍ରତ୍ୟେକ ଭକ୍ତ ଏ ଅପରାଧ ଗୁଡିକ ସମ୍ପର୍କରେ ସାବଧାନ ରହିବା ଆବଶ୍ୟକ, ତା ହେଲେ ସେ ଆକାଙ୍‌କ୍ଷିତ ସଫଳତା ଶୀଘ୍ର ଲାଭକରି ପାରିବେ ।